# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, March 12/2020 | ★★★★

୪୬ଶ ଭାଗ ୧୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଜେଡିୟୁ ଛାତ୍ରନେତାଙ୍କୁ ହତ୍ୟା**

ବିହାରରେ ଶାସକ ଜେଡିୟୁ ଛାତ୍ର ସଂଗଠନର ନେତା କହ୍ନେୟା କୌଶିକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହି ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଛି। ହୋଲି ଉତ୍ସବ ପାଇଁ ଲଗାଯାଇଥିବା ପୋଷ୍ଟରରେ ନାଁ ନ ଥିବାରୁ କୌଶିକଙ୍କୁ ତାଙ୍କର ଜଣେ ସହଯୋଗୀ ହତ୍ୟା କରିଥିବା କୁହାଯାଉଛି। ପୋଷ୍ଟରରେ ନାଁ ନ ଥିବାରୁ ମଙ୍ଗଳବାର କୁଶ ଓ ତାଙ୍କ ସହଯୋଗୀମାନଙ୍କର କୌଶିକଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏହା ପରେ କୌଶିକ ଥାନାରେ ଏତଲା ଦେଇଥିଲେ। ଗୁଳି ଚଳାଇଥିବା ମୁଖ୍ୟ ଅଭିଯୁକ୍ତ କୁଶ ଫେରାର ହୋଇଯାଇଛନ୍ତି।

# ରାଜ୍ୟ ସଭା ପାଇଁ ସବୁ ଖେଳ

**ନୂଆଦିଲ୍ଲୀ,୧୧।୩:**

ମାର୍ଚ୍ଚ ୨୬ ତାରିଖରେ ରାଜ୍ୟ ସଭାର ୫୫ ଆସନ ପାଇଁ ନିର୍ବାଚନ ହେବ। ଏପ୍ରିଲରେ ଉଚ୍ଚ ସଦନର ୫୫ ସଦସ୍ୟ ଅବସର ନେବା ପରେ ଖାଲି ହେବାକୁ ଥିବା ୧୭ ରାଜ୍ୟର ଏହି ଆସନଗୁଡ଼ିକରେ ଭୋଟ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ମାର୍ଚ୍ଚ ୧୩। ଅବସର ନେବାକୁ ଥିବା ପ୍ରମୁଖ ସଦସ୍ୟମାନେ ହେଲେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ(ଜେଡିୟୁ), କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ(ଆର୍‌ପିଆଇ), ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଜୟ ଗୋଏଲ (ଭାଜପା), କୁମାରୀ ଶୈଳଜା (କଂଗ୍ରେସ) ଓ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ (କଂଗ୍ରେସ)। ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ମହାରାଷ୍ଟ୍ରର ୭ ଓ ତାମିଲନାଡୁର ୬। ସେହିପରି ପଶ୍ଚିମବଙ୍ଗ ଓ ବିହାରର ୫, ଓଡ଼ିଶା ଓ ଗୁଜରାଟର ୪, ଆସାମ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ୩, ତେଲଙ୍ଗାନା, ଛତିଶଗଡ଼, ହରିୟାଣା ଓ ଝାଡ଼ଖଣ୍ଡର ୨ ଏବଂ ହିମାଚଳ ପ୍ରଦେଶ, ମଣିପୁର ଓ ମେଘାଳୟର ଗୋଟିଏ ଲେଖାଏ ଆସନରେ ଭୋଟ ଗ୍ରହଣ କରାଯିବ। ଏହି ଆସନଗୁଡ଼ିକ ମଧ୍ୟରୁ ଅଧିକାଂଶ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ହାତକୁ ଯିବାକୁ ଥିବାବେଳେ ଅଧିକ ଆସନ ହାତେଇବା ପାଇଁ ଉଭୟ ଦଳ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଛି।

## ସିନ୍ଧିଆଙ୍କ ପରେ ଭାଜପା ରାଡାରରେ ପାଇଲଟ, ସୋରେନ


ସଚିନ ପାଇଲଟ


ହେମନ୍ତ ସୋରେନ

ଏଭଳି ସମୟରେ କଂଗ୍ରେସରେ ବିଦ୍ରୋହ ଘଟାଇ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ନିଜ ସପକ୍ଷକୁ ଆଣିବାରେ ସଫଳ ହୋଇଛି ଭାଜପା। ଜ୍ୟୋତିରାଦିତ୍ୟଙ୍କ ପରେ ଏବେ ଗୈରିକ ଦଳର ରାଡାରରେ ରାଜସ୍ଥାନର ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଓ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ରହିଥିବା କୁହାଯାଉଛି। ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ ଭାଜପା ଜ୍ୟୋତିରାଦିତ୍ୟଙ୍କ ଉପରେ ବର୍ଷକ ତଳେ ନଜର ରଖିବା ଆରମ୍ଭ କରିଥିଲା। ଏଥିପାଇଁ ଜ୍ୟୋତିରାଦିତ୍ୟ ବିଭିନ୍ନ ପ୍ରସଙ୍ଗରେ ନିଜ ଦଳ କଂଗ୍ରେସଠାରୁ ଭିନ୍ନମତ ପୋଷଣ କରି କେନ୍ଦ୍ର ସରକାରଙ୍କୁ ସମର୍ଥନ କରୁଥିଲେ। ମଧ୍ୟପ୍ରଦେଶର ୩ଟି ଆସନ ପାଇଁ ନିର୍ବାଚନ ହେବାକୁ ଥିବାବେଳେ ଭାଜପା ଏବଂ କଂଗ୍ରେସ ପାଇଁ ଗୋଟିଏ ଲେଖାଏ ଆସନରେ ଜିତିବା ସହଜ ଥିଲା। ହେଲେ ତୃତୀୟ ଆସନ ପାଇଁ ଦିଗ୍‌ବିଜୟ ସିଂ ଦାବିଦାର ଥିବାବେଳେ ଜ୍ୟୋତିରାଦିତ୍ୟ ଏହି ଆସନ ମାଗିଥିଲେ। କଂଗ୍ରେସ ହାଇକମାଣ୍ଡ ତାଙ୍କ କଥା ନ ଶୁଣିବାରୁ ଭାଜପା ଏହାର ସୁଯୋଗ ନେଇ ଜ୍ୟୋତିରାଦିତ୍ୟଙ୍କୁ କଂଗ୍ରେସଠାରୁ ଅଲଗା କରିବାରେ ସକ୍ଷମ ହେଲା ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ପରେ ଏବେ ରାଜସ୍ଥାନ କଂଗ୍ରେସରେ ବିଦ୍ରୋହର ସ୍ୱର ଉଠିଲାଣି। ସଚିନ ପାଇଲଟଙ୍କ ଗୋଷ୍ଠୀର ଅନେକ ବିଧାୟକ ଖୋଲାଖୋଲି ଭାବେ ହାଇକମାଣ୍ଡଙ୍କ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବା ଆରମ୍ଭ କଲେଣି। ମୁଖ୍ୟମନ୍ତ୍ରୀ

### ରାଜସ୍ଥାନ,ଝାଡ଼ଖଣ୍ଡରେ ଖେଳ ବିଗାଡ଼ିବାକୁ ଯୋଜନା

ଅଶୋକ ଗେହଲଟଙ୍କ ଅନୁଗତମାନେ ପାଇଲଟଙ୍କୁ ଅପମାନିତ କରିବା ଲାଗିରହିଲେ ସେମାନେ ଭାଜପାରେ ଯୋଗଦେବେ ବୋଲି ଚେତାବନୀ ଦେଇଛନ୍ତି। ଏପରି ହେଲେ ଗେହଲଟ ସରକାର ମଧ୍ୟ ସଂଖ୍ୟାଲଘୁ ଅବସ୍ଥାକୁ ଚାଲିଯିବା ବଡ଼କଥା ନୁହେଁ। କାରଣ ୨୦୦ ଆସନ ବିଶିଷ୍ଟ ରାଜସ୍ଥାନ ବିଧାନଭାରେ କଂଗ୍ରେସର ୧୦୦ ସଦସ୍ୟ ଥିବାବେଳେ କିଛିମାସ ତଳେ ବିଏସ୍‌ପିର ୬ ବିଧାୟକ କଂଗ୍ରେସରେ ଯୋଗଦେଇଥିଲେ। ଅନ୍ୟ ୧୪ ବିଧାୟକ ଗେହଲଟ ସରକାରକୁ ସମର୍ଥନ କରୁଛନ୍ତି। ସିନ୍ଧିଆଙ୍କ ଭଳି ପାଇଲଟ ମଧ୍ୟ ମୁଖ୍ୟମନ୍ତ୍ରୀ ହେବା ପାଇଁ ଆଶାୟୀ ଥିଲେ। କିନ୍ତୁ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଥିବାରୁ ଦଳରେ ଗୋଷ୍ଠୀକନ୍ଦଳ ଲାଗିରହିଛି। ବିଭିନ୍ନ ସମୟରେ ଭିଡ଼ହିଂସା ଓ ଶିଶୁ ମୃତ୍ୟୁ ଭଳି ପ୍ରସଙ୍ଗରେ ଗେହଲଟ ଓ ପାଇଲଟ ମୁହାଁମୁହିଁ ହୋଇଛନ୍ତି। ତେଣୁ ରାଜସ୍ଥାନ କଂଗ୍ରେସରେ ବିଭାଜନ ସୃଷ୍ଟି କରି ଗେହଲଟଙ୍କୁ କ୍ଷମତାଚ୍ୟୁତ କରିବା ଲାଗି ଭାଜପା ଉଦ୍ୟମ କରୁଥିବା କୁହାଯାଉଛି। ଏପରି ହେଲେ କଂଗ୍ରେସ ହାତରୁ ଆଉ ଗୋଟିଏ ରାଜ୍ୟ ଖସିଯିବା ସହ ରାଜ୍ୟ ସଭା ନିର୍ବାଚନରେ ମଧ୍ୟ ଭାଜପାକୁ ଅଧିକ ଆସନ ମିଳିବ।

ସେହିପରି ନିକଟରେ ଝାଡ଼ଖଣ୍ଡରେ କ୍ଷମତାସୀନ ହୋଇଥିବା ହେମନ୍ତ ସୋରେନ ମଧ୍ୟ ଭାଜପାର ରାଡାରରେ ରହିଛନ୍ତି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଏବଂ କଂଗ୍ରେସ ମେଣ୍ଟରେ ଫାଟ ସୃଷ୍ଟି କରିବା ଲାଗି ଭାଜପା ପ୍ରାଣପଣେ ଉଦ୍ୟମ କରୁଥିବା ଜଣାପଡ଼ିଛି। ହେମନ୍ତ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ବାବୁଲାଲଙ୍କ ଘରକୁ ଯାଇ ତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। ତେଣୁ କଂଗ୍ରେସ ଉପରେ ଅସନ୍ତୁଷ୍ଟ ଥିବା ହେମନ୍ତ କଂଗ୍ରେସର ହାତ ଛାଡ଼ି ପଦ୍ମ ଆଡ଼କୁ ଢ଼ଳିଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ବାବୁଲାଲଙ୍କ ଜଣେ ଘନିଷ୍ଠ ସହଯୋଗୀ ପ୍ରକାଶ କରିଛନ୍ତି। ନିକଟରେ ବାବୁଲାଲ ମାର୍ଣ୍ଡିଙ୍କୁ ଦଳକୁ ଫେରାଇ ଆଣିବା ଭାଜପାର ଏକ ବଡ଼ ଗେମ୍ ପ୍ଲାନ୍ ବୋଲି କୁହାଯାଉଛି। ୨୦୦୯ରେ ହେମନ୍ତଙ୍କ ବାପା ଶିବୁ ସୋରେନଙ୍କୁ ସରକାର ଗଠନ ପାଇଁ ଭାଜପା ସମର୍ଥନ ଦେଇଥିଲା।

## ବାସ୍ତବତାଠାରୁ ବହୁଦୂରକୁ ଚାଲିଯାଇଛି କଂଗ୍ରେସ: ସିନ୍ଧିଆ

**ନୂଆଦିଲ୍ଲୀ,୧୧।୩(ପି.ଟି.)**



ଭାଜପାରେ ଯୋଗଦେବା ପରେ ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। କଂଗ୍ରେସ ଦଳ ଆଉ ପୂର୍ବଭଳି ନାହିଁ। ଏହା ବାସ୍ତବତାଠାରୁ ବହୁ ଦୂରକୁ ଚାଲିଯାଇଛି ବୋଲି ପୂର୍ବତନ ଏମ୍‌ପି ସିନ୍ଧିଆ ଭାଜପା କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି। ସେ ଦୀର୍ଘଦିନ ଧରି କଂଗ୍ରେସ ସହ ଜଡ଼ିତ ଥିଲେ। ତେବେ ଦଳରେ ସେ ନିଜ ଲୋକମାନଙ୍କ ପାଇଁ କିଛି କରି ନ ପାରିବା କାରଣରୁ ଆଘାତ ପାଇଥିଲେ ଓ ଅସନ୍ତୁଷ୍ଟ ଥିଲେ ବୋଲି କହିଛନ୍ତି। କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରି ସିନ୍ଧିଆ କହିଛନ୍ତି, ସେ ଓ ତାଙ୍କ ପୂର୍ବତନ ସହକର୍ମୀମାନେ ମଧ୍ୟପ୍ରଦେଶ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ୧୮ ମାସ ମଧ୍ୟରେ ଧୂଳିସାତ୍ ହୋଇଯାଇଛି। ଭାଜପା ପରିବାରରେ ତାଙ୍କୁ ଆମନ୍ତ୍ରଣ କରାଯାଇଥିବାରୁ ଏହି ଅବସରରେ ସିନ୍ଧିଆ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଧନ୍ୟବାଦ ଦେଇଥିଲେ। ଲୋକଙ୍କ ସେବା କରିବା ପାଇଁ ସେମାନେ ତାଙ୍କୁ ପ୍ଲାଟଫର୍ମ ଯୋଗାଇ ଦେଇଥିବା ସିନ୍ଧିଆ କହିଥିଲେ।

## କଂଗ୍ରେସ ଛାଡ଼ିବାର ୩ କାରଣ

ତିନୋଟି ମୁଖ୍ୟ କାରଣ ପାଇଁ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଲେ ବୋଲି ଜ୍ୟୋତିରାଦିତ୍ୟ ସିନ୍ଧିଆ ବୁଧବାର କହିଛନ୍ତି। ପ୍ରଥମ କାରଣ ହେଲା ଦଳ ନୂଆ ନେତୃତ୍ୱକୁ ସୁଯୋଗ ଦେଉନାହିଁ। ଏଥିପାଇଁ ସେ ଦଳର ପୁରୁଖା ନେତା ଦିଗ୍‌ବିଜୟ ସିଂ ଓ କମଲନାଥଙ୍କୁ ଦାୟୀ କରିଛନ୍ତି। ଦ୍ୱିତୀୟ କାରଣ ହେଲା ଦୁର୍ନୀତି। ପ୍ରତିଶ୍ରୁତିଠାରୁ ଦୂରେଇ ଯାଇ ସରକାର ମଧ୍ୟପ୍ରଦେଶରେ ବଦଳିକୁ ଏକ ଶିଳ୍ପରେ ପରିଣତ କରିଥିବା ସିନ୍ଧିଆ ଅଭିଯୋଗ କରିଛନ୍ତି। ତୃତୀୟ କାରଣ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ ନେତୃତ୍ୱ। ମୋଦିଙ୍କ ନେତୃତ୍ୱରେ ଦେଶର ନିରାପତ୍ତା ସୁରକ୍ଷିତ ବୋଲି ସିନ୍ଧିଆ କହିଛନ୍ତି।

## ‘ନିର୍ବାଚିତ ସରକାରକୁ ଅସ୍ଥିର କରୁଛନ୍ତି ମୋଦି’


ରାହୁଲ ଗାନ୍ଧୀ

ମଧ୍ୟପ୍ରଦେଶରେ ନିର୍ବାଚିତ ସରକାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସ୍ଥିର କରୁଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଅଭିଯୋଗ କରିଛନ୍ତି। ଅନ୍ତର୍ଜାତୀୟ ବଜାରରେ ତୈଳ ଦର ୩୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଏହାର ଫାଇଦା ଲୋକଙ୍କୁ ନ ଦେଇ ପ୍ରଧାନମନ୍ତ୍ରୀ କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି କରିବାରେ ବ୍ୟସ୍ତ ରହିଛନ୍ତି। ତୈଳ ଦର ହ୍ରାସ କରି ଲୋକଙ୍କୁ ସୁବିଧା ଯୋଗାଇଦେବାକୁ ସେ ଆହ୍ୱାନ ଦେଇଛନ୍ତି। ବିଧାୟକମାନଙ୍କୁ କିଣିବା, ଅପହରଣ କରିବା ଓ ସରକାରକୁ ଚୋରାଇବା ଭାଜପାର ବ୍ୟବସାୟରେ ପରିଣତ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି।

## ‘ନିର୍ଲଜ୍ଜ ଘୋଡ଼ାବେପାର କରୁଛି ଭାଜପା’

**ଜୟପୁର,୧୧।୩(ପି.ଟି.)**


ଅଶୋକ ଗେହଲଟ

ମଧ୍ୟପ୍ରଦେଶରେ ଭାଜପା ଅର୍ଥ ବଳରେ ନିର୍ଲଜ୍ଜ ଭାବେ ଘୋଡ଼ାବେପାର ଚଳାଇଛି ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ବୁଧବାର କହିଛନ୍ତି। ଯେଉଁମାନେ ଦେଶକୁ ଶାସନ କରୁଛନ୍ତି, ସେମାନେ ଗଣତନ୍ତ୍ରର ହତ୍ୟା କରୁଛନ୍ତି। ଦେଶ ସେମାନଙ୍କୁ ଉଚିତ ଶିକ୍ଷା ଦେବ ବୋଲି ଗେହଲଟ ଜୟପୁର ବିମାନବନ୍ଦରରେ ଖବରଦାତାମାନଙ୍କୁ କହିଛନ୍ତି।

## ‘କମଲନାଥ ଜିତିବେ ଆସ୍ଥାଭୋଟ’


ଦିଗ୍‌ବିଜୟ ସିଂ

ମଧ୍ୟପ୍ରଦେଶ ବିଧାନସଭାରୁ ଏହି ଦଳର ୨୨ ବିଧାୟକ ଇସ୍ତଫା ଦେଇଛନ୍ତି। ଏହା ସତ୍ତ୍ୱେ କମଲନାଥଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାର ଆସ୍ଥାଭୋଟ ଜିତିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୨ ବିଦ୍ରୋହୀ ବିଧାୟକଙ୍କ ମଧ୍ୟରୁ ୧୩ ଜଣ କଂଗ୍ରେସ ଛାଡ଼ି ନ ଥିବା ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି।

## ଭାଜପା ଜାରି କଲା ୯ ଜଣିଆ ତାଲିକା

**ନୂଆଦିଲ୍ଲୀ,୧୧।୩(ପି.ଟି.):** ଆସନ୍ତା ୨୬ରେ ୧୭ ରାଜ୍ୟର ୫୫ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ। ଏଥିଲାଗି ଭାଜପା ପକ୍ଷରୁ ବୁଧବାର ସନ୍ଧ୍ୟାରେ ୯ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। କଂଗ୍ରେସ ଛାଡ଼ି ଭାଜପାରେ ସଦ୍ୟ ଯୋଗଦେଇଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ଏହି ତାଲିକାରେ ରହିଛି। ଅନ୍ୟ ୮ ପ୍ରାର୍ଥୀ ହେଲେ ଆସାମରୁ ଭୁବନେଶ୍ୱର କାଲିତା, ବିହାରରୁ ବିବେକ ଠାକୁର, ଗୁଜରାଟରୁ ଅଭୟ ଭରଦ୍ୱାଜ ଓ ରମିଳାବେନ ବାରା, ଝାଡ଼ଖଣ୍ଡରୁ ଦୀପକ ପ୍ରକାଶ, ମଣିପୁରରୁ ଲିଏସେମ୍ବା ମହାରାଜା, ମହାରାଷ୍ଟ୍ରରୁ ଉଦୟରାଜେ ଭୋସଲେ ଏବଂ ରାଜସ୍ଥାନରୁ ରାଜେନ୍ଦ୍ର ଗେହଲଟ। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ତଥା ଆର୍‌ପିଆଇ ମୁଖ୍ୟ ରାମଦାସ ଅଠାୱଲେଙ୍କୁ ମହାରାଷ୍ଟ୍ରରୁ ପୁନଃ ନିର୍ବାଚିତ ହେବା ପାଇଁ ଭାଜପା ଗୋଟିଏ ଆସନ ଛାଡ଼ିଦେଇଛି। ସେହିପରି ଆସାମରୁ ବିଶ୍ୱଜିତ ଦାଇମାରିଙ୍କୁ ବୋଡୋଲାଣ୍ଡ ପିପୁଲ୍ସ ଫ୍ରଣ୍ଟ ଟିକେଟରୁ ରାଜ୍ୟ ସଭା ନିର୍ବାଚନ ଲଢ଼ିବା ପାଇଁ ମଧ ଭାଜପା ଅନ୍ୟ ଏକ ଆସନ ଛାଡ଼ିଦେଇଛି। ଉପରୋକ୍ତ ରାଜ୍ୟ ବିଧାନସଭାରେ ଭାଜପାର ସଂଖ୍ୟାବଳ ଥିବାରୁ ଏହି ପ୍ରାର୍ଥୀମାନେ ବିଜୟୀ ହେବା ଏପ୍ରକାର ନିଶ୍ଚିତ ହୋଇଛି।


ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକମାନଙ୍କୁ ସ୍ୱତନ୍ତ୍ର ବିମାନଯୋଗେ ଜୟପୁର ନିଆଯାଉଛି।

## ଜୟପୁର ଗଲେ କଂଗ୍ରେସ ବିଧାୟକ

**ଜୟପୁର,୧୧।୩(ପି.ଟି.)**

ପୂର୍ବତନ ଏମ୍‌ପି ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ିବା ପରେ ମଧ୍ୟପ୍ରଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଛି। ଘୋଡ଼ାବେପାର ଏଡାଇବା ପାଇଁ ପାଖାପାଖି ୯୦ କଂଗ୍ରେସ ବିଧାୟକଙ୍କୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁର ନିଆଯାଇଛି। ସେମାନଙ୍କୁ ଜୟପୁରର ଦୁଇଟି ରିସର୍ଟରେ ରଖାଯାଇଛି। କମଲନାଥ ସରକାରଙ୍କ ପ୍ରତି ବିପଦ ନାହିଁ ବୋଲି ଜୟପୁରରେ ପହଞ୍ଚିଥିବା କଂଗ୍ରେସ ନେତା କାନ୍ତିଲାଲ ଭୁରିଆ କହିଛନ୍ତି। ଯେଉଁ ବିଧାୟକମାନେ ସିନ୍ଧିଆଙ୍କ ସହିତ ଯାଇଛନ୍ତି, ସେମାନଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିବେ ବୋଲି ବିଧାୟକ ହର୍ଷ ଯାଦବ କହିଛନ୍ତି। ଭାଜପା ଆମ ଦଳର କେତେଜଣ ବିଧାୟକଙ୍କୁ ବିଭ୍ରାନ୍ତ କରିଛି। ତେବେ କମଲନାଥ ସରକାର ତିଷ୍ଠି ରହିବ ବୋଲି କଂଗ୍ରେସ ବିଧାୟକ ମହେଶ ପାର୍‌ମାର ଓ ଶିବଦୟାଲ କହିଛନ୍ତି।

## ମାନେସାର ହୋଟେଲରେ ଭାଜପା ବିଧାୟକ

**ନୂଆଦିଲ୍ଲୀ,୧୧।୩(ଆଇଏଏନ୍‌ଏସ୍)**

ମଧ୍ୟପ୍ରଦେଶରେ ରାଜନୈତିକ ସଙ୍କଟ ଦେଖାଦେଇଥିବାବେଳେ କଂଗ୍ରେସ ଏବଂ ଭାଜପା ସେମାନଙ୍କ ବିଧାୟକମାନଙ୍କୁ ସୁରକ୍ଷିତ ରଖିବାକୁ ଉଦ୍ୟମ କରିଛନ୍ତି। ଭାଜପା ଏହାର ସମସ୍ତ ବିଧାୟକଙ୍କୁ ହରିୟାଣାର ମାନେସାରସ୍ଥିତ ଗ୍ରାଣ୍ଡ ଆଇଟିସି ହୋଟେଲକୁ ନେଇଯାଇଛି। ଦିଲ୍ଲୀଠାରୁ ପାଖାପାଖି ୫୦ କିମି ଦୂରରେ ଅବସ୍ଥିତ ଏହି ପଞ୍ଚତାରକା ହୋଟେଲରେ ବିଧାୟକମାନଙ୍କ ସହ ଭାଜପାର କେତେଜଣ ବରିଷ୍ଠ ନେତା ରହିଛନ୍ତି। ଉକ୍ତ ହୋଟେଲ ମଧ୍ୟକୁ ବାହାର ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। କଂଗ୍ରେସରୁ ନିଖୋଜ ଥିବା ୩ ବିଧାୟକ ସେଠାରେ ଭାଜପା ସଦସ୍ୟମାନଙ୍କ ସହ ରହିଥିବା ଜଣାପଡିଛି। ବରିଷ୍ଠ ଭାଜପା ନେତା କୈଳାସ ବିଜୟଭର୍ଗୀୟ, ହରିୟାଣା ଭାଜପା ପ୍ରଭାରୀ ଅନିଲ ଜୈନ ପ୍ରମୁଖ ସେଠାରେ ବିଧାୟକମାନଙ୍କୁ ଭେଟିଛନ୍ତି। ଭାଜପା ସହ ଥିବା ୧୦୬ ବିଧାୟକ ସ୍ୱତନ୍ତ୍ର ବିମାନ ଯୋଗେ ମାନେସାରରେ ପହଞ୍ଚିଥିଲେ।

[ଇତିହାସର ଆଇନାରେ]

**ମାର୍ଚ୍ଚ ୧୨ର ପ୍ରମୁଖ ଘଟଣା**

### ଦାଣ୍ଡି ଅଭିଯାନ

୧୯୩୦ ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ସାବରମତୀ ଆଶ୍ରମରୁ ଦାଣ୍ଡି ଅଭିଯାନ ଆରମ୍ଭ କରିଥିଲେ। ଇଂରେଜ ସରକାରଙ୍କ ଦ୍ୱାରା ଦେଶରେ ଲାଗୁ ହୋଇଥିବା ଲୁଣ ଆଇନକୁ ଉଲ୍ଲଂଘନ କରିବା ଥିଲା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଆନ୍ଦୋଳନ ଲବଣ ସତ୍ୟାଗ୍ରହ ଭାବରେ ପରିଚିତ। ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ।

### ବିସ୍ଫୋରଣରେ ୩୧୭ ନିହତ

୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବାଇରେ ସିରିଜ ବୋମା ବିସ୍ଫୋରଣ କରାଯାଇଥିଲା। ଏଥିରେ ୩୧୭ ଜଣ ପ୍ରାଣ ହରାଇଥିଲେ। ପ୍ରାୟ ୧୪ ଶହ ଜଣ ଆହତ ହୋଇଥିଲେ। ଡି' କମ୍ପାନୀର ସହଯୋଗୀ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ଅଫିସ, ବ୍ୟାଙ୍କ, ପେଟ୍ରୋଲ ଟାଙ୍କି, ମାର୍କେଟକୁ ଟାର୍ଗେଟ କରି କାର୍ ଓ ସ୍କୁଟର ବୋମା ବିସ୍ଫୋରଣ କରାଯାଇଥିଲା।

## କରୋନା କବଳରେ ୧୨୧ ଦେଶ

**ନୂଆଦିଲ୍ଲୀ,୧୧।୩**

ଚାଇନାର ଉହାନ ସହରରେ ପ୍ରଥମେ ଦେଖାଦେଇଥିବା ମାରାତ୍ମକ କରୋନା ଭୂତାଣୁ ଏବେ ୧୨୧ ଦେଶକୁ ବ୍ୟାପିଲାଣି। ଏଥିରେ ମୋଟ ୧,୨୧,୭୩୮ ଜଣ ସଂକ୍ରମିତ ହୋଇଥିବାବେଳେ ୪୩୮୨ ଜଣଙ୍କ ମୃତ୍ୟୁ ହେଲାଣି। ଚାଇନାରେ ସଂକ୍ରମିତଙ୍କ ସଂଖ୍ୟା ୮୦,୭୯୦ ହୋଇଥିବାବେଳେ ୩୧୫୮ ଜଣ ପ୍ରାଣ ହରାଇଛନ୍ତି। ସେହିପରି ଇଟାଲୀରେ ୧୦,୧୪୯ ସଂକ୍ରମିତ ଓ ୬୩୧ ଜଣଙ୍କ ମୃତ୍ୟୁ ହେଲାଣି। ଇରାନରେ ୯,୦୦୦ କରୋନା ସଂକ୍ରମିତ ହୋଇଥିବାବେଳେ ୩୫୪ ଜଣଙ୍କ ମୃତ୍ୟୁ ହୋଇଛି। ଦକ୍ଷିଣ କୋରିଆରେ ରୋଗୀସଂଖ୍ୟା ୭,୭୫୫ ଓ ମୃତକଙ୍କ ସଂଖ୍ୟା ୬୧ ରହିଛି। ସ୍ପେନ୍‌ରେ ୨,୧୮୨ ରୋଗୀ ଚିହ୍ନଟ ହୋଇଛନ୍ତି ଓ ୪୯ ପ୍ରାଣ ହରାଇଛନ୍ତି। ଫ୍ରାନ୍ସରେ ୧,୭୮୪, ଆମେରିକାରେ୧,୦୧୬ ଜଣ, ସ୍ୱିଜରଲାଣ୍ଡରେ ୬୫୨, ଜାପାନରେ ୫୮୭ ଜଣ, ନେଦରଲାଣ୍ଡସ୍‌ରେ ୫୦୩,

**୧,୨୧,୭୩୮ ସଂକ୍ରମିତ, ୪୩୮୨ ମୃତ**

**ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କରୋନା**

ବ୍ରିଟେନରେ ୪୫୬, ଅଷ୍ଟ୍ରେଲିଆରେ ୧୨୭, ହଂକଂରେ ୧୨୬ ଓ ଇରାକରେ ୭୧ ଜଣ କରୋନା ଆକ୍ରାନ୍ତ। ଫ୍ରାନ୍ସରେ ମୃତ୍ୟୁସଂଖ୍ୟା ୩୩ ହୋଇଥିବାବେଳେ ଆମେରିକାରେ ୩୧, ସ୍ୱିଜରଲାଣ୍ଡରେ ୪, ଜାପାନରେ ୧୨, ନେଦରଲାଣ୍ଡସ୍‌ରେ ୫, ବ୍ରିଟେନରେ ୬, ଅଷ୍ଟ୍ରେଲିଆରେ ୩, ହଂକଂରେ ୩ ଓ ଇରାକରେ ୭ ରହିଛି। ବ୍ରିଟେନ ସ୍ୱାସ୍ଥ୍ୟମନ୍ତ୍ରୀ ତଥା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି ନାଡିନେ ଡୋରିସ୍ କରୋନାରେ ଆକ୍ରାନ୍ତ ଥିବା ପରୀକ୍ଷାରୁ ଜଣାପଡିବା ପରେ ସେ ନିଜକୁ ଘରେ ଅନ୍ୟମାନଙ୍କଠାରୁ ଅଲଗା ରଖିଛନ୍ତି।

## ଦିଲ୍ଲୀ ହିଂସା ଯୋଜନାବଦ୍ଧ ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ, ୧୧।୩**



ଦିଲ୍ଲୀ ହିଂସାକାଣ୍ଡ ପଛରେ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବୁଧବାର ଲୋକ ସଭାରେ କହିଛନ୍ତି। ଷଡ଼ଯନ୍ତ୍ର ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ଦଙ୍ଗା ଲାଗି ଅର୍ଥ ପ୍ରଦାନ କରାଯାଇଥିବା ଲୋକଲୋଚନକୁ ଆସିଛି। ଦଙ୍ଗା ପୂର୍ବରୁ ପ୍ରାୟ ୬୦ ଆକାଉଣ୍ଟ ଖୋଲାଯାଇଥିବା ବେଳେ ଦଙ୍ଗାର ୪ ଦିନ ପରେ ଏଗୁଡ଼ିକ ବନ୍ଦ କରାଯାଇଥିଲା। ସ୍ଥିତିକୁ କାବୁକରିବା କାଠିକର ମନେ ହେଉଥିଲେ ବି ପୋଲିସ ୩୬ ଘଣ୍ଟାରେ ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଫେବୃୟାରୀ ୨୫ ରାତି ୧୧ଟା ପରେ କୌଣସି ହିଂସାକାଣ୍ଡ ହୋଇ ନ ଥିବା ଶାହା ପ୍ରକାଶ କରିଛନ୍ତି। ଦଙ୍ଗାକାରୀମାନେ ଯୋଜନା ମୁତାବକ ସେଭଳି କିଛି କଡ଼ ଧରଣର କାଣ୍ଡ ରଚନା କରିପାରିଲେନି। ଉତ୍ତରପ୍ରଦେଶର କିଛି ଲୋକ ଦିଲ୍ଲୀରେ ପଶି ହିଂସା ଭିଆଇଲେ। ୨୬ ଶହ ଲୋକ ଅଟକ ଥିବା ବେଳେ ୭୦୦ ଏଫ୍‌ଆଇଆର୍ ରୁଜୁ କରାଯାଇଛି। ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ଦିଲ୍ଲୀ ହିଂସା ପାଇଁ ସିଧାସଳଖ ଏଏପିକୁ ଦୋଷାରୋପ କରିଛନ୍ତି। ସେ କହିଥିଲେ, ଏଏପି ବିଧାୟକ ଅମାନତୁଲ୍ଲା ଖାନ୍, ଏଏପି କାଉନ୍‌ସିଲର ତାହିର ହୁସେନ୍ ଏବଂ ଜେଏନ୍‌ୟୁ ଛାତ୍ର ଶର୍ଜିଲ ଇମାମ୍ ଏହି ହିଂସାକାଣ୍ଡ ଲାଗି ଦାୟୀ। ଅଯଥାରେ ଭାଜପା ନେତା ଅନୁରାଗ ଠାକୁର, ପର୍‌ଭେଶ୍ ବର୍ମା ଏବଂ କପିଳ ମିଶ୍ରାଙ୍କୁ ଏଥିଲାଗି ଦାୟୀ କରାଯାଉଛି। ଦଙ୍ଗା ପଛରେ କଂଗ୍ରେସର ବି ହାତ ରହିଛି ବୋଲି ପରୋକ୍ଷରେ ସେ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ମାତ୍ର ୩୬ ଘଣ୍ଟାରେ ହିଂସା ନିୟନ୍ତ୍ରଣ କରାଯାଇ ପାରିଥିବା ସେ ପ୍ରକାଶ କରିଛନ୍ତି। ସିଏଏକୁ ନେଇ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ପ୍ରଥମେ ହିଂସାକାଣ୍ଡ ଦେଖା ଦେଇଥିଲା। ପରେ ବ୍ୟାପକ ହିଂସାକାଣ୍ଡ ହୋଇଥିଲା। ଏଥିରେ ୫୨ ବ୍ୟକ୍ତି ପ୍ରାଣ ହରାଇବା ସହ ଅନେକ ଆହତ ହୋଇଥିଲେ। ଫେବୃୟାରୀ ୨୩ରେ ଭାଜପା ନେତା କପିଳ ମିଶ୍ରା ପୋଲିସକୁ ଜାଫ୍‌ରାବାଦ ଓ ଚାନ୍ଦ୍ ବାଗ୍ ରୋଡ୍‌କୁ ଖାଲିକରିବା ଲାଗି ପୋଲିସକୁ ୩ ଦିନ ସମୟ ଦେଇଥିଲେ। ଏହାକୁ ବିରୋଧୀ ଦଳ ସମାଲୋଚନା କରି ମୁସ୍‌ଲିମଙ୍କୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ କରିଥିଲେ।

**ପୋଲିସ କାର୍ଯ୍ୟାନୁଷ୍ଠାନକୁ ଶାହାଙ୍କ ସାବାସୀ**

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ | Bhubaneswar, Thursday, March 12/2020 | ପୃଷ୍ଠା-୧




**ମନୀଷଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା**

ବିଶ୍ୱ ବ୍ରୋଞ୍ଜ ପଦକ ବିଜେତା ମନୀଷ କୌଶିକ ନବମ ଭାରତୀୟ ବକ୍ସର ଭାବେ ଟୋକିଓ ଅଲିମ୍ପିକ୍ସ ୨୦୨୦ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

୧୭

୧୦

**ନିଜ ସ୍ୱୟଂବର କଥା କହିଲେ ତମନ୍ନା**

ଅଭିନେତ୍ରୀ ତମନ୍ନା ଭାଟିଆ ନିଜ ସ୍ୱୟଂବରରେ ହ୍ରିତିକ୍ ରୋଶନ, ପ୍ରଭାସ ଏବଂ ଭିକ୍କି କୌଶଳଙ୍କୁ ନିଶ୍ଚିତ ଭାବେ ସାମିଲ୍ କରିବାକୁ କହିଛନ୍ତି।



# ୩ ଘଣ୍ଟାରେ ରାଜ୍ୟ ସଭା ଟିକେଟ

ନୂଆଦିଲ୍ଲୀ/ଭୋପାଳ,୧୧।୩ (ପି.ଟି./ଆଇଏଏନ୍ଏସ୍)

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ବିରୋଧରେ କୁହୁଳୁଥିବା ଅସନ୍ତୋଷର ଧୂଆଁ ଶେଷରେ ନିଆଁର ରୂପ ନେଇ ତାଙ୍କ ନେତୃତ୍ୱାଧୀନ କଂଗ୍ରେସ ସରକାରକୁ ଗାଦିଚ୍ୟୁତ କରିବାକୁ ବସିଛି। ବରିଷ୍ଠ କଂଗ୍ରେସ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଦଳରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଛନ୍ତି। ଜ୍ୟୋତିରାଦିତ୍ୟ ଭାଜପାରେ ମିଶିବାର ୩ ଘଣ୍ଟା ନ ପୂରୁଣୁ ତାଙ୍କୁ ମିଳିଛି ରାଜ୍ୟ ସଭା ଟିକେଟ। କେବଳ ଜ୍ୟୋତିରାଦିତ୍ୟ ନୁହନ୍ତି, ତାଙ୍କ ଗୋଷ୍ଠୀର ୨୨ ବିଦ୍ରୋହୀ ବିଧାୟକ ମଧ୍ୟ କଂଗ୍ରେସ ଛାଡ଼ିଛନ୍ତି। ଫଳରେ କମଲନାଥ ସରକାର ସଂଖ୍ୟାଲଘୁ ଅବସ୍ଥାକୁ ଖସିଆସିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନଙ୍କ ପାଇଁ ପୁଣିଥରେ କ୍ଷମତାକୁ ଫେରିବାର ବାଟ ପରିଷ୍କାର ହୋଇଛି। ଭୋପାଳରୁ ନେଇ ବେଙ୍ଗାଲୁରୁ ଯାଏ ବିଗତ ୩ ଦିନ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ କେବଳ ମଧ୍ୟପ୍ରଦେଶ ନୁହେଁ, ବରଂ ଜାତୀୟ ରାଜନୀତିର ତାପମାତ୍ରା ବୃଦ୍ଧି କରିଛି। ଏହାକୁ ନେଇ ଦେଶବ୍ୟାପୀ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୧୮ ଶେଷ ଆଡ଼କୁ ୩ ପ୍ରମୁଖ ହିନ୍ଦୀ ଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭାଜପା ହାତରୁ ଖସିଯାଇଥିଲା। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ୧୧୪ ଆସନରେ ସଫଳତା ମିଳିଥିଲା। ଭାଜପାର ୧୦୯ ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ୨ ବିଧାୟକଙ୍କ ପରଲୋକ ପରେ ୨ଟି ଆସନ ଖାଲିପଡ଼ିଛି। ସେହିପରି ସ୍ୱାଧୀନ ୪, ବିଏସ୍ପି ୨ ଓ ଏସ୍ପିର ଜଣେ ପ୍ରାର୍ଥୀ ଜିତିଥିଲେ। କୁହୁକ ସଂଖ୍ୟା ୧୧୬ ହୋଇଥିବାବେଳେ ଅଣଭାଜପା ବିଧାୟକଙ୍କ ସମର୍ଥନରେ କମଲନାଥ ସରକାର ଗଠନ କରିଥିଲେ। ସେତେବେଳେ ଗ୍ୱାଲିୟର ରାଜବଂଶର ଦାୟାଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି ଜୋର୍ ଧରିଥିଲା। କିନ୍ତୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇ ନ ଥିଲା। ସେବେଠୁ କମଲନାଥ ଓ ଜ୍ୟୋତିରାଦିତ୍ୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରହିଥିବା ମତଭେଦ ସାମ୍ନାକୁ ଆସିବାରେ ଲାଗିଥିଲା। ଏପରି କି ଅନୁଚ୍ଛେଦ ୩୭୦ ଉଚ୍ଛେଦ ଭଳି କେନ୍ଦ୍ରର କେତେକ ପଦକ୍ଷେପକୁ ଜ୍ୟୋତିରାଦିତ୍ୟ ଖୋଲାଖୋଲି ସମର୍ଥନ କରି କଂଗ୍ରେସକୁ ଅଡୁଆରେ ପକାଇଆସୁଥିଲେ। କମଲନାଥ ଜ୍ୟୋତିରାଦିତ୍ୟଙ୍କ ଦାବିଗୁଡ଼ିକୁ ଅଣଦେଖା କରୁଥିବାବେଳେ ଇତିମଧ୍ୟରେ ପ୍ରାୟ ଦେଢ଼ବର୍ଷ ବିତିଯାଇଛି। ସୁଯୋଗକୁ ଅପେକ୍ଷା କରିଥିବା ଜ୍ୟୋତିରାଦିତ୍ୟ ଶେଷରେ ତାଙ୍କ ବାପା ତଥା କଂଗ୍ରେସର ପୂର୍ବତନ ବରିଷ୍ଠ ନେତା ମାଧବରାଓ ସିନ୍ଧିଆଙ୍କ ୭୫ତମ ଜନ୍ମଦିନରେ ଦଳ ଛାଡ଼ି ☞ପୃଷ୍ଠା–୨



ଜ୍ୟୋତିରାଦିତ୍ୟ ସିନ୍ଧିଆ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଉଛନ୍ତି। ଏହି ଅବସରରେ ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କୁ ସ୍ୱାଗତ କରୁଛନ୍ତି। ନିକଟରେ (ବାମ) ଅଛନ୍ତି ମଧ୍ୟପ୍ରଦେଶ ଭାଜପା ସଭାପତି ବିଷ୍ଣୁଦତ୍ତ ଶର୍ମା।

**କଂଗ୍ରେସ ଛାଡ଼ି ଭାଜପାରେ ସିନ୍ଧିଆ**

- କଂଗ୍ରେସ ସହ ୧୮ ବର୍ଷର ସମ୍ପର୍କ ଛିନ୍ନ କଲେ ଜ୍ୟୋତିରାଦିତ୍ୟ
- ଦଳରୁ ବହିଷ୍କାର କଲେ କଂଗ୍ରେସ ଅଧ୍ୟକ୍ଷା ସୋନିଆ
- ଭାଜପାରେ ମିଶିଲେ, ମୋଦି-ଶାହାଙ୍କୁ ପ୍ରଶଂସା କଲେ
- ଇସ୍ତଫା ଦେଲେ ମଧ୍ୟପ୍ରଦେଶର ୨୨ କଂଗ୍ରେସ ବିଧାୟକ
- ବଢ଼ିଲା କମଲନାଥ ସରକାରଙ୍କ ଅଡୁଆ
- ଶିବରାଜଙ୍କ କ୍ଷମତାକୁ ଫେରିବା ବାଟ ପରିଷ୍କାର

# ବିଧାନସଭା ହୁଲସ୍ଥୂଲ, ଗୃହ ମୁଲତବୀ



**ୟେସ୍ ବ୍ୟାଙ୍କରେ ଶ୍ରୀମନ୍ଦିର ଟଙ୍କା ରଖିବା ଘଟଣା**

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ ରଖିବା ନେଇ ସରକାର ଅଡୁଆରେ ପଡିଛନ୍ତି। ଏହି ଟଙ୍କା ଫେରିବ କି ନାହିଁ ସେ ନେଇ ଲୋକମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ମହାପ୍ରଭୁଙ୍କ ଟଙ୍କାକୁ ନେଇ ବୁଧବାର ବିଧାନସଭା ହୁଲସ୍ଥୂଳ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ଏ ନେଇ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଛନ୍ତି। ଏଥିଯୋଗୁ ଦିନତମାମ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡିଯାଇଛି। ଭାଜପା ପକ୍ଷରୁ ଏ ନେଇ ଏକ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା। ବାଚସ୍ପତି ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ ମଧ୍ୟ ଗୁରୁବାର ଆଲୋଚନା କରାଯିବ ବୋଲି ଗୃହରେ ସୂଚନା ଦେଇଥିଲେ। କେବଳ ଶୋକ ପ୍ରସ୍ତାବ ଛଡ଼ା ଗୃହରେ କୌଣସି ଆଲୋଚନା ହୋଇପାରି ନ ଥିଲା। ବାଚସ୍ପତି ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ବୁଧବାରଠାରୁ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ୧୦ଟା ୩୦ ମିନିଟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭାକାର୍ଯ୍ୟ ଚଳାଇବା ପାଇଁ ଗୃହକୁ ପ୍ରବେଶ କରିଥିଲେ। ସଦସ୍ୟମାନେ ଛିଡ଼ାହୋଇ ବାଚସ୍ପତିଙ୍କୁ ନମସ୍କାର ଜଣାଇ ସ୍ୱାଗତ କରିଥିଲେ। ବିଧାନସଭାରେ ୩ ଜଣ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ୧୨ ମିନିଟ୍ ପର୍ଯ୍ୟନ୍ତ ଏହି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ୧୦ଟା ୪୨ ମିନିଟ୍ରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜାଙ୍କ ସମେତ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ୟେସ୍ ବ୍ୟାଙ୍କରେ କାହିଁକି ରଖାଗଲା ବୋଲି ସରକାରଙ୍କଠାରୁ ☞ପୃଷ୍ଠା–୨

**କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହାୟତା ଲୋଡ଼ିଲେ ବିଜେଡି ଏମ୍ପି**

ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା ଫସି ରହିଛି। ଏହି ଟଙ୍କାକୁ ମୁକାଳିବା ପାଇଁ ବିଜେଡି ଏମ୍ପିମାନେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ବୁଧବାର ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ୍ କରିଛନ୍ତି। ବିଜେଡି ସଂସଦୀୟ ନେତା (ରାଜ୍ୟ ସଭା) ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଟିମ୍ ସୀତାରାମନଙ୍କୁ ଭେଟି ମହାପ୍ରଭୁଙ୍କ ଟଙ୍କା କିପରି ଫେରିବ ସେ ନେଇ ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ମହାପ୍ରଭୁଙ୍କ ଟଙ୍କା ବୁଡ଼ିବ ନାହିଁ ବୋଲି ଅର୍ଥମନ୍ତ୍ରୀ ବିଜେଡି ଏମ୍ପିମାନଙ୍କୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ଏହି ଟଙ୍କା ମ୍ୟାଚୁରିଟି ହେବା ପରେ ସୁଧ ସହିତ ମିଳିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଲେଖିଥିବା ଚିଠିକୁ ଏମ୍ପିମାନେ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଚିଠିରେ କୁହାଯାଇଛି ଯେ ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କର ୫୪୫ କୋଟି ଟଙ୍କା ଫିକ୍ସଡ୍ ଡିପୋଜିଟ କରାଯାଇଛି। ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

କୁକୁଡ଼ାମାଂସ ଓ ବୀଜାଣୁସଂକ୍ରମଣ

**ଆଜିର ମନ୍ତବ୍ୟ**

" ସୁବିଧାବାଦୀ ରାଜନେତାମାନେ ବହୁ ଆଗରୁ ଦଳ ଛାଡ଼ିଦେବା ଉଚିତ ଥିଲା।

–ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ


Vencobb FRESH CHICKEN — Taste the difference!

11.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers


# କର୍ଣ୍ଣାଟକ: କରୋନାରେ ଜଣଙ୍କ ମୃତ୍ୟୁ ସନ୍ଦେହ


ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୧।୩(ପି.ଟି.)

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୬୦ରେ ପହଞ୍ଚିଛି। କର୍ଣ୍ଣାଟକର କଲାବୁର୍ଗୀରେ ଜଣେ ୭୬ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କୁ କରୋନା ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ମହମ୍ମଦ ହୁସେନ ସିଦ୍ଦିକୀ ନାମକ ବ୍ୟକ୍ତିଙ୍କର ମଙ୍ଗଳବାର ସରକାରୀ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ବେଙ୍ଗାଲୁରୁ ପଠାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସିଦ୍ଦିକୀ ନିକଟରେ ସୌଦି ଆରବରୁ ଫେରିଥିଲେ। ଅନ୍ୟପକ୍ଷରେ କରୋନା ଭୂତାଣୁ ସଂକ୍ରମଣରେ ସିଦ୍ଦିକୀଙ୍କ ମୃତ୍ୟୁ ଖବରକୁ ରାଜ୍ୟ ସରକାର ଖଣ୍ଡନ କରିଛନ୍ତି। ତାଙ୍କ ମୃତ୍ୟୁକୁ ନେଇ ଗଣମାଧ୍ୟମରେ ଗୁଜବ ପ୍ରଚାର ହେଉଥିବା ରାଜ୍ୟ ସ୍ୱାସ୍ଥ୍ୟ କମିଶନର ପଙ୍କଜ କୁମାର ପାଣ୍ଡେ କହିଛନ୍ତି। ସ୍ୱାବ୍ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି।

ବୁଧବାର ଦିଲ୍ଲୀ ଓ ରାଜସ୍ଥାନରୁ ଜଣେ ଲେଖାଏ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ଭାରତରେ ଏହି ଭୂତାଣୁ ସଂକ୍ରମିତ ରୋଗୀ ସଂଖ୍ୟା ୬୦ରେ ପହଞ୍ଚିଛି। ବୁଧବାର ସୁଦ୍ଧା ଦିଲ୍ଲୀରେ ମୋଟ ୫ ଜଣ ସଂକ୍ରମିତ ହୋଇଥିବାବେଳେ ଉତ୍ତରପ୍ରଦେଶରେ ୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ୬୦ ଜଣଙ୍କ ମଧ୍ୟରେ ୧୬ ଜଣ ଇଟାଲୀୟ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକରେ ୪, ମହାରାଷ୍ଟ୍ରରେ ୨ ଓ ଲଦାଖରେ ଜଣ କୋଭିଡ୍–୧୯ରେ ସଂକ୍ରମିତ। ସେହିପରି ରାଜସ୍ଥାନ, ତେଲଙ୍ଗାନା, ତାମିଲନାଡୁ, ଜମ୍ମୁ–କଶ୍ମୀର ଓ ପଞ୍ଜାବରେ ଜଣେ ଲେଖାଏ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ପରୀକ୍ଷାରୁ ଜଣାପଡିଛି। କେରଳରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କଠାରେ କରୋନା ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ଭଲ ହୋଇ ଘରକୁ ଫେରିଲେଣି। ଡେଲ୍ ଓ ମାଇଣ୍ଡଟ୍ରି ଆଇଟି କମ୍ପାନୀରେ କାର୍ଯ୍ୟ କରୁଥିବା ୨ କର୍ମଚାରୀଙ୍କ ଠାରେ କରୋନା ପଜିଟିଭ୍ ଥିବା ପରୀକ୍ଷାରୁ ଜଣାପଡିଛି। ଡେଲ୍ କର୍ମଚାରୀ ଆମେରିକା ଓ ଟେକ୍ସାସ ଗସ୍ତ କରିଥିବାବେଳେ ମାଇଣ୍ଡଟ୍ରି କର୍ମଚାରୀ ଜଣକ ବିଦେଶ ଗସ୍ତରେ ଯାଇଥିଲେ।

ସତର୍କତା ପଦକ୍ଷେପ ସ୍ୱରୂପ କେନ୍ଦ୍ର ସରକାର ମଙ୍ଗଳବାର ଆଉ ୩ଟି ଦେଶର ନାଗରିକଙ୍କ ଭାରତ ପ୍ରବେଶ ଉପରେ କଟକଣା ଲଗାଇଛନ୍ତି। ☞ପୃଷ୍ଠା–୨

**ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୬୦**



# ହୋଲି ଖେଳ କାଳ: ୧୯ ମୃତ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

- ନଦୀ, ଡ୍ୟାମ୍, ପୋଖରୀରେ ବୁଡ଼ିଯାଇ ୧୬ଜଣଙ୍କ ମୃତ୍ୟୁ
- ଢେଙ୍କାନାଳ ଦୁର୍ଘଟଣାରେ ଗଲା ୩ ଜୀବନ
- ଦକ୍ଷିଣ ଓଡ଼ିଶାରେ ସର୍ବାଧିକ ୭

ଆନନ୍ଦର ପର୍ବ ହୋଲିରେ ମଙ୍ଗଳବାର ସମଗ୍ର ରାଜ୍ୟ ଥିଲା ଉତ୍ସବମୁଖର। ପିଲାଠୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସମସ୍ତେ ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ରଙ୍ଗ ବୋଳି ଖୁସି ମନାଇଥିଲେ। ହେଲେ ଏହି ଖୁସି କେତେକଙ୍କ ପାଇଁ କାଳ ସାଜିଛି। ହୋଲି ଖେଳି ସାରି ନଦୀ, ପୋଖରୀ ଓ ଡ୍ୟାମରେ ଗାଧୋଉଥିବାବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୬ଜଣଙ୍କ ମୃତ୍ୟୁ ଘଟିଛି। ଏପରି କି ଢେଙ୍କାନାଳ ଏକ ସଡ଼କ ଦୁର୍ଘଟଣାରେ ୩ ବନ୍ଧୁଙ୍କ ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ଅନୁସାରେ କଟକ ଜିଲା ୪୨ ମୌଜାସ୍ଥିତ କାଠଯୋଡ଼ି ନଦୀର ଝିଙ୍କିରିଆ ଘାଟରେ ଗାଧୋଉଥିବା ସମୟରେ ବୁଡ଼ି ୨ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ଖପୁରିଆସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭମ୍ କୁମାର ବେହେରା(୧୪) ଏବଂ ☞ପୃଷ୍ଠା–୨

# କୀଟନାଶକ ମିଶା ଚା ପିଇ ୧୧ ଗୁରୁତର

ଭୋଗରାଇ,୧୧।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ରଣସିଂପୁର ଗାଁରେ ବୁଧବାର ଏକ ବିବାହ ଭୋଜିରେ କୀଟନାଶକ ମିଶ୍ରିତ ଚା ପିଇ ୧୧ଜଣ ବ୍ୟକ୍ତି ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଏହି ଅସୁସ୍ଥମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ରୋଗୀଙ୍କ ଅବସ୍ଥା ଗୁରୁତର ହେବାରୁ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଭୋଜି ଉତ୍ସବରେ ଜଣେ ରୋଷେୟା ଚା ପ୍ରସ୍ତୁତ କରିବା ବେଳେ ପାଖରେ ଥିବା କୀଟନାଶକ ଦାନାଦାର ଔଷଧକୁ ଚା ପତି ଭାବି ଭୁଲରେ ପକାଇ ଦେଇଥିବାରୁ ଏହା ବିଷାକ୍ତ ହୋଇଥିବା କୁହାଯାଉଛି। ଚା ପିଇବା ପରେ ସମ୍ପୃକ୍ତ ଲୋକଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। କେତେକ ବ୍ୟକ୍ତି ବେହୋସ୍ ହୋଇଯାଇଥିଲେ। ଚା'ରେ ଭୁଲକ୍ରମେ କୀଟନାଶକ ପକାଯାଇଥିବା ଜାଣି ଲୋକେ ☞ପୃଷ୍ଠା–୨




**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରିରେ ଦେଶର ପୁଞ୍ଜି ବଜାରର ଇକ୍ୱିଟି ମ୍ୟୁଚୁଆଲ ଫଣ୍ଡରେ ୧୦,୭୩୦ କୋଟି ଟଙ୍କା ନିବେଶ ହୋଇଛି। ଏହା ୧୧ ମାସର ସର୍ବୋଚ୍ଚ ସ୍ତର। – **ଆସୋସିଏଶନ ଅଫ୍ ମ୍ୟୁଚୁଆଲ ଫଣ୍ଡସ୍**




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହାୟତା ...

ଏହି ଡିପୋଜିଟର ମ୍ୟାଚୁରିଟି ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେବ। ଏହି ବ୍ୟାଙ୍କରୁ ଟଙ୍କା ଉଠାଇବା ନେଇ ରିଜର୍ଭ ବ୍ୟାଙ୍କ ପକ୍ଷରୁ କଟକଣା ଜାରି କରାଯାଇଛି। ଉକ୍ତ ଟଙ୍କା ଉଠାଇବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରିବାକୁ ରାଜ୍ୟ ଅର୍ଥମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଜରିଆରେ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ମହାପ୍ରଭୁଙ୍କ ଟଙ୍କା ଜାତୀୟକରଣ ବ୍ୟାଙ୍କରୁ ଉଠାଇ କାହିଁକି ଘରୋଇ ବ୍ୟାଙ୍କରେ ରଖିଲେ ବୋଲି। ଲୋକମାନଙ୍କର ଏହି ପ୍ରଶ୍ନର ଉତ୍ତର ସରକାରଙ୍କୁ ଦେବାକୁ ପଡିବ ବୋଲି ଭାଜପା ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି।

## ବିଧାନସଭା ହୁଲସ୍ଥୁଲ, ...

ଜବାବ ତଲବ କରିଥିଲେ। ମହାପ୍ରଭୁଙ୍କ ଟଙ୍କା ଖାଇଲା କିଏ କହି ସରକାର ବିରୋଧୀ ସ୍ଲୋଗାନ ଦେବା ସହିତ ଗୃହରେ ହୋହଲ୍ଲା କରିଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟମାନେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଦେଇଥିବାରୁ ନିଜ ସିଟ୍‌ରେ ଚୁପ୍ ହୋଇ ବସି ରହିଥିଲେ। କଂଗ୍ରେସ ସଦସ୍ୟଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ୧୦ ଟା ୪୨ ମିନିଟରୁ ମଧ୍ୟାହ୍ନ ୧୨ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ ମିନିଟ୍‌ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବାଚସ୍ପତି କହିଥିଲେ ୟେସ୍ ବ୍ୟାଙ୍କରେ ଥିବା ଟଙ୍କା ସମ୍ପର୍କରେ ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ମୁଁ ଗ୍ରହଣ କରିଛି। ଗୁରୁବାର ଏହା ଉପରେ ଆଲୋଚନା ହେବ। ଆପଣମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରନ୍ତୁ। ବାଚସ୍ପତିଙ୍କ ଏହି ଅନୁରୋଧକୁ କଂଗ୍ରେସ ସଦସ୍ୟମାନେ ଏଡାଇଦେବା ସହିତ ସରକାର ବିରୋଧୀ ସ୍ଲୋଗାନରେ ମାତିଯାଇଥିଲେ। ଗୃହରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବାଚସ୍ପତି କୌଣସି ଉପାୟ ନ ପାଇ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। କଂଗ୍ରେସ ସଦସ୍ୟମାନେ ପୁଣି ନାରାବାଜି କରିଥିଲେ। ପାଟିତୁଣ୍ଡ ମଧ୍ୟରେ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ ।

## କର୍ଣ୍ଣାଟକ: କରୋନାରେ ...

ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ନାଗରିକଙ୍କ ନିୟମିତ ତଥା ଇ-ଭିଜାକୁ ସ୍ଥଗିତ କରାଯାଇଛି। ପୂର୍ବରୁ ଚାଇନା, ଇଟାଲୀ, ଇରାନ, ଦକ୍ଷିଣ କୋରିଆ, ଜାପାନ ନାଗରିକଙ୍କ ଭିଜା ସ୍ଥଗିତ ରଖାଯାଇଥିଲା। ଉପରୋକ୍ତ ଦେଶକୁ ଭ୍ରମଣରେ ନ ଯିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦେଶବାସୀଙ୍କୁ ପରାମର୍ଶ ଦିଆଯାଇଛି।

## କୀଟନାଶକ ମିଶା...

ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତରଙ୍କ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ରୋଗୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅସୁସ୍ଥମାନଙ୍କ ମଧ୍ୟରୁ ୧୦ଜଣ ନାଫ୍ରାଇ ଗ୍ରାମର ହୋଇଥିବା ବେଳେ ଅନ୍ୟଜଣଙ୍କ ଘର ଶ୍ରଦ୍ଧାପୁର ଗ୍ରାମରେ ବୋଲି ଜଣାପଡ଼ିଛି।

## ୩ ଘଣ୍ଟାରେ ରାଜ୍ୟ ...

ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେ ମଙ୍ଗଳବାର ନିଜ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ସାକ୍ଷାତ କରିଥିଲେ। ସୋନିଆ ଜ୍ୟୋତିରାଦିତ୍ୟଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିବା ସହ ତାଙ୍କୁ ଦଳରୁ ବହିଷ୍କାର କରିଥିଲେ। ଦେଶବାସୀ ହୋଲି ଖେଳୁଥିବାବେଳେ ଜ୍ୟୋତିରାଦିତ୍ୟ ଭାଜପାର ଗେରୁଆ ରଙ୍ଗ ଧାରଣ କରିବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଯାଇଯାଇଥିଲା। ଏହାସତ୍ତ୍ୱେ ସେ ନୂଆ ଦଳ ଗଠନ କରିପାରନ୍ତି ବୋଲି କେତେକ ମହଲରେ ଚର୍ଚ୍ଚା ହେଉଥିଲା। ଶେଷରେ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇ ଜ୍ୟୋତିରାଦିତ୍ୟ ବୁଧବାର ଅପରାହ୍ନରେ ଭାଜପାରେ ଯୋଗଦେଇଛନ୍ତି। କଂଗ୍ରେସ ସହ ଦୀର୍ଘ ୧୮ ବର୍ଷର ସମ୍ପର୍କ ଛିନ୍ନ କରି ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ଜ୍ୟୋତିରାଦିତ୍ୟ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରିବା ସହ ତାଙ୍କ ହାତରେ ଦେଶ ସୁରକ୍ଷିତ ଥିବା କହିଛନ୍ତି। ଲୋକଙ୍କ ସେବା କରିବା ପାଇଁ ମୋଦି ଓ ଶାହା ସୁଯୋଗ ଦେଇଥିବାରୁ ସେ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ଭାଜପା ମୁଖ୍ୟ ନଡ୍ଡା ଜ୍ୟୋତିରାଦିତ୍ୟଙ୍କୁ ଦଳକୁ ସ୍ୱାଗତ କରିବା ସହ ଭାଜପା ପ୍ରତି ତାଙ୍କ ଜେଜେମା' ରାଜମାତା ବିଜୟା ରାଜେ ସିନ୍ଧିଆଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ସେ ତାଙ୍କ ପରିବାରକୁ ଫେରିଆସିଛନ୍ତି ବୋଲି ନଡ୍ଡା କହିଛନ୍ତି। ଆସନ୍ତା ୨୬ରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ପାଇଁ ଭାଜପା ଜ୍ୟୋତିରାଦିତ୍ୟଙ୍କୁ ଟିକେଟ ଦେଇଛି। ବୁଧବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଜାରି ହୋଇଥିବା ୯ ଜଣିଆ ପ୍ରାର୍ଥୀ ତାଲିକାରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ରହିଛି। ସେପଟେ ୨୨ କଂଗ୍ରେସ ବିଧାୟକ କମଲନାଥ ସରକାରରୁ ଇସ୍ତଫା ଦେଇଛନ୍ତି। ସେମାନେ ରାଜ୍ୟପାଳ ଲାଲଜୀ ଟଣ୍ଡନଙ୍କ ନିକଟକୁ ନିଜ ନିଜ ଇସ୍ତଫାପତ୍ର ପଠାଇଦେଇଛନ୍ତି। ବିଦ୍ରୋହୀ ବିଧାୟକମାନେ ପକ୍ଷପରିବର୍ତ୍ତନ କରିବା ପରେ କମଲନାଥ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଛି। ଏହାସହ ଶିବରାଜ ସିଂ ଚୌହାନ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବାର ବାଟ ଫିଟିଛି। କେବଳ ଏତିକି ନୁହେଁ, ମଧ୍ୟପ୍ରଦେଶର ୩ ରାଜ୍ୟ ସଭା ଆସନ ମଧ୍ୟରୁ ୨ଟିକୁ ଭାଜପା ଦଖଲ କରିବା ମଧ୍ୟ ନିଶ୍ଚିତ ହୋଇଛି।

୨୦୦୧ ସେପ୍ଟେମ୍ବର ୩୦ରେ ମାଧବରାଓ ସିନ୍ଧିଆଙ୍କ ପରଲୋକ ପରେ ଗୁନା ଲୋକ ସଭା ଆସନରେ ନିର୍ବାଚନ ହୋଇଥିଲା। ସେତେବେଳେ ୩୧ ବର୍ଷରେ ପଦାର୍ପଣ କରିଥିବା ଜ୍ୟୋତିରାଦିତ୍ୟ ୨୦୦୨ ଉପନିର୍ବାଚନରେ ବିଜୟୀ ହୋଇଥିଲେ। ଏହା ପରେ ସେ ଆଉ ୩ ଥର ଜିତିଥିଲେ। ତେବେ ଗତ ସାଧାରଣ ନିର୍ବାଚନରେ ଜ୍ୟୋତିରାଦିତ୍ୟ ଗୁନା ଆସନରେ ପରାଜିତ ହେବା ପରେ ତାଙ୍କୁ ଦଳରେ ଅଣଦେଖା କରାଯାଇଥିଲା। ଏହା ପୂର୍ବରୁ ୨୦୦୭ରେ ଉପା-୧ ସରକାରରେ ଜ୍ୟୋତିରାଦିତ୍ୟଙ୍କୁ ଯୋଗାଯୋଗ ଏବଂ ଆଇଟି ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା। ୨୦୦୯ରେ ସେ ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଏବଂ ୨୦୧୨ରେ ଉପା-୨ ଅମଳରେ ଶକ୍ତି ରାଷ୍ଟ୍ରମନ୍ତ୍ରୀ ପଦ ସମ୍ଭାଳିଥିଲେ।

## ହୋଲି ଖେଳ କାଳ...

ନିଶାନ୍ତ କୁମାର ପାଢ଼ୀ(୧୪)। ଏମାନଙ୍କ ଘର ସ୍ଥାନୀୟ ନେତାଜୀନଗର ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି କଟକ ଜିଲା ବାରଙ୍ଗ ଥାନା ଅଞ୍ଚଳରେ ନଦୀରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ନରାଜ ବ୍ୟାରେଜସ୍ଥିତ ଅରିଲୋ ଗ୍ରାମ ନିକଟସ୍ଥ କାଠଯୋଡ଼ି ନଦୀ ଘାଟରେ ଗାଧୋଉଥିବାବେଳେ ଶାଶ୍ୱତ ସାହୁ(୧୭) ନାମକ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ବଡ଼ବଜାର ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ +୨ରେ ପଢୁଥିଲେ। ଆଉ ଏକ ଦୁର୍ଘଟଣାରେ କାଠଯୋଡ଼ି ନଦୀରେ ଗାଧୋଉଥିବାବେଳେ ଦିବାକର ସର୍ଦ୍ଦାର(୪୨)ଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଦିବାକରଙ୍କ ଘର କଲିକତାରେ ହୋଇଥିବାବେଳେ ସେ ଫକିରପଡ଼ାସ୍ଥିତ ଏକ ଘରୋଇ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ବାଲିଅନ୍ତା ଥାନା ଅନ୍ତର୍ଗତ ରଙ୍ଗବଜାର ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରେ ଗାଧୋଉଥିବାବେଳେ ବୁଡ଼ିଯାଇ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ରୀନା ଗୋଛାୟତ(୫୦)। କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମରେ ହୋଲି ଖେଳ ସାରି ସାଙ୍ଗମାନଙ୍କ ସହ ପୋଖରୀରେ ଗାଧୋଉଥିବାବେଳେ ଆଂଶୁମାନ ପରିଡ଼ା(୧୪)ଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଶିଆଡ଼ିମାଳ ପଞ୍ଚାୟତ ସୀତାପତିପୁର ଗ୍ରାମର ବୁଗାଳି ଡ୍ୟାମରେ ନିଶିକାନ୍ତ ସାଏବାବୁ ରଙ୍ଗ ଖେଳି ସାରି ଗାଧୋଉଥିବା ବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ବାରିପଦାରେ ମଧ୍ୟ ହୋଲି ଖେଳିସାରି ନଦୀରେ ଗାଧୋଉ ଥିବାବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରିପଦା ସହର କାଳୀମନ୍ଦିର ସାହିର ଶିବୁନ ମହାନ୍ତି। ସେହିପରି ଗଜପତି ଜିଲା ପାରଳାଖେମୁଣ୍ଡିରେ ହୋଲି ଖେଳ ସାରି ମହେନ୍ଦ୍ରତନୟା ନଦୀରେ ଗାଧୋଉଥିବାବେଳେ ଜଣେ ଶିକ୍ଷକ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଉଛନ୍ତି ଯଜ୍ଞସେନ ବେହେରା(୩୦)। ସେ ଗୋଷାଣୀ ବ୍ଲକ ଅନ୍ତର୍ଗତ ଶରଧାପୁର ଉଚ୍ଚବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଥିଲେ। ଆଉଏକ ଘଟଣାରେ ନବରଙ୍ଗପୁର ଇନ୍ଦ୍ରାବତୀ ନଦୀରେ ବୁଡ଼ିଯାଇ ଇଛାବତୀଗୁଡ଼ା ଗ୍ରାମର ଆଦିତ୍ୟ ନାୟକ(୨୫)ଙ୍କ ମୃତ୍ୟୁ ଘଟିଛି। ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ଆଦିତ୍ୟ ଗଭୀର ଜଳରେ ବୁଡ଼ି ଯାଇଥିଲେ। ସେହିପରି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ରୁନିଗୁଡ଼ା ଗ୍ରାମର ୨ଭଉଣୀ ଜୟମଣି ପୂଜାରୀ(୬) ଓ ହେମବତୀ ପୂଜାରୀ(୭) ଭାସ୍କେଲ ନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ରାୟଗଡା ଜିଲା ଗୁଣୁପୁରରେ ହୋଲି ଖେଳି ସାରି କେନ୍ଦୁଗୁଡ଼ାସ୍ଥିତ ବଡ଼ନାଳ ଡ୍ୟାମରେ ଗାଧୋଉଥିବାବେଳେ ବୁଡ଼ିଯାଇ ୩ଜଣ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ପଦ୍ମପୁର ଅଞ୍ଚଳର ସୁରେଶ କୁମାର, କେ. ଅଭିଷେକ ଏବଂ ରାୟପୁରର ବରୁଣ ଆଚାରୀ। ବରୁଣ ମାମୁ ଘରକୁ ବୁଲି ଆସିଥିଲେ। ଅନ୍ୟଏକ ଘଟଣାରେ ସମ୍ବଲପୁର ସଦର ଥାନା ଅଧୀନ ମାଲତୀ ନଦୀରେ ବୁଡ଼ିଯାଇ ଅଭିଳାଷ ଦଳେଇ(୨୯) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହୋଲିରେ ଅଭିଳାଷ ସାଙ୍ଗମାନଙ୍କ ସହ ସ୍ଥାନୀୟ ବାଉଁଶବୁଦାକୁ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇବା ପୂର୍ବରୁ ସେ ନଦୀରେ ଗାଧୋଉଥିବାବେଳେ ବୁଡ଼ି ଯାଇଥିଲେ।

ସେହିପରି ହୋଲି ଅବସରରେ ଭୋଜି ସାରି ବାଇକ୍‌ରେ ଫେରୁଥିବାବେଳେ ଢେଙ୍କାନାଳ ସଦର ଥାନା କପିଳାସ ରାସ୍ତାର ଛଣାବୋଲୁଅ ନିକଟରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ସହର ରାମେଶ୍ୱରପୁର ଅଞ୍ଚଳର ସୁବ୍ରତ ଶାଶ୍ୱତ ରାଉତ, ଲୋଚାପଲ୍ଲୀ ଗ୍ରାମର କୈଳାସ ସାହୁ ଓ କାଇମାଟି ଗ୍ରାମର ବ୍ରହ୍ମାନନ୍ଦ ଦେହୁରୀ ଭୋଜି ସାରି ଘରକୁ ଫେରୁଥିବାବେଳେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ସୁବ୍ରତ, କୈଳାସ ଏବଂ ବ୍ରହ୍ମାନନ୍ଦ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବୃହସ୍ପତି ରବିଙ୍କ ନକ୍ଷତ୍ରରେ ରହିଥିବାରୁ ଆପଣଙ୍କ ଚେଷ୍ଟା ନିଶ୍ଚିତ ଫଳବତୀ ହୋଇପାରିବ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ମାଧ୍ୟମରେ ପ୍ରତ୍ୟେକ କାମକୁ ସମ୍ଭାଳି ନେବେ। କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଏବଂ ହିତୈଷୀବନ୍ଧୁଙ୍କ ପରାମର୍ଶ ପାଇବା ଯୋଗୁ ମନ ଖୁସି ରହିବ।

**ବୃଷ** ଭାଗ୍ୟକର୍ମାଧିପ ଶନି ଚତୁର୍ଥାଧିପଙ୍କ ନକ୍ଷତ୍ରସ୍ଥ ଯୋଗୁ ଆପଣଙ୍କ ଉଦ୍ୟମରେ ସିଦ୍ଧିଲାଭ ନ ହୋଇପାରେ। ଅର୍ଥସଂକଟ, ବନ୍ଧୁଙ୍କ ଶତ୍ରୁତା ଏବଂ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେବାର ସୂଚନା ରହିଛି। ଗୁରୁଜନ ଓ ଆତ୍ମୀୟଙ୍କ ସାହାଯ୍ୟ, ସହଯୋଗ, ସହ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି।

**ମିଥୁନ** ଧନାଧିପ ଚନ୍ଦ୍ର କେନ୍ଦ୍ରସ୍ଥାନରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ବ୍ୟୟବୃଦ୍ଧି ଟେନ୍ସନର କାରଣ ହୋଇପାରେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବେ। ପରିବାରର ସହମତି ବିନା କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ।

**କର୍କଟ** ଅନୁକୂଳ ଗ୍ରହସ୍ଥିତିରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ, କିନ୍ତୁ ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁ କେତେକ କାମ ଅଟକି ରହିବ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ, ଯାହାଦ୍ୱାରା ଦ୍ୱନ୍ଦ୍ୱରେ ପଡି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ । ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହୋଇପାରନ୍ତି।

**ସିଂହ** ସମସ୍ୟା ଆସିଲେ ମଧ୍ୟ ଷଷ୍ଠସ୍ଥ ଶନି ଓ ରବିଙ୍କ ସୁଦୃଷ୍ଟିରୁ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ବହୁତ ଅନୁସନ୍ଧାନ ପରେ ଅପରାହ୍ନରେ ଖୋଜୁଥିବା ଜିନିଷ ହଠାତ୍ ପାଇପାରିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅବଶ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ଆଜି ଏକାଦଶାଧିପତି ଚନ୍ଦ୍ର ଧନସ୍ଥାନସ୍ଥ ଯୋଗୁ ଅର୍ଥଲାଭ, କାର୍ଯ୍ୟସିଦ୍ଧି ସହ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ଶନିଙ୍କ ସ୍ଥିତିରୁ ଜିଦ୍‌କରି ଯେସାକୁ ତେସା ନୀତିରେ କାମ କରିପାରନ୍ତି। ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କଲେ ଅନୁତାପ କରିବାକୁ ପଡିପାରେ । ଆଜିର ପ୍ରଚେଷ୍ଟା ଫଳବତୀ ହେବ।

**ତୁଳା** ପ୍ରତ୍ୟେକଗ୍ରହଙ୍କ ଅନୁକୂଳତା କାରଣରୁ ସଫଳତା ଲାଭଜନିତ ମାନସିକ ସ୍ଥିତି ଭଲ ରହିବ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇ ପାରନ୍ତି। କିନ୍ତୁ ସାମୟିକ ମତାନ୍ତରଜନିତ ପାରିବାରିକ ଅଶାନ୍ତି ଘଟିପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଆଜି ଆପଣଙ୍କ ବହୁତ ଦିନର ଆଶା ପୂରଣ ପାଇଁ ଅନୁକୂଳ ସୁବିଧା ସୁଯୋଗ ଜୁଟିବ। କିନ୍ତୁ ବିଶାଖା ନକ୍ଷତ୍ର ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡା, ପ୍ରତିଯୋଗିତା, ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ଧନୁ** ଧନାଧିପତିଙ୍କ ଶୁଭତ୍ୱରୁ ବୈଷୟିକ ଅଭିବୃଦ୍ଧି ସହ ସୁସ୍ଥ ପାରିବାରିକ ଜୀବନ ଅତିବାହିତ କରିବେ। ଆନୁଷ୍ଠାନିକ କାମ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ସାମୟିକ କଳହ ଦେଖାଦେଇପାରେ। ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ମୁଖଭାବସ୍ଥ ରବି ଓ ବୁଧ ହେତୁ ମାନସିକ ସ୍ଥିତି ଭଲ ଥାଇ ମଧ୍ୟ ଅପ୍ରିୟସତ୍ୟ ପ୍ରକାଶ ଅଶାନ୍ତିର କାରଣ ହେବ। ଇଚ୍ଛା ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** ଗତକାଲି ଅପେକ୍ଷା ଆଜିର ସ୍ଥିତି କେତେକାଂଶରେ ବଦଳିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ମନେ ମନେ ଭାବୁଥିବା ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାଖ ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ଦ୍ୱିତୀୟସ୍ଥ ଶୁକ୍ର ପ୍ରଭାବରୁ ସରଳ ସୁନ୍ଦର କଥା କହି କାମ ହାସଲ କରିବେ ଏବଂ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ। ଆତ୍ମୀୟ ସ୍ୱଜନ କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଚୈତ୍ର କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ମାର୍ଚ୍ଚ ୧୨ ତାରିଖ, ବିଶ୍ୱ ବୃକ୍କ ଦିବସ (ମାର୍ଚ୍ଚ ୨ୟ ଗୁରୁବାର), ରାଶି ନକ୍ଷତ୍ର-ଚିତ୍ରା/ତୁଳା, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୦।୨୬ମି. ଗତେ ଘ୧୧।୫୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧।୫୫ମି. ଗତେ, ଘ୧।୨୬ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୧।୨୫ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

**automobile**

**SALE**

Hyundai Elantra, Volkswagen Vento, Pajero Sports, Indica, Skoda Superb, Toyota Corolla Altis. Car sale/ purchase and finance- 7077731532, 7381091234. D-68498

**real estate**

**SALE**

ଭୁବନେଶ୍ୱର Sum Hospital, IIIT, Birla University ନିକଟ କାଟେଗୋରିରେ gharabari boundary Patta plot-499/-, 7077730754. D-69103

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। **9437166686, 7609956035.** D-68487

ଶାଳଗାଁ ଷ୍ଟେସନ୍ ପାଖରେ 5,50,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

ଭୁବନେଶ୍ୱର ପାତ୍ରପଡା **Amber** ପଛପଟେ **30'Road** ଘରବାରି ପ୍ଲଟ୍ ମିଳୁଅଛି। **Direct owner. 6370292040.** D-69106

Gharabari sthitiban land 3k.m from Hanspal (Rasulgarh). Contact: 9937816565, 9937568585. D-69242

ଭୁବନେଶ୍ୱର ହଂସପାଳଠାରେ ତୁରନ୍ତ ଘରକଲାଭଳି ଘରବାରି **patta, boundary plot psqft. 1250/-, 750/-** ବିକ୍ରିହେବ। **9439270333.** D-69108

**Ready to move flat 2BHK, Sundarpada, 7504948142.** D-17060

**Readymade G+2 House at Patia, 1.15cr. 7504948142.** D-17061

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**GENERAL**

**SALE**

**Labrador Retriver pups for sale. Contact: 104, Surya Nagar, Unit-7, Bhubaneswar. Phone-9778129944.** D-67750

**healthcare**

Ayurvedic full body massage ladies and gents. Contact-9861064981. D-68794

Full body herbal massage with refreshment expert therapist. 7381239385, 06742540855. D-69243

Experience full body massage with us (expert). Call: 7377048581, 06742597822. D-69244

Herbal full body massage by smart / expert therapist. Contact: 8338067247. D-69245

Experience winter therapeutic Abhyanga massage feeling refreshing energetic: Appointment-9668374480. D-69246

Body massage @ 1099 at mystic Unisex Salon and Spa. 9556978408. D-69248

Rejuvenate and Ayurvedic full body massage by smart therapist. 9114402304. D-69247

Ayurvedic full body massage ladies/gents smart experts therapist:- 8480939300. D-68795

Newly open full body massage by ladies, gents therapist. 8018656899 D-60878

Ayurvedic refreshment massage therapy refresh mind and body. Appointment: 7894855541. D-69301

**business**

ନିଜ Mobile ନମ୍ବରକୁ recharge କରି ମାସିକ Rs. 50,000 ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ଯୋଗାଯୋଗ କରନ୍ତୁ www.reoneshop.com, 9861416763. D-17110

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

We (1) Killamchetty rajani Kanta aged about 50 years S/o Late K. Venkata Rao, (2) Killamchetty Aruna aged about 38 years W/o Killamchetty Rajani Kanta of Main Road, Malkangiri, Post/P.S./Dist. Malkangiri do hereby solemnly affirm and jointly states as follows.

1. That, KILLAMCHETTY ABHILASHA is our daughter and was born on dated 09.12.2003, which evident Birth certificate vide Regn. No. 1351/2003 dated 20.12.2003 issued by Registrar, Birth & Death, Jeypore Municipality.

2. That, at the present time our daughter reading in class 10th at Deepti Convent School, Malkangiri. But inadvertently in her admission card for ICSE Examination her fathers name is mentioned as KILLAMCHETTY RAMU and mothers name as KILLAMCHETTY ARUNA instead of KILLAMCHETTY RAJANI KANTA and KILLAMCHETTY ARUNA which now required to be corrected.

3. That, KILAMCHETTY RAMU and KILLAMCHETTY ARUNA and KILLAMCHETTY RAJANI KANTA and KILLAMCHETTY ARUNA are one and same person. D-17109

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**LEGAL NOTICE**

Notice under order-5 Rule-20 of CPC
IN THE COURT OF DISTRICT AND SESSIONS JUDGE, DHENKANAL.
Guardianship Petition No. 233/2019
Sahenaz Parween and others
.....Petitioners
Versus
Anjum Ara and another
... Opp.Parties

Whereas, the petitioner No. 1 Sahenaz Parween, W/o. Late Shaikh Anwar Bux, Permanent resident of Balyamba, PO-Sarakpatana, Via-Bhapur, PS-Sadar, District- Dhenkanal, presently residing At- C/o. Shaikh Rahim, At-Kesharpur, PO-Buxi Bazar, PS-Mangalabag, Town, District-Cuttack has filed the above case U/S 7 and 9 of the Guardianship and wards Act 1890 for appointment of Guardian of (1) Shaikh Anas Anwar Bux, aged about 7 years, (2) Awes Anwar, aged 4 years and (3) Ayesha Anwar, aged about 4 years, all are sons and Daughter of late Shaikh Anwar Bux of Balyamba, PO-Sarakpatana, Via-Bhapur, PS-Sadar, District-Dhenkanal in respect to look after their welfare also to manage the death benefit of Shaikh Anwar Bux.

It is hereby noticed that if anybody also having any interest or objection regarding appointment of Guardian he/she/they may contest the case in support of his/her/their claim and to appear in person or through his/her/their pleader in the Court of the District and Sessions Judge Dhenkanal on this 27th day of March 2020 at 10.30 AM, failing which the case will be heard and determine in his/her/their absence. Given under my hand and seal of this court on 26th day of February 2020.

Sd/-
District & Sessions Judge
Dhenkanal.
D-66857





# ନାମାଙ୍କନ ଦାଖଲ କଲେ ୪ ବିଜେଡି ପ୍ରାର୍ଥୀ

## ବିଜେଡି ପ୍ରାର୍ଥୀ ନିର୍ଦ୍ଵନ୍ଦ୍ୱରେ ଜିତିବା ସମ୍ଭାବନା ଉଜ୍ଜ୍ୱଳ



ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି ୪ ବିଜେଡି ରାଜ୍ୟ ସଭା ପ୍ରାର୍ଥୀ।


**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ରାଜ୍ୟ ସଭା ନିର୍ବାଚନ ଲାଗି ବିଜେଡିର ୪ ଜଣ ପ୍ରାର୍ଥୀ ବୁଧବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ସୁବାସ ସିଂ, ମୁନ୍ନା ଖାଁ ଓରଫ ମୁଜିବୁଲ୍ଲା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ପ୍ରାର୍ଥୀମାନେ ବିଧାନସଭା ସଚିବ ତଥା ରିଟର୍ନିଂ ଅଫିସର ଦାଶରଥି ଶତପଥୀଙ୍କ ନିକଟରେ ପ୍ରତ୍ୟେକ ପ୍ରାର୍ଥୀ ୨ଟି ଲେଖାଏ ନାମାଙ୍କନପତ୍ର ସେଟ୍ ଦାଖଲ କରିଛନ୍ତି। ସୁବାସ ସିଂଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅରୁଣ କୁମାର ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ବେହେରା, ସଦାଶିବ ପ୍ରଧାନ, ବଦ୍ରି ନାରାୟଣ ପାତ୍ର, ସୁଦାମ ମାର୍ଣ୍ଡି, ସତ୍ୟନାରାୟଣ ପ୍ରଧାନ, ଅଶୋକ କୁମାର ବଳ ପ୍ରସ୍ତାବକ ଥିବା ବେଳେ ଦ୍ୱିତୀୟ ସେଟ୍‌ରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରକାଶ ଚନ୍ଦ୍ର ମାଝି, ପିତମ ପାଢ଼ୀ, ପ୍ରଭୁ ଜାନି, ମନୋହର ରନ୍ଧାରୀ, ଲତିକା ପ୍ରଧାନ, ସୁନନ୍ଦା ଦାସ, ମୌଷଧି ବାଗ ଏବଂ ରଘୁରାମ ପଡାଲ ପ୍ରସ୍ତାବକ ଥିଲେ। ସେହିପରି ମୁନ୍ନାଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତଙ୍କ ପାଇଁ ୨ଟି ସେଟ୍‌ରେ ୧୦ ଜଣ ଲେଖାଏ ପ୍ରସ୍ତାବକ ରହିଥିଲେ।

ବିଜେଡି ପକ୍ଷରୁ ୪ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଦେବନି ବୋଲି ଘୋଷଣା କରିଛନ୍ତି। ଅର୍ଥାତ୍ ବିଜେଡିର ୪ ଜଣ ଯାକ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ତେବେ ଫେବୃୟାରୀ ୨୮ ତାରିଖରେ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁଖ୍ୟମନ୍ତ୍ରୀଙ୍କ ସହ ନବୀନ ନିବାସରେ ମଧ୍ୟାହ୍ନ ଭୋଜନ କରିବା ପରେ ରାଜ୍ୟ ସଭା ସିଟ୍ ପାଇଁ ମିଳିମିଶି ପ୍ରାର୍ଥୀ ନିର୍ବାଚିତ କରିବା ନେଇ ନିଷ୍ପତ୍ତି ହୋଇଥିବା ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି।











ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କୁକୁଡ଼ାମାଂସ ଓ ବୀଜାଣୁ ସଂକ୍ରମଣ

କିଛିଦିନ ସମୟରେ ରାସ୍ତାକଡ଼ରୁ ବେଆଇନ ଖୋଖା (ତାରଜାଲିରେ ନିର୍ମିତ ବାକ୍ସ) ଭିତରେ ବସି ତାଙ୍କ ସାଥୀଭାଇଙ୍କ ମୁଣ୍ଡକାଟ ଦୃଶ୍ୟ ଦେଖୁଥିବା କୁକୁଡ଼ାଙ୍କୁ ମୁଁ ଉଦ୍ଧାର କରେ। କିଛିବର୍ଷ ପୂର୍ବେ ରୋକ ସମ୍ବନ୍ଧରେ ଗୃହୀତ ପୌରି ଆଇନ ବଳରେ ମୋ ନିର୍ବାଚନମଣ୍ଡଳୀରେ ଥିବା ସବୁ ବେଆଇନ ଖୋଖାକୁ ମୁଁ ବନ୍ଦ କରିଛି, ଆପଣମାନେ ବି ତାହା କରିବା ଉଚିତ। ସେମାନଙ୍କୁ ଉଦ୍ଧାର କରି ଯେତେବେଳେ ମୁଁ ଗୋଟିଏ ଫାର୍ମକୁ ନିଏ ସେମାନଙ୍କ ମଧ୍ୟରୁ ଅନେକେ ଚାଲିପାରନ୍ତିନି। ଏମିତି କି ସେମାନଙ୍କୁ କାଇଁଆ ଘାସ ଉପରେ ଛାଡ଼ିଲେ ବି ଚାଲିବାକୁ ଅକ୍ଷମ ହୁଅନ୍ତି। ଅଧିକାଂଶ କେଇ ପାଦ ଚାଲିବା ପରେ ବସିପଡ଼ନ୍ତି, ତା'ପରେ କିଛି ସମୟ ପରେ ପୁଣି ଚାଲିବାକୁ ଚେଷ୍ଟା କରନ୍ତି। ଏଥିରୁ ସ୍ପଷ୍ଟ ଯେ, ସେମାନେ ଖୁବ୍ ଯନ୍ତ୍ରଣାରେ ଥାଆନ୍ତି।

ବ୍ରଏଲର କୁକୁଡ଼ା କାହିଁକି ଛୋଟ ଏବଂ ସେମାନଙ୍କୁ ଖାଇବା ପରେ ସେମାନଙ୍କ ଚାଲିବାଜନିତ ସମସ୍ୟା ଆପଣଙ୍କୁ ପ୍ରଭାବିତ କରେ କି? ଖୁବ୍ କମ୍ ଦିନରେ ସେମାନଙ୍କୁ ହର୍ମୋନ ଓ ଅପ୍ରାକୃତିକ ଖାଦ୍ୟ ଦେଇ ମୋଟା କରିଦିଆଯାଉଥିବାରୁ ବ୍ରଏଲର କୁକୁଡ଼ାଗୁଡ଼ିକ ଛୋଟ ହୋଇଥାନ୍ତି। ସେମାନଙ୍କ ଗୋଡ ଶରୀରର ଓଜନ ସମ୍ଭାଳିବାରେ ଅକ୍ଷମ ହୋଇଥିବାରୁ ସେମାନଙ୍କ ଚାଲିବାରେ ସମସ୍ୟା ରହିଥାଏ। ଏହା ବ୍ୟତୀତ, ସେମାନଙ୍କୁ ରଖାଯାଉଥିବା ପିଞ୍ଜରାର ଚଟାଣରେ ତାର ରହିଥିବାରୁ ତା' ଆଘାତରେ ସେମାନଙ୍କ ଗୋଡରେ କ୍ଷତ ହୋଇଥାଏ। ଅଧିକାଂଶ କୁକୁଡ଼ା ବିଶେଷଜ୍ଞ ତାରନିର୍ମିତ ଫ୍ଲୋର ହଟାଇ ଦେବା ଉପରେ ଗୁରୁତ୍ୱ ଦେଇଥିଲେ ମଧ୍ୟ ଏହି ଫ୍ଲୋର ମଧ୍ୟ ଦେଇ ବାହାରକୁ ବାହାରିଯାଉଥିବା ମଳମୂତ୍ର ସଂଗ୍ରହ କରି ବିକ୍ରି କରିବା ପାଇଁ କୁକୁଡ଼ା ଚାଷି ଏହାକୁ ବ୍ୟବହାର କରିବାରେ ଲାଗିଛନ୍ତି। ୨୦ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ବ୍ରଏଲର କୁକୁଡ଼ା ଛୋଟା, କାରଣ ସେମାନେ ବ୍ୟାକ୍ଟେରିଆଲ କଣ୍ଡ୍ରୋନେକ୍ରୋସିସ୍ ଅଷ୍ଟିଓମାଇଲିଟିସ୍ (ବିସିଓ) ଦ୍ୱାରା ପୀଡ଼ିତ। ଅଷ୍ଟିଓମାଇଲିଟିସ୍ ଏକ ପ୍ରକାର ଅସ୍ଥି ସଂକ୍ରମଣ। ଅସ୍ଥି ଅନେକ ଉପାୟରେ ସଂକ୍ରମିତ ହୋଇଥାଏ। ଗୋଟିଏ କ୍ଷତରୁ ବୀଜାଣୁଜନିତ ସଂକ୍ରମଣ ରକ୍ତ ମାଧ୍ୟମରେ ଅସ୍ଥିକୁ ସଂକ୍ରମିତ ହୁଏ, କିମ୍ବା ଅସ୍ଥିରେ କୌଣସି ଫ୍ରାକ୍ଚର ଦ୍ୱାରା ବି ଅସ୍ଥି ସଂକ୍ରମିତ ହୋଇଥାଏ। କଙ୍କାଳ ଅସ୍ଥି ମଧ୍ୟ ସଂକ୍ରମିତ ହୋଇଥାଏ ଏବଂ ମେରୁଦଣ୍ଡ ଉପରେ ଚାପ ପଡିଥାଏ। ଶରୀର ଭିତରେ କ୍ଷତ ସୃଷ୍ଟି ହୁଏ। ବୀଜାଣୁ ଏହି କ୍ଷତ ମଧ୍ୟରେ ପ୍ରବେଶ କରନ୍ତି ଓ ଅସ୍ଥିକୁ କ୍ଷୟ କରିଦିଅନ୍ତି। ଏହାଦ୍ୱାରା ପକ୍ଷୀଗୁଡ଼ିକ ଆରାମରୁ ଛୋଟା ପାଲଟିଯାଆନ୍ତି ଏବଂ ତା'ପରେ ଚାଲିବା ବନ୍ଦ କରି ଦେଇ ଗୋଟିଏ ପାଖ ମାଡ଼ି ତଳେ ଶୋଇରହନ୍ତି। ବେଳେବେଳେ ସେମାନେ ଡେଣା ଫଡ଼ଫଡ଼ କରି ଉଡ଼ିବାକୁ ଚେଷ୍ଟା କରନ୍ତି, କିନ୍ତୁ ତା'ପରେ ଡେଣାଗୁଡ଼ିକରେ ବି କ୍ଷତ ସୃଷ୍ଟି ହୋଇଥାଏ। ଯେତେବେଳେ ସେମାନେ ଚାଲିବା ବନ୍ଦ କରିଦେଇ ବହୁ ସମୟ ଧରି ବସି ରହନ୍ତି, ସେମାନଙ୍କ ଗୋଡର ମୁଖ୍ୟ ଧମନୀଗୁଡ଼ିକ ଉପରେ ଚାପ ପଡେ ଏବଂ ତା'ର କୋଷିକାଗୁଡ଼ିକ ନଷ୍ଟ ହୋଇଚାଲେ। ଏହାକୁ ନେକ୍ରୋସିସ୍ କୁହାଯାଏ। ସେମାନେ ଖାଦ୍ୟ ଓ ପାଣି ନିକଟରେ ପହଞ୍ଚିପାରନ୍ତି ନାହିଁ। ଏହାଦ୍ୱାରା ଭୋକିଲା ଓ ରୋଗଗ୍ରସ୍ତ ହୋଇ ସେମାନେ ମରିଯାଆନ୍ତି। ସେମାନଙ୍କ ଅସ୍ଥି ଓ ରକ୍ତରେ ବୀଜାଣୁ ସଂକ୍ରମଣ ପାଇଁ ଆଣ୍ଟିବାୟୋଟିକ୍ସ କାମ କରୁ ନ ଥିବା ଯୋଗୁ ଏହି କୁକୁଡ଼ାଗୁଡ଼ିକ କ୍ଷେତ୍ରରେ କୌଣସି ଚିକିତ୍ସା ଫଳପ୍ରଦ ହୁଏନାହିଁ।

ଗବେଷକମାନେ ଛୋଟା କୁକୁଡ଼ାଙ୍କଠାରେ ଷ୍ଟାଫିଲୋକୋକସ୍ ଅରିଅସ୍, ଷ୍ଟାଫିଲୋକୋକସ୍ ଏସପିପି., ଇ.କୋଲି, ଏଣ୍ଟେରୋକୋକସ୍ ସିକୋରମ୍, ସାଲ୍‌ମୋନେଲା ଏସପିପି., ଏବଂ ଷ୍ଟାଫିଲୋକୋକସ୍ ଅଗ୍ନୋଟିସ୍ ଆଦି ବୀଜାଣୁ ରହିଥିବା ଜାଣିପାରିଛନ୍ତି। ପାଶ୍ଚୁରେଲାମଲ୍ଟୋସିଡା, ଏର୍ଜିଥୋବ୍ୟାକ୍ଟେରିଅମ୍ ରାଇନୋଟ୍ରାକେଲ, ରୁପେରେଲା ଆର୍କାନୋବ୍ୟାକ୍ଟେରିୟମ୍ ପାୟୋଜିନ୍ସ, ଏଣ୍ଟେରୋକୋକସ୍ ଏସପିପି., ଷ୍ଟ୍ରେପ୍ଟୋକୋକସ୍ ଏସପିପି., ସାଲମୋନେଲା ଏସପିପି., ଷ୍ଟ୍ରେପ୍ଟୋବାସିଲସ୍ ମୋନିଲିଫର୍ମିସ୍, ଆର୍ଥ୍ରୋବ୍ୟାକ୍ଟର୍ ଏସପିପି., ଇ. ଫିକାଲିସ୍, ଇ. ଦୁରାନ୍ସ ସମେତ କୁକୁଡ଼ାଙ୍କଠାରେ ଦେଖାଯାଉଥିବା ଅଷ୍ଟିଓମାଇଲିଟିସ୍ ଏବଂ ଆର୍ଥ୍ରାଇଟିସ୍‌ର ଅନ୍ୟ ଛୋଟମୋଟ କାରଣ ରହିଛି।

ଏସ୍କେରିଚିଆ କୋଲି ଅନେକ ସମୟରେ ଦଳର ସମସ୍ତ ବ୍ରଏଲର କୁକୁଡ଼ାଙ୍କ ଆର୍ଥ୍ରାଇଟିସ୍ ଓ ଅଷ୍ଟିଓମାଇଲିଟିସ୍‌ର କାରଣ ପାଲଟେ। ଇ. କୋଲି ବୀଜାଣୁ ଶ୍ୱାସନଳୀ ଭିତରେ, ଅନ୍ତନଳୀ ଓ ଚର୍ମରେ ବଂଶ ବୃଦ୍ଧି କରି କୌଣସି କ୍ଷତ ମାଧ୍ୟମରେ ଶରୀରରେ ପ୍ରବେଶ କରେ। ସେମାନେ ପ୍ରଥମେ ଅନ୍ତନଳୀ ସଂକ୍ରମଣର କାରଣ ପାଲଟନ୍ତି ଏବଂ ଖୁବ୍‌ଶୀଘ୍ର ରକ୍ତସଂଚାଳନ ବ୍ୟବସ୍ଥା ଦ୍ୱାରା ବ୍ୟାପିଯାଆନ୍ତି। କୃତ୍ରିମ ଉପାୟରେ ଶୀଘ୍ର ବୃଦ୍ଧି କରାଯାଉଥିବା ଅସ୍ଥିର ଦୁର୍ବଳତା ତଥା ପୂର୍ବରୁ ସେଥିରେ ସୃଷ୍ଟି ହୋଇଥିବା ସୂକ୍ଷ୍ମ ଫ୍ରାକ୍ଚର ଯୋଗୁ ଏହା ସଂକ୍ରମଣକୁ ପ୍ରତିରୋଧ କରିବା କଷ୍ଟକର ହୋଇଥାଏ। ଏହି ରୋଗରେ କୁକୁଡ଼ା ଯେତେବେଳେ ମରିଯାଏ ସେ ମଲା କୁକୁଡ଼ାକୁ ବି ଆପଣଙ୍କୁ ବିକ୍ରି କରିଦିଆଯାଏ। ଏହି ବୀଜାଣୁଗୁଡ଼ିକ ମଧ୍ୟରୁ କେତେକ ମଣିଷ ପାଇଁ ମଧ୍ୟ ଖୁବ୍ ବିପଜ୍ଜନକ।

ଷ୍ଟାଫିଲୋକୋକସ୍ ବୀଜାଣୁ ଯଦି ମଣିଷ ଶରୀରର ରକ୍ତ, ଗଣ୍ଠି, ଅସ୍ଥି, ଫୁସଫୁସ୍ କିମ୍ବା ହାର୍ଟ ମଧ୍ୟରେ ପ୍ରବେଶ କରେ ତେବେ ତଜ୍ଜନିତ ସଂକ୍ରମଣ ଭାରି ମାରାତ୍ମକ ହୋଇଥାଏ। ବହୁ ସୁସ୍ଥ ଲୋକଙ୍କଠାରେ ଘାତକ ସଂକ୍ରମଣ ଦେଖାଯାଉଛି। ଫୁଡ୍ ପଏଜନିଂ , ଚର୍ମ ସମସ୍ୟା, ସେପ୍ଟିସେମିଆ, ଆଖି, କାନ୍ଧ, ଅଣ୍ଟା, ଅଙ୍ଗୁଳି ଓ ପାଦର ସେପ୍ଟିକ୍ ଆର୍ଥ୍ରାଇଟିସ୍‌ଠାରୁ ଆରମ୍ଭ କରି ହାର୍ଟର ଭିତର ସଂକ୍ରମଣ ପର୍ଯ୍ୟନ୍ତ ସମସ୍ୟା ଦେଖାଯାଉଛି। କେତେକ ସଂକ୍ରମଣ କ୍ଷେତ୍ରରେ ସାଧାରଣ ଆଣ୍ଟିବାୟୋଟିକ୍ସ କାମ କରେନାହିଁ। ଷ୍ଟାଫିଲୋକୋକସ୍ ଅରିଅସ୍ ବ୍ରଣ, ବଥ, ପେଶୀ ପ୍ରଦାହ ଭଳି ସାମାନ୍ୟ ତ୍ୱଚା ସଂକ୍ରମଣଠାରୁ ଆରମ୍ଭ କରି ଘାତକ ନ୍ୟୁମୋନିଆ, ମେନିଞ୍ଜାଇଟିସ୍, ଅଷ୍ଟିଓମାଇଲିଟିସ୍, ଏଣ୍ଡୋକାର୍ଡାଇଟିସ୍, ଟକ୍ସିକ ଶକ୍ ସିଣ୍ଡ୍ରୋମ୍, ବ୍ୟାକ୍ଟେରିମିଆ ଏବଂ ସେପ୍‌ସିସ୍‌ର କାରଣ ହୋଇଥାଏ।

ସାଲ୍‌ମୋନେଲା ପରି ବୀଜାଣୁଜନିତ ରୋଗ ଅନ୍ତନଳୀକୁ ସଂକ୍ରମିତ କରେ। ଏହାଦ୍ୱାରା ଲୋକମାନେ ପତଳାଝାଡ଼ା, ଜ୍ୱର, ପେଟକାମୁଡ଼ା ଆଦି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। କେତେକ କ୍ଷେତ୍ରରେ ସାଲ୍‌ମୋନେଲା ସଂକ୍ରମଣ ସହ ପତଳାଝାଡ଼ା ହିଡ୍ରୋଡ୍ରେଶନର ଏଭଳି ପରିସ୍ଥିତି ସୃଷ୍ଟିକରେ ଯେ, ତତ୍କାଳ ଡାକ୍ତରୀ ଚିକିତ୍ସା ଆବଶ୍ୟକ କରେ। ଯଦି ସଂକ୍ରମଣ ଅନ୍ତନଳୀ ବାହାରକୁ ବ୍ୟାପେ ତେବେ ଘାତକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଥାଏ।

ଏଣ୍ଟେରିଚିଆ କୋଲି ଅନ୍ତନଳୀ ସଂକ୍ରମଣ ସହ ପତଳାଝାଡ଼ା, ପେଟ ଯନ୍ତ୍ରଣା, ଜ୍ୱର ଏବଂ ବେଳେବେଳେ ବାନ୍ତିର କାରଣ ହୋଇଥାଏ। ଏହା ସବୁଠୁ ବିପଜ୍ଜ। କୌଣସି କ୍ଷତ କିମ୍ବା ଆଞ୍ଚୁଡ଼ି ହୋଇଯିବା ଯୋଗୁ ପାସ୍ଚୁରେଲା ମଲ୍ଟୋସିଡା ଦ୍ୱାରା ଚର୍ମ ଓ କୋମଳ ପେଶୀ ସଂକ୍ରମିତ ହୋଇଥାଏ। ଏହାଦ୍ୱାରା ଯନ୍ତ୍ରଣା, ଫୁଲା ଏବଂ ଚଳିପଡେ ନାଲିନାଲି ଫଳିଯାଇ ରୋଗ କ୍ରମେ ସାରା ଶରୀରକୁ ମାଡ଼ିଯାଏ। ଏଣ୍ଟେରୋକୋକସ୍ ଏସ୍‌ପିପି., ଏଣ୍ଟେରୋକୋକସ୍ ଫିକାଲିସ୍ ଏବଂ ଇ. ଫିସିୟମ୍ ଦ୍ୱାରା ଏଣ୍ଡୋକାର୍ଡାଇଟିସ୍, ମୂତ୍ରନଳୀ ସଂକ୍ରମଣ, ପ୍ରୋଷ୍ଟାଟେଟିସ୍, ତଳିପେଟ ସଂକ୍ରମଣ, ପେଶୀ ପ୍ରଦାହ ଏବଂ କ୍ଷତ ସଂକ୍ରମଣ ଦେଖାଦିଏ। କେତେକଙ୍କଠାରେ ସଂକ୍ରମଣ ସହ ପତଳାଝାଡ଼ା, ଅତ୍ୟଧିକ ମୂତ୍ରତ୍ୟାଗ, ଦୁର୍ବଳତା କିମ୍ବା ଜ୍ୱର ଏବଂ ଅଣ୍ଟା ପ୍ରକାଶ ପାଏ।

ଆର୍ଥ୍ରୋବ୍ୟାକ୍ଟର ଏସପିପି. ଯୋଗୁ ଦୁର୍ବଳ ପ୍ରତିରୋଧକ ଶକ୍ତି କିମ୍ବା ଫୁସ୍‌ଫୁସ୍ ରୋଗଗ୍ରସ୍ତ ବ୍ୟକ୍ତିଙ୍କଠାରେ ଆଲର୍ଜିକ ପ୍ରତିକ୍ରିୟା, ଫୁସ୍‌ଫୁସ୍ ସଂକ୍ରମଣ ଏବଂ ଅନ୍ୟ ଅଙ୍ଗରେ ସଂକ୍ରମଣ ପ୍ରକାଶ ପାଇଥାଏ। ଏଣ୍ଟେରୋକୋକସ୍ ଏସ୍‌ପିପି., ମୁଖ୍ୟତଃ ଇ. ଫିକାଲିସ୍ ମଧ୍ୟ ମଣିଷର ବିଭିନ୍ନ ଅଙ୍ଗ ସଂକ୍ରମଣର କାରଣ ହୋଇଥାଏ। ଏହିସବୁ ବୀଜାଣୁ ଅଧିକାଂଶ ଆଣ୍ଟିବାୟୋଟିକ୍ସର ପ୍ରତିରୋଧୀ ଏବଂ ଏହି ବୀଜାଣୁ ୪୨ ପ୍ରତିଶତ କେଳେଟ୍‌ରେ ରହିଛି ବୋଲି ବ୍ରାଜିଲରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ପ୍ରତିରୋଧୀ ବୀଜାଣୁ ଦ୍ୱାରା ପ୍ରାଣୀ ଏବଂ ଖେତରୋଗାରୁ ଉତ୍ପାଦ ଦୂଷିତ ହେବା ସହ ତାହା ମଣିଷ ଶରୀରକୁ ପ୍ରବେଶ କରି ପ୍ରାଣୀ ଓ ମଣିଷ ଉଭୟଙ୍କ ସ୍ୱାସ୍ଥ୍ୟ ଲାଗି ଚିନ୍ତାର କାରଣ ହୋଇଥାଏ। ପ୍ରାଣୀ ଯେତେ ରୋଗଗ୍ରସ୍ତ ହେବେ ଆପଣ ତାକୁ ଖାଇବା ଦ୍ୱାରା ସେତିକି ରୋଗଗ୍ରସ୍ତ ହେବେ।

କୁକୁଡ଼ାମାନଙ୍କ ଛୋଟାପଣ, ପୀଡ଼ା ଓ ମୃତ୍ୟୁ କମାଇବା ଲାଗି କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ପାଇଁ କୁକୁଡ଼ା ଶିଳ୍ପକୁ ବାରମ୍ବାର କୁହାଯାଇଛି, ଯଥା– (୧) ପିଞ୍ଜରାରେ ତାର ନିର୍ମିତ ଚଟାଣ ବ୍ୟବହାର ବନ୍ଦ କରନ୍ତୁ। (୨) କୁକୁଡ଼ାଙ୍କୁ ଭୋକିଲା ରଖନ୍ତୁନି, ଅଧିକ ପୌଷ୍ଟିକ ଆହାର ଦିଅନ୍ତୁ। (୩) କ୍ଷମତାଠାରୁ ଅଧିକ ସଂଖ୍ୟାରେ କୁକୁଡ଼ା ରଖନ୍ତୁନାହିଁ। (୪) ପର୍ଯ୍ୟାପ୍ତ ଖାଦ୍ୟ ଉପଲବ୍ଧତା ପ୍ରତି ଦୃଷ୍ଟି ଦିଅନ୍ତୁ। (୫) କୁକୁଡ଼ା ରହିବା ସ୍ଥାନକୁ ପରିଷ୍କାର ରଖନ୍ତୁ। ଏହି ସବୁ ଉପାୟରେ କୁକୁଡ଼ାଙ୍କର ସମସ୍ତ ବୀଜାଣୁ ସଂକ୍ରମଣକୁ ରୋକାଯାଇପାରିବ ଏବଂ ସେମାନଙ୍କ ଅସ୍ଥି ଯନ୍ତ୍ରଣାକୁ ମଧ୍ୟ ଦୂର କରାଯାଇପାରିବ। ଭାରତରେ ଅଧିକାଂଶ କୁକୁଡ଼ା ଫାର୍ମ ଏହି ସବୁ ନିର୍ଦ୍ଦେଶକୁ ଅଣଦେଖା କରୁଛନ୍ତି। ଫଳସ୍ୱରୂପ, ଆମେ ସଂକ୍ରମିତ କୁକୁଡ଼ାଙ୍କୁ ଖାଇ ରୋଗ କିଣୁଛୁ।

Email: gandhim@nic.in

# ଶିକ୍ଷାରେ ଦକ୍ଷତା



ହରିଶଙ୍କର ମିଶ୍ର

କିଛିଦିନ ପୂର୍ବରୁ ଏଇ ପୃଷ୍ଠାର ସମ୍ପାଦକୀୟ ନକଲି ପ୍ରମାଣପତ୍ରଧାରୀ ୦କ ଶିକ୍ଷକ ସମ୍ବନ୍ଧୀୟ ଥିଲା। ଜାଲିଆତି ଓ ଦୁର୍ନୀତି ଅନେକ ବର୍ଷରୁ ଶିକ୍ଷା ବିଭାଗକୁ କବଳିତ କରିସାରିଛି। ପୂର୍ବରେ ଶିକ୍ଷା ଜିଲା ବା ମଣ୍ଡଳ ସ୍କୁଲ ପରିଦର୍ଶକ ଏବଂ ବର୍ତ୍ତମାନ ଗୋଷ୍ଠୀ ବା ଜିଲା ଶିକ୍ଷାଧିକାରୀ ସମସ୍ତେ ଶିକ୍ଷକ। ତେଣୁ ଗତ ଦୁଇ ଦଶନ୍ଧି ମଧ୍ୟରେ ନିଯୁକ୍ତ ଗୋଷ୍ଠୀ ବା ଜିଲା ଶିକ୍ଷାଧିକାରୀ ସମେତ ପ୍ରତ୍ୟେକ ବର୍ଗର ଶିକ୍ଷକଙ୍କୁ ଯାଞ୍ଚ ପ୍ରକ୍ରିୟାରେ ସାମିଲ କରାଯିବା ଉଚିତ।

ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଶିକ୍ଷା ବିଭାଗକୁ ନୂଆ ରୂପ ଦେଇଥିଲେ। ରାଜ୍ୟର ପ୍ରତ୍ୟେକ ନିମ୍ନପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ, ଉଚ୍ଚ ପ୍ରାଥମିକକୁ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ କରାଇଥିଲେ। ସମସ୍ତ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନପ୍ରାପ୍ତ, ଛାତ୍ରୀ ଓ ଅନେକ ବର୍ଗର ଛାତ୍ରଙ୍କୁ ଦରମା ଛାଡ ଏବଂ ଅବିଭକ୍ତ ପୁରୀ ଜିଲାର ଶିକ୍ଷକମାନଙ୍କୁ ଡାକଘର ଜମାଖାତା ମାଧ୍ୟମରେ ପ୍ରତ୍ୟକ୍ଷ ଦରମା ପ୍ରଦାନ କରାଇଥିଲେ। ପରେ କିଛି ଶିକ୍ଷା ବେପାରୀଙ୍କ ଦ୍ୱାରା ସ୍କୁଲ ସୃଷ୍ଟି ହେଲା। ଦୃଢ ଦାପ୍ତରିକ ସହଯୋଗ ହେତୁ ଅନୁଦାନ ପ୍ରାପ୍ତି ସତ୍ତ୍ୱେ କିଛି ବିଦ୍ୟାଳୟର ସ୍ଥିତି ମଧ୍ୟ ନ ଥିଲା। ପରିଚାଳନା କମିଟି ଦ୍ୱାରା ଶିକ୍ଷକ ନିଯୁକ୍ତିରେ ଦକ୍ଷତା ଅପେକ୍ଷା ଆନୁଗତ୍ୟକୁ ଗୁରୁତ୍ୱ ଦିଆଯାଉଥିଲା। ଏମାନଙ୍କର ସର୍ବଦା ଆନ୍ଦୋଳନ ଯୋଗୁ ବିଜୁବାବୁ ତାଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଏମାନଙ୍କୁ ସରକାରୀ ଶିକ୍ଷକ ଘୋଷଣା କରିଦେଲେ। ଧୂଆଁ ଓ ଅଧୂଆଁ ମୂଲ୍ୟ ସମାନ ହୋଇଗଲେ।

ନବେ ଦଶନ୍ଧିରେ ଉପକୂଳ ଜିଲାମାନଙ୍କରେ ଶତାଧିକ ଘରୋଇ ହାଇସ୍କୁଲରେ ସିଟି ସ୍କୁଲ ଖୋଲିଗଲା। ଏଥିପାଇଁ ସରକାରୀ ସ୍ୱୀକୃତି ଏବଂ ସଂସ୍ଥିତ ଉଚ୍ଚ ନ୍ୟାୟାଳୟ ଗୋଟିଏ ବର୍ଷ ପରୀକ୍ଷା ପାଇଁ ଅନୁମତି ଦେଲେ। ପ୍ରାୟୋଜିତ କେନ୍ଦ୍ରରେ ପରୀକ୍ଷା ଯୋଗୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଗଲେ।

ସେଇ ଦଶନ୍ଧିରେ ଗୋଟିଏ ନିର୍ଦ୍ଦେଶନାମାର ସୁଯୋଗ ନେଇ ସାହାଯ୍ୟପ୍ରାପ୍ତ ହାଇସ୍କୁଲରେ ବିଜ୍ଞାନାଗାର ନ ଥାଇ ସହାୟକ ଓ ଦପ୍ତରୀ ପଦବୀ ସହ ମିଥ୍ୟା ଛାତ୍ରସଂଖ୍ୟାରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି କରାଗଲା। ପ୍ରଥମେ କାଗଜପତ୍ରରେ ଏହାକୁ ଦୃଢ କରାଯାଇ ଉଚ୍ଚ ନ୍ୟାୟାଳୟଙ୍କ ଆଶ୍ରୟ ନିଆଗଲା। ନ୍ୟାୟାଳୟ ତତ୍କାଳୀନ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଏହାର ତର୍ଜମା ଓ ଫଏସଲା ଦିଅନ୍ତୁ ଦେଲେ। ହଜାର ହଜାର ପଦବୀକୁ ନିୟମିତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ବକେୟା ବେତନ ଦିଆଗଲା।

ପୁରୀରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ମଧ୍ୟମାକୁ ମାଟ୍ରିକର ମାନ୍ୟତା ଯୋଗୁ ହଜାର ସଂଖ୍ୟାରେ ସଂସ୍କୃତ ଟୋଲ ଉପକୂଳ ଜିଲାରେ ଖୋଲିଗଲା। ଅସଦ୍ ଉପାୟକୁ ପ୍ରୋତ୍ସାହନ ଏବଂ କର୍ତ୍ତୃପକ୍ଷଙ୍କ ପ୍ରୋତ୍ସାହନରେ ପାଶ୍ ହାର ବୃଦ୍ଧି ସରକାରଙ୍କୁ ଚିନ୍ତାଗ୍ରସ୍ତ କରାଇଲା। ଏହି ପରୀକ୍ଷା ମାଧ୍ୟମିକ ଶିକ୍ଷା ବୋର୍ଡକୁ ହସ୍ତାନ୍ତର ହେବାରେ ୯୦ ଶତାଂଶ ଟୋଲ ନିଶ୍ଚିହ୍ନ ହୋଇଗଲା। କିଛି ଟୋଲ ମାଧ୍ୟମରେ ପାସ୍ କରିଥିବା ପିଲାଙ୍କ ପ୍ରମାଣପତ୍ର ନେବାକୁ ଟୋଲ ନ ଥିବାରୁ ଜିଲାର ଗୋଟିଏ ଟୋଲରେ ଜିଲାପାଳଙ୍କ ହେପାଜତରେ ରଖାଗଲା। ବିଦ୍ଧ ନ ଥିବା ଟୋଲ କିନ୍ତୁ ସରକାରୀ ସ୍ୱୀକୃତି ପାଉଥିଲା। ଅବିଭକ୍ତ କୋରାପୁଟ ଜିଲାରୁ ପ୍ରାଥମିକ ଶିକ୍ଷକଙ୍କର ଉପକୂଳ ଜିଲାକୁ ନବେ ଦଶନ୍ଧିରେ ଏତେ ସଂଖ୍ୟାରେ ବଦଳି ଆଦେଶ ଆସିଲା ଯେ ତଦନ୍ତରେ ଅର୍ଦ୍ଧାଧିକ ନକଲି ଥିବା ବେଳେ ସମ୍ପୃକ୍ତ ଶିକ୍ଷକ ପୂର୍ବ ସ୍କୁଲର ଭୌଗୋଳିକ ସ୍ଥିତି ମଧ୍ୟ ଜାଣିନଥିଲେ। ଏଥିପାଇଁ ଆଞ୍ଚଳିକ ଶିକ୍ଷକଙ୍କ ବଦଳି ପାଇଁ ଉଚ୍ଚକ୍ଷମତା କମିଟି ଗଠିତ ହେଲା।

ରାଜ୍ୟସ୍ତରୀୟ ବରିଷ୍ଠତାଲିକା ବାହାର ରାଜ୍ୟର ପ୍ରମାଣପତ୍ର। ପୁରୀରେ ନକଲି ହିନ୍ଦୀ ପ୍ରଚାର ସମିତିର ପର୍ଦ୍ଦାଫାଶ ପରେ ଏବେ ବାହାର ରାଜ୍ୟରୁ ହିନ୍ଦୀ ପରୀକ୍ଷା ପ୍ରମାଣପତ୍ର ମିଳୁଛି। ବି.ଏଡ୍. ପ୍ରମାଣପତ୍ର ସଂଖ୍ୟା ସର୍ବାଧିକ ହେଲେ ବି ସମ୍ପୃକ୍ତ ଛାତ୍ରାଛାତ୍ରୀ ନିଜ ଅନୁଷ୍ଠାନର ଭୌଗୋଳିକ ସ୍ଥିତି ବା ଯାତାୟାତ ମାର୍ଗ ଜାଣି ନ ଥିବା ତଦନ୍ତରୁ ସ୍ପଷ୍ଟ ହେବ। ଏମାନଙ୍କର ଦକ୍ଷତା ଓଡ଼ିଶି ପରୀକ୍ଷାର ପନ୍ଦର ଶତାଂଶ ସଫଳତାରୁ ସ୍ପଷ୍ଟ ହେଉଛି।

ଜଣେ ଦକ୍ଷ ଶିକ୍ଷକ ହିଁ ସୁଶିକ୍ଷିତ ଛାତ୍ର ସୃଷ୍ଟିକରେ, ଯାହାକି ଆନୁଗତ୍ୟ, ଆନ୍ଦୋଳନ, ଦାପ୍ତରିକ ଅନୀତି, ରାଜନୈତିକ ଚାପ, ନ୍ୟାୟାଳୟ ବା ଅର୍ଥ ବିନିମୟରେ ପ୍ରମାଣପତ୍ରରେ ନିଯୁକ୍ତ ଶିକ୍ଷକଙ୍କ ଦ୍ୱାରା ସମ୍ଭବ ନୁହେଁ। ଏକରୁ ପଚିଶ ପର୍ଯ୍ୟନ୍ତ ଅବର୍ଜିଲ ପଢିଅିକ କହିବାରେ ଅନେକ ଗୁରୁ ଅସମର୍ଥ ହେଲେ ତାଙ୍କ ଛାତ୍ର ନବମ ଶ୍ରେଣୀରେ ଶୁଦ୍ଧ ବାକ୍ୟ ଲେଖିବେ କିପରି? ଏବଂ ଶିକ୍ଷାରେ ଦକ୍ଷତା ଆସିବ କିପରି?

୧୧୩, ଗୁଣ୍ଡିଚାବିହାର, ସର୍ବୋଦୟନଗର, ପୁରୀ, ମୋ-୭୯୭୮୬୮୪୪୭୮

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି ପୁରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି ଅଗୁରୁ ଗୁରୁ ଗନ୍ଧେ।
(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏଇ ଭାରତରେ

ଜଣେ ମହିଳା ୨୨ ବର୍ଷ ମଧ୍ୟରେ ପ୍ରାୟ ୫ ଲକ୍ଷ ମହିଳାଙ୍କୁ ସଶକ୍ତ କରିବା କିଛି କମ୍ କଥା ନୁହେଁ। ଏହି ମହିଳା ଜଣକ ହେଉଛନ୍ତି ପ୍ରେମା ଗୋପାଳନ। ସେ ମହାରାଷ୍ଟ୍ର, ତାମିଲନାଡୁ, ବିହାର ଆଦି ରାଜ୍ୟରେ ପାଖାପାଖି ୨୦୦୦ ଗାଁରେ ୫ ଲକ୍ଷ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିପାରିଛନ୍ତି। ୧୯୯୨ରେ ପ୍ରଥମେ ସେ ସ୍ୱୟଂ ଶିକ୍ଷା ପ୍ରୟୋଗ (ଏସ୍‌ଏସ୍‌ପି) ଗଠନ କରି ସେବାକାର୍ଯ୍ୟ ଆରମ୍ଭ କରୁଛନ୍ତି। ସୋସିଆଲ ୱାର୍କରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ପ୍ରେମା ୧୯୯୩ରେ ଗାଁ ମହିଳାମାନେ କିପରି ଶିକ୍ଷା ପାଇବେ ଓ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ଦିଗରେ ଗୁରୁତ୍ୱ ଦେଇଥିଲେ। ସେ ମହିଳାମାନଙ୍କୁ ହସ୍ତକଳା, ସିଲାଇ ଶିକ୍ଷା ଦେବା ଆରମ୍ଭ କରିଥିଲେ। ୧୯୯୮ରେ ଏସ୍‌ଏସ୍‌ପି ପଞ୍ଜୀକୃତ ହୋଇଥିଲା। ପ୍ରଥମ ୫ ବର୍ଷ ମଧ୍ୟରେ ପ୍ରେମା ଲାତୁର ଓ ଉସ୍ମାନାବାଦ ଜିଲାର ୧୨୦୦ ଗାଁର ୨ ଲକ୍ଷ ମହିଳାଙ୍କୁ ତାଙ୍କ କାର୍ଯ୍ୟଧାରାରେ ସାମିଲ କରିପାରିଥିଲେ। ସବୁଠୁ ବଡକଥା ହେଉଛି, ମରୁଡ଼ିପ୍ରବଣ ମରାଠୱାଡ଼ା ଯେଉଁଠି ମହିଳାଙ୍କୁ ଚାଷ କରିବା ମନା ସେଠାରେ ମହିଳାମାନଙ୍କୁ ଜୈବିକ କୃଷି କରାଇବାରେ ସକ୍ଷମ କରିପାରିଛନ୍ତି। ଏହାଦ୍ୱାରା ସେମାନେ କୃଷିରେ ମଧ୍ୟ ଖୁସିରେ ସମର୍ଥ ହୋଇପାରୁଛନ୍ତି। ମହିଳାମାନଙ୍କୁ କୃଷି ସମ୍ପର୍କରେ ସବୁ ପ୍ରକାର ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଛି। ସେମାନେ ପ୍ରତ୍ୟେକେ ୧ ଏକର ଲେଖାଏଁ ଜମିରେ ଏହି ଚାଷ କରୁଛନ୍ତି। ଗୋଟିଏ ବର୍ଷରେ ସେମାନେ ୨୫ ପ୍ରକାର ଫସଲ କରୁଛନ୍ତି। ଏଥିରେ ଘରର ଆବଶ୍ୟକତା ପୂରଣ କରିବା ସହ ବଳକା ଫସଲ ବଜାରରେ ବିକ୍ରି କରୁଛନ୍ତି। କେବଳ ଘରକାମ, ରୋଷେଇ ଓ ପିଲାଙ୍କ ଯତ୍ନ ନେବାରେ ବନ୍ଧା ହୋଇଥିବା ଏହି ମହିଳାମାନେ ଏବେ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୯୫

- ଇସଲାମ ଧର୍ମ ବିରୋଧରେ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଅଭିଯୁକ୍ତ ବାଂଲାଦେଶର ବିବାଦୀୟ ଲେଖିକା ତସଲିମା ନସରିନଙ୍କ ଶୁଣାଣିକୁ ଦେଶର ଅଦାଲତ ଏକ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।
- ଜାତିସଂଘର କାର୍ଯ୍ୟକ୍ରମରୁ ଶତ୍ରୁ ପ୍ରସଙ୍ଗ ବାଦ ଦେବା ପାଇଁ ଜାତିସଂଘର ଏକ କମିଟି ସାଧାରଣ ପରିଷଦକୁ ସୁପାରିସ କରିବା ନିମନ୍ତେ ଏକ ପ୍ରସ୍ତାବ ଗୃହୀତ ହୋଇଛି।
- ସରକାରୀ ପରିଚାଳନାଧୀନ ଜାତୀୟ ତାପଜ ଶକ୍ତି ନିଗମ ଏବଂ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ପରିଷଦ ମଧ୍ୟରେ ତାଳଚେରସ୍ଥିତ ୪୬୦ ମେଗାୱାଟ ତାପଜ ଶକ୍ତି କେନ୍ଦ୍ରରୁ ଶକ୍ତି ଯୋଗାଣ ନିମନ୍ତେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| | 2 | | 1 | | | | 9 | 8 | | | | | A | | B |
| C | 5 | 3 | | | A | E | | | | | | | | | |
| | | 8 | | | | | | 0 | | | 3 | | 4 | | |
| | | | 4 | 0 | | | | 3 | | | E | | | 6 | |
| A | | | | | | D | C | | | 1 | | | 5 | | |
| B | | | | E | | | 3 | 5 | | 2 | | A | | 0 | |
| | | | 9 | | 0 | | 2 | | | 4 | | | C | | |
| 5 | | E | | | | | | 1 | | | 7 | | 6 | | |
| 0 | 8 | 2 | B | | | | | 7 | | | | | | D | 5 |
| | 6 | | | A | | | | 8 | | | | | | | |
| | | | | D | | | | | | | 6 | | 9 | | 0 |
| | | 0 | | C | | 7 | B | | | | 8 | | | | |
| 1 | | | | 3 | | 5 | | C | | | | | 7 | | D |
| 1 | | | | | | | | | | | | | | | 2 |
| 7 | | B | | 9 | | | 4 | | | | | | | | 2 |
| 2 | 3 | C | A | | B | | | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| |
|---|
| [illegible] |

ଗତ ସୋମବାରର ଉତ୍ତର



ବିଚିତ୍ର ବିଶ୍ୱାଳ

# ବାହ୍ୟ ମଳମୁକ୍ତ ଗ୍ରାମ

ରାସ୍ତାରେ ଯାଉଥିବା ସମୟରେ ଦୁଇପଟେ ପଡୁଥିବା ଗାଁଗୁଡ଼ିକର ଆରମ୍ଭ ମୁଣ୍ଡରେ 'ବାହ୍ୟ ମଳମୁକ୍ତ ଗ୍ରାମ' ଲେଖାଥିବା ଗୋଟିଏ ସିମେଣ୍ଟ ଫଳକ ସମସ୍ତଙ୍କ ନଜରରେ ପଡୁଥିବ ନିଶ୍ଚୟ। ପ୍ରାୟ ଚାରି ଫୁଟ୍ ଉଚ୍ଚର ଏହି ସିମେଣ୍ଟ ଫଳକ ଅଧିକାଂଶ ଗାଁର ଆରମ୍ଭ ମୁଣ୍ଡରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା ଭଳି ସ୍ଥାନରେ ତିଆରି ହୋଇଛି ଓ ସେଥିରେ ସୁନ୍ଦର ସୁନ୍ଦର ଅକ୍ଷରରେ ଲେଖା ହୋଇଥାଏ 'ବାହ୍ୟ ମଳମୁକ୍ତ ଗ୍ରାମ ଆପଣଙ୍କୁ ସ୍ୱାଗତ ଜଣାଉଛି'। ଏମିତି ଏକାଧିକ ଗାଁ ଆମ ନଜରରେ ବି ପଡ଼ିଥିଲା ଓ ସ୍ୱାଭାବିକ ଭାବେ ଏହା ଆମକୁ ବି ଖୁବ୍ ଉସାହିତ କରିଥିଲା। ଯାହା ହେଉ ଆମ ରାଜ୍ୟ ତଥା ଦେଶ ଗାଁରେ ବାହାରେ ମଳ ତ୍ୟାଗ କରିବାକୁ ନେଇ ଯେଉଁ କଳଙ୍କ ଥିଲା, ସେଥିରୁ ଆମେ ମୁକ୍ତ ହେଉଛୁ ବୋଲି ଗୋଟିଏ ଆଶ୍ୱସ୍ତି ବି ପାଉଥିଲୁ। ତଥାପି ମନ ଭିତରେ ଥିବା ଆଶଙ୍କାକୁ ଦୂର କରିବା ପାଇଁ ଓ ଆଶାକୁ ଆହୁରି ମଜଭୁତ କରିବା ପାଇଁ ରାୟଗଡ଼ା ଜିଲାର ବିଷମକଟକ ବ୍ଲକର ଓ ଗଜପତି ଜିଲାର ନୂଆଗଡ଼ ବ୍ଲକର ମୋଟ୍ ଚାରୋଟି ଗାଁ ଭିତରକୁ ପରୀକ୍ଷାମୂଳକ ଭାବେ ପଶିଥିଲୁ ଆମେ। କିନ୍ତୁ ଭିତରକୁ ଯାଇ ଦେଖିଲୁ, ବାହାର ବୋର୍ଡ଼ର ଲେଖା ଓ ଗାଁର ପରିସ୍ଥିତି ଜମାରୁ ମେଳ ଖାଉନାହିଁ। ଅର୍ଥାତ୍ ଗାଁଗୁଡ଼ିକ ଆଦୌ ବାହ୍ୟ ମଳମୁକ୍ତ ନୁହେଁ। ଅର୍ଥାତ୍ ଗାଁର ପ୍ରାୟ ନବେ ପ୍ରତିଶତ ଲୋକ ବାହାରକୁ ହିଁ ମଳତ୍ୟାଗ କରିବାକୁ ଯାଉଛନ୍ତି। ତା'ହେଲେ ଏହି ଗାଁଗୁଡ଼ିକୁ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରାଗଲା କିପରି? ଏହା କେବଳ କାଗଜ କଲମରେ ଘୋଷଣା ହୋଇନି, ଗାଁ ଆରମ୍ଭରେ ବଡ଼ ସିମେଣ୍ଟ ଫଳକରେ ବି ଏହା ଘୋଷଣା କରାଯାଇଛି। ଏହା କେବଳ ଗୋଟିଏ କିମ୍ବା ଦୁଇଟି ଗାଁର କାହାଣୀ ନୁହେଁ, ଘୋଷଣା ହୋଇଥିବା ଅଧିକାଂଶ ଗାଁର ବାସ୍ତବ ପରିସ୍ଥିତି ଏହିପରି। ତା'ପରେ ଆମେ ବୁଝିଲୁ ଯେ, ଯେଉଁ ଗାଁଗୁଡ଼ିକୁ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରାଯାଇଛି, ସେସବୁ ଗାଁରେ ସମସ୍ତଙ୍କ ଘରେ ଶୌଚାଳୟ ତିଆରି ହୋଇଛି। ସମସ୍ତଙ୍କ ଘରେ ଶୌଚାଳୟ ତିଆରି ହୋଇଥିବା ଆଧାରରେ ସେଇ ସବୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏହା ଦିନ ଦିପ୍ରହରରେ କୁହାଯାଉଥିବା ଏକ ଅର୍ଦ୍ଧସତ୍ୟ। ଆମେ ଦେଖିଲୁ, ସେହିସବୁ ଗାଁର ପ୍ରତ୍ୟେକ ଘରେ ତ ଶୌଚାଳୟ ତିଆରି ହୋଇଛି, କିନ୍ତୁ ସେ ଶୌଚାଳୟଗୁଡ଼ିକ ଭିତରେ କେଉଁଠି ଜାଳେଣି କାଠ ରହୁଛି ତ, କେଉଁଠି କୁକୁଡ଼ାମାନେ ରହୁଛନ୍ତି ଓ କେଉଁଠି ତାହାକୁ ବାସନ ଧୋଇବା ପାଇଁ ବ୍ୟବହାର କରାଯାଉଛି। ପ୍ରାୟ ନବେ ପ୍ରତିଶତ ଶୌଚାଳୟ ମଳତ୍ୟାଗ ପାଇଁ ବ୍ୟବହାର ହେଉନି। ଲୋକମାନେ ତାଙ୍କ ଚିରାଚରିତ ଅଭ୍ୟାସ ଅନୁସାରେ ବାହାରକୁ ଅର୍ଥାତ୍ ରାସ୍ତା କଡ଼କୁ, ନଦୀ କୂଳକୁ କି ନିକଟସ୍ଥ ପଡ଼ିଆକୁ ମଳତ୍ୟାଗ ପାଇଁ ଯାଉଛନ୍ତି।

୨୦୧୪ରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହେଲାବେଳେ ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ୨୦୧୯ ଅକ୍ଟୋବର ୨ ସୁଦ୍ଧା ଭାରତକୁ ସଂପୂର୍ଣ୍ଣ ଭାବେ ବାହ୍ୟ ମଳମୁକ୍ତ କରାଯିବ। ସ୍ୱଚ୍ଛ ଭାରତ ମିଶନ ତଥା ଭାରତକୁ ବାହ୍ୟ ମଳମୁକ୍ତ କରିବାର ସଂପୂର୍ଣ୍ଣ କାମକୁ କେବଳ ଶୌଚାଳୟ ନିର୍ମାଣ ଉପରେ ହିଁ କେନ୍ଦ୍ରିତ କରାଗଲା। ୨୦୧୪ରୁ ୨୦୧୯ ମଧ୍ୟରେ ୧୧ କୋଟି ଶୌଚାଳୟ ନିର୍ମାଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଭାରତର ୯୯ ପ୍ରତିଶତ ଗ୍ରାମ ବାହ୍ୟ ମଳମୁକ୍ତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଆମ ଦେଶର ୫,୫୪,୨୦୯ଟି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ଏଥିମଧ୍ୟରୁ କେବଳ ୨୦୧୮-୧୯ରେ ୨୦,୭୩୦୦ଟି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି। ସମୁଦାୟ ୧୦,୨୮,୬୭,୭୬୧ଟି ଘରେ ଶୌଚାଳୟ ନିର୍ମାଣ କରାଯାଇଥିବା ବୋଲି ସରକାରୀ ତଥ୍ୟ କହୁଛି। ଗତ ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଓଡ଼ିଶାରେ ୪୬,୬୮୫ଟି ଗାଁକୁ ବାହ୍ୟ ମଳମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି। ତଥ୍ୟରୁ ନିରୀକ୍ଷଣ କଲେ ବୁଝିହେଉଛି ଯେ, ସରକାରଙ୍କ ଅନୁସାରେ ଓଡ଼ିଶାର ସମସ୍ତ ଗାଁ ଓ ଆମ ଦେଶ ଭାରତର ସମସ୍ତ ଗାଁ ବାହ୍ୟ ମଳମୁକ୍ତ ହୋଇଛି। ସରକାରଙ୍କ ଏହି ଘୋଷଣା କେତେ ବଡ଼ ମିଛ, ଆମେ ନିଜ ନିଜ ଗାଁ ଓ ପଡ଼ୋଶୀ ଗାଁକୁ ଦେଖି ନିଶ୍ଚୟ ବୁଝିପାରିବା। ଏହା ସତ୍ୟ ଯେ, ଶୌଚାଳୟ ନିର୍ମାଣ ହୋଇଛି, କିନ୍ତୁ ତାହା ବ୍ୟବହାର ହେଉନାହିଁ। ଲୋକମାନେ ଏବେବି ବାହାରେ ମଳତ୍ୟାଗ କରୁଛନ୍ତି। ଶୌଚାଳୟ ନିର୍ମାଣର ଅର୍ଥ ନୁହେଁ ଯେ, ବାହାରେ ମଳତ୍ୟାଗ ବନ୍ଦ ହେବା। ବାହାରେ ମଳତ୍ୟାଗ ବନ୍ଦ ହେବା ଏକ ଅଭ୍ୟାସର ବିଷୟ। ଏହାକୁ ଦୂର କରିବା ପାଇଁ ହେଲେ ଲୋକମାନଙ୍କର ଅଭ୍ୟାସ ଓ ବ୍ୟବହାରର ପରିବର୍ତ୍ତନ ପାଇଁ କାମ କରିବାକୁ ହେବ।

ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ଏବଂ ସ୍ୱଚ୍ଛ ଭାରତ ମିଶନ ଅନୁସାରେ ବାହ୍ୟ ମଳମୁକ୍ତ ଗାଁର ଅର୍ଥ ଗାଁ ପରିସରରେ ଖୋଲା ଆକାଶ ତଳେ ଆଦୌ ମଳ ପଡ଼ୁ ନ ଥିବ ଏବଂ ଗାଁର ପ୍ରତ୍ୟେକ ପରିବାର ନିରାପଦ ଓ ସ୍ୱଚ୍ଛ ଶୌଚାଳୟ ବ୍ୟବହାର କରୁଥିବେ। ସେହିପରି ସରକାର ବିଚାର କରିବା କଥା ଯେଉଁସବୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯାଇଛି, ସେମାନେ ଏହିସବୁ ମାନଦଣ୍ଡ ପୂରଣ କରୁଛନ୍ତି କି? ଯଦି ନା, ତା'ହେଲେ ସେହି ସବୁ ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଗଲା କିପରି? ସରକାରଙ୍କ ନିୟମ ଅନୁସାରେ ପ୍ରଥମେ ଗ୍ରାମସଭାରେ ଗାଁ ନିଜକୁ ବାହ୍ୟ ମଳମୁକ୍ତ ଘୋଷଣା କରେ। ତା'ପରେ ତିନିମାସ ମଧ୍ୟରେ ସେହି ଗାଁରେ ବାହାର ଲୋକ କିମ୍ବା ପ୍ରଶାସନ ଦ୍ୱାରା ପ୍ରଥମ ପର୍ଯ୍ୟାୟର ଏକ ନିରୀକ୍ଷଣ କରାଯିବ। ଏହାର ଛଅମାସ ପରେ ଦ୍ୱିତୀୟ ପର୍ଯ୍ୟାୟର ନିରୀକ୍ଷଣ କରାଯିବ। ତା'ପରେ ସେହି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଯିବା କଥା। କିନ୍ତୁ ଦେଖାଯାଉଛି ଯେ, ଅନେକ କ୍ଷେତ୍ରରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିରୀକ୍ଷଣ କରାଯାଉ ନାହିଁ। ଯଦି ବି ନିରୀକ୍ଷଣ କରାଯାଉଛି, ତାହା ଅତ୍ୟନ୍ତ ଉପରଠାଉରିଆ ଭାବେ ହେଉଛି, ନହେଲେ କେବଳ କାଗଜ କଲମରେ ହିଁ ହେଉଛି। ତଥ୍ୟ ଅନୁସାରେ ଓଡ଼ିଶାରେ ମାତ୍ର ୫୮% ଗ୍ରାମର ପ୍ରଥମ ପର୍ଯ୍ୟାୟ ନିରୀକ୍ଷଣ ହୋଇଛି। ସ୍ୱଚ୍ଛ ଭାରତ ମିଶନର ତଥ୍ୟ ଅନୁସାରେ ଓଡ଼ିଶାର ସେପ୍ଟେମ୍ବର ୨୬, ୨୦୧୯ ସୁଦ୍ଧା ୨୩,୯୦୨ଟି ଗ୍ରାମରେ ପ୍ରଥମ ପର୍ଯ୍ୟାୟ ନିରୀକ୍ଷଣ ହୋଇଥିବା ବେଳେ ସେପ୍ଟେମ୍ବର ୩୦ ସୁଦ୍ଧା ନିରୀକ୍ଷଣ ହୋଇଥିବା ଗାଁ ସଂଖ୍ୟା ୩୭,୦୦୮ରେ ପହଞ୍ଚିଥିଲା। ଅର୍ଥାତ୍ ମାତ୍ର ଚାରିଦିନ ମଧ୍ୟରେ ପାଖାପାଖି ୧୩,୦୦୦ ଗାଁର ପ୍ରଥମ ପର୍ଯ୍ୟାୟ ନିରୀକ୍ଷଣ କରାଯାଇଥିଲା। ଏଥିରୁ ବୁଝାପଡୁଛି ଯେ, କେତେ ଆନ୍ତରିକତାର ସହିତ ନିରୀକ୍ଷଣ କାର୍ଯ୍ୟ କରାଯାଇଛି! ସ୍ୱଚ୍ଛ ଭାରତ ମିଶନର ନିଜସ୍ୱ ତଥ୍ୟ ଅନୁସାରେ ସମଗ୍ର ଦେଶରେ ମାତ୍ର ୨୪% ଗାଁରେ ହିଁ ଦ୍ୱିତୀୟ ପର୍ଯ୍ୟାୟର ନିରୀକ୍ଷଣ ହୋଇଛି, ଯାହା କି ବାହ୍ୟ ମଳମୁକ୍ତ ଗ୍ରାମ ଘୋଷଣା କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମୁଦାୟ ଘଟଣାରୁ ଗୋଟିଏ କଥା ବୁଝାପଡୁଛି ଯେ, ପ୍ରକୃତ ଅର୍ଥରେ ଗାଁକୁ ବାହ୍ୟ ମଳମୁକ୍ତ କରିବା ଅପେକ୍ଷା ବାହ୍ୟ ମଳମୁକ୍ତ ଘୋଷଣା କରିବାରେ ସରକାର ଅଧିକ ତତ୍ପରତା ପ୍ରକାଶ କରୁଛନ୍ତି।

ଏହା ସତ୍ୟ ଯେ, ବାହାରେ ମଳତ୍ୟାଗ କରିବା ଏକ ଲଜ୍ଜାର ବିଷୟ। ଏଥିପାଇଁ ଆମ ଗାଁଗୁଡ଼ିକୁ ତଥା ଦେଶକୁ ବାହ୍ୟ ମଳମୁକ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଓ ବର୍ତ୍ତମାନ ସମୟର ଆହ୍ୱାନ। କିନ୍ତୁ ଏହାକୁ କେବଳ ଅନ୍ୟଙ୍କୁ ଦେଖାଇବା ପାଇଁ ବା କାଗଜ କଲମରେ କରିଲେ ହେବନାହିଁ। ଏଥିପାଇଁ ନିଷ୍ଠାପରଭାବେ ସରକାରୀ କଳକୁ ଲାଗିବାକୁ ପଡ଼ିବ। ଏହି ନିଷ୍ଠାକୁ କେବଳ ଶୌଚାଳୟ ନିର୍ମାଣରେ ସୀମିତ ନ ରଖି ଲୋକମାନଙ୍କର ଅଭ୍ୟାସ ଓ ବ୍ୟବହାରରେ ବି ପରିବର୍ତ୍ତନ କରିବାକୁ ପଡ଼ିବ। ସରକାରଙ୍କ ସହିତ ଲୋକମାନେ ମଧ୍ୟ ଏଥିପାଇଁ ଆଗେଇ ଆସିବାକୁ ପଡ଼ିବ।

ଭିରଙ୍ଗ ତିରଣ, ଜଗତସିଂହପୁର,
ମୋ- ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିମୂର୍ତ୍ତି ଓ ପ୍ରେରଣା

ମହାଶୟ,

ଧରିତ୍ରୀ (୨୪।୨)ରେ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ 'ପ୍ରତିମୂର୍ତ୍ତି ଓ ପ୍ରେରଣା' ସମାଜ ପାଇଁ ବେଶ୍ ପ୍ରଣିଧାନଯୋଗ୍ୟ। ଦେଶ ଓ ଜାତି ପାଇଁ ବଳିଷ୍ଠ ଅବଦାନ ରଖିଯାଇଥିବା ଆମର ପ୍ରିୟ ପୂର୍ବପୁରୁଷ, ମନୀଷୀ, ମହାପୁରୁଷଙ୍କ ନୀତି ଓ ଆଦର୍ଶ ଆମର ଏକାନ୍ତ କାମ୍ୟ। ମାତ୍ର ସେମାନଙ୍କ ଅବର୍ତ୍ତମାନରେ ସେମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଆମକୁ ଅସୀମ ପ୍ରେରଣା ଯୋଗାଇଥାଏ। ଆମେ ସେମାନଙ୍କୁ ସ୍ମୃତିକୁ ହୃଦୟରେ ଉଜ୍ଜୀବିତ ରଖିବା ଆବଶ୍ୟକ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ଶସ୍ତା ଯୁଗ ଆଉ ନାହିଁ

ମୁଁ ୧୯୭୯ ମସିହାରେ ନୀଳଗିରି କଲେଜରେ ପଢୁଥିଲି। ସେତେବେଳେ ମାସର ପ୍ରତ୍ୟେକ ମଙ୍ଗଳବାର ଓ ଶନିବାର ହାଟ ହୁଏ। ସେତେବେଳେ ହାଟରେ ବାଇଗଣ କିଲୋ ୨୫ ପଇସା, ଟମାଟୋ ୫୦ ପଇସାରେ ବିକ୍ରି ହୁଏ। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ପରିବରିବା ମଧ୍ୟ ଶସ୍ତାରେ ମିଳେ। ତାହା ପୁଣି ବିନା ସାର ଓ କୀଟନାଶକରେ ଉତ୍ପାଦିତ ହୋଇଥାଏ। ଏତଦ୍‌ବ୍ୟତୀତ ଦେଶୀ କୁକୁଡ଼ା ଅଣ୍ଡା ଗୋଟିକୁ ୨୫ ପଇସା, ଖାସି ମାଂସ କେଜି ୧୪ଟଙ୍କା, ଦେଶୀ ମାଛ ୨ଟଙ୍କାରେ ମିଳେ। ସେତେବେଳେ ବ୍ରଏଲର କି ଲେୟର କି ଆନ୍ଧ୍ରମାଛ ଏ ହାଟରେ ମିଳୁ ନ ଥିଲା। ସୋରିଷ ତେଲ ଲିଟର ୬ଟଙ୍କା, ନଡିଆ ତେଲ ଡବା ୭ଟଙ୍କାରେ ମିଳୁଥିଲା। ବର୍ତ୍ତମାନ ଯୁଗ ଏତେ ମହଙ୍ଗା ହେଲା କାହିଁକି?

କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଓକିଲ ଶରତ ଦାସଙ୍କ ବିୟୋଗରେ ଶୋକ

ପଟ୍ଟାମୁଣ୍ଡାଇ, ୧୧।୩ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ କୋର୍ଟ ଓକିଲ ସଂଘର ବରିଷ୍ଠ ଓକିଲ ଶରତ ଦାସ(୫୫)ଙ୍କ ପରଲୋକ ଘଟିଛି । ଶନିବାର ଶରତ ତାଙ୍କ ଶ୍ୱଶୁର ଘର ଭଦ୍ରକ ଜିଲାକୁ ପରିବାର ସହ ଯାଇଥିଲେ । ଏକ ବିବାହ ଉତ୍ସବରେ ଯୋଗଦେଇ ରାତିରେ ଫେରୁଥିବା ବେଳେ ରାତି ୩ଟା ବେଳେ ହୃଦ୍‌ଘାତରେ ଆକ୍ରାନ୍ତ ହୋଇଥିଲେ । ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ମାତ୍ର ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀର ରବିବାର ସକାଳ ୯ଟା ବେଳେ ନିଜ ଘର ପଟ୍ଟାମୁଣ୍ଡାଇ ବଙ୍ଗାଳୀ ସାହିରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ଶବ ଶୋଭାଯାତ୍ରାରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସମେତ ବହୁ ଦଳୀୟ ନେତା, ଓକିଲ ସଂଘ ସଭାପତି ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ । ତାଙ୍କ ବିୟୋଗରେ ଓକିଲ ସଂଘ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

# ହରି ଓ ହରଙ୍କ ମିଳନ ପର୍ବକୁ ଦର୍ଶନ କଲେ ୫୦ହଜାର ଶ୍ରଦ୍ଧାଳୁ

ଡେରାବିଶ, ୧୧।୩(ସ୍ୱ.ପ୍ର.)

ପ୍ରସିଦ୍ଧ ଓଳକଣା ମେଳଣ ସୋମବାର ଶୃଙ୍ଖଳାର ସହ ଶେଷ ହୋଇଛି । ଏହି ମେଳଣରେ ଚଳିତବର୍ଷ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅନନ୍ୟ ପରମ୍ପରାର ପ୍ରତୀକ ଏହି ମେଳଣ ପାରମ୍ପରିକ ରୀତିନୀତି ଅନୁସାରେ ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ରବିବାର ରାତ୍ରିରୁ ଆରମ୍ଭ ହୋଇଥିଲା । ଏଥିପାଇଁ ମେଳଣ ପଡିଆରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଶାଗ ଭଜା ଓ ଦହି ପଖାଳ ପ୍ରସାଦ ପାଇବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଭିଡ ଜମାଇଥିଲେ । କେନ୍ଦ୍ରାପଡା ଓ କଟକ ଜିଲା ପ୍ରଶାସନ ପକ୍ଷରୁ ଏହି ମେଳଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଓଡିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମେଳଣରେ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଇଥାଏ । ତେବେ ଓଳକଣା ମେଳଣରେ ବ୍ଲକର ରାଜନଗରରୁ ଆସୁଥିବା ଆଳି ରାଜାଙ୍କ ପଞ୍ଚମୁଖି ବିମାନରେ ରାଧାକୃଷ୍ଣ ଓ ଡେରାବିଶରୁ ଆସୁଥିବା ଆଉ ଏକ ବିମାନରେ ମା' ଲକ୍ଷ୍ମୀ ଏବଂ କଟକ ଜିଲା ମାହାଙ୍ଗା ଥାନା ଭଦ୍ରେଶ୍ୱରରୁ ଆସୁଥିବା ବିମାନରେ ଶିବଲିଙ୍ଗ ପୂଜା ପାଇବା ମେଳଣର ଅନନ୍ୟ ପରମ୍ପରା । ପରମ୍ପରା ଅନୁଯାୟୀ ଆଳି ରାଜାଙ୍କ ବିମାନରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଓ ଡେରାବିଶର ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଅନ୍ୟ ଏକ ବିମାନରେ ମା' ଲକ୍ଷ୍ମୀଙ୍କ ପ୍ରତିମା ପ୍ରଥମେ ରବିବାର ରାତି ୪ଟାରେ ପୂର୍ବଦ୍ୱାର ଦେଇ ମେଳଣ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ । ଏହାପରେ ପୂର୍ବରୁ ପଡିଆ ମଧ୍ୟରେ ମାଟିରେ ନିର୍ମିତ କନକବେଦୀରେ ଉଭୟ ବିମାନ ଉପବେଶନ କରିବା ପରେ ଥାନପତି ମଣ୍ଡୁଅ ଗ୍ରାମରୁ ଆସିଥିବା ବିମାନ ନିର୍ଦ୍ଧାରିତ ସ୍ଥାନରେ ଉପବେଶନ କରିଥିଲେ । ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନଗୁଡିକ ପଡିଆ ମଧ୍ୟକୁ ପ୍ରବେଶ କରିଥିଲେ । ମେଳଣର ମୁଖ୍ୟ ଆକର୍ଷଣ ଥିଲା ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରଙ୍କ ପୀଠରୁ ଆସିଥିବା ବିମାନ । ଶୋଭାଯାତ୍ରା ମଧ୍ୟରେ ଭଦ୍ରେଶ୍ୱରଙ୍କ ବିମାନ ପକ୍ଷରୁ ଏକ ଆଳତି ପଡିଆ ମଧ୍ୟରେ ଥିବା ଭକ୍ତ ବିଦୁରଙ୍କ ମନ୍ଦିରକୁ ଯାଇଥିଲା । ଏଥିସହିତ କନକବେଦୀରେ ଉପବେଶନ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ ବସାଯାଇଥିବା କଳସ ପାଖରୁ ଶସ୍ୟ ନେବା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଥିଲା । ପ୍ରବାଦ ଅଛି ଏହି ଶସ୍ୟ ଟିକକ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣହେବ ।

ଅପରପକ୍ଷରେ ବିମାନଗୁଡିକ ସମ୍ମୁଖରେ ପଡିଥିବା ଚଦରରେ ଶହ ଶହ ସଂଖ୍ୟାରେ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଭୋଗ ଲାଗି ହେବା ଦେଖାଯାଇଥିଲା । ଏହି ଅବସରରେ ପରମ୍ପରା ଅନୁଯାୟୀ ଆସନ୍ତା ବର୍ଷ ମେଳଣ ପାଇଁ ଆଳି ରାଜାଙ୍କ ବିମାନ ପକ୍ଷରୁ ସମସ୍ତ ବିମାନଙ୍କୁ ବିମାନ ପ୍ରତିନିଧି ବିଜୟ କୁମାର ମଲ୍ଲିକ ଓ କରୁଣାକର କର ଫୁଲ ଅବିର ଦେଇ ବରଣି କରିଥିଲେ । ଚଳିତବର୍ଷ ମେଳଣକୁ ୧୨୫ରୁ ଊର୍ଦ୍ଧ୍ୱ ବିମାନ ଆସିଥିବା ବେଳେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା । ପାନୀୟ ଜଳ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା । କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ୮ଜଣ ପୋଲିସ ଅଧିକାରୀ ଓ ୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ସାଲେପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ, ମାହାଙ୍ଗା ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କ ନେତୃତ୍ୱରେ ୮ ଜଣ ପୋଲିସ ଅଧିକାରୀ ୨ ପ୍ଲାଟୁନ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା । ଚଳିତବର୍ଷ ମେଳଣ ଶୃଙ୍ଖଳାର ସହ ଶେଷ ହୋଇଥିବାରୁ ଓଳକଣା ମେଳଣ ସମନ୍ୱୟ କମିଟି ସଭାପତି ମହନ୍ତ ଡ. ନାମାନନ୍ଦ ଦାସ ଉଭୟ ଜିଲାର ପ୍ରଶାସନ, ସମସ୍ତ ଠାକୁର ବାଡି ସେବକ ପ୍ରତିନିଧି ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ପ୍ରସିଦ୍ଧ ଓଳକଣା ମେଳଣ ଉଦ୍‌ଯାପିତ



## ହୋଲିରେ ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ଆଳି, ୧୧।୩(ଡି.ଏନ୍.ଏ.)

ମଙ୍ଗଳବାର ସମଗ୍ର ଆଳି ଅଞ୍ଚଳ ରଙ୍ଗର ପର୍ବ ହୋଲି ଖେଳରେ ମସଗୁଲ ଥିବା ବେଳେ ନିଆଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଏହି ଗ୍ରାମର ଜଣେ ନାବାଳକ ହୋଲିଖେଳି ସାରି ଘର ନିକଟରେ ଥିବା ପୋଖରୀକୁ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇଥିବା ବେଳେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି ।

ପ୍ରକାଶ ଯେ, ଆଳି ଥାନା ଅନ୍ତର୍ଗତ ନିଆଳ ଗ୍ରାମର ଶୁଭ୍ରକାନ୍ତ ପରିଡାଙ୍କ ପୁଅ ଆୟୁଷ୍ମାନ ହୋଲି ଖେଳି ସାରି କଟକ-ଚାନ୍ଦବାଲି ରାସ୍ତାର ଭୁଇଁପୁର ଛକ ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଉଥିବା ବେଳେ ତାଙ୍କର ଗୋଡ ଖସି ଯିବାରୁ ସେ ବୁଡି ଯାଇଥିଲେ । ସାଙ୍ଗମାନେ ତାଙ୍କୁ ଖୋଜିବା ସହିତ ଗାଁ ଲୋକଙ୍କୁ ଡାକିଥିଲେ । ଗ୍ରାମବାସୀ ଖୋଜାଖୋଜି କରିବା ସହିତ ଦମକଳ ବାହିନୀ ଓ ଆଳି ପୋଲିସକୁ ଖବର ଦେଇଥିଲେ । ଦମକଳ ବାହିନୀ ଓ ଆଳି ପୋଲିସ ପୋଖରୀରେ ଖୋଜାଖୋଜି କରି ଆୟୁଷ୍ମାନଙ୍କୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ନାବାଳକ ନିଆଳ ଗ୍ରାମ ପଞ୍ଚାୟତରେ ଥିବା ରାମେଶ୍ୱର ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ ।

## ଯୁବକଙ୍କ ମୃତଦେହ ଉଦ୍ଧାର

ଡେରାବିଶ, ୧୧।୩(ସ୍ୱ.ପ୍ର.)

ଡେରାବିଶ ବ୍ଲକ ବାରିମୂଳ ପଞ୍ଚାୟତ ଅନ୍ତର୍ଗତ ସାରଥୀ ଆଶ୍ରମ ନିକଟରେ ଥିବା ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ଉଦ୍ଧାର କରାଯାଇଛି । ମୃତ ଯୁବକ ଜଣକ ହେଲେ ଉକ୍ତ ପଞ୍ଚାୟତ ଅଧୀନ ଖଣ୍ଡସାହୁ ଗ୍ରାମର ଚନ୍ଦ୍ରମଣି ବେହେରାଙ୍କ ପୁଅ ବଳରାମ(୨୪) । ଖବର ପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ବଳରାମଙ୍କ ମୃତଦେହ ଜବତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ବଳରାମ ଗତ ସୋମବାର ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଘରକୁ ଫେରିଥିଲେ ମଧ୍ୟ ଘରେ ପହଞ୍ଚି ନ ଥିଲେ । ହେଲେ ମଙ୍ଗଳବାର ସକାଳେ ଉକ୍ତ ପୋଖରୀ ଭିତରେ ଏକ ବାଇକ୍‌ର ଆଇନା ଓ ମୃତ ବଳରାମଙ୍କ ଏକ ଆଙ୍ଗୁଠି ବାହାରକୁ ଦିଶୁଥିବାର ଦେଖି ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରେ ବୁଡି ରହିଥିବା ବଳରାମଙ୍କ ମୃତଦେହ ସହିତ ବାଇକକୁ ଉଦ୍ଧାର କରିଥିଲେ । ବଳରାମଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିନାହିଁ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ପଟ୍ଟାମୁଣ୍ଡାଇରେ ରାଜମେଳଣ

ପଟ୍ଟାମୁଣ୍ଡାଇ, ୧୧।୩ (ସ୍ୱ.ପ୍ର)

ଦୋଳ ବିମାନରେ ଦୋଳଗୋବିନ୍ଦଙ୍କୁ ଦର୍ଶନ କଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ । ଏହି ବିଶ୍ୱାସ ଲୋକଙ୍କ ମଧ୍ୟରେ ରହି ଆସିଛି । ପ୍ରତିବର୍ଷ ପରି ଚଳିତବର୍ଷ ଦୋଳପୂର୍ଣ୍ଣିମା ଅବସରରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ଠାରେ ରାଜମେଳଣ ଅନୁଷ୍ଠିତ ହୋଇଥିଲା । ଏହି ରାଜମେଳଣରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ୯୦ଟି ଦୋଳ ବିମାନ ଏକାଠି ହୋଇଥିଲେ । ବଣିକ ସଂଘ ପକ୍ଷରୁ ଠାକୁରଙ୍କ ବିମାନଗୁଡିକୁ ସ୍ୱାଗତ କରାଯିବା ସହିତ ବନ୍ଦାପନା କରି ଆସନ ଦିଆଯାଇଥିଲା । ଏହି ବିମାନଗୁଡିକ ମଧ୍ୟରେ ମାଟିଆର ମଦନମୋହନ, ଅନନ୍ତଶୟନ, କନକଦୁର୍ଗା, ଭବାନୀଶଙ୍କର, ରାଧାକାନ୍ତଜୀଉ, ହରପାର୍ବତୀ, ବୃନ୍ଦାବନଜୀଉ, ବୃନ୍ଦାବନଜୀଉ (୨), ରାଧାରମଣଜୀଉ, ଭୋଳିବାବା, ନୃସିଂହନାଥଜୀଉ, ଗୋପୀନାଥଜୀଉ, କୁଞ୍ଜବିହାରୀ ଜୀଉ, ନୃସିଂହନାଥଜୀଉ(୨), ପତିତପାବନ ଜୀଉଙ୍କ ବିମାନ ଥିଲେ । ବଣିକ ସଂଘ ପକ୍ଷରୁ ସଭାପତି ଗୋପୀନାଥ କର, ସମ୍ପାଦକ ପୀତାମ୍ବର ମିଶ୍ର, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ଉପସଭାପତି ମୋହନ ଦାଶ, ପ୍ରଫୁଲ୍ଲ ଲେଙ୍କା, କିରଣ କୁମାର ଭୂୟାଁ, ସୁଦର୍ଶନ ଦାଶ, ଅଚ୍ୟୁତି ଜେନାଙ୍କ ସମେତ ସଦସ୍ୟମାନେ ଶ୍ରୀଜୀଉଙ୍କର ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ରାହାସରେ ତ୍ରିଜୀବି ଲୋଚନ ଦାଶ, ରାଧାରମଣ ମଠ ମହନ୍ତ ଅସୀମାନନ୍ଦ ଦାସ, ନିରନ ଦାସ, ମଧୁସୂଦନ ଦାସଙ୍କ ସମେତ ୧୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ଏହାଛଡା ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଗ୍ରାମରେ ହୋଲି ଉତ୍ସବ ପାଳିତ ହୋଇଯାଇଛି । ବୁଧବାର ପଟ୍ଟାମୁଣ୍ଡାଇ ବଜାର ହୋଲି ମଧ୍ୟ ଧୁମ୍‌ଧାମ୍‌ରେ ପାଳିତ ହୋଇଥିଲା । ପଞ୍ଚୁ ଦୋଳର ଶେଷ ଦିନ ପର୍ଯ୍ୟନ୍ତ ହୋଲି ଉତ୍ସବ ପାଳନ କରାଯିବ ।



ରାଜ ମେଳଣକୁ ଆସିଥିବା ବିମାନ ।

## ମାଣପଡ଼ା ଓ ନୁରୁଗାଁରେ ଗୋମାତା ପୂଜା

ରାଜନଗର, ୧୧।୩(ଡି.ଏନ୍.ଏ.)

ରାଜନଗର ବ୍ଲକର ନୁରୁଗାଁ ଓ ମାଣପଡାଠାରେ ୧୦୮ ଗୋମାତା ପୂଜା ଅନୁଷ୍ଠିତ ହୋଇଯାଇଛି । ଦୋଳପୂର୍ଣ୍ଣିମା ଅବସରରେ ଗ୍ରାମର ରାଧାକୃଷ୍ଣ ପୂଜା କମିଟି ତରଫରୁ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଥିଲା । ୩୪ ବର୍ଷ ଧରି ଏହି ଧାର୍ମିକ କାର୍ଯ୍ୟ କରାଯାଉଛି । କମିଟିର ମୁଖ୍ୟ ବଟକୃଷ୍ଣ ସାହୁ, ଦାମୋଦର ସ୍ୱାଇଁ, ଗୋଲେଖ ସ୍ୱାଇଁ, ଅଲେଖ ରାଉତଙ୍କ ସମେତ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ । ଗ୍ରାମର ଯୁବକମାନଙ୍କ ପକ୍ଷରୁ ୨ଦିନ ନାଟକ ପରିବେଷଣ କରାଯାଇଥିଲା । ମାଣପଡାରେ ପାରମ୍ପରିକ ଗୋମାତା ପୂଜା ଓ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗାୟତ୍ରୀ ମହାଯଜ୍ଞ ପ୍ରାରମ୍ଭରେ ସୂର୍ଯ୍ୟପୂଜା, ରାଧାକୃଷ୍ଣଙ୍କ ଷୋଡଶ ଉପଚାର ପୂଜା, ଗୀତାପାଠ, ଚଣ୍ଡିପାଠ, ତୁଳସୀ ରାମାୟଣ ପାଠ ଓ ଅଖଣ୍ଡ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଗୋମାତାଙ୍କୁ ପୂଜା କରାଯାଇଥିଲା ।


**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

**UTKAL GRAMEEN BANK**

**TENDER FOR INSURANCE : BANKER'S INDEMNITY & OTHERS**

We invite Bid Quotations from the All Public Sector & Private Sector General Insurance Companies for Banker's Indemnity & Other Insurances for FY- 2020-21. For details, please visit our website- **www.utkalgrameenbank.co.in.** The last date for receiving the Bid Quotation is **20.03.2020, 3.00 P.M**

**Sd/- General Manager-I**

**BEFORE THE PRESIDING OFFICER, C.G.I.T-cum-LABOUR COURT, BHUBANESWAR**

**I.D. Misc. Case No.17/2018**

Abhimanyu Mahakud ......Applicant-Workman

**Vrs.**

M/S. N.R. International Ltd. others .....O.P- Management

**NOTICE U/O. 5 Rule 20 OF C.P.C.**

To

1. M/S. N.R. International Ltd., Registered office at 3rd Floor, Draupadi Mansion, 11, Brabourne Road, Kolkata- 700001, West Bengal.
2. M/S. N.R. International Ltd., represented by the Chairman Sri Nirmal Modi, Plot No. 1050, N.R. House, Opp. of Bombay Hotel, College Square, Cuttack, Now at Plot No. 301, Neelakantha Apartment, College Square - 753003 (Mob No.9583011999.
3. Director, N.R. International Ltd., at N.R. House, Plot No.52, O.S.H.B. Colony, Jagannath Mandir Road, Madhuban, Paradeep- 754142.Now at plot No.282/A/2 Ward No.10, Banka Bazar, Cuttack, Proprietor of Coastline Comidiies Resources Ltd.

Whereas the workman has filed this I.D. Misc. case against the O.P.-Management praying this Tribunal to give direction to the O.Ps.-Management to pay 50% of the monthly pay of Rs.18669/- from March, 2015 to Nov., 2017 i.e. for an amount of Rs.4,20,053/- with interest @ 8% per annum with all other consequential service benefits. Whereas you are hereby directed to appear either in person or through your authorised representatives on 08.04.2020 at 10.30 A.M before this Court positively failing which the matter will be heard and decided in your absence. Given under my hand and seal of this Court, this the 25th day of Feb. 2020.

**Sd./- Presiding Officer,**
**C.G.I.T-cum-Labour Court, Bhubaneswar**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.ELS-ANGL-OT-19-20-17

**କାର୍ଯ୍ୟର ନାମ:** ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS), ଅନୁଗୁଳ ନିମନ୍ତେ ISO 9001-2015, ISO 14001-2015 ଏବଂ ISO-45001 ପ୍ରମାଣୀକରଣ ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 3,16,800/-, **EMD(ଟଙ୍କାରେ):** 6,300/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 1,180/-, ଶେଷ ହେବା ଅବଧି: 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.10.03.2020ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.24.03.2020ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(TRS)/ ଅନୁଗୁଳ

PR-777/K/19-20

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ନଂ.eTender-Optg-KUR-09-2020

**କାର୍ଯ୍ୟର ନାମ:** 03 (ତିନି) ବର୍ଷ ସମୟାବଧି ନିମନ୍ତେ ନିୟନ୍ତ୍ରଣ ପ୍ରକୋଷ୍ଠ (Control Room) ରେ ସାଧାରଣ (Common) କାର୍ଯ୍ୟାଳୟ ସମ୍ବନ୍ଧୀୟ ବ୍ୟବହାର ପାଇଁ ଅହୋରାତ୍ର ଚାଳକ ସହିତ 01 ଗୋଟି ହାଲୁକା ମୋଟର ଗାଡ଼ି (ଟାଟା ସୁମୋ/ମହିନ୍ଦ୍ରା ବୋଲେରୋ) କିମ୍ବା ଅନୁରୂପ ନନ୍-ଏସି ଭଡ଼ା ସୂତ୍ରରେ ନେବା ପାଇଁ ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 15,56,510.59, EMD (ଟଙ୍କାରେ): 31,100/-, ଟେଣ୍ଡର ନଥିପତ୍ର ମୂଲ୍ୟ (ଟଙ୍କାରେ): 2,360/-, ଶେଷ ହେବା ଅବଧି: 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.12.03.2020 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.03.2020 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ପରିଚାଳନା ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍

PR-776/K/19-20

**ଏସ୍.ଇ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଚିଫ୍ ଇଞ୍ଜିନିୟର (ସିଏନ୍)/ଏକ୍ସ୍ୟୁ/ଜିଆରସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ନିମ୍ନଲିଖିତ ଟେଣ୍ଡର www.ireps.gov.inରେ ଅପଲୋଡ୍ ହୋଇଛି । ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । କ୍ର.ସଂ., ଇ-ଟେଣ୍ଡର ବିଜ୍ଞପ୍ତି ନଂ., କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା, ଆନୁମାନିକ ମୂଲ୍ୟ ଓ ଇଏମ୍‌ଡି: (୧) ଏସ୍‌ଇଆର୍‌ସିଏନ୍-ଜିଆର୍‌ସି-ସିଇ-ସି-ଏକ୍ସ୍ୟୁ-୯୪-୧୯: ସାନ୍ତ୍ରାଗାଛିଠାରେ ପିଟ୍ ଲାଇନ୍‌ର ନବୀକରଣ ଓ ପରିବର୍ଦ୍ଧନ ତଥା ସାନ୍ତ୍ରାଗାଛିଠାରେ ନୂଆ କମ୍ବାଇନ୍‌ଡ କ୍ରିଉ ଲବି ନିର୍ମାଣ ସଂକ୍ରାନ୍ତରେ ଆଇଓଏଚ୍ ଶେଡ୍ ଓ ସିକ୍ ଲାଇନ୍ ଶେଡ୍‌ର ସମ୍ପ୍ରସାରଣ ଏବଂ ଜି+୨ ମହଲାର ତଥା ଜି+୩ ମହଲା ପର୍ଯ୍ୟନ୍ତ ଲିଫ୍ଟର ବ୍ୟବସ୍ଥା ସହିତ ନୂଆ ପ୍ରଶାସନିକ ବିଲ୍ଡିଂ ନିର୍ମାଣ ଏବଂ ବିଦ୍ୟମାନ ଏଆର୍‌ଏମ୍ ଅଫିସ୍ ବିଲ୍ଡିଂକୁ ଆଂଶିକ ଭାବେ ଭାଙ୍ଗିବା। ₹୨୫.୮୨ କୋଟି, ₹୧୪,୪୧,୧୦୦/-। (୨) ୪୨୦୦-ଜିଆର୍‌ସି-ସିଇ-ସି-ଏକ୍ସ୍ୟୁ-୧୭-୨୦୨୦: ଏସ୍.ଇ. ରେଳପଥ ପାଇଁ ନାରାୟଣଗଡ଼-ଭଦ୍ରକ ମଧ୍ୟସ୍ଥ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ନୀଳଗିରି ୟାର୍ଡ ଓ ଖଣ୍ଟାପଡ଼ା ୟାର୍ଡ ସମେତ ବାଲେଶ୍ୱର (ଆଇଏନ୍) (କିମି: ୨୨୯.୩୭୫)ରୁ ଖଣ୍ଟାପଡ଼ା (ଆଇଏନ୍) (କିମି ପର୍ଯ୍ୟନ୍ତ: ୨୪୭.୮୦୦) ମଧ୍ୟରେ ବନ୍ଧ/କଟିଂରେ ଫର୍ମେଶନ୍‌ରେ ମାଟିକାମ, ପର୍ମାନେଣ୍ଟ ୱେ ଲିଙ୍କିଂ, ବାଲାଷ୍ଟ ଯୋଗାଣ ଓ ତତ୍‌ସମ୍ପର୍କିତ କାର୍ଯ୍ୟ। ₹୧୦୫.୦୫ କୋଟି, ₹୫୪,୦୨,୭୦୦/-। ସମାପ୍ତି ଅବଧି: କ୍ର.ସଂ. ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୨୪ ମାସ। ଧାର୍ଯ୍ୟ ତାରିଖ: ପ୍ରତ୍ୟେକ ପାଇଁ ୦୭।୦୪।୨୦୨୦। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ www.ireps.gov.in ପରିଦର୍ଶନ କରିପାରନ୍ତି। ବି.ଦ୍ର.: "ଅନ୍ୟ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।" (PR-1444)

**SRI SRI GORAKHANATH MAHAPRABHU MANDIR TRUST BOARD**



At: Kerekera, PO: Rahadinga, PS: Tirtol, Dist: Jagatsinghpur, Pin: 754104, Index No: 572 GC

Letter No. 1086 Dat: 06.03.2020

**୨୦୨୦-୨୧ ବର୍ଷ ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ୨୦୨୦-୨୧ ମସିହା ଆର୍ଥିକ ବର୍ଷ ନିମନ୍ତେ ଶ୍ରୀ ଶ୍ରୀ ଗୋରେଖନାଥ ମହାପ୍ରଭୁ (୧) ଭୋଗ ଦୋକାନ, (୨) ଦୀପ ଦୋକାନ, (୩) ଯାଁବାଳ ଦୋକାନ, (୪) ଫୁଲ ଦୋକାନ, (୫) ନୂତନ ଶୌଚାଳୟ ପାଇଁ ଆସନ୍ତା ତା୧୬।୦୩।୨୦୨୦ରିଖ ସୋମବାର ଦିବା ୮ ଘଟିକାଠାରୁ ୧୨ ଘଟିକା ମଧ୍ୟରେ ଜଉମୁଦ ଦିଆ ଟେଣ୍ଡର ଗ୍ରହଣ କରାଯିବ ଓ ଦିବା ୧୨.୩୦ ମିନିଟ୍ ସମୟରେ ଟେଣ୍ଡର ଖୋଲାଯିବ । ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୫୦୦ (ଏକ ହଜାର ପାଞ୍ଚଶହ ଟଙ୍କା) ମାତ୍ର ମୂଲ୍ୟରେ ତା୧୪।୦୩।୨୦୨୦ରିଖଠାରୁ ତା୧୫।୦୩।୨୦୨୦ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ପାଇପାରିବେ । ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରନ୍ତୁ ।

ମୋବାଇଲ୍ ନଂ: ୭୭୩୫୩୫୬୪୩୭

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ,
ଶ୍ରୀ ଶ୍ରୀ ଗୋରେଖନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟବୋର୍ଡ, କେରକେରା

**ବିଜ୍ଞପ୍ତି**

ଖଡ୍‌ଗପୁର - ଭଦ୍ରକ ସେକ୍ସନ ଏବଂ ରୁପ୍‌ସା - ବାଙ୍ଗିରିପୋଷି ସେକ୍ସନର ନିମ୍ନଲିଖିତ 'ସି' କ୍ଲାସ୍ ମ୍ୟାନ୍‌ଡ ଇଞ୍ଜିନିୟରିଂ ଲେଭଲ କ୍ରସିଂ ତା୧୫।୦୩।୨୦୨୦ରିଖଠାରୁ ସ୍ଥାୟୀ ଭାବେ ବନ୍ଦ ହୋଇଯିବ ।

| କ୍ର.ସଂ. | ଏଲ୍.ସି. ନଂ. | ଅବସ୍ଥିତି/କିମି ପୋଷ୍ଟ | କେଉଁ ଷ୍ଟେଶନ ମଧ୍ୟରେ |
|---|---|---|---|
| ୧. | ୬୨ | ୨୦୪/୦୫-୦୭ | ରୁପ୍‌ସା-ବସ୍ତା |
| ୨. | ଆର୍‌ବି-୩୨ | ୪୭/୦୮-୦୯ | ଜାମଶୋଲା ପିଏଚ୍-ବାରିପଦା |

ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ଇଏନ୍‌ଜିଜି.
ଦକ୍ଷିଣ ପୂର୍ବ ରେଳପଥ, ଖଡ୍‌ଗପୁର

(PR-1445)

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. NO. 271 of 2019**

**State Bank of India, Chandikhol Branch,** Chandikhol, Dist.: Jajpur .....Applicant

-Versus-

**Mr. Rajesh Kumar Panda** .....Defendant

To,

1. **Mr. Rajesh Kumar Panda,** S/o- Late Jugal Kishore Panda, At: Nathubar, PO: Adampur, Via: Kabirpur, Dist.: Jajpur, At present at Plot No. 297, Tankapani Road, Megheswar Temple, PO: Badagada, Brit Colony, PS: Badagada, Bhubaneswar, Dist.: Khurda, PIN-751018.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 217 of 2019** in the Court of Debts Recovery Tribunal at Cuttack for a recovery of **Rs.42,81,851.00** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **30th day of April, 2020 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **15th day of February, 2020.**

**Sd/- (M. K. Patnaik)**
**Registrar**
**Debts Recovery Tribunal**

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. NO. 355 of 2019**

**Syndicate Bank, Paradeep Port Branch,** Paradeep, Dist.: Jagatsinghpur ...Applicant

-Versus-

**Santosh Kumar Gupta & others** .....Defendants

To,

1. **Mr. Santosh Kumar Gupta,** S/o- Laxmi Narayan Gupta, At/PO/PS: Kujanga, Dist.: Jagatsinghpur-754141.
2. **Mr. Sanjay Kumar Gupta,** S/o- Laxmi Narayan Gupta, At/PO/PS: Kujanga, Dist.: Jagatsinghpur-754141.
3. **Mr. Pramod Kumar Sahoo,** S/o- Late Prafulla Kumar Sahoo, At/PO: Paradeep Garh, PS: Paradeep Lock, Dist.: Jagatsinghpur-754141.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 355 of 2019** in the Court of Debts Recovery Tribunal at Cuttack for a recovery of **Rs.41,12,653.50** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **30th day of April, 2020 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **15th day of February, 2020.**

**Sd/- (M. K. Patnaik)**
**Registrar**
**Debts Recovery Tribunal**

**Zilla Swasthya Samiti, Nayagarh**

No.07/19-20 **WALK-IN-INTERVIEW** Dt.11.03.2020

Interested candidates fulfilling the eligibility criteria are requested to attend the walk-in-Interview for filling up the following posts under NHM, Nayagarh on contractual basis for a period of 11 months with monthly remuneration as mentioned against each:

| Sl. No. | Name of the position | No. of vacancy | Remuneration & PI | Date of walk-in-interview |
|---|---|---|---|---|
| 1 | Paediatric Specialist-DEIC | 1 | Rs.66150/- | Dt.20.03.2020 |
| 2 | MO MBBS-(SNCU, NPCDCS, DEIC) | 6 | Rs.52920/- | |
| 3 | Clinical Psyschologist-DMHP | 1 | Rs.25931/- | |
| 4 | Psychiatric Social worker-DMHP | 1 | Rs.25931/- | |
| 5 | Optometrist-DEIC | 1 | Rs.13428/- | Dt.21.03.2020 |
| 6 | Dental technician-DEIC | 1 | Rs.11562/- | |
| 7 | Block Accounts Manager/ Accountant | 3 | Rs.15976/- | |

The above positions are purely temporary & co-terminum with the scheme. Details of eligibility criteria, guidelines & application form can be downloaded from the district website **www.nayagarh.nic.in.** Registration timing will be from 9.30 A.M. to 10.30 A.M. only on walk-in-interview date. No application will be received after scheduled timing of registration. No personal query will be entertained. Vacancies shown above are provisional and subject to change. Incomplete application in any form is liable for rejection. The authority reserves the right of accepting/rejecting any application and modify/cancel the advertisement without assigning any reason thereof.

**Chief District Medical & Public Health Officer-cum-DMD, Nayagarh**

**NOTICE**

**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. NO. 50 of 2019**

**Syndicate Bank, Shyampur Branch,** Bhubaneswar ...Applicant

-Versus-

**Ranjit Dixit & others** .....Defendants

To,

1. **Ranjit Dixit,** S/o- Surendra Mohan Dixit, Plot No. S/307, Regal Dove Apartment, At/PO: Patia, Bhubaneswar, Dist.: Khurda-751003.
2. **Sri Kishore Kumar Kar,** S/o- Late Ananda Prasad Kar, At: LIG-D/39, Lingaraj Vihar, PO: Pokhariput, Bhubaneswar, Dist.: Khurda-751003.
3. **Sri Arunachal Maharana,** S/o- Late Krupasindhu Maharana, At: HIG-165, At/PO: Pokhariput, Bhubaneswar, Dist.: Khurda-751020.
4. **Mrs. Nandini Pradhan,** D/o- Elias Pradhan, At: HIG-165, At/PO: Pokhariput, Bhubaneswar, Dist.: Khurda-751020.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 50 of 2019** in the Court of Debts Recovery Tribunal at Cuttack for a recovery of **Rs.17,54,458.02** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **30th day of April, 2020 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **14th day of February, 2020.**

**Sd/- (M. K. Patnaik)**
**Registrar**
**Debts Recovery Tribunal**

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)

**କଟକ ମୁଖ୍ୟ ଶାଖା**
କଟକ, ଜିଲ୍ଲା: କଟକ
ଫୋନ ନଂ.: ୦୬୭୧-୨୪୧୩୫୯୩ (ଶାଖା) / ୦୬୭୪-୨୩୫୪୦୩୪(ଆଞ୍ଚଳିକ କାର୍ଯ୍ୟାଳୟ)

**ଦଖଲ ନୋଟିସ୍**

{ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ-୮(୧)}
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ କଥିତ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଆନ୍ଧ୍ର ବ୍ୟାଙ୍କ **ଋଣଗ୍ରହୀତାମାନେ: ୧)ସମିତା କର୍ମାକର,** ସ୍ୱାମୀ:ସଞ୍ଜୟ କର୍ମାକର, ସା: ନୈବେଦ୍ୟ ଏନକ୍ଲେଭ, ମହି ଦାସ ବଜାର, କାଜି ବଜାର, ଚାନ୍ଦିନି ଚୌକ, କଟକ, ଓଡିଶା, ଭାରତ, **୨) ସଞ୍ଜୟ କର୍ମାକର,** ପିତା: ଅଜିତ କର୍ମାକର, ସା: ନୈବେଦ୍ୟ ଏନକ୍ଲେଭ, ମହି ଦାସ ବଜାର, କାଜି ବଜାର, ଚାନ୍ଦିନି ଚୌକ, କଟକ, ଓଡିଶା, ଭାରତ, **ଜାମିନଦାର: ରାହୁଲ କର୍ମାକର,** ପିତା: ସଞ୍ଜୟ କର୍ମାକର, ସା: ଡି ନଂ.: ୩ବି୧/୩, ମହି ଦାସ ବଜାର ବିପରୀତ, କାଜି ବଜାର, ଚାନ୍ଦିନି ଚୌକ, କଟକ, ଓଡିଶା, ଭାରତ ଙ୍କୁ **ତା.୦୩.୧୨.୨୦୧୯ରିଖରେ** ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ଅର୍ଥ ରାଶି **ତା.୦୩.୧୨.୨୦୧୯ସୁଦ୍ଧା ଟ.୧୮,୭୭,୪୦୧.୦୦(ଅଠର ଲକ୍ଷ ସତସ୍ତରି ହଜାର ଚାରିଶହ ଏକ ଟଙ୍କା ମାତ୍ର)** କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ଆକ୍ଟର ଧାରା ୧୩(୪) ସହିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ **ତା.୦୭.୦୩.୨୦୨୦ରିଖରେ** ନିମ୍ନ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

ଏତଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇଦିଆଯାଉଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **୦୩.୧୨.୨୦୧୯ ସୁଦ୍ଧା ଟ.୧୮,୭୭,୪୦୧.୦୦(ଅଠର ଲକ୍ଷ ସତସ୍ତରି ହଜାର ଚାରିଶହ ଏକ ଟଙ୍କା ମାତ୍ର)** ରାଶି ଏବଂ ତତପରବର୍ତ୍ତୀ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, କଟକ ମୁଖ୍ୟ ଶାଖା, କଟକ** ନିକଟରେ ଉତ୍ତରଦାୟୀ ରହିବେ ।

**ସ୍ଥାବର ସମ୍ପତ୍ତିର ବିବରଣୀ**

**ସଞ୍ଜୟ କର୍ମାକରଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଫ୍ଲାଟ ନଂ.: ୩ବି୧, ୩ୟ ମହଲା, ନୈବେଦ୍ୟ ଏନକ୍ଲେଭ, ଖାତା ନଂ.: ୬୦୧/୩୩୯, ପ୍ଲଟ ନଂ.: ୧୮୩୬, କଟକ ଟାଉନ, ୟୁନିଟ୍ ନଂ.: ୧୨, ସୂତାହାଟ, ମହିଦାସ ବଜାର, କଟକ ମ୍ୟୁନିସିପାଲିଟି, ୱାର୍ଡ ନଂ.: ୧୧, କଟକ, ଓଡିଶା, ଭାରତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଖୋଲା ଜାଗା, ପଶ୍ଚିମ: ଖୋଲା ଜାଗା, ଉତ୍ତର: ଫ୍ଲାଟ ନଂ.: ୧ବି୧ ଗଳି, ଦକ୍ଷିଣ: ଖୋଲା ଜାଗା ।

ତାରିଖ : ୧୧.୦୩.୨୦୨୦
ସ୍ଥାନ : କଟକ

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଏବଂ ମୁଖ୍ୟ ପ୍ରବନ୍ଧକ,
ଆନ୍ଧ୍ର ବ୍ୟାଙ୍କ (କଟକ ମୁଖ୍ୟ ଶାଖା ତରଫରୁ)

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ କରି ମୌଲବୀ ଗିରଫ

**କେନ୍ଦ୍ରାପଡା ଅଫିସ,୧୧।୩:** ସହରର ଜଣେ ନାବାଳିକାଙ୍କୁ ସୋମବାର ରଣପଡା ଗ୍ରାମର ମୌଲବୀ ଅବଦୁଲ ସଲାମ (୪୨) ଅସଦାଚରଣ କରିଥିବା ପୀଡିତାଙ୍କ ମାଆ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ୩୬/୨୦ନଂରେ ମାମଲା ରୁଜୁ କରିବା ସହ ଉକ୍ତ ଦିନ ମୌଲବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିସହିତ ପୋଲିସ ସଂପୃକ୍ତ ପୀଡିତାଙ୍କ ଡାକ୍ତରୀ ପରୀକ୍ଷା କରିବା ସହ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ମୌଲବୀ ଅବଦୁଲ ଘଟଣା ଦିନ ଅପରାହ୍ନରେ ସଂପୃକ୍ତ ନାବାଳିକାଙ୍କୁ ଏକୁଟିଆ ଦେଖି ଅସଦାଚରଣ କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା ।

### ଜିଲା ଓକିଲ ସଂଘ ନିର୍ବାଚନରେ ୧୭ ପ୍ରାର୍ଥୀ

**କେନ୍ଦ୍ରାପଡା ଅଫିସ, ୧୧।୩:** କେନ୍ଦ୍ରାପଡା ଜିଲା ଓକିଲ ସଂଘର ବିଭିନ୍ନ ପଦବୀ ପାଇଁ ଆସନ୍ତା ୨୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନରେ ନାମାଙ୍କନ ପତ୍ର ଦାଖଲ କରିଥିବା ୧୭ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଯାଞ୍ଚ ପରେ କାଏମ ରହିଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ଚନ୍ଦ୍ରଭାନୁ ବରାଳ ବୁଧବାର ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ସଭାପତି ପଦ ପାଇଁ ସରୋଜରାଜ ସିଂହ, ଆଶୁତୋଷ ମହାନ୍ତି, ବିଜୟକୃଷ୍ଣ ସାହୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ଉପସଭାପତି ପଦ ପାଇଁ ଜିତେନ୍ଦ୍ର କୁମାର ମହାନ୍ତି ଓ ସୁରେଶ ଚନ୍ଦ୍ର ନାୟକ, ସମ୍ପାଦକ ପଦ ପାଇଁ ଦେବ କିଶୋର କର ଓ ସେକ ଅଜିମୁଦ୍ଦିନ, ଯୁଗ୍ମ ସମ୍ପାଦକ ପାଇଁ ମଣ୍ଟୁ ମଲ୍ଲିକ ଓ ପ୍ରଭାକରନ ପାଣ୍ଡେ, ଭାରପ୍ରାପ୍ତ ଗ୍ରନ୍ଥାଗାରିକ ପଦ ପାଇଁ ହରି ପ୍ରସାଦ କର ଓ ରେଣୁବାଳା ସାମଲ, କୋଷାଧ୍ୟକ୍ଷ ପାଇଁ ନିରାକାର ପ୍ରଧାନ ଓ ପ୍ରହଲ୍ଲାଦ ମାହାଳି, କାର୍ଯ୍ୟକାରୀ କମିଟି ସଦସ୍ୟ ନିମନ୍ତେ ଅନାମ ମହାନ୍ତି, ରୁକସାନା ଖାନମ, ମହେଶ୍ୱର ବେହେରା ଓ ନିରଞ୍ଜନ ବଳ ପ୍ରାର୍ଥୀ ହୋଇଛନ୍ତି ।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତିଙ୍କ ମୃତ୍ୟୁ

**କେନ୍ଦ୍ରାପଡା ଅଫିସ, ୧୧।୩:** କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ପ୍ରସୂତିଙ୍କର ବୁଧବାର ମୃତ୍ୟୁ ହୋଇଛି । ଏନେଇ ଥାନାରେ ଜଣାଇ ଦିଆ ଯାଇଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି । ପ୍ରକାଶ ଯେ, ଛତିଶଗଡ ରାଜ୍ୟର କେତେଜଣ ଶ୍ରମିକ କେନ୍ଦ୍ରାପଡା ବ୍ଲକ ହଳଦୀଡ଼ିଅ ଗ୍ରାମରେ ଜଣେ ଠିକାଦାରଙ୍କ ପାଖରେ ଇଟାଭାଟି କାର୍ଯ୍ୟ କରୁଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ ମହିଳା ଗର୍ଭବତୀ ଥିଲେ । ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିବା ବେଳେ ମୃତ୍ୟୁ ହୋଇଥିବା ପ୍ରସୂତିଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

# କଇଁଛ ପାଇଁ ବିପଦ ସାଜିଛି ପ୍ଲାଷ୍ଟିକ

**ପେଣ୍ଠ ବେଳାଭୂମିରେ ଆବର୍ଜନା କୁଢ଼**

କେନ୍ଦ୍ରାପଡା ଅଫିସ, ୧୧।୩



ଗତ ୬ ତାରିଖଠାରୁ ୩ ଦିନ ଧରି ରାଜନଗର ବ୍ଲକର ପେଣ୍ଠଠାରେ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ମହୋତ୍ସବ ସରି ଯାଇଥିବା ବେଳେ ଏହି ପର୍ଯ୍ୟଟନ କ୍ଷେତ୍ରରେ କୁଢ କୁଢ ଆବର୍ଜନା ପଡିରହିଛି । ଯାହା ପର୍ଯ୍ୟଟକଙ୍କ ପାଇଁ ବିରକ୍ତି ଆଣୁଥିବା ବେଳେ ଆବର୍ଜନାରେ ଥିବା ବହୁଳ ପରିମାଣ ପ୍ଲାଷ୍ଟିକ ବିରଳ ଅଲିଭ ରିଡଲେ କଇଁଛଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗର ସହ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମି ତୁରନ୍ତ ସଫେଇ କରିବା ପାଇଁ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ପ୍ରଭାକର ସାମଲ, ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାଢୀ, ପରିବେଶବିତ୍ ହେମନ୍ତ କୁମାର ରାଉତ ପ୍ରମୁଖ ବୁଧବାର ଦାବି କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରରେ ପେଣ୍ଠ ବେଳାଭୂମିର ଗୁରୁତ୍ୱ ଅଛି । ଏହି ସ୍ଥାନରେ ସମୁଦ୍ରର ତୀବ୍ର ଜୁଆର ଦେଖିବାକୁ ମିଳୁଥିବା ବେଳେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକମାନେ ମନଭରି ଉପଭୋଗ କରିଥାନ୍ତି । ଏଠାରେ ମଧ୍ୟ ଓଡିଶାର ପ୍ରଥମ ଜିଓ ଟ୍ୟୁବ ୱାଲ ଅଛି । ଏଥିସହିତ ଜାତୀୟ ଉଦ୍ୟାନ ଭିତରକନିକା ନିକଟରେ ଏହି ବେଳାଭୂମି ଥିବାରୁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥାନ୍ତି । ତେବେ ମହୋତ୍ସବ ପରେ ଏଠାରୁ ଅଳିଆ ଆବର୍ଜନା ଉଠା ଯାଇ ନ ଥିବାରୁ ପର୍ଯ୍ୟଟକଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହେଉଛି । ଏପରି କି ଅଳିଆରୁ ବାହାରୁଥିବା ଦୁର୍ଗନ୍ଧରେ ୧୦ରୁ ୧୫ ମିନିଟ ରହିବା ସମ୍ଭବ ନୁହେଁ ବୋଲି ସେମାନେ କହିଛନ୍ତି । ଏଥିସହିତ ସେମାନେ ଦର୍ଶାଇଛନ୍ତି ଯେ, ପ୍ରତିବର୍ଷ ପେଣ୍ଠ ନିକଟସ୍ଥ ଗହୀରମଥା ରେଞ୍ଜ ଅଞ୍ଚଳରେ ବିରଳ ଅଲିଭ ରିଡଲେ କଇଁଛ ଅଣ୍ଡା ଦେବା ପାଇଁ ଜମା ହୋଇଥାନ୍ତି । ଚଳିତବର୍ଷ ମଧ୍ୟ ସେମାନଙ୍କ ସମାଗମ ହୋଇଛି । ଏହି ଜାତୀୟ କଇଁଛଙ୍କ ପାଇଁ ପ୍ଲାଷ୍ଟିକ ସାମଗ୍ରୀ ଏକ ବିପଦ ବୋଲି ଗବେଷକମାନେ ସତର୍କ କରାଇଛନ୍ତି । ସମୁଦ୍ର ମଧ୍ୟରେ ପଡିଥିବା ପ୍ଲାଷ୍ଟିକ ସାମଗ୍ରୀରେ ସେମାନେ ଖାଦ୍ୟ ପଦାର୍ଥର ବାସ୍ନା ପାଇଥାନ୍ତି । ଏଥିପାଇଁ ଏହା ଖାଦ୍ୟ ହୋଇ ନ ଥିଲେ ମଧ୍ୟ ଆଗ୍ରହରେ ପ୍ଲାଷ୍ଟିକ ପଦାର୍ଥକୁ ଗିଳିଥାନ୍ତି । ଏହା ଫଳରେ ସେମାନଙ୍କ ମୃତ୍ୟୁ ହୋଇଥାଏ । ସେହିପରି ଏହି ସ୍ଥାନରେ ଶାବକମାନେ ସମୁଦ୍ରକୁ ଯାଉଥିବା ବେଳେ ବେଳାଭୂମିରେ ପଡିଥିବା ପ୍ଲାଷ୍ଟିକ ସାମଗ୍ରୀ ସେମାନଙ୍କୁ ପଥ ଭ୍ରଷ୍ଟ କରାଇଥାଏ । ପ୍ଲାଷ୍ଟିକ ବର୍ଜନ ପାଇଁ ୨୦୧୬ରୁ ନିୟମ ହୋଇଥିଲେ ମଧ୍ୟ ମହୋତ୍ସବରେ ଏନେଇ କୌଣସି ସଚେତନତା କାର୍ଯ୍ୟକ୍ରମ ହୋଇ ନ ଥିଲା ବୋଲି ସେମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏଡିଏମ ବସନ୍ତ କୁମାରେ ରାଉତ କହିଛନ୍ତି ଯେ, ମହୋତ୍ସବରେ ପ୍ଲାଷ୍ଟିକ ବର୍ଜନ ପାଇଁ ଆୟୋଜକଙ୍କୁ ସତର୍କ କରାଇ ଦିଆଯାଇଛି । ଆସନ୍ତା ଶୁକ୍ରବାର ସୁଦ୍ଧା ବେଳାଭୂମି ସଫା କରାହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ । ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ । ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ । ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି । ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଦୋଳପୂର୍ଣ୍ଣିମା ଉପଲକ୍ଷେ ଶ୍ରୀ ବଳଦେବଜୀଉଙ୍କ ସ୍ୱତନ୍ତ୍ର ବେଶ ।

# ୩ ଦିନରେ ୨ ନାବାଳିକା ବିବାହ ରୋକିଲା ପ୍ରଶାସନ

କେନ୍ଦ୍ରାପଡା ଅଫିସ, ୧୧।୩

ଗତ ସୋମବାର ଠାରୁ ବୁଧବାର ମଧ୍ୟରେ ଦୁଇଟି ନାବାଳିକା ବିବାହକୁ ଜିଲା ପ୍ରଶାସନ ରୋକିଛି । ପାଟକୁରା ଥାନା ଅଞ୍ଚଳରେ ଏହି ଦୁଇ ନାବାଳିକାଙ୍କ ଘର । ଜିଲା ଶିଶୁ ସୁରକ୍ଷା ବିଭାଗ ସୂଚନା ଅନୁଯାୟୀ, ପାଟକୁରା ଥାନା ଅନ୍ତର୍ଗତ ଧନୀରାମପୁର ମହାଦେବଙ୍କ ମନ୍ଦିର ପରିସରରେ ଜଣେ ନାବାଳିକାଙ୍କ ବିବାହ ଗତ ସୋମବାର ଅନୁଷ୍ଠିତ ହେବାକୁ ଥିଲା । ଏହି ଖବର ପାଇବା ପରେ ବିଭାଗ ପକ୍ଷରୁ ସଦସ୍ୟମାନେ ଘଟଣାସ୍ଥଳକୁ ଯାଇ ବିବାହକୁ ରୋକିଥିଲେ । ବିବାହ କରିବାକୁ ଥିବା କନ୍ୟାଙ୍କ ବୟସ ୧୭ ବର୍ଷ ହୋଇଥିବା ବେଳେ ବରର ବୟସ ୧୮ ବୋଲି ଜାଣିବାକୁ ମିଳିଥିଲା ।



ବିବାହ ବେଦୀ ନିକଟରେ ଶିଶୁ ସୁରକ୍ଷା ଅଧିକାରୀ ।

ବିବାହ ରୋକାଯିବା ପରେ ସଂପୃକ୍ତ କନ୍ୟାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯିବା ସହ ସହରର ଏକ ସ୍ୱଳ୍ପ ରହଣି କେନ୍ଦ୍ରରେ ରଖାଯାଇଛି । ସେହିପରି ଯାଜପୁର ଜିଲା ଓଳାଶୁଣୀ ପାହାଡରେ ପାଟକୁରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ଜଣେ ଯୁବକଙ୍କର ବିବାହ ପାଇଁ ବୁଧବାର ଉଦ୍ୟମ ହୋଇଥିଲା । ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ବିବାହ ପାଇଁ ଉପସ୍ଥିତ ଦୁଇ ପରିବାର ସଦସ୍ୟଙ୍କୁ ନାବାଳିକା ବିବାହ ବେଆଇନ ବୋଲି ସଚେତନ କରିବା ପରେ ବିବାହକୁ ରୋକାଯାଇଛି । ଏହି ଦୁଇ ବିବାହ ରୋକିବା ଘଟଣାରେ ବିଭାଗର କନକଲତା ବେହେରା, ପ୍ରମୋଦ ସେନାପତି, ପାଟକୁରା ଏସଆଇ ଭାଗ୍ୟଲତା ଦାସ, ଗରଦପୁର ସିଡିପିଓ ପ୍ରମୁଖ ସାମିଲ ହୋଇଥିଲେ ।

# ଗ୍ରାମ୍ୟ ଉନ୍ନୟନ ଡିଭିଜନ ସହକାରୀ ଯନ୍ତ୍ରୀଙ୍କ ମିଳୁନି ପତ୍ତା

କେନ୍ଦ୍ରାପଡା ଅଫିସ, ୧୧।୩

କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଅଧୀନ ଡାଳିଜୀ ଗ୍ରାମର ମୋହନ ମୁରାରୀ ଜେନା ଏହି ଜିଲାର ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅନ୍ତର୍ଗତ ଇନ୍ଦୁପୁର ସେକ୍‌ସନରେ ସହକାରୀ ଯନ୍ତ୍ରୀ ଅଛନ୍ତି । ତେବେ ମୋହନ ମୁରାରୀଙ୍କ ପତ୍ତା ଗତ ରବିବାର ଠାରୁ ମିଳୁନାହିଁ । ଏନେଇ ପରିବାର ସଦସ୍ୟ ପୁରୀ ଜିଲା ସମୁଦ୍ରକୂଳ ଥାନାରେ ଅଭିଯୋଗପତ୍ର ଦେଇଛନ୍ତି । ସୂଚନା ଅନୁଯାୟୀ, ମୋହନ ମୁରାରୀ ଗତ ରବିବାର ପୁରୀର ଜଣେ ସାଙ୍ଗ ନିକଟକୁ ଯାଇଥିଲେ । ଏନେଇ ପୂର୍ବାହ୍ନରେ ଫୋନ ଯୋଗେ ପରିବାର ସଦସ୍ୟଙ୍କୁ ସୂଚନା ଦେଇଥିଲେ । ତେବେ ଅପରାହ୍ନ ୩ଟା ବେଳେ ତାଙ୍କ ଫୋନ ସୁଇଚ ଅଫ୍ ଥିଲା । ସୋମବାର ସକାଳେ ଜଣେ ଅଜଣା ବ୍ୟକ୍ତି ତାଙ୍କ ଫୋନ୍‌ରେ ପରିବାର ସଦସ୍ୟଙ୍କୁ କହିଥିଲେ ଯେ, ପ୍ୟାଣ୍ଟ ଶାର୍ଟ ସହ ଫୋନକୁ କେହି ଛାଡି ଯାଇଥିବାରୁ ସେ ଫୋନ କରୁଛନ୍ତି ।



ମୋହନ ମୁରାରୀ ଜେନା

ତାଙ୍କ ଠାରୁ ଏହି ସୂଚନା ଫୋନରେ ପାଇବା ପରେ ପରିବାର ସଦସ୍ୟ ପୁରୀ ଯାଇ ପ୍ୟାଣ୍ଟ ଶାର୍ଟ ଉଦ୍ଧାର ସହିତ ଥାନାରେ ଅଭିଯୋଗ କରିଛନ୍ତି । ମୋହନ ମୁରାରୀଙ୍କ ଏହି ନିଖୋଜ ପଛରେ ସମୁଦ୍ରରେ ଗାଧୋଇବା ସମୟରେ ଭାସିଯିବା ଅଥବା କୌଣସି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

# ମହନ୍ତସାହି ମେଲଣ ଉତ୍ସବ

କେନ୍ଦ୍ରାପଡା ଅଫିସ, ୧୧।୩

କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁରର ପ୍ରସିଦ୍ଧ ମହନ୍ତସାହି ମେଲଣ ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି । ୨୦୦ ବର୍ଷର ପୁରୁଣା ଏହି ମେଲଣ ଉତ୍ସବରେ ଭରତପୁରର ଶ୍ରୀ ଦଧିବାମନଜୀଉ ଥାନପତି ଭାବେ ଆସନ ଅଳଙ୍କୃତ କରିଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ୩୦ରୁ ଊର୍ଦ୍ଧ୍ୱ ଶ୍ରୀଜୀଉଙ୍କ ବିମାନ ପାରମ୍ପରିକ ରୀତିନୀତି ଅନୁଯାୟୀ ରୋଶଣି କରି ମେଲଣ ପଡିଆରେ ପହଞ୍ଚି ଥିଲେ । ଏହି ଅବସରରେ ଠାକୁରଙ୍କ ନିକଟରେ ଭୋଗ ଲାଗି ହୋଇଥିଲା । ରମେଶ ଚନ୍ଦ୍ର ମହାନ୍ତି, ଭଞ୍ଜ କିଶୋର ମହାନ୍ତି, ଅବନୀ କୁମାର ମହାନ୍ତି, ଅନୁପ କୁମାର ମହାନ୍ତି, ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଏହି ଉତ୍ସବ ପରିଚାଳନା କରିଥିଲେ ।



ମେଲଣକୁ ଶ୍ରୀଜୀଉ ଯାଉଛନ୍ତି ।

### କନଷ୍ଟେବଲଙ୍କ ଭିଡିଓ ଭାଇରାଲ

କେନ୍ଦ୍ରାପଡା ଅଫିସ, ୧୧।୩

ଡ୍ୟୁଟିରେ ଥିବା ଜଣେ କନଷ୍ଟେବଲଙ୍କ ଭିଡିଓ କେନ୍ଦ୍ରାପଡା ସହରରେ ଭାଇରାଲ ହୋଇଛି । ଏହି କନେଷ୍ଟବଲ ସହରର ତିନିମୁହାଣୀଠାରେ ସୋମବାର ରାତିରେ ରହି ଡ୍ୟୁଟି କରୁଥିଲେ । ତେବେ ମାତାଲ ଅବସ୍ଥାରେ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଦୁର୍ବ୍ୟବହାର ଦେଖାଇଥିଲେ । ଲୋକେ ଏହି ଦୃଶ୍ୟକୁ ଭିଡିଓ କରିବା ସହ ଏ ସମ୍ପର୍କରେ ସଦର ଥାନାକୁ ଜଣାଇଥିଲେ । ପୋଲିସ କନଷ୍ଟେବଲଙ୍କୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ କରାଇ ଥିଲେ ମଧ୍ୟ କୌଣସି ମାମଲା ରୁଜୁ କରିନାହିଁ ।

# ଦୋଳ ପାଇଁ ରାଜକନିକା ଅଞ୍ଚଳ ଉତ୍ସବମୁଖର

ରାଜକନିକା ,୧୧।୩(ଡି.ଏନ୍.ଏ.)

ପଞ୍ଚୁଦୋଳ ଉତ୍ସବ ପାଇଁ ରାଜକନିକା ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଏହି ଅବସରରେ ବିଭାନରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମା ଉପବେଶନ ହୋଇ ବିଭିନ୍ନ ଗ୍ରାମରେ ଘର ଘର ବୁଲି ଭୋଗ ଖାଇବା ଦେଖିବାକୁ ମିଳିଥିଲା । ଏଥିସହିତ ରଙ୍ଗ ଅବିରରେ ଝୁମିଥିଲେ ଆବାଳବୃଦ୍ଧ ବନିତା । ଅପରପକ୍ଷରେ ହଜିଯାଉଥିବା ପୁରାତନ ଯାଦବ ସଂସ୍କୃତିର ଝଲକ ଦେଖିବାକୁ ମିଳିଥିଲା ରାଜକନିକା ଅଞ୍ଚଳରେ । ସୋମବାର ପୂର୍ବାହ୍ନରେ ନମତରାପଟଣା, ନମତରା ଓ କଣ୍ଡିଆ ଅଞ୍ଚଳର ଶତାଧିକ ଗୋପାଳ ଏକତ୍ରିତ ହୋଇ କାନ୍ଧରେ ରାଶି ଭାର ବହନ କରିବା ସହ ରୋଶଣି କରି ଗାଁ ପରିକ୍ରମା କରିବାର ଦୃଶ୍ୟ ଥିଲା ଅତି ମନୋରମ । ଏହି ଅବସରରେ ଗାଁ ଦାଣ୍ଡରେ ଛୋଟ ଛୋଟ ପିଲାମାନେ କୃଷ୍ଣ ଓ ରାଧାବେଶରେ ନୃତ୍ୟ ପରିବେଷଣ କରିଥିଲେ । ଗାଁ ଦାଣ୍ଡରେ ରାଶିଭାର ଦେଖି ମହିଳାମାନେ ହୁଳହୁଳି ପକାଇ ସ୍ୱାଗତ କରିଥିଲେ । ଗୋପାଳ ଭାଇମାନଙ୍କର ଜୟ ଯାଦବ ଜୟ ମାଧବ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଖରସ୍ରୋତା ଉପତ୍ୟକା ।

ଖରସ୍ରୋତା ନଦୀ ନିକଟରୁ ଗୋପାଳମାନଙ୍କର ଓଗାଳର ତାଳେ ତାଳେ ଲଉଡି ଖେଳ ଦେଖି ବିମୋହିତ ହୋଇଥିଲେ ଅଞ୍ଚଳବାସୀ । ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ସହିତ କରୋନା ଭାଇରସର ମୁକାବିଲା ପାଇଁ ରଙ୍ଗଠାରୁ ଦୂରେଇ ରହିବା ଓ ମଦସେବନ ବନ୍ଦ ପାଇଁ ଯୁବକମାନେ ଶପଥ ନେଇଥିଲେ । ଏହାଛଡା ଯୁବକମାନଙ୍କ ବାଡି ଖେଳ ଦେଖିବାକୁ ମିଳିଥିଲା । ନମତରାପଟଣା ଗ୍ରାମର ସାମାଜିକ କର୍ମୀ ସୁମନ୍ତ ଦାସ ଓ କଣ୍ଡିଆ ଗ୍ରାମର ବହୁ ପୁରାତନ ଗୋପବନ୍ଧୁଜୀଉ ମନ୍ଦିରର ସେବକ ବ୍ରଜ କିଶୋର ପଲାଇଙ୍କ ନେତୃତ୍ୱରେ ଗୋପାଳମାନଙ୍କର ଶୋଭାଯାତ୍ରା ହୋଇଥିଲା । ଏହି ଅବସରରେ ଭଲ ରାଶି ( ସ୍ୱତନ୍ତ୍ର ଭାବେ ସଜା ଯାଇଥିବା କଳସୀ )ଭାବରେ କଣ୍ଡିଆ ଗ୍ରାମର ଆଦିକନ୍ଦ ପଲାଇ ପ୍ରଥମ , ଦ୍ୱିତୀୟ ରାଶି ଭାବରେ କଣ୍ଡିଆ ଗ୍ରାମର ସୁନିଲ ଦାସ ଓ ନମତରାପଟଣା ଗ୍ରାମର ଦୀନବନ୍ଧୁ ଦାସ ତୃତୀୟ ସ୍ଥାନ ଅଧିକାର କରିଥିବା ବିଚାରକ ମଣ୍ଡଳୀ ଘୋଷଣା କରିଥିଲେ । ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ । ସେହିପରି ପେଗରପଡାର ଶତାଧିକ ବ୍ୟକ୍ତି କଳସ ମୁଣ୍ଡାଇ ଦଇପୁର, ପ୍ରତାପପୁର ଗ୍ରାମ ପରିକ୍ରମା କରି ବଡ ପୋଖରୀରେ କଳସ ବୁଡାଇ ଓଗାଳ ବୋଲିଥିଲେ । ପେଗରପଡା ଗୋପବନ୍ଧୁଜୀଉ ମନ୍ଦିରରେ ଲଉଡି ଖେଳ କରାଯାଇଥିଲା । ଅବଦୁଲପୁର, ହାବଳଗଣ୍ଡ, ହାବଳଗଣ୍ଡ ପଟଣା, ଦେଉଳତରା, କଣ୍ଡିଆ, ନମତରା, ହାଟସାହି, ପଣସଗଣ୍ଡ, ପଧାନପଡା, ଫାଜିଲପୁର ଗ୍ରାମରେ ପଞ୍ଚୁ ଦୋଳ ପାଳନ କରାଯାଉଛି । ଶ୍ରୀକୃଷ୍ଣ ଓ ରାଧାଙ୍କର ମୃଣ୍ମୟ ମୂର୍ତ୍ତି ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଦେଖିବାକୁ ମିଳିଛି । ଭଜନ କୀର୍ତ୍ତନରେ ଗାଁ ଦାଣ୍ଡରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ।



କଣ୍ଡିଆ ନମତରା ଗ୍ରାମର ଯାଦବ ଭାଇମାନେ କଳସୀ ନେଇ ଖରସ୍ରୋତା ନଦୀକୁ ଯାଉଛନ୍ତି ।

**ରଞ୍ଜନ ଦାସ ମୃତ୍ୟୁ ମାମଲା**

# ଭିଡିଓ ଭାଇରାଲ

କେନ୍ଦ୍ରାପଡା ଅଫିସ, ୧୧।୩

ଓଡିଶା ଜନସୂଚନା ଅଧିକାର ଅଭିଯାନର କେନ୍ଦ୍ରାପଡା ଜିଲା ଆବାହକ ରଞ୍ଜନ କୁମାର ଦାସ (୪୨)ଙ୍କ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୪୦ ଦିନ ବିତିଛି । ତେବେ ଏହି ଘଟଣା ଏବେ ବି ରହସ୍ୟମୟ ହୋଇ ରହିଥିବା ବେଳେ ପାଟକୁରା ଥାନା ଅଞ୍ଚଳର ଜଣେ ଯୁବକ ସର୍ବସାଧାରଣରେ ରଞ୍ଜନଙ୍କୁ ମାରିଥିବା ସ୍ୱୀକାର କରିଛନ୍ତି । ଏଥିସହିତ ତାଙ୍କ ଟାର୍ଗେଟରେ ଆହୁରି ଦୁଇଜଣ ଥିବା ସେ ଏକ ଭିଡିଓରେ କହିଥିବା ଦେଖିବାକୁ ମିଳିଛି । ଏହି ଭିଡିଓ ଗତ ଦୁଇଦିନ ଧରି ଭାଇରାଲ ହେଉଥିବା ବେଳେ ଜିଲା ପୋଲିସ ଏନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ । ଏହି ଭିଡିଓଟି ମଙ୍ଗଳବାର ହୋଲି ଖେଳୁଥିବା ସମୟର । ଗୋଟିଏ ଗୋଷ୍ଠୀ ହୋଲି ଖେଳୁଥିବା ବେଳେ ସଂପୃକ୍ତ ଯୁବକ ସମସ୍ତଙ୍କ ସମ୍ମୁଖରେ ରଞ୍ଜନଙ୍କୁ ମାରିଥିବା କହିବା ସହ ଜିଲା ପୋଲିସ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି । ଏହାକୁ ନେଇ ଜନସୂଚନା ଅଧିକାର ଅଭିଯାନ କର୍ମକର୍ତ୍ତାମାନେ ଡିଜିପିଙ୍କୁ ଭେଟିବେ ବୋଲି କର୍ମକର୍ତ୍ତା ପ୍ରତାପ କୁମାର ମହାନ୍ତି କହିଛନ୍ତି । ସୂଚନାଯୋଗ୍ୟ ଯେ, ପାଟକୁରା ଥାନା ମାଣିକପୁର ଗ୍ରାମର ସୂଚନା ଅଧିକାର କର୍ମୀ ରଞ୍ଜନଙ୍କ ମୃତଦେହ ମାର୍ଶାଘାଇ ଥାନା ଅନ୍ତର୍ଗତ ଭଗବାନପୁର ବେରୁହାଁ ରାସ୍ତାର ଏକ ଖାଲ ନିକଟରୁ ଗତ ଫେବୃୟାରୀ ୧ ତାରିଖରେ ଉଦ୍ଧାର ହୋଇଥିଲା । ତାଙ୍କ ମୃତଦେହ ଉପରେ ମୋଟର ସାଇକେଲ ପଡିଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାର ଦେଖିବାକୁ ମିଳିଥିଲା । ରଞ୍ଜନ ଜଣେ ସାମାଜିକ କର୍ମୀ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ଚିଙ୍ଗୁଡି ଘେରିକୁ ବିରୋଧ କରିବା, ଜିଲାର ବିଭିନ୍ନ ଦୁର୍ନୀତିକୁ ଲୋକଲୋଚନକୁ ଆଣୁଥିଲେ । ତାଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦିଆ ଯାଉଥିବା ନେଇ ସେ ପାଟକୁରା ଥାନାରେ ଅଭିଯୋଗପତ୍ର ଦେଇଥିଲେ ।

# କରୋନା: ୧୭ ନମୁନା ନେଗେଟିଭ୍

ଭୁବନେଶ୍ୱର, ୧୧।୩(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ କରୋନା ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଉଛନ୍ତି।

**ସତର୍କତା ଅବଲମ୍ବନ ମୁଖ୍ୟ ପ୍ରତିଷେଧକ**

ବର୍ତ୍ତମାନ ବିଶ୍ୱର ଅଧିକାଂଶ ଦେଶ କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣରେ ପ୍ରଭାବିତ। ଏପରିସ୍ଥଳେ ସତର୍କତା ଅବଲମ୍ବନ ହିଁ ଏହି ସଂକ୍ରମଣର ମୁଖ୍ୟ ପ୍ରତିଷେଧକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ କହିଛନ୍ତି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଲେ, ଓଡ଼ିଶାରେ ଏପର୍ଯ୍ୟନ୍ତ କେହି କରୋନାରେ ଆକ୍ରାନ୍ତ ହୋଇନାହାନ୍ତି। ବୁଧବାର ସୁଦ୍ଧା ସଂଗୃହୀତ ୧୭ ଗୋଟି ନମୁନାରୁ ସମସ୍ତ ରିପୋର୍ଟ କରୋନା ନେଗେଟିଭ୍ ଥିବା ଜଣାପଡ଼ିଛି। ତେବେ ସମ୍ଭାବ୍ୟ ସଂକ୍ରମଣ ରୋକିବା ପାଇଁ ଆମ ବିଭାଗ ତରଫରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣଙ୍କୁ ସଚେତନ କରିବା ସହ ଆବଶ୍ୟକ ପରାମର୍ଶ ଜାରି ରହିଛି। ନିୟମିତ ସାବୁନ ବା ଜୀବାଣୁ ନାଶକ ଦ୍ରବଣ ଦ୍ୱାରା ହାତକୁ ପରିଷ୍କାର କରିବା ସହ ଆଖି ନାକ ମୁହଁକୁ ସ୍ପର୍ଶ ନ କରିବା, ଛିଙ୍କିବା ସମୟରେ ରୁମାଲ ବା ଟିସୁ ପେପର ବ୍ୟବହାର କରିବା, ଜନଗହଳି ସ୍ଥାନଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ପାଇଁ ପରାମର୍ଶ ଦିଆଯାଉଛି। ସେହିପରି ସୁସ୍ଥ ଲୋକମାନେ ମାସ୍କ ବ୍ୟବହାର କରିବା ଜରୁରୀ ନୁହେଁ। ଜ୍ୱର, ଥଣ୍ଡା, କାଶ, ଛିଙ୍କ ଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ସହ ନିଜେ ସତର୍କ ରୁହନ୍ତୁ। ସନ୍ଦିଗ୍ଧ କରୋନା ରୋଗୀଙ୍କୁ ୧୪ଦିନ ପାଇଁ ପୃଥକ୍ ରଖି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରିବା ଆବଶ୍ୟକ ବୋଲି ସଚିବ କହିଛନ୍ତି। ସେହିପରି ସ୍କୁଲ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଥଣ୍ଡା, କାଶ, ଛିଙ୍କ ବା ଶ୍ୱାସକ୍ରିୟାରେ କଷ୍ଟ ହେଉଥିଲେ ସେମାନେ ତୁରନ୍ତ ଅଭିଭାବକଙ୍କୁ ଜଣାଇବା ସହ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀଙ୍କଠାରେ ଏହିପରି ଲକ୍ଷଣ ଦେଖାଦେଲେ ବିଦ୍ୟାଳୟକୁ ନ ଆସି ଚିକିତ୍ସାରେ ରହିବା, ସମୂହ ବ୍ୟବହାର୍ଯ୍ୟ ବସ୍ତୁ ଯଥା କବାଟ, ଝରକା, ଟେବୁଲ, ଚୌକି, ଟେଲିଫୋନ, କମ୍ପ୍ୟୁଟର ଆଦିକୁ ଜୀବାଣୁ ନାଶକ ଦ୍ରବଣରେ ପୋଛିବା, ଶୌଚାଳୟରେ ସାବୁନ ଓ ପାଣି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଘୋଡ଼ଣୀ ଥିବା ଡଷ୍ଟବିନ୍‌କୁ ଶ୍ରେଣୀଗୃହ ଓ ଶୌଚାଳୟରେ ରଖିବା, ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ସଂକ୍ରମଣ ସନ୍ଦେହ ହେଲେ ତୁରନ୍ତ ଡାକ୍ତରଖାନା ଯିବାକୁ ପରାମର୍ଶ ଦିଆଯାଉଛି ବୋଲି ସଚିବ ଧଳ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଡିଏମ୍‌ଇଟି ପ୍ରଫେସର ଡା. ସି.ବି.କେ. ମହାନ୍ତି, ଡିପିଏଚ୍ ଡା. ଅଜିତ୍ କୁମାର ମହାନ୍ତି, ଡିଏଚ୍‌ଏସ୍ ଡା. ବିଜୟ କୁମାର ମହାପାତ୍ର, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ନାହାର ରାୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବିର ୬ ସନ୍ଦିଗ୍ଧଙ୍କ ନମୁନା ନେଗେଟିଭ୍

କଟକ ଅଫିସ,୧୧।୩: କରୋନା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହରେ ବିଭିନ୍ନ ସମୟରେ କଟକ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି ହୋଇଥିବା ୬ଜଣଙ୍କ ନମୁନା ରିପୋର୍ଟ ଆସିଯାଇଛି। ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ରହିଛି। ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ବୁଧବାର ଡିସ୍ଚାର୍ଜ କରାଯାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ପାରାଦୀପରୁ ଆସିଥିବା ଦମ୍ପତି। ଅନ୍ୟମାନଙ୍କୁ ଆଗାମୀ ଦିନରେ ଡିସ୍ଚାର୍ଜ କରାଯିବ ବୋଲି ଜରୁରୀକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି।

ରବିବାର କଟକ ସହର ରାଣୀହାଟ ଅଞ୍ଚଳ ଜଣେ ଯୁବକ ଏବଂ ସୋମବାର କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ଯୁବକ କରୋନା ସନ୍ଦେହରେ ଏସ୍‌ସିବି ମେଡିକାଲ୍‌ର ଆଇସୋଲେସନ୍ ୱାର୍ଡରେ ଭର୍ତ୍ତି ହୋଇଥିଲେ। କଟକର ଯୁବକ ଜଣକ ଦିଲ୍ଲୀ ଏବଂ ଆଗ୍ରା ଭ୍ରମଣ କରି ଘରକୁ ଫେରିବା ପରେ ତାଙ୍କୁ ଥଣ୍ଡା କାଶ ହୋଇଥିଲା। ଏଣୁ ପରିବାରବର୍ଗ ତାଙ୍କୁ ରବିବାର ଏସ୍‌ସିବିରେ ଭର୍ତ୍ତି କରିଥିଲେ। ସେହିଭଳି ଓମାନ୍‌ରୁ ଫେରିଥିବା କେନ୍ଦ୍ରାପଡ଼ାର ଯୁବକ ଜଣକ ମଧ୍ୟ କାଶ ଏବଂ ଜ୍ୱରରେ ପୀଡ଼ିତ ହେବା ପରେ ସୋମବାର ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। କଟକ ଯୁବକଙ୍କ ନମୁନା ପୁଣେ ଏବଂ କେନ୍ଦ୍ରାପଡ଼ା ଯୁବକଙ୍କ ନମୁନା ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିକୁ ପଠାଯାଇଥିଲା। ଉଭୟ ନମୁନାର ରିପୋର୍ଟ ନେଗେଟିଭ୍ ରହିଛି।

## ବାୟୋମେଟ୍ରିକ ବ୍ୟବହାର ନ କରିବାକୁ ବିଧାନସଭା କର୍ମଚାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

**କରୋନା ସତର୍କତା**

ସମଗ୍ର ବିଶ୍ୱରେ କରୋନା ଭୂତାଣୁଜନିତ ରୋଗ କାୟାବିସ୍ତାର କରି ଚାଲିଛି। ଭାରତରେ ମଧ୍ୟ ଏହା ଚିନ୍ତାର କାରଣ ପାଲଟିଛି। ଏହି ରୋଗ ପାଇଁ କୌଣସି ଔଷଧ ନ ଥିବାରୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସଚେତନତା ଉପରେ ଗୁରୁତ୍ୱ ଦେଉଛନ୍ତି। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଲାଗିଥିବା ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏ ନେଇ ସମସ୍ତ ବିଭାଗକୁ ମଧ୍ୟ ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏହି କ୍ରମରେ ବୁଧବାର ସଚିବାଳୟ ପକ୍ଷରୁ ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, କର୍ମଚାରୀମାନେ ବାୟୋମେଟ୍ରିକ ମେଶିନ ବଦଳରେ ରେଜିଷ୍ଟରରେ ଦସ୍ତଖତ କରି ନିଜର ଉପସ୍ଥାନ କରିବା ପାଇଁ କୁହାଯାଇଛି। ଏ ନେଇ ଏକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଟେବୁଲ, କମ୍ପ୍ୟୁଟର, ଫୋନ ଓ ଅନ୍ୟାନ୍ୟ ଉପକରଣଗୁଡ଼ିକୁ ଦିନକୁ ୬ଥର ଜୀବାଣୁ ନାଶକ ସାନିଟାଇଜର ଦ୍ୱାରା ସ୍ପ୍ରେ କରାଯିବ। କର୍ମଚାରୀମାନେ ନିୟମିତ ହାତକୁ ସାବୁନରେ ସଫା କରିବେ। କାଶ, ଛିଙ୍କ ହେଉଥିଲେ କର୍ମଚାରୀମାନେ ଟିସୁ ପେପର ବ୍ୟବହାର କରିବେ। କାର୍ଯ୍ୟାଳୟ ସ୍ଥଳରେ କର୍ମଚାରୀ ଏକାଠି ହୋଇ ସଭାସମିତି କରିବେ ନାହିଁ। କର୍ମଚାରୀମାନେ ବାୟୋମେଟ୍ରିକ ମେଶିନ ବ୍ୟବହାର ନ କରି ସେମାନଙ୍କର ଉପସ୍ଥାନ ରେଜିଷ୍ଟର ମାଧ୍ୟମରେ ଦେବେ। କୌଣସି ବ୍ୟବହୃତ ଜିନିଷକୁ ଏଣେତେଣେ ନ ପକାଇ ଡଷ୍ଟବିନ୍‌ରେ ପକାଇବାକୁ କୁହାଯାଇଛି।

## ଖାନ୍‌ନଗରକୁ ଘୁଞ୍ଚିବ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ

କଟକ ଅଫିସ,୧୧।୩



ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଅନ୍ୟ ଅଧିକାରୀମାନେ।

- ବିଶ୍ୱନାଥ ପାଠାଗାର ପାଖ ୩୦ଏକର ଜାଗା ଚିହ୍ନଟ
- ଅନୁଗୋଳ, ପୁରୀ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ହେବ
- ଭୋର୍ ୪ଟାରେ କଟକରେ ୫-ଟି ସଚିବ
- ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

ଖାନ୍‌ନଗରକୁ ଘୁଞ୍ଚିବ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡ। ଏଥିପାଇଁ ଖାନ୍‌ନଗରର ବିଶ୍ୱନାଥ ପାଠାଗାରା ନିକଟସ୍ଥ ୩୦ ଏକର ଜାଗା ଚିହ୍ନଟ ହୋଇଛି। ସେଠାରେ ନିର୍ମାଣ କରାଯିବ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ। ମଙ୍ଗଳବାର ଭୋର୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିବା ପରେ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ଗସ୍ତ ସମୟରେ ୫-ଟିସଚିବ ଏସ୍‌ସିବି ମେଡିକାଲ୍‌ର ସମ୍ପ୍ରସାରଣ, ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ।

ମଙ୍ଗଳବାର ସକାଳ ପ୍ରାୟ ୫ଟାରେ ୫-ଟି ସଚିବ ପାଣ୍ଡିଆନ୍ ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ବସ୍ ପାର୍କିଂ, ପ୍ରବେଶ ଏବଂ ପ୍ରସ୍ଥାନ ପଥ, ପାନୀୟ ଜଳ, ଯାତ୍ରୀଙ୍କ ରହଣି ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ଏବଂ ସେସୁ କଲୋନୀ ବୁଲି ଦେଖିଥିଲେ। ରାଣୀହାଟରେ ପହଞ୍ଚି ହିନ୍ଦ୍ ସିନେମା ରୋଡ୍ ଏବଂ ତାଳଦଣ୍ଡା କେନାଲ୍‌ର ଉଭୟ ପାର୍ଶ୍ୱରେ ଚାଲିଥିବା ଉଚ୍ଛେଦ କାର୍ଯ୍ୟର ତଦାରଖ କରିଥିଲେ। ଏସ୍‌ସିବି ସମ୍ପ୍ରସାରଣ ପାଇଁ କିଭଳି ଜମି ଅଧିଗ୍ରହଣ ଚାଲିଛି, ତାହାର ସମୀକ୍ଷା କରିଥିଲେ। ଶେଷରେ ମେରିଟାଇମ୍ ମ୍ୟୁଜିୟମ୍‌କୁ ଯାଇ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଚିବଙ୍କ ଏହି ଗସ୍ତ ସମୟରେ ପୂର୍ତ୍ତ ବିଭାଗ ସଚିବ କ୍ରିଷନ୍ କୁମାର, କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ସେସୁ ସିଇଓ ଅରୁଣ ବୋଥ୍ରା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, କଟକ ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆର୍‌ଡିସି ସାମଲଙ୍କ କହିବାନୁଯାୟୀ, ବାଦାମବାଡ଼ି ବସ୍‌ଷ୍ଟାଣ୍ଡରେ ଭିଡ଼ ବଢୁଥିବା ଯୋଗୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦିଗରେ ପଦକ୍ଷେପ ନିଆଯାଇଛି। ଖାନ୍‌ନଗର ପାଖରେ ସିଏମ୍‌ସିର ୩୦ଏକର ଜାଗା ରହିଛି। ବାଦାମ୍‌ବାଡ଼ି ବସ୍‌ଷ୍ଟାଣ୍ଡକୁ ସେଠାକୁ ସ୍ଥାନାନ୍ତର କରିବା ପାଇଁ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରିବାକୁ ୫-ଟି ସଚିବ ପାଣ୍ଡିଆନ୍ କହିଛନ୍ତି। ଖୁବ୍‌ଶୀଘ୍ର ସର୍ଭେ କରାଯିବ। ବିଶ୍ୱନାଥ ପାଠାଗାରକୁ ଅନ୍ୟତ୍ର ସ୍ଥାନାନ୍ତର ସହ ଏକ ଅତ୍ୟାଧୁନିକ ପାଠାଗାରରେ ପରିଣତ କରାଯିବ। ଗୋପାଳପୁରଠାରେ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ବସ୍ ପାର୍କିଂ ବ୍ୟବସ୍ଥା ରହିବ। ଅନୁଗୋଳ ବସ୍‌ଷ୍ଟାଣ୍ଡ ଏବଂ ପୁରୀ ବସ୍‌ଷ୍ଟାଣ୍ଡର ଉନ୍ନତିକରଣ କରାଯିବ। ଲିଙ୍କରୋଡ୍‌ଠାରୁ ବାଦାମ୍‌ବାଡ଼ି ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ପାଇଁ ଯୋଜନା ରହିଛି। ତାଳଦଣ୍ଡା କେନାଲ୍‌ଠାରୁ ଏସ୍‌ସିବି ପର୍ଯ୍ୟନ୍ତ ରାସ୍ତାର ସଂଯୋଗୀକରଣ କାର୍ଯ୍ୟକୁ ସଚିବ ସମୀକ୍ଷା କରିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ଛଅ ଥାକିଆ ରିଂରୋଡ୍ ପାଇଁ ଭୂମିପୂଜା କରିଥିଲେ। ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ୫-ଟି ସଚିବ ପାଣ୍ଡିଆନ୍ ସମୀକ୍ଷା କରିଥିଲେ। ଏତଦ୍‌ବ୍ୟତୀତ ରାଣୀହାଟ ଏବଂ ଯୋବ୍ରା ଅଞ୍ଚଳରୁ ଜଳ ନିଷ୍କାସନକୁ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ଏସ୍‌ସିବି ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିବା ସହ ସନ୍ତୋଷ ପ୍ରକାଶ କରିଥିଲେ। କେଉଁ ସବୁ ଅଞ୍ଚଳରୁ ଆଗାମୀ ଦିନରେ ଉଚ୍ଛେଦ କାର୍ଯ୍ୟ ହେବ, ତାହା ପଚାରି ବୁଝିଥିଲେ ବୋଲି ଆର୍‌ଡିସି ସାମଲ ସୂଚନା ଦେଇଛନ୍ତି।

## ରାଜ୍ୟ ସଭା ନିର୍ବାଚନରେ ପ୍ରାର୍ଥୀ ଦେବନି ଭାଜପା

### ବିଜେଡି, ଭାଜପା ମଧ୍ୟରେ ବୁଝାମଣା ହୋଇଛି: କଂଗ୍ରେସ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଓଡ଼ିଶାର ୪ ରାଜ୍ୟ ସଭା ଆସନ ପାଇଁ ବିଜେଡିର ସମସ୍ତ ପ୍ରାର୍ଥୀ ବୁଧବାର ନାମାଙ୍କନ ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ୪ର୍ଥ ଆସନକୁ ନେଇ ଯେଉଁ ଚର୍ଚ୍ଚା ଲାଗି ରହିଥିଲା ସେଥିରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡିଛି। ଭାଜପା ରାଜ୍ୟ ସଭା ନିର୍ବାଚନ ଲାଗି ପ୍ରାର୍ଥୀ ଦେବ ନାହିଁ ବୋଲି ଶେଷରେ ଘୋଷଣା କରିଛି। କଂଗ୍ରେସ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାକୁ ମନା କରିଥିବାବେଳେ ପ୍ରାର୍ଥୀ ଚୟନକୁ ନେଇ ବିଜେଡି ଓ ଭାଜପା ମଧ୍ୟ ଭିତିରି ବୁଝାମଣା ହୋଇଥିବା ଅଭିଯୋଗ ଆଣିଛି।

ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି ଯେ, ଆମେ ଏଥର ପ୍ରାର୍ଥୀ ଦେବୁନାହିଁ। ଆମର ସଂଖ୍ୟା ହେଉନି, ସେଥିଲାଗି ଲଢିବୁନି। ସଂଖ୍ୟାଗରିଷ୍ଠତା ନ ଥିବାରୁ କାହିଁକି ଲଢେଇ କରିବାକୁ ଯିବୁ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ମାତ୍ର ଏନେଇ ଦଳ ନିଷ୍ପତ୍ତି ହୋଇନାହିଁ ବୋଲି ସେ କହିଛନ୍ତି। ପ୍ରଦୀପ୍ତ ଆହରି କହିଛନ୍ତି ଯେ, ନାମାଙ୍କନ କରିପାରିବାର ସଂଖ୍ୟା ଦଳ ନିକଟରେ ଥିଲେ ମଧ୍ୟ ଜିତିବାର ନାହିଁ। ଅନ୍ୟ ଦଳ ସହ ମିଶିକରି ଯାଇପାରୁ ମାତ୍ର କଂଗ୍ରେସ ସହିତ ମିଶିବାର ପ୍ରଶ୍ନ ଉଠୁନାହିଁ। ଦଳ ଏ ବାବଦରେ ଚୂଡାନ୍ତ ନିଷ୍ପତ୍ତି ନେବାପରେ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ରାଜ୍ୟ ସଭା ନିର୍ବାଚନ ଲାଗି ଦଳ ପ୍ରାର୍ଥୀ ଦେବନାହିଁ ବୋଲି ସୂଚନା ଦେଇଛନ୍ତି। ଜିତିବା ପାଇଁ ସଂଖ୍ୟା ନ ଥିବାରୁ ସଂସଦୀୟ ବୋର୍ଡ ମନା କରିଦେଇଥିବା ସେ କହିଛନ୍ତି।

ଏପରି ସ୍ଥିତିରେ କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ, ଭାଜପା, ବିଜେଡି ମଧ୍ୟରେ ସଲାସୁତୁରାରେ ସବୁ ହେଉଛି। ଏଥିଲାଗି ୨୩ଆସନ ଥିବାସତ୍ତ୍ୱେ ଭାଜପା ପ୍ରାର୍ଥୀ ଦେଉନାହିଁ। ତାଙ୍କର ୯ଜଣ ବିଧାୟକ ଅଛନ୍ତି। ସେମାନେ ନାମାଙ୍କନ ଦାଖଲ କରିପାରିବେ ନାହିଁ। ହେଲେ ଶାସକ ଦଳ ସହ ବୁଝାମଣା ହୋଇସାରିଥିବାରୁ ଭାଜପା ପ୍ରାର୍ଥୀଦେଉ ନ ଥିବା ସ୍ପଷ୍ଟ ଜଣାପଡୁଛି ବୋଲି ତାରା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଜେଡିର ୪ ରାଜ୍ୟ ସଭା ପ୍ରାର୍ଥୀ ସୁବାସ ସିଂ, ମୁନା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. NO. 354 of 2019**
**Syndicate Bank, Paradeep Port Branch,**
Paradeep, Dist.: Jagatsinghpur ...Applicant
-Versus-
**Sudarshan Swain & others** .....Defendants
To,
1. **Mr. Sudarshan Swain,** S/o- Late Madan Swain, At: Minidhi, PO: Paradeep Garh, PS: Paradeep Lock, Dist.: Jagatsinghpur-754141.
2. **Mr. Hemanta Kumar Nayak,** S/o- Late Shyam Sundar Nayak, At: Pitambarpur, PO: Bhutamundai, Dist.: Jagatsinghpur-754141.

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted a suit in **O.A. No. 354 of 2019** in the Court of Debts Recovery Tribunal at Cuttack for a recovery of **Rs.16,22,693.35** only together with current and future interest, costs and other relief's. The above mentioned defendants are therefore hereby directed to appear before this Tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **30th day of April, 2020 at 10.30 A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **15th day of February, 2020.**

Sd/- (M. K. Patnaik)
Registrar
Debts Recovery Tribunal

## ଜିଲା ଟିଠି



### ବରଗଡ଼

## ଚାଷୀଙ୍କ ଦୁଃଖ

ଅଧିକ ଧାନ ଉତ୍ପାଦନ ପାଇଁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ହେଲେ ଏହି ଜିଲାର ଚାଷୀଙ୍କ ଦୁଃଖ, ଦୁର୍ଦ୍ଦଶା ମଧ୍ୟ କମ୍ ନୁହେଁ। ଅନାବୃଷ୍ଟି, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କେତେବେଳେ ମରୁଡ଼ି ତ ଆଉକେବେ ମାଟିଆ ଗୁଣ୍ଡି(ଚକଡ଼ା) ଭଳି ରୋଗପୋକ ଉପଦ୍ରବ ଯୋଗୁ ଜିଲାର ଚାଷୀଙ୍କ ସୁନାର ଧାନ ଫସଲ ଧୂଳିସାତ୍ ହୋଇଯାଇଥିବା ନଜିର ରହିଛି। ତେବେ ସେଭଳି ପରିସ୍ଥିତିକୁ ପ୍ରାକୃତିକ ବିପର୍ଯ୍ୟୟ କୁହାଯାଇପାରେ, ମାତ୍ର ସରକାରୀ କଳରେ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଏଠାକାର ଚାଷୀଙ୍କ ଜୀବନ ଦୁର୍ବିଷହ ହୋଇ ପଡୁଛି। ଧାନବିକ୍ରି ପାଇଁ ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟହେଉ ଥିବାବେଳେ ବିକ୍ରିଧାନର ପ୍ରାପ୍ୟ ପାଇଁ ହଇରାଣ ହେବାକୁ ପଡୁଛି। ଜିଲାର ଚାଷୀମାନେ ଏଭଳି ଅନେକ ସମସ୍ୟାରେ ଛନ୍ଦି ହୋଇଛନ୍ତି। ସରସରା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଅଧୀନରେ ରହିଥିବା ୭୫ଜଣ ଚାଷୀ ୨୦୧୯ ରବିରେ ବିକିଥିବା ୩୫୯୦.୦୮ କୁଇଣ୍ଟାଲ ଧାନର ପ୍ରାପ୍ୟରାଶି ବାବଦକୁ ୬୨ଲକ୍ଷ ୮୨ହଜାର ୬୪୦ଟଙ୍କା ପାଇପାରି ନାହାନ୍ତି। ଅନ୍‌ଲାଇନ ନୁହେଁ ଅଫ୍‌ଲାଇନ୍‌ରେ ତତ୍କାଳୀନ ସମ୍ପାଦକ ସେହି ଧାନସବୁ କିଣିଥିବା ଯୋଗୁ ସେଭଳି ପରିସ୍ଥିତି ଉପୁଜିଥିବା ଏବଂ ସେଥିପାଇଁ ତତ୍କାଳୀନ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଥିଲା ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି। ତେବେ ଘଟଣାର କିଛିଦିନ ପରେ ସମ୍ପୃକ୍ତ ସମ୍ପାଦକଙ୍କ ଉପରୁ ନିଲମ୍ବନ ଉଠାଇ ଦିଆଯାଇ ତାଙ୍କୁ ଅନ୍ୟ ଏକ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ହେଲେ ଚାଷୀମାନେ ସେହି ବିକ୍ରିଧାନର ପ୍ରାପ୍ୟରାଶି ପାଇଁ ଏପର୍ଯ୍ୟନ୍ତ ବାରଦୁଆର ବୁଲୁଛନ୍ତି। ଚାଷୀଙ୍କ ନାମ ପଞ୍ଜୀକରଣ ଓ ଟୋକନ ବ୍ୟବସ୍ଥାରେ ମଧ୍ୟ ଅନୁରୂପ ସମସ୍ୟା। ଅନେକ ଚାଷୀ ଟୋକନ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବନ୍ଦ କରି ଦିଆଯାଇଯିବା ଯୋଗୁ ଟୋକନ ଥିବା ସତ୍ତ୍ୱେ ଅନେକ ଚାଷୀ ଧାନ ବିକି ପାରି ନାହାନ୍ତି। ଧାନ ସଂଗ୍ରହ ପ୍ରକ୍ରିୟାକୁ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନେଇ ସରକାର ଘୋଷଣା କରିଛନ୍ତି ସତ, କିନ୍ତୁ ଧାନ କିଣାବିକା ପାଇଁ ଉଦ୍ଦିଷ୍ଟ ଅନ୍‌ଲାଇନ ବ୍ୟବସ୍ଥା ଅଫ୍‌ଲାଇନ ରହିଥିବା ଯୋଗୁ ତାହା ଘୋଷଣାରେ ହିଁ ରହି ଯାଇଛି। ପଞ୍ଜୀକରଣରୁ ବାଦ୍ ଦିଆଯାଇଥିବା ଯୋଗୁ ଲଖମରା ଅଞ୍ଚଳର ୩୦୮ଜଣ ଚାଷୀ ଗତ ଖରିଫରେ ଅମଳ ଧାନକୁ ଏପର୍ଯ୍ୟନ୍ତ ବିକ୍ରି କରି ପାରିନାହାନ୍ତି। ସେହିପରି ଡୋରା ପ୍ୟାକ୍ସ ଅଧୀନରେ ପତିତ, ବର୍ଚ୍ଛା ଜମିରେ ଧାନଚାଷ ହେଉଥିବାବେଳେ ସେହି କିସମକୁ ପଞ୍ଜୀକରଣରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ। ଫଳରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ମଧ୍ୟ ଅମଳ ଧାନ ବିକ୍ରିରୁ ବଞ୍ଚିତ ରହୁଛନ୍ତି। ଅନ୍ୟପଟେ ନାମ ପଞ୍ଜୀକରଣ ବେଳେ ଗଭୀର ନଳକୂପ, ବିଦ୍ୟୁତ୍ ବିଲକୁ ନେଇ ଚାଷୀ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛି। ଯେଉଁଚାଷୀଙ୍କ ଗୋଟିଏ ଗଭୀର ନଳକୂପ ରହିଛି, ଅଧିକ ଜମି ଥିଲେ ମଧ୍ୟ ପଞ୍ଜୀକରଣରେ ମାତ୍ର ଅଢ଼େଇ ଏକର ଜମିକୁ ଉଲ୍ଲେଖିତ କରାଯାଉଛି। ସେହିପରି ନୂଆ ବିଦ୍ୟୁତ୍ ବିଲ ପଇଠ ନ କଲେ ସେଭଳି ଚାଷୀଙ୍କୁ ବି ସେଥିରୁ ବାଦ୍ ଦିଆଯାଉଛି। ମୋଟାମୋଟି କହିବାକୁ ଗଲେ, ଚାଷ କାମ ଯାହାର, କେତେ ସୁଖ ତାହାର ଉକ୍ତିଟି ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଓଲଟା ହୋଇଛି। ଆଉ ସୁଖ ବଦଳରେ ଚାଷୀଙ୍କ ଦୁଃଖ ବଢ଼ିବାରେ ଲାଗିଛି।

– ପ୍ରେମାନନ୍ଦ ଖମାରୀ

## ଘରୋଇ ଯାତ୍ରୀବାହୀ ବସ୍‌କୁ ୩୦ହଜାର ଟଙ୍କା ଜରିମାନା

ବଲାଙ୍ଗୀର ଅଫିସ, ୧୧।୩

- ଗାଡ଼ିର ନ ଥିଲା ପରମିଟ୍
- ଡ୍ରାଇଭର, କଣ୍ଡକ୍ଟରଙ୍କ ଲାଇସେନ୍ସ ନ ଥିଲା

ପରମିଟ୍ ନ ଥିବା ଘରୋଇ ଯାତ୍ରୀବାହୀ ବସ୍ ରାସ୍ତାରେ ଯାତାୟାତ କରୁଥିଲା। ସେହି ଗାଡିକୁ ଚଳାଉଥିବା ଡ୍ରାଇଭର କି ଯାତ୍ରୀଙ୍କଠାରୁ ଟିକେଟ କାଟୁଥିବା କଣ୍ଡକ୍ଟରଙ୍କ ଲାଇସେନ୍ସ ନ ଥିଲା। ବଲାଙ୍ଗୀର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନେତୃତ୍ୱରେ ସ୍ଥାନୀୟ ଆରଟିଓ ଅଫିସ ଛକ ନିକଟରେ ବୁଧବାର ଗାଡି ଯାଞ୍ଚ ପ୍ରକ୍ରିୟା ଚାଲିଥିବାବେଳେ ଶତାବ୍ଦୀ ନାମକ ଏହି ଘରୋଇ ଯାତ୍ରୀବାହୀ ବସ୍‌କୁ ଯାଞ୍ଚ କରାଯାଇଥିଲା। ଉକ୍ତ ଯାତ୍ରୀବାହୀ ବସ୍‌ର ପରମିଟ୍ ନ ଥିବା ଓ ଡ୍ରାଇଭର, କଣ୍ଡକ୍ଟରଙ୍କ ଲାଇସେନ୍ସ ନ ଥିବା ଜଣାପଡ଼ିଥିଲା। ଏହାପରେ ଏହି ଗାଡି ଉପରେ ୩୦ ହଜାର ୫ ଶହ ଟଙ୍କା ଫାଇନ୍ ପକାଯାଇଥିଲା। ପରେ ଉକ୍ତ ବସ୍‌କୁ ଟାଉନ୍ ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆରଟିଓ ପ୍ରଣୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

## 'ବିଜୁ ସେତୁ ନେଇ ପ୍ରସ୍ତୁତ ହେଉ ୫ ବର୍ଷିଆ ପ୍ଲାନ'

- ଗ୍ରାମ୍ୟ ଉନ୍ନୟନ ଷ୍ଟାଣ୍ଡିଂ କମିଟି ସୁପାରିସ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ରାଜ୍ୟର ଅନେକ ନଦୀ ଉପରେ ଯାତାୟାତ ପାଇଁ ସେତୁ ହୋଇନାହିଁ। ତେଣୁ ବିଜୁ ସେତୁ ଯୋଜନାରେ ପ୍ରକଳ୍ପ ନିର୍ମାଣ ନେଇ ୫ ବର୍ଷିଆ ଆକ୍ସନ ପ୍ଲାନ ନିର୍ମାଣ କରାଯାଉ। ଏହା ପୂର୍ବରୁ ସର୍ଭେ ଓ ଅନୁସନ୍ଧାନ ସୁବ୍ୟବସ୍ଥିତ ଢଙ୍ଗରେ କରାଯାଉ। ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିବା ସହ କୌଣସି ଆର୍ଥିକ ବଜେଟରେ ଅନୁମୋଦନ କରାଯାଇ ପ୍ରକଳ୍ପ ଆରମ୍ଭ କରିବାକୁ ବିଧାନସଭା ଗ୍ରାମ ଉନ୍ନୟନ ସ୍ଥାୟୀ କମିଟି ପରାମର୍ଶ ଦେଇଛି।

ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୦-୨୧ ଆର୍ଥିକବର୍ଷରେ ଅତିରିକ୍ତ ୪୦୦ କୋଟି ଅନୁଦାନ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଆଗାମୀ ଆର୍ଥିକ ବର୍ଷରେ ବିଧାନସଭା ନିର୍ବାଚନମଣ୍ଡଳୀୱାରି ୨୮.୪୦ କୋଟି ଟଙ୍କାର ଅନୁଦାନ ପ୍ରଦାନ ପାଇଁ ପ୍ରସ୍ତାବ ରହିଛି। ଫନୀ ଦ୍ୱାରା ପ୍ରଭାବିତ ବିଭାଗୀୟ କୋଠାବାଡି ମରାମତି ତୁରନ୍ତ ସାରିବା ପାଇଁ ପ୍ରସ୍ତାବ ଆସିଛି। ରାଜ୍ୟରେ ଥିବା ବିଭାଗୀୟ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୫୭୧.୫୭ କୋଟି ଟଙ୍କା, ଗ୍ରାମାଞ୍ଚଳ କୋଠାବାଡି ରକ୍ଷଣାବେକ୍ଷଣ ପାଇଁ ୮୫.୭୧ କୋଟି ଟଙ୍କା ଏବଂ ଅଣକୋଠାବାଡିଗୁଡିକର ରକ୍ଷଣାବେକ୍ଷଣ ପାଇଁ ୨୬୮.୭୦ କୋଟି ଟଙ୍କା ବ୍ୟୟବରାଦ କରିବାକୁ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ରାଜ୍ୟର ଅତିରିକ୍ତ ୫୦୦୦ କି.ମି. ରାସ୍ତାର ନିୟମିତ ରକ୍ଷଣାବେକ୍ଷଣ ପାଇଁ ଆଗାମୀ ଆର୍ଥିକବର୍ଷ ପାଇଁ ୭୫୦ କୋଟି ଟଙ୍କାର ଅତିରିକ୍ତ ଅନୁଦାନ ଦେବା ପାଇଁ ସୁପାରିସ କରାଯାଇଛି। ବରିଷ୍ଠ ବିଧାୟକ ଦେବୀ ପ୍ରସାଦ ମିଶ୍ର ଏହି କମିଟିର ଅଧକ୍ଷତା କରୁଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
**ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା**
**ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର**
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା ଯାହାକି ସେମାନଙ୍କୁ ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ତେଣୁ ଏହି କାରଣରୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଅବଗତ କରାଗଲା।

| ଆକାଉଣ୍ଟ ନଂ. / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ସିସି ଆକାଉଣ୍ଟ ନଂ.: ୩୨୮୮୮୯୧୩୦୯୨ / ଋଣଗ୍ରହୀତା: ମେସର୍ସ ଓଡ଼ିଶା ବୁଲିଅନ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସୁବ୍ରତ କୁମାର ସାହୁ, କାର୍ଯ୍ୟାଳୟ ଠିକଣା: ସା: ଶ୍ରୀଜୀ କମ୍ପ୍ଲେକ୍ସ, ଇମର୍ତ୍ତି ଦେବୀ ଓମେନ୍ସ କଲେଜ ନିକଟ, ନୟା ସଡ଼କ, କଟକ - ୭୫୩୦୦୧, ଓଡ଼ିଶା/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁବ୍ରତ କୁମାର ସାହୁ, ୨) ଶ୍ରୀମତୀ ଭାରତୀ ସାହୁ, ସ୍ୱାମୀ: ୰ରବିନ୍ଦ୍ର କୁମାର ସାହୁ, ୩) ଶ୍ରୀ ଜ୍ଞାନେନ୍ଦ୍ର କୁମାର ସାହୁ, ପିତା: ୰ରବିନ୍ଦ୍ର କୁମାର ସାହୁ, ୪) ଶ୍ରୀ ତୁଷାର ସାହୁ, ପିତା: ୰ରବିନ୍ଦ୍ର କୁମାର ସାହୁ, ସମସ୍ତଙ୍କ ଠିକଣା: ସା: ଅପର୍ଣ୍ଣା ନଗର, ଚାଉଳିଆଗଞ୍ଜ, ଇନ୍ଦ୍ରମଣି ସାହୁ କଲୋନୀ, ନୟା ବଜାର, କଟକ - ୭୫୩୦୦୪, ଓଡ଼ିଶା | ଶ୍ରୀମତୀ ଭାରତୀ ସାହୁ, ସ୍ୱାମୀ: ରବିନ୍ଦ୍ର କୁମାର ସାହୁ, ଜ୍ଞାନେନ୍ଦ୍ର କୁମାର ସାହୁ ଏବଂ ତୁଷାର ସାହୁ, ପିତା: ରବିନ୍ଦ୍ର କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ - ୨୮ ପଇସା, ତହସିଲ: କଟକ, ତହସିଲ ନଂ.: ୨୩୫, ଥାନା: ଚାଉଳିଆଗଞ୍ଜ, ଥାନା ନଂ.: ୦୫, ଜିଲ୍ଲା: କଟକ, ଖାତା ନଂ.: ୬୫୦/୫୪୫, ପ୍ଲଟ୍ ନଂ.: ୫୦୯, କ୍ଷେତ୍ର: ଏକର୦.୨୨୬ ଡିସିମିଲି, କିସମ: ଘରବାରୀ - ୨, ଏହାର ଚାରିପାଶ୍ୱରେ ପୂର୍ବ: ସାକ୍ଷୀ ଦେଇ, ପଶ୍ଚିମ: ରାସ୍ତା, ଉତ୍ତର: ବିମଳେନ୍ଦୁ ବାରିକ, ଦକ୍ଷିଣ: ସାକ୍ଷୀ ଦେଇ | ୨୫.୦୨.୨୦୨୦ / ୨୮.୧୧.୨୦୧୯ | ୨୪.୦୨.୨୦୨୦ ସୁଦ୍ଧା ଟ.୯୨,୮୮,୭୨୦/- + ସେବାବଦ ସୁଧ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର **୬୦ଦିନ** ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର
ତାରିଖ : ୧୧.୦୩.୨୦୨୦

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି
ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲ୍‌ଟାୟାର



## ସଂକ୍ଷେପରେ

### କ୍ଲବ ଘର ନିର୍ମାଣକୁ ନେଇ ଗଣ୍ଡଗୋଳ, ୬ ଆହତ

**ଧର୍ମଶାଳା, ୧୧।୩(ଡି.ଏନ୍.ଏ.):** ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମରେ ମଙ୍ଗଳବାର କ୍ଲବ ଘର ନିର୍ମାଣକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ମାରପିଟ ଘଟି ୨ଜଣଙ୍କ ମୁଣ୍ଡ ଫାଟିଥିବା ବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ଏଥିରେ ଶୈଳ ମଲିକ (୬୦)ଙ୍କ ମୁଣ୍ଡ ଫାଟିଥିବାବେଳେ ରମେଶ ମଲିକ (୩୫) ଓ ରାଜେଶ ମଲିକ (୩୩) ଆହତ ହୋଇଛନ୍ତି। ଅପରପକ୍ଷର କାର୍ତ୍ତିକ ସେଠୀ (୨୨)ଙ୍କ ମୁଣ୍ଡ ଫାଟିଥିବାବେଳେ ଅକ୍ଷୟ ସେଠୀ(୫୧) ଓ ମାଧବ ସେଠୀ (୩୪) ଆହତ ହୋଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମୁଣ୍ଡ ଫାଟିଥିବା ଶୈଳ ଓ କାର୍ତ୍ତିକଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ କରାଯାଇଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି।

### ରମ୍ଭେଇ ଦୋଳ ମେଳଣରେ ଭାଗ ନେଲେ ୭ ବିମାନ

**ଚଢେଇଧରା, ୧୧।୩(ଡି.ଏନ.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମହିଶରା ପଞ୍ଚାୟତ ଅଧିନ ରମ୍ଭେଇ ପ୍ରସିଦ୍ଧ ଦୋଳ ମେଳଣ ରବିବାର ରାତିରୁ ଆରମ୍ଭ ହୋଇ ସୋମବାର ମଧ୍ୟାହ୍ନରେ ଶେଷ ହୋଇଛି। ଏହି ମେଳଣରେ ଥାନପତି ଭାବେ ନାୟକ ସାହିର ବିମାନକୁ ଧୂପ ଚନ୍ଦନ ଫୁଲଓ ଅଭିର ଦେଇ ପ୍ରଥମେ ମେଳଣ ପଡିଆକୁ ନିଆଯାଇଥିଲା। ପରେ ଅନ୍ୟ ବିମାନଗୁଡିକୁ କ୍ରମାନ୍ୱୟରେ ଘଣ୍ଟ ସଂକୀର୍ତ୍ତନ ବାଜା ଆତସବାଜି ପଟୁଆରେ ମେଳଣ ପଡ଼ିଆକୁ ନିଆଯାଇଥିଲା। ମେଳଣରେ ପ୍ରବଳ ଜନସମାବେଶ ହୋଇଥିଲା। ଛୋଟପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଅବିରରେ ରଙ୍ଗ ଖେଳିଥିଲେ। ଏହି ମେଳଣରେ ଥାନପତି ନାୟକ ସାହି, କମ୍ପିରା, ସଂପାରୁ, ତୋଟାକଣ, କାଦୁଅମାଗୁରା, ବାଲିପଶି, ମହିଶରା, ମୋଟ ୭ ଗୋଟି ବିମାନ ଯୋଗ ଦେଇଥିଲେ। ରମ୍ଭେଇ, ତୋଟସିଂହ, ବାଟିଯୋଡ଼ା ଗ୍ରାମବାସୀଙ୍କ ସହଯୋଗରେ ମେଳଣ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିଲା।

### ବ୍ରାହ୍ମଣୀ ସେବା ସଂଘ ପକ୍ଷରୁ ବାର୍ଷିକ ଉତ୍ସବ

**ଜେନାପୁର, ୧୧।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଏଣ୍ଡଲବା ପଞ୍ଚାୟତ ଅଧିନ ଏଣ୍ଡଲବା ଯଜ୍ଞ ମଣ୍ଡପ ପରିସରରେ ବ୍ରାହ୍ମଣୀ ସେବା ସଂଘ ପକ୍ଷରୁ ସୋମବାର ଅପରାହ୍ନରେ ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଯୁଧିଷ୍ଠିର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ସେବା ମାଧ୍ୟମରେ ମଣିଷ ଭଗବାନଙ୍କ ଆର୍ଶୀବାଦ ପ୍ରାପ୍ତି ହୋଇଥାଏ। ଏହା ଦ୍ୱାରା ମଣିଷର ଧାର୍ମିକ ତଥା ଆଧାତ୍ମିକ ସତ୍ତାର ପରିପ୍ରକାଶ ଘଟିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷାବିତ ଦୟାନିଧି ଦାଶ, ସମ୍ମାନିତ ଅତିଥିଭାବେ ପଣ୍ଡିତ ରମେଶ ଚନ୍ଦ୍ର ସାହୁ, ଯାତ୍ରା କଳାକାରର ରାଜ୍ୟ ସଂଯୋଜକ କାଳନ୍ଦୀ ମଲ୍ଲିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଭିନ୍ନ ଚନ୍ଦ୍ର ଦାଶ ଅତିଥି ପରିଚୟ କରିଥିବାବେଳେ ଦାମୋଦର ଦାଶ ସ୍ୱାଗତ ଭାଷଣ ଓ ବସନ୍ତ ଦାଶ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ବାବୁଲି ରାଉତ ଓ ପ୍ରଶାନ୍ତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୧୪୫ଜଣ ବୃଦ୍ଧାବୃଦ୍ଧ ଓ ନିରାଶ୍ରୟ ତଥା ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଅନ୍ନ ଓ ବସ୍ତ୍ର ଦାନ କରାଯାଇଥିଲା। ପ୍ରାରମ୍ଭରେ ଯଜ୍ଞ କମିଟିର ସଦସ୍ୟ ସ୍ୱର୍ଗତ ଜିତେନ କୁମାର ସାହୁଙ୍କ ବିୟୋଗରେ ଏକ ନୀରବ ପାର୍ଥନା କରାଯାଇଥିଲା।

# ସାମ୍ବିଧାନିକ ଅଧିକାର ପାଇଁ ଶାଣିତ ହେଉଛି ସ୍ୱର

## ରସୁଲପୁର ବ୍ଲକରେ ସମିତି ସଭ୍ୟାସଭ୍ୟଙ୍କ ମେଳି

**ରସୁଲପୁର, ୧୧।୩(ଡି.ଏନ୍.ଏ.)**



ମହାବିନାୟକଙ୍କ ପୀଠରେ ଏକାଠି ହୋଇଥିବା ସମିତି ସଭ୍ୟାସଭ୍ୟ।

ପଞ୍ଚାୟତିରାଜ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ହେଉଛି ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର କରିବା। ଅର୍ଥାତ ୱାର୍ଡସ୍ତରର ନିର୍ବାଚିତ ପ୍ରତିନିଧିଙ୍କୁ ଗାଁର ବିକାଶ ମୂଳକ କାର୍ଯ୍ୟରେ ସାମିଲ କରିବା। ଏହି ବ୍ୟବସ୍ଥାରେ ମୁଖ୍ୟ ଭାବେ ୱାର୍ଡ ସଭ୍ୟାସଭ୍ୟଙ୍କଠାରୁ ଆରମ୍ଭ କରି ଜିଲାପରିଷଦ ସଭ୍ୟାସଭ୍ୟଙ୍କ ପର୍ଯ୍ୟନ୍ତ ନିର୍ବାଚିତ ଜନପ୍ରତିନିଧିଙ୍କୁ ଗୁରୁତ୍ୱ ପ୍ରଦାନ କରାଯାଇ ସମାଜର ବିକାଶ ଯୋଜନା ପ୍ରସ୍ତୁତ କରିବା। ଏଦିଗରେ ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲାପରିଷଦ ସଦସ୍ୟାସଦସ୍ୟଙ୍କୁ ଅଧିକ କ୍ଷମତା ପ୍ରଦାନ କରିବା ଉପରେ ସମ୍ବିଧାନରେ ବିଧିବ୍ୟବସ୍ଥା କରାଯାଇଛି। ହେଲେ ଏହାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉ ନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ବିରୋଧର ସ୍ୱର ଉଠୁଛି। ପଞ୍ଚାୟତସ୍ତରର ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରାଯାଉଛି। ଯାଜପୁର ଜିଲା ରସୁଲପୁର ବ୍ଲକର ସମିତିସଭ୍ୟାସଭ୍ୟଙ୍କ ମେଳିରୁ ଏହି ସନ୍ଦେଶ ପଦାକୁ ଆସିଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ମହାବିନାୟକ ପୀଠରେ ସୋମବାର ରସୁଲପୁର ବ୍ଲକର ୨୮ଜଣ ସମିତି ସଭ୍ୟାସଭ୍ୟଙ୍କ ମଧ୍ୟରୁ ୧୫ରୁ ଉର୍ଦ୍ଧ୍ୱ ପ୍ରତିନିଧି ଏକତ୍ରିତ ହୋଇ ସେମାନଙ୍କ ସାମ୍ବିଧାନିକ ଅଧିକାର ହାସଲ ପାଇଁ ସ୍ୱର ଶାଣିତ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଉକ୍ତ ବୈଠକରେ ବ୍ଲକ ଅଧକ୍ଷା ସାରତି ଜେନା ଯୋଗଦେବା ଖବର ମଧ ଭିନ୍ନ ସଙ୍କେତ ଦେଉଛି। ବିଶେଷକରି ଏହି ମେଳିରୁ ରାଜନୈତିକ ଗନ୍ଧ ବାରି ହେଉଥିବା ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ତେବେ ଏହି ବ୍ଲକର ତ୍ରିକୋଣୀୟ ରାଜନୀତି ଭିତ୍ତିଭୂମିରୁ ଉଠିଥିବା ପ୍ରତିବାଦର ସ୍ୱର ଆଗକୁ କେତେ ଦାନାବାନ୍ଧୁଛି ତାହା ସମୟକ୍ରମେ ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

ଏହି ବ୍ଲକର ସମସ୍ତ ପଞ୍ଚାୟତ ୩ଟି ନିର୍ବାଚନମଣ୍ଡଳୀରେ ବିଭକ୍ତ ହୋଇଛି। ସେଥିମଧ୍ୟରୁ ବରୀ ନିର୍ବାଚନମଣ୍ଡଳୀରେ ୧୦ଗୋଟି, କୋରେଇ ଓ ଧର୍ମଶାଳା ଭାଗରେ ଯଥାକ୍ରମେ ୯ଟି ଲେଖାଏ ପଞ୍ଚାୟତ ରହିଛି। ୩ ନିର୍ବାଚନମଣ୍ଡଳୀରୁ ଶାସକ ଦଳର ବିଧାୟକମାନେ ପ୍ରତିନିଧିତ୍ୱ କରୁଛନ୍ତି। ବ୍ଲକରେ ଧର୍ମଶାଳା ନିର୍ବାଚନମଣ୍ଡଳୀ ତାର ଦବଦବା ଜାରି ରଖିଛି।୨୦୧୭ରେ ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ସମିତି ସଭ୍ୟା ସାରତି ଜେନା ଅଧକ୍ଷା ପଦାସୀନ ହୋଇଛନ୍ତି। ତେବେ କିଛିଦିନ ଧରି ଅଧକ୍ଷା ଓ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସମ୍ପର୍କରେ ତିକ୍ତତା ଆସିଥିବା କଥା ଦାଣ୍ଡରେ ଘାଟରେ ଆଲୋଚନା ହେଉଛି। ଅଧକ୍ଷାଙ୍କ ସ୍ୱାମୀ ପ୍ରକାଶ ଚନ୍ଦ୍ର ସାମଲ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀଙ୍କ ପାଇଁ ରସୁଲପୁର ବ୍ଲକରେ ପ୍ରତିନିଧିତ୍ୱ କରୁଥିଲେ। ଏଥିପାଇଁ ଧର୍ମଶାଳା ବିଧାୟକ ବଳବନ୍ତରାୟଙ୍କ ସମ୍ମତିରେ କରାଯାଇଥିବା ସମ୍ପର୍କରେ ଖୋଦ୍ ଏମ୍‌ପି ସେଠୀ ପ୍ରକାଶ କରିଥିଲେ। ତେବେ ଗତ ୮ତାରିଖରେ ଏମ୍‌ପି ସେଠୀ ତାଙ୍କ ପ୍ରତିନିଧି ପଦରୁ ପ୍ରକାଶଙ୍କୁ ହଟାଇ ଦେଇଛନ୍ତି। ଏ ସମ୍ପର୍କରେ ସେ ରସୁଲପୁର ବ୍ଲକ ବିଡିଓଙ୍କୁ ଅବଗତ କରିଥିବା ଚିଠିରୁ ସ୍ପଷ୍ଟ ହୋଇଛି। ସେ ଦେଇଥିବା ଚିଠିରେ ପ୍ରକାଶଙ୍କ ବଦଳରେ ଅନ୍ୟ ଜଣଙ୍କ ନାମ ଉଲ୍ଲେଖ ରହିଛି। ତେବେ ଏହାପଛରେ କାରଣ କ'ଣ ରହିଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଧର୍ମଶାଳା, କୋରେଇ, ବରୀ ବିଧାୟକଙ୍କ ଅନୁରୋଧ କ୍ରମେ ଏଭଳି କରାଯାଇଥିବା ଆଲୋଚନା ହେଉଛି। ଅପରପକ୍ଷରେ ସମିତିସଭ୍ୟାସଭ୍ୟଙ୍କ ମେଳି ପଛରେ ଅଧକ୍ଷାଙ୍କ ହାତ ରହିଛି ବୋଲି ବିଧାୟକ ସମର୍ଥଗଣ ମତ ରଖୁଛନ୍ତି। ଏହାସତ୍ୟ ଯେ ପଞ୍ଚାୟତସ୍ତରରୁ ନିର୍ବାଚିତ ପ୍ରତିନିଧିଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ମିଳୁ ନାହିଁ। ତାହା ପଞ୍ଚାୟତିରାଜ ଦିବସ ସମାରୋହ, ବ୍ଲକରେ ଆୟୋଜନ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା କରାଯିବା ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ୫ମାର୍ଚ୍ଚ,୨୦୧୯ ପଞ୍ଚାୟତିରାଜ ଦିବସରରେ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଖବର ପ୍ରକାଶ ପାଇଥିଲା। ଚଳିତବର୍ଷ ମଧ୍ୟ ସମାନସ୍ଥିତି ଉପୁଜିବାରୁ ଏଦିଗରେ ରାଜ୍ୟ ସରକାର ଓ ପ୍ରଶାସନ ଜନ ପ୍ରତିନିଧିଙ୍କ ଅଧିକାରକୁ ସମ୍ମାନ ଦେଉନାହାନ୍ତି ବୋଲି ସମିତିସଭ୍ୟାସଭ୍ୟମାନେ ଖୋଲାଖୋଲି ଅଭିଯୋଗ କରୁଛନ୍ତି। ଏନେଇ ଗତ ୬ତାରିଖରେ ସଭ୍ୟାସଭ୍ୟମାନେ ବିଡିଓଙ୍କୁ ଭେଟି ଅଭିଯୋଗ ମଧ କରିଛନ୍ତି। କ୍ଷମତା ଅପସାରଣ ପାଇଁ ରାଜ୍ୟ ସରକାର ମସୁଧା ଚଳାଇଛନ୍ତି ବୋଲି କେତେକ ସରପଞ୍ଚ ଖୋଲାଖୋଲି ପ୍ରକାଶ କରିବା ସହ ଏହା ବିରୋଧରେ ଅଦାଲତର ଦ୍ୱାରସ୍ଥ ହେବାକୁ ମଧ ସଜବାଜ ହେଲେଣି। ରାଜ୍ୟ ୪ର୍ଥ ଓ ୧୪ତମ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନକୁ ଖର୍ଚ୍ଚ କରିବାରେ ସରପଞ୍ଚଙ୍କ ସ୍ୱାଧୀନତା ରହିଥିଲା। ତେବେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ଦେଓରଞ୍ଜନ ସିଂଙ୍କ ପକ୍ଷରୁ ରାଜ୍ୟର ସମସ୍ତ ବିଡିଓଙ୍କୁ ଦିଆଯାଇଥିବା ଚିଠି ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ କରିଛି। ଯାହାକି ପଞ୍ଚାୟତିରାଜ ବ୍ୟବସ୍ଥାର ବିରୋଧୀ। ଏହି ଚିଠି ଜରିଆରେ ପଞ୍ଚାୟତର ଅନୁଦାନ ଖର୍ଚ୍ଚକରିବାରେ ବିଡିଓଙ୍କୁ ଅଙ୍କୁଶ ରହିବ ବୋଲି ସ୍ପଷ୍ଟ କରାଯାଇଛି। ତେବେ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାବେଳେ ପଞ୍ଚାୟତ ପ୍ରତିନିଧିଙ୍କ ସାମ୍ବିଧାନିକ କ୍ଷମତାକୁ ସଙ୍କୁଚିତ କରିବା ଠିକ୍ ନୁହେଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ଅଧକ୍ଷା ସାରତୀ ଜେନାଙ୍କୁ ପଚାରିବାରୁ ସେ ସମିତିସଭ୍ୟାସଭ୍ୟଙ୍କ ପକ୍ଷରୁ ଡାକରା ପାଇ ଆୟୋଜିତ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଏଥିରେ କୌଣସି ରାଜନୀତି ଥିବା କଥାକୁ ସେ ଅସ୍ୱୀକାର କରିଛନ୍ତି।

## ଗୋ-ସମ୍ପଦର ସୁରକ୍ଷା ମନ୍ତ୍ର ନେଇ ଘର ବାହୁଡ଼ିଲେ ଶ୍ରଦ୍ଧାଳୁ

### ୨ୟ ବାର୍ଷିକୀ ସୁରଭି ମହାଯଜ୍ଞ ଉଦ୍‌ଯାପିତ

**ରସୁଲପୁର, ୧୧।୩(ଡି.ଏନ୍.ଏ.)**

ରସୁଲପୁର ଓ ଯାଜପୁର ବ୍ଲକର ସୀମାନ୍ତବର୍ତ୍ତି ଅଞ୍ଚଳ କାକୁଡ଼ିକୁଦ-ନୀଳକଣ୍ଠପୁର ଗ୍ରାମବାସୀଙ୍କ ପକ୍ଷରୁ ସତ୍ୟସାଇ ଖେଳ ପଡ଼ିଆରେ ୫ଦିନ ବ୍ୟାପି ଚାଲିଥିବା ଯଜ୍ଞୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଛି। ଯଜ୍ଞଦିବସ ଗୁଡ଼ିକରେ ବିଶ୍ୱଶାନ୍ତି କଲ୍ୟାଣ ନିମନ୍ତେ ପୂଜାର୍ଚ୍ଚନା କରାଯିବା ସହ ବିଶେଷକରି ସୁରଭି ମହାଯଜ୍ଞର ଉଦ୍ଦେଶ୍ୟ ସମ୍ପର୍କରେ ଶ୍ରଦ୍ଧାଳୁଙ୍କୁ ଅବଗତ କରାଯାଇଛି। ଗୋ-ସମ୍ପଦ କ୍ରମଶଃ କମିବା ମାନବ ସମାଜ ପାଇଁ ବିପଦ ସଦୃଶ ବୋଲି କୁହାଯାଉଛି। ପ୍ରତ୍ୟେକ ପରିବାରରେ ଗୋରୁଙ୍କ ପାଳନ ଉପରେ ଗୁରୁତ୍ୱ ଦିଆଗଲେ ଗୋ-ସମ୍ପଦ ସୁରକ୍ଷା ହୋଇପାରିବ। ସଭିଏଁ ଆଗେଇ ଆସି ଗୋ-ସମ୍ପଦର ସୁରକ୍ଷା ଦିଗରେ କାର୍ଯ୍ୟକରିବାକୁ ସୁରଭି ମହାଯଜ୍ଞର ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ସଦସ୍ୟ ଆଶୁତୋଷ ବଳ, ଓଡ଼ିଶା ବିଇଡି ଆସୋସିଏନର ସଦସ୍ୟ ପଣ୍ଡିତ ସଚ୍ଚିକାନ୍ତ ମିଶ୍ର ପ୍ରମୁଖ ବକ୍ତା ଭାବରେ ଯୋଗଦେଇ ଏହିଭଳି ପରାମର୍ଶ ଦେଇଛନ୍ତି। ଉଦ୍‌ଯାପନୀ ଦିବସରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଢୁବୁରୀ, ୧୧।୩(ଡିଏନଏ)**

କଳିଙ୍ଗନଗର ଥାନା ଢୁବୁରୀ-ଚଣ୍ଡିଖୋଲ ୫୩ ନଂ ଜାତୀୟ ରାଜପଥର ବେଲହୁରୀ ଛକ ନିକଟରେ ଏକ ଟିପ୍ପ ବୋଝେଇ ହାଇୱା ଧକ୍କାରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ସୋମବାର ଅପରାହ୍ନରେ ମୃତ୍ୟୁ ଘଟିଛି। ମୃତ ଯୁବକ ଗୁନା ନାୟକ ହୋଇଥିବାବେଳେ ଘର ଗୋବରଘାଟି ନିକଟ ରୟାନାଳ ଗାଁରେ ବୋଲି ଜଣାଯାଇଛି। ସମ୍ପୃକ୍ତ ଯୁବକ ନିକଟସ୍ଥ ଏକ କାରଖାନାରେ ଡ୍ୟୁଟି ସାରି ରାତିରେ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ ଦୁର୍ଘଟଣା ଘଟେଇ ଥିବା ହାଇୱାକୁ ଜବତ କରିଥିବାବେଳେ ଏନେଇ ଏକ ମାମଲା (ନଂ.୩୭/୨୦୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଶିକ୍ଷକ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

### ୨ ଛାତ୍ରୀଙ୍କୁ ଶିକ୍ଷକ ବଳାତ୍କାର କରିବା ଘଟଣା

**କୋରେଇ, ୧୧।୩ (ସ୍ୱ.ପ୍ର)**

କରଦା ନୋଡାଲ ଉପ୍ରା ବିଦ୍ୟାଳୟ ସମ୍ମୁଖରେ ବୁଧବାର ସ୍ଥାନୀୟ ଅଧିବାସୀ ଧାରଣା ଓ ଅନ୍ଦୋଳନ କରିଥିଲେ। ଗତ ୬ତାରିଖ ଉକ୍ତ ବିଦ୍ୟାଳୟର ୨ଜଣ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଟିଉସନ ବାହାନାରେ ଶିକ୍ଷକ ମୋହନ ଚରଣ ଭୂୟାଁ ବଳତ୍କାର କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ଉକ୍ତ ମାମଲା ରଫାଦଫା କରିବାକୁ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ଦାସ ପୀଡିତାଙ୍କ ପରିବାରକୁ କହିବା ଓ ଅନ୍ୟ ଶିକ୍ଷୟତ୍ରୀଶିକ୍ଷକ ଏହି ଘଟଣାରେ ସହଯୋଗ କରିଥିବାରୁ ସ୍ଥାନୀୟ ଅଧିବାସୀମାନେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଶତାଧିକ ଲୋକ ଧାରଣାରେ ବସିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ମୁତୟନ କରାଯାଇଥିଲା। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଇଓ ଅକ୍ଷୟ କୁମାର ଧଳ ସେଠାରେ ପହଞ୍ଚିଥିଲେ। ଏସଡିପିଓ ଚିନ୍ମୟ ନାୟକ, ଥାନାଧିକାରୀ ଅଜୟ କୁମାର ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଗୁରୁପୂଜନ ଉତ୍ସବ

**ରସୁଲପୁର, ୧୧।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୯ ମାଟ୍ରିକ ବ୍ୟାଚର ପୁରାତନ ବିଦ୍ୟାର୍ଥୀଙ୍କ ପକ୍ଷରୁ ବୁଧବାର ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ଅଧକ୍ଷତା କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ସାହୁ, ଶିକ୍ଷକ ପରମାନନ୍ଦ ପଣ୍ଡା, ଇନ୍ଦ୍ରମଣି ସାହୁ, ପ୍ରାଣକୃଷ୍ଣ ନାୟକ, ଅକ୍ଷୟ କୁମାର ସାହୁ, ମାଗୁଣି ଚରଣ ବେହେରା, କୃଷ୍ଣଚନ୍ଦ୍ର ରାଉତ, ଗଣେଶ୍ୱର ଶତପଥୀ, ନଳିନିପ୍ରଭା ଜେନା, ଶୟନା ରାଉତ, ସୁନୀତା ବାନା, ଦେବସ୍ମିତା ପାଢୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାର୍ଥୀମାନେ ଅତିଥି ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରିବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଅସହାୟଙ୍କୁ ସହାୟତାର ହାତ ବଢ଼ାଇଲା ଅଂଶୁମାନ ଟ୍ରଷ୍ଟ

**ରସୁଲପୁର, ୧୧।୩(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଞ୍ଚଳର ସ୍ୱେଚ୍ଛାସେବୀ ସଂଗଠନ ଅଂଶୁମାନ ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତର ଦିବ୍ୟାଙ୍ଗ ପ୍ରଦୀପ ପାତ୍ରଙ୍କ ପରିବାରକୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଦିବ୍ୟାଙ୍ଗ ପ୍ରଦୀପ ବୁଢା ବାପାଙ୍କ କାନ୍ଧରେ ବୋଝ ପାଲଟିଥିବାବେଳେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବହୁ ଦୁର୍ଦ୍ଦିନ ମଧ୍ୟରେ ରହୁଥିବା ଏହି ପରିବାରକୁ କିପରି ସରକାରୀ ସହାୟତା ମିଳିପାରିବ ସେନେଇ ଚେଷ୍ଟା କରିବେ ବୋଲି ସାହୁ କହିଛନ୍ତି। ଏହାଛଡ଼ା ସାହୁ ଥାନୁଆଳ ପଞ୍ଚାୟତର ମୁରାରୀପୁର ଗ୍ରାମର କିଡ୍‌ନୀ ରୋଗରେ ଆକ୍ରାନ୍ତ ହରି ମଲିକଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ଅର୍ଥାଭାବରୁ ରୋଗର ଚିକିତ୍ସା କରାଇପାରୁ ନାହାନ୍ତି ବୋଲି ହରି ପ୍ରକାଶ କରିଥିଲେ। ଏହା ଶୁଣିବା ପରେ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଚିକିତ୍ସା କିଭଳି କରାଯାଇପାରିବ ସେଦିଗରେ ସାହୁ ପ୍ରୟାସ କରିଥିଲେ। ଏହି ପଞ୍ଚାୟତର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁ ନ ଥିବାରୁ ବହୁ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି ସୂଚନା ମିଳିଛି। ଏହି ଅବସରରେ ସାହୁଙ୍କ ସହ ଦଳିତ ନେତା କାର୍ତ୍ତିକ ଚନ୍ଦ୍ର ମଲିକ, ଜିତେନ୍ଦ୍ର ସାହୁ, ରାଜେଶ ପାଲ, କାର୍ତ୍ତିକ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ୩ ଅଭିଯୁକ୍ତ କୋର୍ଟ ଚାଲାଣ

**କୋରେଇ, ୧୧।୩ (ସ୍ୱ.ପ୍ର)**

ପାଣିକୋଇଲି ପୋଲିସ ବୁଧବାର ୩ ଜଣ ଚୋରା ଗଞ୍ଜେଇ ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଣିକୋଇଲି ରାଢିସାହି ଗ୍ରାମର ସରୋଜ ମହାପାତ୍ର(୪୭), କୋରେଇ ମୀନା ବଜାର ସେକ ସଦାମ ଅଲ୍ଲୀ(୨୨) ଓ ତୁଳସୀପୁରର ପଞ୍ଚାନନ ଦାସ(୨୩)। ଏନେଇ ପୋଲିସ ଏକ ମାମଲା (ନଂ.୬୪/୨୦) ରୁଜୁ କରିଛି। ସେମାନଙ୍କ ନିକଟରୁ ୯ କେଜି ୨୩୦ଗ୍ରାମ ଗଞ୍ଜେଇ ସହ ବାଇକ ଜବତ କରିଛି। ଏକ ବସ ଯୋଗେ ପାଣିକୋଇଲିକୁ ଗଞ୍ଜେଇ ଆସୁଥିବା ଖବର ପାଇ ପୋଲିସ ଉକ୍ତ ବସକୁ ଜଗି ରହିଥିଲା। ବସରୁ ଗଞ୍ଜେଇ ଖୋଲାଯିବା ପରେ ସରୋଜ ବାଇକ ନେଇ ପହଞ୍ଚିଥିଲେ। ଉକ୍ତ ବାଇକରେ ସଦାମ ଓ ପଞ୍ଚାନନ ୨ଟି ବ୍ୟାଗ ଧରି ବସିଥିଲେ। ତାଙ୍କୁ ପିଛା କରି ପୋଲିସ ସାଇ ମନ୍ଦିର ନିକଟରୁ କାବୁ କରିଥିଲା।

## ମା' ଅଙ୍ଗେଶ୍ୱରୀଙ୍କ ଷଷ୍ଠବାର୍ଷିକ ଯଜ୍ଞୋତ୍ସବ ଉଦ୍‌ଯାପିତ

**ରସୁଲପୁର, ୧୧।୩(ଡି.ଏନ୍.ଏ.)**



ମା' ଅଙ୍ଗେଶ୍ୱରୀଙ୍କ ଷଷ୍ଠବାର୍ଷିକ ଯଜ୍ଞୋତ୍ସବ।

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଅନ୍ତର୍ଗତ ଓଡ଼ଙ୍ଗ ଗ୍ରାମଦେବୀ ମା' ଅଙ୍ଗେଶ୍ୱରୀଙ୍କର ଷଷ୍ଠବାର୍ଷିକ ଏକ ଦିବସୀୟ ଯଜ୍ଞୋତ୍ସବ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଗାଁ ବେଶ୍ ଉତ୍ସବ ମୁଖର ହୋଇଉଠିଛି। ପ୍ରତ୍ୟୁଷରେ ପବିତ୍ର ବ୍ରାହ୍ମଣୀ ନଦୀ ଘାଟରେ ଘଟ ପୂଜାର୍ଚ୍ଚନା କରାଯିବା ପରେ କଳସଧାରୀଗଣ ଜଳପୂର୍ଣ୍ଣ କଳସୀ ଆଣି ମା'ଙ୍କ ପୀଠରେ ପହଞ୍ଚି ଥିଲେ। ଏହି ଅବସରରେ ଗ୍ରାମରେ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଭଜନ କୀର୍ତ୍ତନ, ହରିବୋଲ ହୁଳହୁଳି, ଘଣ୍ଟଘଣ୍ଟା ଆଦି ଶବ୍ଦରେ ଗ୍ରାମ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ନାଗୁଆ ପୂଜକଙ୍କ ଦ୍ୱାରା ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ବିଧି ସହକାରେ ପୂଜା ଉପଚାର କରାଯାଇଥିଲା। ମା'ଙ୍କୁ ବିଭିନ୍ନ ବେଶରେ ଭୂଷିତ କରାଯିବା ସହ ମନ୍ଦିର ବେଢାକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଭକ୍ତଗଣ ମା'ଙ୍କ ପୀଠରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହିଯଜ୍ଞ ଉତ୍ସବ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। ଗ୍ରାମବାସୀଙ୍କ ଶୁଭ ମନାସୀ ଯଜ୍ଞରେ ଆହୁତି ପ୍ରଦାନ କରାଯାଇଥିଲା। ମୁଖ୍ୟ ପୁରୋହିତ ଅଭିରାମ ପତି ଓ ତାଙ୍କର ସହଯୋଗୀଙ୍କ ମେଳରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଉତ୍ସବର ପୁରୋଧା ଭାବରେ କଳଶଧାରୀ ଅଶୋକ କର, ଅର୍ନପୁର୍ଣ୍ଣା କର, ପ୍ରଶାନ୍ତ ବାରିକ, କାମେଶ୍ୱର ପଣ୍ଡା, ପ୍ରତାପ ସ୍ୱାଇଁ, କାଶିନାଥ, ଅଶୋକ ସାମଲ, ସନ୍ଦୀପ ସ୍ୱାଇଁ, ବିଶ୍ୱରଞ୍ଜନ ସାହୁ, ଚନ୍ଦ୍ରମଣି ବେହେରା, ସଚ୍ଚିରଞ୍ଜନ ପଣ୍ଡା ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଗୋଷ୍ଠୀ ସଂଘର୍ଷ: ୪ଆହତ, ଜଣେ ଗୁରୁତର

### ଉଭୟ ପକ୍ଷରୁ ଥାନାରେ ମାମଲା: ୪ଅଟକ

**କଳିଙ୍ଗନଗର, ୧୧।୩(ଡି.ଏନ.ଏ)**

କୋରେଇ ଥାନା ଧନେଶ୍ୱର ପଞ୍ଚାୟତସ୍ଥିତ ପଣ୍ଡୁଲା ଗ୍ରାମରେ ହମ୍ପସ୍ ନିର୍ମାଣକୁ କେନ୍ଦ୍ର କରି ସବର୍ଣ୍ଣ ଓ ଦଳିତଙ୍କ ମଧ୍ୟରେ ମଙ୍ଗଳବାର ମଧ୍ୟାହ୍ନରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ଉଭୟ ଗୋଷ୍ଠୀରୁ ୪ଜଣ ଆହତ ହୋଇଥିଲାବେଳେ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଏନେଇ କୋରେଇ ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଥିଲାବେଳେ ଉଭୟ ଗୋଷ୍ଠୀରୁ ୪ଜଣଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ପଣ୍ଡୁଲା ଗ୍ରାମର ଦଳିତ ସାହି ଗାଁ ରାସ୍ତାରେ ସାହି ପିଲାମାନେ ହମ୍ପସ ନିର୍ମାଣ କରିଥିଲେ। ମଙ୍ଗଳବାର ହୋଲି ଖେଳି ବାଇକରେ ଆସୁଥିବା ସବର୍ଣ୍ଣ ସାହିର ଦୁଇ ଯୁବକ ହମ୍ପସ ନିର୍ମାଣକୁ ବିରୋଧ କରି ଗାଳିଗୁଲଜ କରିଥିଲେ। ଦଳିତ ସାହିର ଲୋକେ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ଯୁବକ ଦ୍ୱୟ ଦଳଗତଭାବେ ପଶି ଠେଙ୍ଗାବାଡି, କୋଦାଳ, ଶାବଳ ସହ ମରଣାସ୍ତ୍ର ଧରି ଦଳିତ ସାହି ଉପରେ ଆକ୍ରମଣ କରିଥିଲେ। ଦଳିତ ସାହିର ଯୁବକମାନେ ମଧ ବିରୋଧାତ୍ମକଭାବେ ମାରଣାସ୍ତ୍ର ସାହାଯ୍ୟରେ ପ୍ରତିଆକ୍ରମଣ କରିଥିଲେ। ଏଥିରେ ଦଳିତ ଗୋଷ୍ଠୀର ରାଜେନ୍ଦ୍ର ମଲିକ, ସୟ ମଲିକ, ନୀଳମଣି ମଲିକ ଓ ସବର୍ଣ୍ଣ ଗୋଷ୍ଠୀର ପ୍ରଶାନ୍ତ ରାଉତ ଓ ଜଳଧର ରାଉତ ଆହତ ହୋଇଥିବା ଜଣାପଡିଛି। ଏମାନଙ୍କ ମଧ୍ୟରୁ ଦଳିତ ଗୋଷ୍ଠୀର ରାଜେନ୍ଦ୍ର ମଲିକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଯାଜପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିବାବେଳେ ବୁଧବାର ରାଜେନ୍ଦ୍ରଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଉଭୟଗୋଷ୍ଠୀ ପକ୍ଷରୁ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏ ନେଇ ପୃଥକ ପୃଥକ ୨ଟି ମାମଲା (ନଂ.୫୪/୨୦ ଓ ୫୫/୨୦) ରୁଜୁ କରି ଗାଁରେ ଚଢାଉ ଜାରି ରଖିଛି।

## ମଦ ଜବତକରି ପୋଲିସ ଜିମା ଦେଲେ ମହିଳା ଗୋଷ୍ଠୀ

**ଜେନାପୁର, ୧୧।୩(ଡି.ଏନ୍.ଏ.)**



ମହିଳାଙ୍କୁ ପୋଲିସ ବୁଝାଶୁଝା କରୁଛି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଅଧିନ ମୁରାରିପୁର ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମଦ ଜବତ କରି ପୋଲିସ ଜିମା ଦେଇଛନ୍ତି। ସୂଚନାଥାଉକି ମଙ୍ଗଳବାର ଅପରାହ୍ନ ସାଢ଼େ ୩ଟାରେ ୩୦ରୁ ଉର୍ଦ୍ଧ୍ୱ ମହିଳା ଚୋରା ବିଦେଶୀ ମଦ ବିକ୍ରି ହେଉଥିବା ଖବର ପାଇ ଗ୍ରାମର ଭରତ ସ୍ୱାଇଁଙ୍କ ଘରେ ଚଢ଼ାଉ କରିଥିଲେ। ଭରତ ଲୁଚାଇ ରଖିଥିବା ନାମୀଦାମୀ ବ୍ରାଣ୍ଡର ବିଦେଶୀ ମଦକୁ ଜବତ କରିବା ସହିତ ଜେନାପୁର ପୋଲିସକୁ ଖବର ଦେଇଥିଲେ। ଜେନାପୁର ଥାନାଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ମନୋରଞ୍ଜନ ସାମଲ ଘଟଣା ସ୍ଥଳରେ ପହଞ୍ଚି ମଦ ଜବତ କରିଥିଲେ। ହେଲେ ସେତେବେଳକୁ ଭରତ ଫେରାର ହୋଇଯାଇଥିଲେ। ଏଥିସହିତ ଉତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରି ୭ଦିନ ମଧ୍ୟରେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ଏନେଇ ଏକ ମାମଲା(୫୨/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ସ୍ୱୟଂ ସହାୟକ ଗୋଷ୍ଠୀର ଅଳତା ରାଉତ, ପାର୍ବତୀ ରାଉତ, ଶୁଭଦ୍ରା ଓଝା, ସରସ୍ୱତୀ ରାଉତ, ସରପଞ୍ଚ ଜ୍ୟୋର୍ତିମୟୀ ସେଠୀ, ବାସନ୍ତୀ ଦଳେଇ, ସସ୍ମିତା ଖଟୁଆ ପ୍ରମୁଖ ଏହି ମଦ ବିରୋଧୀ ଅଭିଯାନରେ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ମାର୍ଚ୍ଚ, ୨୦୨୦

ଯେତେବେଳେ ନିଜ ଶକ୍ତି ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### କାଡ଼ା ନାଳ ନିର୍ମାଣ ପାଇଁ ଚାଷୀଙ୍କ ଦାବି

**ଚଣ୍ଡିଖୋଲ,୧୧।୩(ଡିଏନ୍‌ଏ):** ବଡ଼ଚଣା ବ୍ଲକ ଏକ କୃଷିଭିତ୍ତିକ ଅଞ୍ଚଳ ହୋଇଥିବାବେଳେ ଏଠାରେ ଜଳ ସେଚନର ସୁବିଧା ନ ଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକ ଦେଇ ବିରୁପା, ଗେଙ୍ଗୁଟି ଓ କେଲୁଅ ନଦୀ ପ୍ରବାହିତ ହେଉଛି। ଏହାର ପଶ୍ଚିମାଞ୍ଚଳର ୨୦ଟି ପଞ୍ଚାୟତ ପାର୍ବତ୍ୟାଞ୍ଚଳଭାବେ ରହିଯାଉଛି। ଜଳସେଚନ କରିବା ପାଇଁ ଯଥେଷ୍ଟ ସୁବିଧା ସୁଯୋଗ ଥିଲେ ମଧ୍ୟ ଆବଶ୍ୟକ ଶାଖା ନାଳ, କାଡ଼ା ନାଳର ଅଭାବ ଓ କାଁ ଭାଁ ଥିବା ନାଳ ସଫେଇ କରାଯାଉ ନ ଥିବାରୁ ଚାଷୀମାନେ ପ୍ରକୃତ ପକ୍ଷେ ଜଳସେଚନ ସଦୁପଯୋଗ କରିପାରୁ ନାହାନ୍ତି। ବିଭିନ୍ନ ଗ୍ରାମରେ ଚକବନ୍ଦୀ ହେବା ପରେ ନାଳର ଦିଗ ପରିବର୍ତ୍ତନ କରାଯାଇ କାଡ଼ା ନାଳ ନିର୍ମାଣ ପାଇଁ ଜମି ରଖାଯାଇଛି ଓ କେତେକ ସ୍ଥାନରେ ତିଆରି ମଧ୍ୟ କରାଯାଇଥିଲା। ବହୁ ସ୍ଥାନରେ ଅଦ୍ୟାବଧି କାଡ଼ା ନାଳ ନିର୍ମାଣ ମଧ୍ୟ ହୋଇନାହିଁ। ବିଶେଷ କରି ଡଗରପଡ଼ା, ବନ୍ତଳା, ନୂଆଶାସନ, ଖଇରା, ଦେଉଳକୁର ପ୍ରଭୃତି ଗ୍ରାମରେ କାଡ଼ା ନାଳ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଚାଷୀଙ୍କ ଅଭିଯୋଗ ପାଇ ବିଭାଗୀୟ ଅଧିକାରୀମାନେ ଆସି ତଦନ୍ତ କରିଛନ୍ତି। ଆବଶ୍ୟକ ଅଞ୍ଚଳରେ କାଡ଼ା ନାଳ କାର୍ଯ୍ୟ ଆରମ୍ଭ କରିବା ପାଇଁ ଚାଷୀଙ୍କ ସହିତ ଆଲୋଚନା କରି ଖୁବଶୀଘ୍ର କଂକ୍ରିଟ ଚକନାଳି ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଫେରି ଯାଇଥିଲେ। ତେବେ ତୁରନ୍ତ କାଡ଼ା ନାଳ କରିବାକୁ ଚାଷୀ ନଳିନୀକାନ୍ତ ପୃଷ୍ଟି, ଆଦିତ୍ୟ ତରାଇ, ସୁବାଷ ବରାଳ, ପବିତ୍ର ଦଳାଇ, ଦାମୋଦର ମଲିକ ଓ ବିନାୟକ ରାଉତ ପ୍ରମୁଖ ଦାବି କରିଛନ୍ତି।

### ବରୀରେ ବିଭିନ୍ନ ସ୍ଥାନରେ ଫଗୁ ମିଳନ

**ବରୀ,୧୧।୩ (ସ୍ୱପ୍ର):** ବରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫଗୁ ମିଳନ ଓ ହୋଲି ଉତ୍ସବ ପାଳିତ ହୋଇଯାଇଛି। ଚଳିତ ବର୍ଷ କରୋନା ଭୟ ଆଶଙ୍କାରେ ଫଗୁ ମିଳନ ଫିକା ପଡିଯାଇଥିଲାବେଳେ କେତେକ ସ୍ଥାନରେ ନିରାଡମ୍ବରେ ପାଳନ ହୋଇଥିବା ଦେଖିବାକୁ ମିଳିଛି। ମେଦୁଆକୂଳ, ଗହପାଳ, ହାଟସାହି, ବାଜପଡା, ଡିଅବାରିଙ୍ଗ, ନାଥପୁର, ରଣ୍ଡା, ବରୀ, ବାଲିବିଲି ଆଦି ଗ୍ରାମରେ ରୀତିନୀତି ଅନୁଯାୟୀ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି କରାଯାଇ ପୂଜାର୍ଚ୍ଚନା କରାଯିବା ସହିତ ଫଗୁ ମିଳନ ଓ ହୋଲି ପର୍ବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ମଙ୍ଗଳବାର ଅରଙ୍ଗାବାଦ୍ ଗ୍ରାମର ସର୍ବପୁରାତନ ବୁଢା ଗୋସାଇଁ ମେଳଣ ପର୍ବ ପାଳିତ ହୋଇଯାଇଛି। ଏଥିରେ ଆଖପାଖ ଗ୍ରାମର ୭ଟି ବିମାନ ଅଂଶଗ୍ରହଣ କରିଥିଲାବେଳେ ହରିନାମ ସଂକୀର୍ତ୍ତନରେ ଭକ୍ତମାନେ ବିଭୋର ହୋଇଥିଲେ। ରଣ୍ଡା ଗ୍ରାମର ବୃନ୍ଦାବନ ଚନ୍ଦ୍ରଙ୍କ ଦୋଳ ପର୍ବ ୭ଦିନ ଧରି ପାଳିତ ହୋଇଯାଇଥିବା କୁହାଯାଇଛି। ବରୀ କଂଗ୍ରେସ ପକ୍ଷରୁ ଭାଇଚାରା ଉଦ୍‌ଜୀବିତ କରି ରଖିବା ପାଇଁ ମେଦୁଆକୂଳଠାରେ କଂଗ୍ରେସ ନେତା ଉମେଶ ଜେନାଙ୍କ ନେତୃତ୍ୱରେ ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳନ ହୋଇଯାଇଛି। ରଙ୍ଗ ବଦଳରେ ଫୁଲ ଚନ୍ଦନ ଦେଇ ହୋଲି ଉତ୍ସବ ପାଳନ କରାଯାଇଥିବା କୁହାଯାଇଛି।

### ଯାଜପୁରରେ ବାଲି ମେଳଣ ଅନୁଷ୍ଠିତ

**ଯାଜପୁର ଟାଉନ,୧୧।୩(ଡିଏନଏ):** ଚଳିତ ବର୍ଷ ଯାଜପୁର ସହର ଆରାଧ୍ୟ ଦେବତା ବରାହନାଥ ମନ୍ଦିର ପାର୍ଶ୍ୱରେ ପ୍ରତିବର୍ଷ ପରି ଦୋଳପୂର୍ଣ୍ଣିମା ବାଲି ମେଳଣ ଅନୁଷ୍ଠିତ ହୋଇଯାଇଛି। ଆଧାତ୍ମିକ ପରିବେଶ ମଧ୍ୟରେ ରାଜ୍ୟର ପ୍ରତିଷ୍ଠିତ ଭଜନ ଗାୟକ ପଙ୍କଜ ଜାଲ ଓ ମାନସୀ ପାତ୍ରଙ୍କ ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇ ଉପସ୍ଥିତ ହଜାର ହଜାର ସଂଖ୍ୟାର ଭକ୍ତଙ୍କୁ ଆମୋଦିତ କରାଯାଇଥିଲା। ଚଳିତ ବର୍ଷ ୯୫ଟି ରାଧା କୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସ୍ୱତନ୍ତ୍ର ବିମାନ ଯୋଗେ ବାଜାବାଣ ରୋଷଣି ଦ୍ୱାରା ମେଳଣ ପଡିଆରେ ପହଞ୍ଚି ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଭଜନ, କୀର୍ତ୍ତନ ଓ ଗୀତା ପାଠରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରାହ ଉନ୍ନୟନ କମିଟି ସଭାପତି ଆଇନଜୀବୀ ଦିଲୀପ କୁମାର ଦାସ, ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ମହାରଣା, ଶିବ ପ୍ରସାଦ ବଳ, କ୍ଷୀରୋଧ ଚନ୍ଦ୍ର ପାଠୀ, ପ୍ରମୋଦ ଚନ୍ଦ୍ର ମହାନ୍ତି, ନବକିଶୋର ଦାସ, ନିଶିଥ ଦାସ, ପ୍ରଦିପ ସାହୁ, ମଧୁସୁଦନ ମହାନ୍ତି, ବୃନ୍ଦାବନ ମିଶ୍ର ପ୍ରମୁଖ ସଞ୍ଚାଳନ କରିଥିଲେ।

# ବେଆଇନଭାବେ ଚାଲିଛି ନୂଆପାଟଣା ଘାଟ

**ବୈତରଣୀ ନଦୀ**
- ଚୋରା ବାଲି ଚାଲାଣ ଉପରେ ଲାଗୁନି ଅଙ୍କୁଶ
- ଆଖି ବୁଜିଦେଇଛି ପ୍ରଶାସନ
- ତହସିଲଦାରଙ୍କ ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ

**ଦଶରଥପୁର,୧୧।୩(ଡିଏନ୍‌ଏ)**

ଦଶରଥପୁର ବ୍ଲକ ଦେଇ ବୋହି ଯାଇଥିବା ବୈତରଣୀ ନଦୀ ନୂଆପାଟଣା ଘାଟରୁ ଦୈନିକ ଶହଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ମାତ୍ର ପ୍ରଶାସନ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆଖିବୁଜି ଦେଇଛି। ଏନେଇ ସମ୍ପୃକ୍ତ ଅଞ୍ଚଳବାସୀ ଦଶରଥପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ଯେ, ଏହି ନଦୀ ବ୍ଲକ ଅଞ୍ଚଳରେ ଥିବା କୌଣସି ଗୋଟିଏ ବି ଘାଟକୁ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇ ନାହିଁ। ବ୍ଲକ ଅଧୀନ ନିଜାମପୁର ପଞ୍ଚାୟତ ନୂଆପାଟଣା ଗ୍ରାମର କେତେଜଣ ମୁଷ୍ଟିମେୟ ଲୋକ ନଦୀପାର୍ଶ୍ୱ ବନ୍ଧକୁ କାଟି ଜେସିବି ମାଧ୍ୟମରେ ଦୈନିକ ଶହଶହ ଟ୍ରିପ ବାଲି ଚୋରା ଚାଲାଣ କରୁଛନ୍ତି। ବେଆଇନଭାବେ ଚାଲିଥିବା ଏହି ଘାଟକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବହୁବାର ସ୍ଥାନୀୟ ଆର୍‌ଆଇ ଓ ଦଶରଥପୁର ତହସିଲଦାରଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ଜନସାଧାରଣଙ୍କଠାରୁ ଶୁଣିବାକୁ ମିଳିଛି। ଚୋରାରେ ବାଲି ଚାଲାଣ କରୁଥିବା ବାଲି ମାଫିଆମାନେ ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନକୁ ମୋଟା ଅଙ୍କର ଉତ୍କୋଚ ଦେଇ ଦୀର୍ଘଦିନ ଧରି ଖୁଲମଖୁଲା ବେଆଇନ୍ ବାଲି ଚୋରା ଚାଲାଣ କରିଆସୁଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଥରୁଟିଏ ବି ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ନଦୀଶଯ୍ୟାରୁ ବାଲି ବୋଝେଇ ଗାଡ଼ିଗୁଡିକର ଯାତାୟାତ ଲାଗି ବାଲି ମାଫିଆମାନେ ନଦୀବନ୍ଧର ଉଭୟ ପାର୍ଶ୍ୱକୁ କାଟି ବନ୍ଧକୁ ଦୁର୍ବଳ କରିଦେଇଛନ୍ତି। ଫଳରେ ନଦୀରେ ବନ୍ୟା ଆସିବା କ୍ଷଣି ଏଠାରେ ଘାଇ ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଥାଏ। ପ୍ରତିଦିନ ଏଥିଯୋଗୁ ସରକାରଙ୍କ ରାଜସ୍ୱ ହାନୀ ଘଟୁଥିବାବେଳେ ଜନସାଧାରଣଙ୍କ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏହା ଉପରେ ପଦକ୍ଷେପ ନ ନେବା ପଛରେ କି ରହସ୍ୟ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନଦୀରୁ ବାଲି ଉଠାଣ କରି ଉକ୍ତ ଗ୍ରାମ ଦେଇ ଦୈନିକ ଶତାଧିକ ଗାଡ଼ି ଯାତାୟାତ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ ଦବି ଖାଲଖମା ସୃଷ୍ଟି ହେଉଛି। ନୂଆପାଟଣା, ନିଜାମପୁର, ସୋଲପାଟ ଓ କୋଟପୁର ଗ୍ରାମବାସୀ ଶନିବାର ଦଶରଥପୁର ତହସିଲଦାରଙ୍କୁ ଭେଟି ଏହି ବେଆଇନ ଘାଟକୁ ବନ୍ଦ କରିବା ଓ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ନୂତନଭାବେ ଯୋଗ ଦେଇଥିବା ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରାଙ୍କୁ ପଚାରିବାରେ, ପୂର୍ବରୁ ହୋଇଥିବା ଅଭିଯୋଗ ସମ୍ପର୍କରେ ସେ ଜାଣି ନାହାନ୍ତି। ତେବେ ତାଙ୍କ ପାଖକୁ ଆସିଥିବା ଅଭିଯୋଗ ଉପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପରିବହନ ବିଭାଗ ଦ୍ୱାରା ବସ୍ ଜବତ

**ଚଣ୍ଡିଖୋଲ,୧୧।୩(ଡ଼ି.ଏନ.ଏ)**

ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଲାଲମୋହନ ସେଠୀ ବୁଧବାର ଚଣ୍ଡିଖୋଲ ଛକରେ ମୁସ୍କାନ ନାମକ ଏକ ଶୀତ ତାପ ନିୟନ୍ତ୍ରିତ ବସ୍‌କୁ ଅପରାହ୍ନରେ ଜବତ କରିଛନ୍ତି। ବସ୍‌ର ମୋଟର ଯାନ ଆଇନ ଅନୁଯାୟୀ ପରମିଟ ନ ଥିଲା। ଏହାସହ ଗୋଟିଏ ମାସର ଟିକସ ଓ ବସ କଣ୍ଡକ୍ଟରର ଲାଇସେନ୍ସ ମଧ୍ୟ ନ ଥିବାରୁ ଏହାକୁ ଜବତ କରାଯାଇଛି। ବସଟି ଭଦ୍ରକରୁ କଟକ ଅଭିମୁଖେ ଦୈନନ୍ଦିନ ଯାତାୟତ କରିଥାଏ। ଆରଟିଓ ସେଠୀ ଚଣ୍ଡିଖୋଲ ଛକରେ ବସଟିକୁ ଅଟକାଇ ଥିଲେ। ଗାଡ଼ିରେ ଥିବା ଯାତ୍ରୀଙ୍କୁ ଅନ୍ୟ ବସ୍‌କୁ ସ୍ଥାନାନ୍ତରିତ କରି ବସଟିକୁ ଜବତ କରିଥିଲେ। ବସ୍ ମାଲିକଙ୍କଠାରୁ ୩୩ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଆରଟିଓ ସୂଚନା ଦେଇଛନ୍ତି।

## ବକେୟା ଦରମା ଦାବିରେ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଆନ୍ଦୋଳନ



ବିଏସ୍‌ଏନ୍‌ଏଲ୍ କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

**ଯାଜପୁର ଟାଉନ,୧୧।୩(ଡିଏନଏ)**

ଯାଜପୁର ଭାରତ ସଞ୍ଚାର ନିଗମ (ବିଏସ୍‌ଏନ୍‌ଏଲ) କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ବୁଧବାର କାର୍ଯ୍ୟାଳୟ ସମ୍ମୁଖରେ ବକେୟା ଦରମା ଦାବି ନେଇ ଆନ୍ଦୋଳନ କରିଥିଲେ। ଗତ ୧୮ମାସ ଧରି କର୍ମଚାରୀମାନେ ନିଜର ବକେୟା ଦରମା ପାଇ ନ ଥିବାବେଳେ ଆଗକୁ ପୁଣି ନୂତନ ଆର୍ଥିକ ବର୍ଷ ଆରମ୍ଭ ହେବାକୁ ଯାଉଛି। ଦିନକୁ ଦିନ ଅହେତୁକ ଦରଦାମ ବୃଦ୍ଧି ସାଙ୍ଗକୁ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଚାପର ପରିମାଣ ବୃଦ୍ଧି ପାଉଛି। ଏହି କର୍ମଚାରୀମାନେ ନିଜ ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇପଡିଲାଣି। ଯଦି ଆଗାମୀ ଦିନରେ ସରକାର କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ନ କରନ୍ତି ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ସୂଚନା ଦେଇଛି। ଏହି ଆନ୍ଦୋଳନରେ ରମାକାନ୍ତ ବାରିକ, ମଦନମୋହନ ପାଗଳ, ପ୍ରଶାନ୍ତ ରାଏ, ବ୍ରଜକିଶୋର ଜେନା, ଶତ୍ରୁଘନ ଜେନା, ସଦାନନ୍ଦ ସେଠୀ, ଗୌରହରୀ ପଣ୍ଡା, ଅଶୋକ ଦାସ, ଲକ୍ଷ୍ମୀଧର ମଲ୍ଲିକ, ସନ୍ତୋଷ କୁମାର ଭୂୟାଁ ପ୍ରମୁଖ କର୍ମଚାରୀ ଆନ୍ଦୋଳନରେ ବସିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ଦଶରଥପୁର,୧୧।୩(ଡିଏନ୍‌ଏ)**

ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥିତ ଏକ ମେଡିସିନ୍ ଷ୍ଟୋରରେ ସେଲ୍‌ସ ମ୍ୟାନଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ମଙ୍ଗଳବାର ବେକରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖାଯାଇଛି। ମୃତ ଯୁବକ କୟାଁ ପଞ୍ଚାୟତ ମାଧପୁର ଗ୍ରାମର ନରୋତ୍ତମ ଯେନାଙ୍କ ପୁଅ ସମ୍ବିତ(୨୨) ବୋଲି ଜଣାପଡ଼ିଛି। ସେ ଉକ୍ତ ମେଡିସିନ୍ ଷ୍ଟୋରରେ ଗତ ୩ବର୍ଷ ଧରି ସେଲ୍‌ସ ମ୍ୟାନଭାବେ କାର୍ଯ୍ୟ କରିଆସୁଥିଲେ। ସମ୍ବିତ ପ୍ରତିଦିନ ମଧ୍ୟାହ୍ନ ଭୋଜନ କରି ଏକ କ୍ଲିନିକରେ ବିଶ୍ରାମ ନେଇଥାନ୍ତି। ତେବେ ମଙ୍ଗଳବାର ମଧ୍ୟାହ୍ନରେ ସମ୍ବିତ ଖାଇସାରି କ୍ଲିନିକକୁ ଫେରିଥିଲେ। ଅପରାହ୍ନ ସାଢେ ୪ଟା ପରେ ସମ୍ବିତ କ୍ଲିନିକ ନ ଖୋଲିବାରୁ ମେଡିସିନ ଷ୍ଟୋରରେ କାର୍ଯ୍ୟ କରୁଥିବା ଅନ୍ୟ ପିଲାମାନେ କ୍ଲିନିକ୍‌କୁ ଯାଇ ସମ୍ବିତଙ୍କୁ ଡାକିଥିଲେ। ମାତ୍ର ସମ୍ବିତ କବାଟ ନ ଖୋଲିବାରୁ ଉକ୍ତ ପିଲା କ୍ଲିନିକ ପଛପଟ ଝରକା ଫାଙ୍କରେ ସେ ବେକରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିଥିଲେ। ମେଡିସିନ୍ ଷ୍ଟୋରର ମାଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ମଙ୍ଗଳପୁର ପୋଲିସକୁ ଘଟଣା ସମ୍ପର୍କରେ ଜଣାଇବା ପରେ ପୋଲିସ କବାଟ ଭାଙ୍ଗି ମୃତଦେହକୁ ଉଦ୍ଧାର କରିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ବାପା ନରୋତ୍ତମ ପୁଅର ଏଭଳି ଆତ୍ମହତ୍ୟାର କାରଣ ଖୋଜି ବାହାର କରିବାକୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ପ୍ରଭାତ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, କିଷାନ କ୍ଲବ ଚାମ୍ପିୟନ

**ଚଣ୍ଡିଖୋଲ,୧୧।୩(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ କଳାଶ୍ରୀଠାରେ ସୋମବାର ଆଜାଦ କ୍ରିକେଟ କ୍ଲବ କଳାଶ୍ରୀ ଆନୁକୂଲ୍ୟରେ ପ୍ରଭାତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଚାରିନଙ୍ଗଳ ଜିଏମ କ୍ରିକେଟ କ୍ଲବକୁ ୯ ୱିକେଟରେ ହରାଇ କିଷାନ କ୍ଲବ ମୋଦିପୁର ଚାମ୍ପିୟାନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜିଏମ କ୍ରିକେଟ କ୍ଲବ ୬ ଓଭରରେ ୨୭ ରନ କରିଥିବାବେଳେ ଏହାର ପିଛା କରି କିଷାନ କ୍ଲବ ମୋଦିପୁର ୪ଓଭର ୨ଟା ବଲରେ ୧ୱିକେଟ ହରାଇ ୨୮ ରନ କରି ବିଜୟୀ ହୋଇଥିଲା। କିଷାନ କ୍ଲବର ସେକ ଆସିକ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଉଭୟ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଇତିଶ୍ରୀ ସାମଲ, ଗୋପାଳପୁର ସରପଞ୍ଚ ଶରତ କୁମାର ସାମଲ, ଖବରଦାତା ବିରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆଜାଦ କ୍ରିକେଟ କ୍ଲବର ସଲିମ ଖାନ, ବାବର ବକ୍ସ, ସେମ ନାଜିମ ଅକତର, ଜବାଲ ଖାଁ, ଅବଦୁଲା ଖାଁ, ସେକ ରଫିକ ଉଦ୍ଦିନ, ସାହାବୁଦ୍ଦିନ, ଅନିସ ଉଦ୍ଦିନ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ୫ ଜିଆର୍‌ଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଯାଜପୁର ଟାଉନ,୧୧।୩(ଡିଏନଏ)**

ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତର ଜିଆରଏସ କାର୍ତ୍ତିକ ସାହୁଙ୍କୁ ଭାରପ୍ରାପ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ କାର୍ଯ୍ୟରୁ ଅନ୍ତର କରିଛନ୍ତି। ସେହିପରି ଦଶରଥପୁର ବ୍ଲକ୍‌ର ଅନ୍ୟ ୪ ଜିଆରଏସ ସୁଶାନ୍ତ ସାହୁ, ସିଦ୍ଧାର୍ଥ ଶଙ୍କର ରାୟ, ରବୀନ୍ଦ୍ର ବାରିକ, ସୌଭାଗ୍ୟ ମଲ୍ଲିକଙ୍କୁ ନାୟକ କୈଫତ୍ ତଲବ କରିବା ସହ କାହିଁକି ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବ ନାହିଁ ବୋଲି ନୋଟିସ୍ ଜାରି କରିଛନ୍ତି। ବାରମ୍ବାର ନିର୍ଦ୍ଦେଶ, ନିୟମିତ ତାରିଖ, ଟେଲିଫୋନ୍ ବାର୍ତ୍ତା ପ୍ରଦାନ ସତ୍ତ୍ୱେ ଏହି କର୍ମଚାରୀମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଅଗ୍ରଗତିରେ ବିଫଳତା ପ୍ରଦର୍ଶନ କରିଚାଲିଥିଲେ। ଏହି କର୍ମଚାରୀଙ୍କର କାର୍ଯ୍ୟ ଦକ୍ଷତା ନୈରାଶ୍ୟଜନକ, ଗ୍ରହଣୀୟ ନୁହେଁ ବୋଲି ନାୟକ ପ୍ରକାଶ କରିଛନ୍ତି। ଦାୟିତ୍ୱରେ ଅବହେଳା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶର ଅବମାନନା ଓ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ ନ କରିବା ଯୋଗୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାର୍ଚ୍ଚ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟକୁ ପୂରଣ ପାଇଁ ଶତପ୍ରତିଶତ କାର୍ଯ୍ୟ କରିବାକୁ ନାୟକ ତାଗିଦ୍ କରିଛନ୍ତି। ସେହିପରି ଅନ୍ୟ ବ୍ଲକଗୁଡ଼ିକୁ ସମୀକ୍ଷା କରି ଅନୁରୂପ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ଏହି ୫ଜଣ ବୁଧବାର ଜିରୋ ଅଫ୍ ଦି ଡେଭାବେ ବିବେଚିତ ହୋଇଛନ୍ତି ବୋଲି ନାୟକ ଘୋଷଣା କରିଛନ୍ତି।

## ମା’ ବିରଜାଙ୍କ ଝୁଲଣ ଯାତ୍ରା

**ଯାଜପୁର ଟାଉନ,୧୧।୩ (ଡିଏନଏ)**

ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ଝୁଲଣା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମା’ଙ୍କ ବିଜେପ୍ରତିମା ଦୋଳମଣ୍ଡପକୁ ଆସିବା ପରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ମା’ ବିରଜାଙ୍କ ସେବକ ଜ୍ୟୋତିଷଙ୍କ ଦ୍ୱାରା ନୂତନ ବିରଜା ପଞ୍ଜିକା ପାଠ କରାଯାଇଥିଲା। ମା’ ବିରଜାଙ୍କ ମୁଖ୍ୟ ପୁରୋଧା ହିମାଂଶୁ ପ୍ରତିମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ସହିତ ଜ୍ୟୋତିଷ ନୂତନ ପଞ୍ଜିକା ପାଠ କରିଥିଲେ। ପୁରାତନ ଭାସ୍ୱତି ଗଣନା ଅନୁଯାୟୀ ୧୨ ରାଶିର ଗ୍ରହ, ନକ୍ଷେତ୍ର ଚଳନ ଓ ଦେଶର ଭବିଷ୍ୟତ ବାଣୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ପଞ୍ଜିକା ଜନସାଧାରଣଙ୍କ ପାଇଁ ପଣାସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏପ୍ରିଲ ୧୪ରେ ଉତ୍ସର୍ଗ କରାଯାଇଥାଏ। ଏହି ବିରଜା ପଞ୍ଜିକା ବିରଜା ମଣ୍ଡଳୀ ବ୍ୟତିତ ଭଦ୍ରକ, କେନ୍ଦ୍ରାପଡା, କେନ୍ଦୁଝର ଜିଲାରେ ମଧ୍ୟ ପ୍ରଚଳିତ ହୋଇଥାଏ। ଏହି ପଞ୍ଜିକାରେ ମା’ଙ୍କ ବର୍ଷକର ରୀତିନୀତି ପୂଜାର୍ଚ୍ଚନାର ସମୟ ନିର୍ଘଣ୍ଟ କରାଯାଇଥାଏ।



ଝୁଲଣଯାତ୍ରା ଅବସରରେ ମା’ ବିରଜାଙ୍କ ପୂଜାର୍ଚ୍ଚନା ଚାଲିଛି।

## କଣ୍ଟେନର ଓଲଟି ୭ ଗୋରୁ ମୃତ, ଉତ୍ତେଜନା

**ଢୁବୁରୀ,୧୧।୩(ଡିଏନଏ)–** କଳିଙ୍ଗନଗର ଥାନା ଅନ୍ତର୍ଗତ ବାଇସାହି ନିକଟରେ ଗତ ସୋମବାର ବିଳମ୍ବିତ ରାତିରେ ଏକ କଣ୍ଟେନର ବୋଝେଇ ଗୋରୁ ଗାଡ଼ି ଓଲଟି ପଡ଼ିବାରୁ ୭ଟି ଗୋର ମୃତ୍ୟୁବରଣ କରିଥିଲେ। ପୋଲିସ ପକ୍ଷରୁ ମରିଯାଇଥିବା ଗୋରୁଗୁଡ଼ିକୁ ଏକ ଜନବସତି ନିକଟରେ ଫୋପାଡି ଦେବା ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସର ଏତାଦୃଶ କାର୍ଯ୍ୟ ଯୋଗୁ ଉତ୍ତେଜନା ବୃଦ୍ଧି ପାଇବାରୁ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏଥିରେ ହସ୍ତକ୍ଷେପ କରି ସମସ୍ତ ଗୋରୁଙ୍କୁ ପୋତିବାର ବ୍ୟବସ୍ଥା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୁକିନ୍ଦା ଥାନା ହରିପୁର ଅଞ୍ଚଳରୁ ପ୍ରାୟ ୩୦ଗୋରୁ ଭଦ୍ରକ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବାବେଳେ ଏହି ଘଟଣା ଘଟିଥିଲା। ତେବେ କଣ୍ଟେନରରେ ଥିବା ଅନ୍ୟ ଗୋରୁ ସମ୍ପର୍କରେ କୌଣସି ସୂଚନା ନ ଥିବା ଜଣାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କଣ୍ଟେନରକୁ ଜବତ କରିଥିବାବେଳେ ମୃତ ଗୋରୁଗୁଡ଼ିକୁ ଦାନଗଦୀ ପ୍ରାଣୀଧନ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଥିବା ଜଣାଯାଇଛି। ଦୁର୍ଘଟଣା ପରେ ଗୋରୁବେପାରୀ ଫେରାର ହୋଇଯାଇଥିବା ପୋଲିସ କହିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୩୮/୨୦) ରୁଜୁ କରିଛି।

## ୫ଦିନ ଧରି ଚାଲିବ ଦୋଳ ଉତ୍ସବ

**ପରମ୍ପରା ୬୬ ବର୍ଷର**

**ଦଶରଥପୁର,୧୧।୩(ଡିଏନ୍‌ଏ)**

ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ ଥାଲକୁଡି ଗ୍ରାମର ଗୋପାଳ ସମ୍ପ୍ରଦାୟଙ୍କଙ୍କ ପକ୍ଷରୁ ଗୋପବନ୍ଧୁ ସେବା ସମିତି ଆନୁକୂଲ୍ୟରେ ୬୬ତମ ସାଂସ୍କୃତିକ ଦୋଳ ଉତ୍ସବ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଛି। ଗୋପବନ୍ଧୁ ସେବା ସମିତି ମଣ୍ଡପରେ କୃଷ୍ଣ ଭଗବାନଙ୍କ ସହ ଗୋପୀ ଗୋପାଙ୍ଗନାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ଯଥାବିଧିରେ ପୂଜା ଚାଲୁ ରହିଛି। ରବିବାର ଅଧିବାସ ପରେ ମଣ୍ଡପଠାରେ କଳସ ସ୍ଥାପନ କରାଯାଇ ପୂଜା ଆରମ୍ଭ ହୋଇଥିଲା। ଏହି ଗ୍ରାମର ଗୋପାଳ ସମ୍ପ୍ରଦାୟର ସମସ୍ତ ୪୦ ଘର ଭାଇଚାରାରେ ପ୍ରତ୍ୟେକ ବର୍ଷ ଦୋଳ ପୂର୍ଣ୍ଣିମାରେ ଦୀର୍ଘ ୬୬ ବର୍ଷହେଲା ଏହି ପୂଜା ଉତ୍ସବ ପାଳନ କରି ଆସୁଅଛନ୍ତି। ବାହ୍ୟ ଜିଲା କିମ୍ବା ବାହ୍ୟ ରାଜ୍ୟରେ ରହି କାମଧନ୍ଦା ଓ ଚାକିରି, ବ୍ୟବସାୟ କରୁଥିବା ଏହି ଗ୍ରାମର ପ୍ରତ୍ୟେକ ଗୋପାଳ ପରିବାରର ଆବାଳ ବୃଦ୍ଧବନିତା ପୂଜା ଲାଗି ଗ୍ରାମକୁ ଆସି ଉତ୍ସବରେ ନିଜକୁ ସାମିଲ କରିଥାନ୍ତି। ଏହାଛଡା ୫ଦିନ ଧରି ଚାଲିଥିବା ଏହି ଉତ୍ସବ ପରିପ୍ରେକ୍ଷୀରେ ଗୋପାଳଙ୍କ ଘରକୁ ବନ୍ଧୁବାନ୍ଧବଙ୍କ ଆଗମନ ସହ ପ୍ରତ୍ୟେକ ପରିବାରରେ ପିଠାପଣାର ଆସର ଜମିଥାଏ। ଗୁରୁବାର ପୂଜା ଆରମ୍ଭ ହେବା ସହିତ ଶୁକ୍ରବାର ଠାକୁରଙ୍କ ଭସାଣି ଉତ୍ସବ ହେବ ବୋଲି ସମ୍ପୃକ୍ତ ସେବା ସମିତିର ସଭାପତି ଗୌରହରି ବାରିକ୍, ସମ୍ପାଦକ ଦୁର୍ଗାଚରଣ ବାରିକ, ଉପସଭାପତି ଅନାଦି ବାରିକ ପ୍ରମୁଖ ସୂଚନା ଦେଇଛନ୍ତି। ସେହିପରି ବ୍ଲକ ଅଞ୍ଚଳର ନିଜାମପୁର ପଞ୍ଚାୟତ କୂଳସାହି, ନୂଆପାଟଣା, ପାଳଟପୁରର କଣ୍ଟିବାଙ୍କ, କୟାଁଗୋଲା, ନାଳବାଗ, ପ୍ରକଟପୁର ଓ କଟିକଟା ଆଦି ଗ୍ରାମରେ ଏହି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ‘ସଂସ୍କୃତି, ପରମ୍ପରା ସମ୍ପର୍କ ଦୃଢ଼ୀଭୂତ କରିଥାଏ’

**ଚଣ୍ଡିଖୋଲ,୧୧।୩(ଡ଼ି.ଏନ.ଏ)**

**୧୫୦ ବର୍ଷରେ ରାଜଦୋଳ ମେଳଣ**

ବଡ଼ଚଣା ବ୍ଲକ ନାନପୁରସ୍ଥିତ ପ୍ରସିଦ୍ଧ ରାଜଦୋଳ ମେଳଣ ଚଳିତ ବର୍ଷ ୧୫୦ ବର୍ଷରେ ପଦାର୍ପଣ କରିଛି। ଏହି ଉପଲକ୍ଷେ ସୋମବାର ନାନପୁର ପଟଣାସ୍ଥିତ ମିଳିତ ଜନମଙ୍ଗଳ ପାଠାଗାର ଆନୁକୂଲ୍ୟରେ ମେଳଣ ପଡ଼ିଆ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପାଠାଗାର ସଭାପତି ତଥା ବାଲିଚନ୍ଦ୍ରପୁର ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ୧୫୦ ବର୍ଷ ଧରି ମେଳଣକୁ ଉଜ୍ଜୀବିତ କରି ରଖିଥିବାରୁ ଆୟୋଜକଙ୍କୁ ଶତପଥୀ କୃତଜ୍ଞତା ଜଣାଇବା ସହ ସଂସ୍କୃତି ଓ ପରମ୍ପରା ଦ୍ୱାରା ସାମାଜିକ ବ୍ୟବସ୍ଥା ଓ ପରସ୍ପରର ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଦିଲୀପ କୁମାର ଷେଣ୍ଢଙ୍କ ସଂଯୋଜନାରେ ପରିଚାଳିତ ସଭାରେ ପୂର୍ବତନ ବିଧାୟକ ତଥା ମେଳଣ ପୁରୋଧା ଅସିହା ଗଡ଼ର ରାଜା ଗୁରୁଚରଣ ଟିକାୟତ ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳଣର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ କହିଥିଲେ। ପୂର୍ବତନ ସରପଞ୍ଚ ବୈକୁଣ୍ଠ ନାଥ ପଣ୍ଡା, ଶୈଳେନ୍ଦ୍ର ନାରାୟଣ ଦେଓ ପ୍ରମୁଖ ଯୋଗ ଦେଇ ମେଳଣର ଐତିହ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ସମ୍ପାଦକ ଅକ୍ଷୟ କୁମାର ଷେଣ୍ଢ, ତ୍ରୈଲୋକ୍ୟ ଚମ୍ପତିରାୟ, ଉପେନ୍ଦ୍ରନାଥ ସ୍ୱାଇଁ, ସମିତି ସଭ୍ୟ ଅମୀୟ ବିଶ୍ୱାଳ, ଶାରଦାପ୍ରସନ୍ନ ମହାନ୍ତି, କିରଣ କୁମାର ଶତପଥି, ପ୍ରମୁଖ ମେଳଣର ପ୍ରାଚୀନତା ଓ ସହଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଅନନ୍ତ କୁମାର ମହାରଣା ଧନ୍ୟବାଦ ଦେଇଥିଲେ। ଏ ଅବସରରେ ସରୋଜକାନ୍ତ ପରିଜାଙ୍କ ସମ୍ପାଦନାରେ ‘ଆମ ଐତିହ୍ୟ ରାଜଦୋଳ ମେଳଣ’ ସମ୍ପର୍କିତ ଏକ ପତ୍ରିକା ଅତିଥିମାନେ ଉନ୍ମୋଚନ କରିଥିଲେ। ମାନସ ଦେଓ, ବିଜୟ ପ୍ରଧାନ, ଭାଗ୍ୟଧର ମହାପାତ୍ର, ଲକ୍ଷ୍ମୀଧର ବାନା, ସୁଶାନ୍ତ ବଳ, ବାବୁନି ପୃଷ୍ଟି ଓ ଅଭିମନ୍ୟୁ ବଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମେଳଣକୁ ୨୦ରୁ ଊର୍ଦ୍ଧ୍ୱ ବିମାନ ଆସିଥିଲାବେଳେ ଆତାଶ ବାଜି ଓ ପାରମ୍ପରିକ ଷଣ୍ଢ ନାଚ ଓ ଘୋଡ଼ା ନାଚରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ଏହା ପରେ ଫଗୁ ଖେଳ ଅନୁଷ୍ଠିତ ହୋଇଥିଲା।



ରାଜଦୋଳ ମେଳଣ ଅବସରରେ ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।




ୟୁନିଭର୍ସିଟି ଅଫ୍ ସିଡ୍ନୀର ବିଶେଷଜ୍ଞଙ୍କ ଦ୍ୱାରା ଜର୍ନାଲ ଅଫ୍ ଏନର୍ଜି ଷ୍ଟୋରେଜରେ ପ୍ରକାଶିତ ଏକ ତଥ୍ୟରୁ ଜଣାପଡିଛି ଯେ,ଏବେ ପଣସରୁ ବିଜୁଳି ଉତ୍ପାଦନ କରାଯାଇ ପାରିବ। ଆଉ ଏହି ବିଜୁଳି ମାଧମରେ ଛୋଟ ଛୋଟ ଇଲୋକ୍ଟ୍ରୋନିକ୍ସ ଉପକରଣକୁ ଚାର୍ଜ କରାଯାଇ ପାରିବ। ସୁପର କାପାସିଟର ବିଜୁଳିର ଏମିତି ଏକ ସ୍ରୋତ ଯାହା ସୂଚାରୁରୂପେ ବିଦ୍ୟୁତ ପ୍ରବାହ ଜାରି ରଖିଥାଏ। ଏହା ବ୍ୟାଟେରୀର ଛୋଟ ଡିଭାଇସ ଭିତରେ ଅଧିକ ମାତ୍ରାରେ ବିଜୁଳି ସଂଗ୍ରହ କରିଥାଏ। ଫଳରେ ଅଳ୍ପ ସମୟ ମଧ୍ୟରେ ଛୋଟ ଇଲୋକ୍ଟ୍ରୋନିକ୍ସ ଉପକରଣ ଚାର୍ଜ ହୋଇଥାଏ। ଏଥିପାଇଁ ଗ୍ରୀନ ଇଞ୍ଜିନିୟରିଂ ପଦ୍ଧତି ବ୍ୟବହାର କରାଯାଇଥିବା ବିଶେଷଜ୍ଞମାନେ କହିଛନ୍ତି।

## ୪ ଟଙ୍କା ପାଇଁ ୮ ମାସର ଲଢ଼େଇ

**ଗ୍ୱାଲିୟର:** ମାତ୍ର ୪ ଟଙ୍କା ୧୦ ପଇସା ପାଇଁ ଆଠ ମାସର ଆଇନଗତ ଲଢେଇ । କଥାଟା ଶୁଣିବାକୁ ଅଜବ ଲାଗୁଥିଲେ ବି ବାସ୍ତବରେ ଏପରି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶର ଗ୍ୱାଲିୱରରେ । ଏଇ ଅଞ୍ଚଳର ଆନନ୍ଦ ପ୍ରତାପ ସିଂହ ନାମକ ଜଣେ ବ୍ୟକ୍ତି ରିଲାଏନ୍ସ ମାର୍ଟରୁ ଗତ ବର୍ଷ ମେ ମାସରେ ୩ ହଜାର ୭୪୬ ଟଙ୍କା ୫୦ ପଇସାର ସାମଗ୍ରୀ କିଣିଥିଲେ । କିନ୍ତୁ ଘରକୁ ଯାଇ ବିଲ୍ ଚେକ୍ କରିବାରୁ ଜାଣିଥିଲେ ଯେ, ସେ କିଣିଥିବା ଏକ ହେୟାର ବ୍ୟାଣ୍ଡର ମୂଲ୍ୟ ୨୨ ଟଙ୍କା ଥିଲାବେଳେ ବିଲରେ ତାଙ୍କ ଠାରୁ ୨୬ ଟଙ୍କା ୧୦ ପଇସା ନିଆଯାଇଥିଲା । ଏଇ ଅଭିଯୋଗ ନେଇ ସେ ରିଲାଏନ୍ସ ମାର୍ଟକୁ ଯାଇଥିଲେ ଏବଂ ତାଙ୍କ ଠାରୁ କାହିଁକି ୪ ଟଙ୍କ ୧୦ ପଇସା ଅଧିକ ନିଆଯାଇଛି ବୋଲି ପ୍ରଶ୍ନ କରିଥିଲେ । କିନ୍ତୁ ଆନନ୍ଦଙ୍କର ଏଇ ଅଭିଯୋଗ ପରେ ତାଙ୍କୁ ମାର୍ଟ ପକ୍ଷରୁ ଅଭଦ୍ର ବ୍ୟବହାର କରାଯାଇଥିଲା । ଫଳରେ ସେ ଜିଲା ଉପଭୋକ୍ତା ଫୋରମ୍‌ରେ ଅଭିଯୋଗ କରିଥିଲେ । ଶେଷରେ ୮ମାସର ନ୍ୟାୟିକ ବିଚାର ପ୍ରକ୍ରିୟା ପରେ ଫୋରମ ପକ୍ଷରୁ ମାର୍ଟକୁ ଆନନ୍ଦଙ୍କର ୪ ଟଙ୍କା ୧୦ ପଇସା ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।



## କରୋନା ସଚେତନତା ବାର୍ତ୍ତା

### ଠାକୁର ପିନ୍ଧିଲେ ମାସ୍କ

**ବାରାଣସୀ:** କରୋନା ଭୂତାଣୁ ସଂକ୍ରମଣ ଭୟରେ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ଲୋକଙ୍କୁ ମାସ୍କ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଉଛି। ଏନେଇ ବିଜ୍ଞାପନଠାରୁ ଆରମ୍ଭ କରି ମୋବାଇଲ ଟୋନ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଏହା ସହିତ ଆଲିଙ୍ଗନ ଏବଂ କାହା ସହିତ ହାତ ମିଳାଇବାକୁ ବି ବାରଣ କରାଯାଉଛି। ଏପରିସ୍ଥଳେ ଲୋକଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ପ୍ରସାର କରିବା ଲାଗି ବାରାଣସୀର ପହଲାଦେଶ୍ୱର ମହାଦେବ ମନ୍ଦିରରେ ଠାକୁରଙ୍କୁ ମାସ୍କ ପିନ୍ଧା ଯାଇଛି। ଏହା ସହିତ ଠାକୁରଙ୍କୁ ଛୁଇଁବା ଲାଗି ଶ୍ରଦ୍ଧାଳୁଙ୍କୁ ମନା କରାଯାଇଛି ବୋଲି ପୂଜାରୀ କୃଷ୍ଣା ଆନନ୍ଦ ପାଣ୍ଡେ ସୂଚନା ଦେଇଛନ୍ତି। ଏହା ଦ୍ୱାରା ଲୋକଙ୍କ ମଧ୍ୟରେ କରୋନା ଭାଇରସ୍ ନେଇ ସଚେତନ କରାଯାଇପାରିବ। ଖରାଦିନେ ଠାକୁରଙ୍କ ପାଖରେ ଏସି ଏବଂ ଶୀତଦିନେ ଠାକୁରଙ୍କୁ ପୋଷାକ ପିନ୍ଧାଇ ସଚେତନତା ସୃଷ୍ଟି କରାଯାଇଥାଏ ବୋଲି ସେ କହିଛନ୍ତି।



## ମାଗଣାରେ ମାସ୍କ ବାଣ୍ଟୁଛନ୍ତି କ୍ୟାବ୍ ଡ୍ରାଇଭର

**ବେଙ୍ଗାଲୁରୁ:** କରୋନା ଭାଇରସ୍ ଭୟରେ ଏବେ ସବୁଆଡେ ଏକ ପ୍ରକାରର ଭୟର ବାତାବରଣ ସୃଷ୍ଟି ହୋଇଛି । ଏଥିପାଇଁ ଲୋକେ ସତର୍କତା ସ୍ୱରୂପ ମାସ୍କ କିଣି ପିନ୍ଧୁଛନ୍ତି । କେତେକ ସ୍ଥାନରେ ଲୋକେ ଏତେ ସଂଖ୍ୟାରେ ମାସ୍କ କିଣୁଛନ୍ତି ଯେ ବଜାରରେ ମାସ୍କ ଅଭାବ ଦେଖାଦେଇଛି । ଏଭଳି ଏକ ସମୟରେ ଲୋକଙ୍କୁ ମାଗଣାରେ ମାସ୍କ କିଣି ବାଣ୍ଟୁଛନ୍ତି ବାଙ୍ଗାଲୋରର ଜଣେ କ୍ୟାବ୍ ଡ୍ରାଇଭର । ଡ୍ରାଇଭରଙ୍କ ନାଁ ହେଉଛି ଆଜମ ଖାନ୍ । ସେ ତାଙ୍କ କ୍ୟାବରେ ଯାଉଥିବା ସମସ୍ତ ଯାତ୍ରୀଙ୍କୁ ମାଗଣାରେ ମାସ୍କ ବାଣ୍ଟୁଛନ୍ତି । ଆଜମ ଥରେ ତାଙ୍କ ପାଖରେ ଥିବା ଏକ ନୂଆ ମାସ୍କକୁ ଜଣେ ଯାତ୍ରୀଙ୍କୁ ଦେଇଥିଲେ । ଏହାପରେ ସେ ଚିନ୍ତା କରିଥିଲେ କି ମାସ୍କ ଆବଶ୍ୟକତା ଥିବା ସମସ୍ତ ଯାତ୍ରୀଙ୍କୁ ସେ ମାସ୍କ ବାଣ୍ଟିବେ । ଏହା ପରଠାରୁ ସେ ପ୍ରତିଦିନ ପ୍ରାୟ ୧୦ ରୁ ଅଧିକ ମାସ୍କ କିଣୁଛନ୍ତି ଏବଂ ଯେଉଁ ଯାତ୍ରୀମାନଙ୍କ ପାଖରେ ମାସ୍କ ନଥାଏ ସେମାନଙ୍କୁ ଦେଇଥାନ୍ତି । ଆଜମଙ୍କ ମତରେ କ୍ୟାବରେ ସବୁ ପ୍ରକାରର ଲୋକ ଆସୁଛନ୍ତି । ତେଣୁ ଏଠାରେ ସଂକ୍ରମଣର ଆଶଙ୍କା ଅଧିକ ରହିଛି । ତେଣୁ ସମସ୍ତଙ୍କୁ ସଚେତନ କରିବା ନିହାତି ଜରୁରୀ ହୋଇଥିବାରୁ ସେ ନିଜ ହାତରୁ ଖର୍ଚ୍ଚ କରି ଏହି ପଦକ୍ଷେପ ନେଉଛନ୍ତି ।



# କିଡ୍ନୀ ରୋଗ ବିଶ୍ୱ ପାଇଁ ଚିନ୍ତାର ବିଷୟ

### ବିଶ୍ୱ କିଡ୍ନୀ ଦିବସ

ପ୍ରତିବର୍ଷ ଭଳି ଏହି ବର୍ଷ ମଧ ମାର୍ଚ୍ଚ ମାସ ଦ୍ୱିତୀୟ ଗୁରୁବାର ଅର୍ଥାତ ୧୨ତାରିଖରେ ବିଶ୍ୱ କିଡ୍ନୀ ଦିବସ ପାଳନ କରାଯାଉଛି। ୨୦୨୦ର ମନ୍ତ୍ର ହେଉଛି,'କିଡ୍ନୀର ସ୍ୱାସ୍ଥ୍ୟ ସମସ୍ତଙ୍କ ପାଇଁ ଓ ସବୁ ସ୍ଥାନରେ'। କିଡ୍ନୀର ଯତ୍ନ କେମିତି ନିଆଯାଏ ଏବଂ ଏହି ରୋଗର କାରଣ, ଲକ୍ଷଣ ଓ ପ୍ରତିଷେଧକ ବିଷୟରେ ସମସ୍ତଙ୍କୁ ଏହି ଦିବସରେ ଅବଗତ କରାଯାଏ। ସାଧାରଣ ପରୀକ୍ଷା ମାଧ୍ୟମରେ କିଡ୍ନୀ ରୋଗକୁ ଯେମିତି ଜାଣିହେବ , ତାହା ଛୋଟ ଛୋଟ ଡାକ୍ତରଖାନାରେ ଉପଲବ୍ଧ ହେବା ଦରକାର। ଯାହାଦ୍ୱାରା ପ୍ରାଥମିକ ପର୍ଯ୍ୟାୟରୁ ଏହି ରୋଗ ନିରୂପଣ କରିବା ସହଜ ହୋଇପାରିବ।

ସାରା ବିଶ୍ୱରେ ୮୫ କୋଟି ଲୋକ କିଡ୍ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଭାରତରେ ପ୍ରତି ୧୦ ଲକ୍ଷ ଲୋକସଂଖ୍ୟାରେ ୮୦୦ ଜଣ ଏହି ରୋଗରେ ପୀଡିତ। ଏଥିମଧ୍ୟରୁ ୧୫୦ରୁ ୨୩୦ ଜଣ ଡାଏଲିସିସ୍ କିମ୍ବା କିଡ୍ନୀ ପ୍ରତିରୋପଣ ଆବଶ୍ୟକ କରୁଛନ୍ତି। ପ୍ରତିବର୍ଷ ୧ ଲକ୍ଷ ଲୋକ 'ଏଣ୍ଡ ଷ୍ଟେଟ୍ କିଡ୍ନୀ' ରୋଗରେ ପୀଡିତ ହେବା ଲକ୍ଷ୍ୟକରାଯାଉଛି, ଯେଉଁମାନଙ୍କ କିଡ୍ନୀ ସମ୍ପୂର୍ଣ୍ଣ ଖରାପ ହୋଇଯାଉଛି। ଏଣୁ ସାମ୍ପ୍ରତିକ ସମୟରେ ଏତେ ସଂଖ୍ୟକ ଲୋକ କିଡ୍ନୀ ରୋଗରେ ଆକ୍ରାନ୍ତ ହେବା ବିଶ୍ୱ ପାଇଁ ଚିନ୍ତାର ବିଷୟ।

କିଡ୍ନୀ ସମ୍ପୂର୍ଣ୍ଣ ଖରାପ ହୋଇଗଲେ ଏହାର କେବଳ ପ୍ରତିକାର ହେଉଛି ଡାଏଲିସିସ କିମ୍ବା କିଡ୍ନୀ ପ୍ରତିରୋପଣ । ଏଣୁ କିଡ୍ନୀ ରୋଗ ନ ହେବା ପାଇଁ ପ୍ରତିଷେଧକ କିମ୍ବା ରୋଗ ହେଲେ ତତ୍କ୍ଷଣାତ ନିରୂପଣ କରି ଚିକିତ୍ସା କରିବା ଉପରେ ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଏ। ଉଚ୍ଚରକ୍ତ ଚାପ , ଡାଇବେଟିସ ୪୦ରୁ ୬୦ ପ୍ରତିଶତ କିଡ୍ନୀ ରୋଗର ମୁଖ୍ୟ କାରଣ। ଅନ୍ୟ ରୋଗ ଯଥା,ଗ୍ଲୋମେରୁଲୋନେଫ୍ରାଇଟିସ, କିଡ୍ନୀ ଷ୍ଟୋନ୍ ଡିଜିଜ, ଏଡିପିକେଡି, ସିକେଡି ଅଫ୍ ଅନ୍‌ନୋନ୍ ଅରିଜିନ ଆଦି କିଡ୍ନୀ ରୋଗର କାରଣ ହୋଇପାରେ। ଗୋଡ଼ ଓ ମୁହଁ ଫୁଲିବା,ପରିସ୍ରାରେ ଫେଣ ହେବା, କମ୍ ବୟସ୍କ ବ୍ୟକ୍ତିଙ୍କୁ ଉଚ୍ଚରକ୍ତଚାପ, ଅଣନିଃଶ୍ୱାସୀ ଲାଗିବା,ରକ୍ତହୀନତା,ବାନ୍ତି ଲାଗିବା, ବାନ୍ତି ହେବା, ଭୋକ ନ ଲାଗିବା, ଦୁର୍ବଳତା, ଗଣ୍ଠିବ୍ୟଥା, ଦେହ କୁଣ୍ଡାଇ ହେବା ଆଦି ଲକ୍ଷଣ ଏହି ରୋଗର ଲକ୍ଷଣ। କିଡ୍ନୀ ରୋଗ ଆରମ୍ଭରେ ରୋଗୀ ପାଖରେ ଲକ୍ଷଣ ପ୍ରାୟ ନ ଥାଏ। ରୋଗୀ ଅନ୍ୟ ରୋଗ ଲାଗି ପରୀକ୍ଷା କରିବା ସମୟରେ କିଡ୍ନୀ ଖରାପ ହେବା ଜଣାପଡିଥାଏ। ଏହି କାରଣରୁ ରୋଗ ନିରୂପଣ କରିବାରେ ବିଳମ୍ବ ହୋଇଯାଏ। ଅଧିକାଂଶ ରୋଗୀଙ୍କର ରୋଗ ନିରୂପଣ ବେଳକୁ ୫୦ ପ୍ରତିଶତ କିଡ୍ନୀ ଖରାପ ହୋଇସାରିଥାଏ। ଏଣୁ ଏହି ରୋଗ ପ୍ରତି ସତର୍କ ରହି ପ୍ରୋଟିନ ଟିସ୍ୟୁ,ରକ୍ତରେ ୟୁରିଆ,କ୍ରିଏଟିନିନ୍, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା ମାଧ୍ୟମରେ ଏହାକୁ ନିରୂପଣ କରି ତୁରନ୍ତ ଚିକିତ୍ସା କରିବା ଉଚିତ। ଆମକୁ କିଡ୍ନୀକୁ ସୁସ୍ଥ ରଖିବା ଲାଗି ଯତ୍ନବାନ ହେବାକୁ ପଡିବ। ଏଥିପାଇଁ ଓଜନ କମାନ୍ତୁ। ଡାଇବେଟିସ ଥିଲେ ଏଚ୍‌ବିଏ-୧ ସି, ପରିସ୍ରାରେ ମାଇକ୍ରୋ ଆଲବୁମିନ୍, ସିରମ୍ କ୍ରିଏଟିନିନ୍ ଆଦି ବର୍ଷକୁ ଥରେ ପରୀକ୍ଷା କରନ୍ତୁ। କୋଲେଷ୍ଟ୍ରଲ ନିୟନ୍ତ୍ରଣ କରନ୍ତୁ। ଦିନକୁ ୨-୩ ଲିଟର ପାଣି ପିଅନ୍ତୁ। ସବୁଜ ପରିବା ଖାଆନ୍ତୁ। ଧୂମପାନ ବନ୍ଦ କରନ୍ତୁ। ଅଧିକ ୟୁରିକ ଏସିଡ୍ ଥିଲେ କମ୍ ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



**- ଡା. ବିବେକାନନ୍ଦ ପଣ୍ଡା, ବରିଷ୍ଠ କିଡ୍ନୀ ରୋଗ ବିଶେଷଜ୍ଞ,**
**ଆପୋଲୋ ହସ୍ପିଟାଲ , ଭୁବନେଶ୍ୱର**
**ମୋ-୯୪୩୮୦୩୯୭୬୭**

## ୩୧ ବର୍ଷରେ ଡବ୍ଲ୍ୟୁ-ଡବ୍ଲ୍ୟୁ-ଡବ୍ଲ୍ୟୁ



**ୱାଶିଂଟନ:** ଡବ୍ଲ୍ୟୁ-ଡବ୍ଲ୍ୟୁ-ଡବ୍ଲ୍ୟୁ(ୱାର୍ଲ୍ଡ ୱାଇଡ୍ ୱେବ୍)କୁ ଗୁରୁବାର ୩୧ ବର୍ଷ ପୂରଣ ହୋଇଛି। ୧୯୮୯ ମାର୍ଚ୍ଚ ୧୨ରେ ଏହାର ସ୍ଥାପିତ ହୋଇଥିଲା। ଏଭଳି ୱେବସାଇଟ୍ ସହିତ ସର୍ଚ୍ଚ ଇଞ୍ଜିନ୍ ଗୁଗୁଲ୍ ମିଳିତ ଭାବେ କାର୍ଯ୍ୟ କରି ବେଶ୍ ସଫଳତା ହାସଲ କରିପାରିଛି। ଇଣ୍ଟରନେଟ୍ ଅନେକ ପୂର୍ବରୁ ଆସିଥିଲେ ମଧ ଡବ୍ଲ୍ୟୁ-ଡବ୍ଲ୍ୟୁ-ଡବ୍ଲ୍ୟୁ ଆସିବା ପରେ ଏହାର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧି ପାଇଥିଲା। ଏହାକୁ ଇଂଲଣ୍ଡ ବାସିନ୍ଦା ଟିମ୍ ବର୍ନର ପ୍ରସ୍ତୁତ କରିଥିଲେ। ଦୁନିଆର ପ୍ରଥମ ୱେବ ସାଇଟ୍ http://info.cern.ch/hypertext/WWW/TheProject.html ୧୯୯୧ ଅଗଷ୍ଟ ୬ରେ ପବ୍ଲିଶ୍ ହୋଇଥିଲା।

## ଭାଲୁ ବେଶରେ ଆଇଟିବିପି ଯବାନ




**ଡେରାଡୁନ୍:** ଉତ୍ତରାଖଣ୍ଡରେ ମାଙ୍କଡ଼ଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ସେମାନେ ଲୋକଙ୍କ ଘରେ ପଶି ଖାଦ୍ୟ ପଦାର୍ଥ ଛଡ଼ାଇ ନେବା ସହିତ ନାନା ପ୍ରକାର ହଇରାଣ କରୁଛନ୍ତି। ଲୋକେ ମାଙ୍କଡ଼ଙ୍କ ଆତଙ୍କରେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇଟିବିପି ୭ ବାଟାଲିୟନ ଯବାନ ଭାଲୁ ପୋଷାକ ପିନ୍ଧି ମାଙ୍କଡ଼ ତଡ଼ିବା କାମରେ ଲାଗିଛନ୍ତି। ଯବାନମାନେ ଭାଲୁ ପୋଷାକ ପିନ୍ଧି ଏଭଳି କରୁଥିବାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ୨ ମିନିଟ ୧୭ ସେକେଣ୍ଡର ଏହି ଭିଡ଼ିଓକୁ ବହୁ ୟୁଜର ଲାଇକ୍ କରିବା ସହିତ ସକାରାତ୍ମକ କମେଣ୍ଟ ମଧ୍ୟ ଦେଇଛନ୍ତି।

## ଧୂମପାନ କରୁଥିବା ବ୍ୟକ୍ତିଙ୍କ ପୋଷାକ ବି କ୍ଷତିକାରକ



**ୱାଶିଂଟନ:** ଧୂମପାନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ହେଲେ ଯେଉଁମାନେ ଧୂମପାନ କରୁଥିବା ବ୍ୟକ୍ତିଙ୍କ ନିକଟରେ ଥାଆନ୍ତି ସେମାନଙ୍କ ପାଇଁ ବି ଏହା କ୍ଷତିକାରକ ହୋଇଥାଏ । ଏବେ ଆମେରିକାର ୟେଲେ ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଧୂମପାନ କରୁଥିବା ବ୍ୟକ୍ତିଙ୍କ ପୋଷାକ ମଧ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବିଶେଷଜ୍ଞ ପ୍ରଫେସର ଡ୍ରିୟୁ ଗ୍ରେଟର କହିଛନ୍ତି, ଜଣେ ବ୍ୟକ୍ତି ଧୂମପାନ କରିବା ପରେ ତାଙ୍କ ପୋଷାକରୁ ହାନିକାରକ କେମିକାଲ୍ସ ନିର୍ଗତ ହୋଇଥାଏ। ଯାହା ଉଭୟ ଧୂମପାନ କରୁଥିବା ବ୍ୟକ୍ତି ଓ ତାଙ୍କ ନିକଟରେ ଥିବା ଲୋକଙ୍କ ପାଇଁ କ୍ଷତିକାରକ। ଜଣେ ବ୍ୟକ୍ତି ଯଦି ଧୂମ୍ରପାନ କରି କୌଣସି ସିନେମା ହଲ୍‌କୁ ପ୍ରବେଶ କରିଛନ୍ତି, ତେବେ ତାଙ୍କ ପୋଷାକରୁ ନିର୍ଗତ କେମିକାଲ୍ସ ଏକାଥରେ ୧୦ଟି ସିଗାରେଟରୁ ବାହାରୁଥିବା ଧୂଆଁ ସହ ସମାନ। ଏମାନଙ୍କ କପଡାରୁ ବାହାରୁଥିବା କେମିକାଲ୍‌ସର ପ୍ରଭାବ ଡିଏନ୍‌ଏ ଉପରେ ପଡିଥାଏ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହାସହ କ୍ୟାନସର ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ। ଅନ୍ୟପଟେ ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କ ନିକଟରେ ପ୍ରାୟ ୫୦ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ନିଜ ସ୍ୱୟଂବର କଥା କହିଲେ ତମାନ୍ନା



**ମୁମ୍ବାଇ:** ସାଉଥ୍ ଫିଲ୍ମରୁ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ତମନ୍ନା ଭାଟିଆଙ୍କୁ ନେଇ ଏବେ ସୋସିଆଲ୍ ମିଡ଼ିଆରେ ଚର୍ଚ୍ଚା ଜାରି ରହିଛି। କିଛିଦିନ ତଳେ ଏକ ସାକ୍ଷାତ୍‌କାରରେ ତମନ୍ନାଙ୍କୁ ତାଙ୍କ ସ୍ୱୟମ୍ବର ସମ୍ପର୍କରେ ପଚରା ଯାଇଥିଲା। ସ୍ୱୟମ୍ବରରେ ସେ କେଉଁ ଅଭିନେତାଙ୍କୁ ସାମିଲ କରିବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନରେ ତମନ୍ନା ବେଶ୍ ମଜାଳିଆ ଉତ୍ତର ଦେଇଥିଲେ। ସେ କହିଥିଲେ ଯଦି ମୋର ସ୍ୱୟମ୍ବର ହୁଏ ; ତେବେ ସେଥିରେ ହ୍ରିତିକ୍ ରୋଶନ, ପ୍ରଭାସ ଏବଂ ଭିକ୍କି କୌଶଳଙ୍କୁ ନିଶ୍ଚିତ ଭାବେ ସାମିଲ୍ କରାଯିବ। ତମନ୍ନା ଏହି ଉତ୍ତର ଦେବା ସହିତ ଅନ୍‌ସ୍କ୍ରିନ୍‌ରେ ନୋ କିସିଂ ପଲିସିକୁ ଜୋର୍ ଦେଉଥିବା କହିଛନ୍ତି।

## ସଂକ୍ଷେପରେ

### ସତ୍ୟର ପଥ ପ୍ରଦର୍ଶକ ଥିଲେ ବୁଦ୍ଧ

**ତିର୍ତ୍ତୋଲ, ୧୧।୩ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ଜଗନ୍ନାଥପୁର ପଞ୍ଚାୟତ ଶାଗବାରିଆଠାରେ ବୁଧବାର ଆମ୍ବେଡ଼କର ସାଂସ୍କୃତିକ ପରିଷଦ ତରଫରୁ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପରିଷଦ ସଭାପତି ବସନ୍ତ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ ୟୁନିଭର୍ସ ବୁଦ୍ଧ ଫାଉଣ୍ଡେଶନ ସମ୍ପାଦକ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ବୁଦ୍ଧଦେବଙ୍କ ପଞ୍ଚଶୀଳ ନୀତି ମାନବ ସମାଜକୁ ସଂସ୍କାରିତ ଓ ସତ୍ୟ ପଥରେ ଯିବାପାଇଁ ବାଟ ଦେଖାଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏମ୍‌ପି ଅଞ୍ଚଳ ଦାସ, ଆଇନଜୀବୀ ପ୍ରଦୀପ ମଲ୍ଲିକ, ପରିଷଦ ସମ୍ପାଦକ ବାବାଜୀ ଚରଣ ମଲିକ, ଆମ୍ବେଡକର ଶ୍ରମିକ ୟୁନିୟନ ସଭାପତି ନାରାୟଣ ଦାସ, ଶିକ୍ଷାବିତ୍ ଶରତ ତାରେଣିଆ, ମାଧବେନ୍ଦ୍ର ଗୋଛାୟତ, ଉପଦେଷ୍ଟା ଅଲେଖ ଚରଣ ବେହେରା, ଦାମୋଦର ବାରିକ, ମନୋଜ ପାତ୍ର, ବଟକୃଷ୍ଣ ମଲ୍ଲିକ, ଦୁର୍ଗାଚରଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବରୁଣେଇ ପୀଠରେ ଦୋଳ ମେଳଣ

**ବାଲିଆ, ୧୧।୩:** ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଅରଣା ପଞ୍ଚାୟତର ଗୋଠପଦାସ୍ଥିତ ମା' ବରୁଣେଇ ପୀଠଠାରେ ଦୋଳ ମେଳଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମାଣତ୍ରୀ ଗ୍ରାମର ଦୋଳ ବିମାନକୁ ଘଣ୍ଟଘଣ୍ଟା, ଢୋଲ, ବାଦ୍ୟ ବଜାଇ ପଟୁଆରରେ ଗ୍ରାମ ପରିକ୍ରମା କରିବା ସହ ବରୁଣେଇ ପୀଠକୁ ନିଆଯାଇଥିଲା। ପୂଜକ ରବୀନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏବଂ ସୁକାନ୍ତ କୁମାର ଭୂୟାଁଙ୍କ ସହଯୋଗରେ ପୂଜାର୍ଚ୍ଚନା କରାଯାଇଥିଲା। ମେଳଣ ପର୍ବରେ ଗ୍ରାମବାସୀ ସହଯୋଗ କରିଥିଲେ।

### ବିରିଡ଼ି ଅଞ୍ଚଳରେ ଦୋଳ ପର୍ବ

**ବିରିଡି, ୧୧।୩ (ଡି.ଏନ୍.ଏ):** ବିରିଡ଼ି ବ୍ଲକ ଅଞ୍ଚଳରେ ଭାଇଚାରାର ଅନନ୍ୟ ପର୍ବ ଦୋଳ ଫଗୁ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସରରେ ରାଧାକୃଷ୍ଣଙ୍କ ମୂର୍ତ୍ତି ସୁସଜ୍ଜିତ ଦୋଳ ବିମାନରେ ବସି ଘରକୁ ଘର ବୁଲି ଭୋଗ ଖାଇଥିଲେ। ଦୋଳ ପର୍ବ ପାଇଁ ଗୋପାଳମାନଙ୍କ ଘରେ ପୂର୍ଣ୍ଣ କଳସ ସ୍ଥାପନା କରାଯାଇ ଶ୍ରୀରାଧାକୃଷ୍ଣଙ୍କ ଫଟୋଚିତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଗୋପାଳ ଘରର ପିଲାମାନେ ରାଧାକୃଷ୍ଣଙ୍କ ଲୀଳା ଖେଳାକୁ ବର୍ଣ୍ଣନା କରି ଲଉଡି ପରିବେଷଣ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ରାହାମା, ୧୧।୩ (ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ ଜଡ଼ତିରା ଗ୍ରାମର ଗ୍ରାମଦେବତୀ ମା' ବଜ୍ରଶୁଣି ପୀଠରେ ତିନିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ଗ୍ରାମର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମା' ବଜ୍ରଶୁଣିଙ୍କ ମାର୍ଜନା, ଘୃତଯଜ୍ଞ, ନାମସଙ୍କୀର୍ତ୍ତନ, ଭଜନ ସମାରୋହ, ଅନ୍ନପ୍ରସାଦ ବିତରଣ, ନଗର ପରିକ୍ରମା, ହରିହାଟ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଗୁରୁବାରୀ ପରିଜା, ନୃସିଂହ ଚରଣ ମଲ୍ଲିକ, ପ୍ରକାଶ ସ୍ୱାଇଁ, ତପନ ରାଉତ, ବାପିନା ବାରିକ, ବାବୁନା ନାଥ, ଲିଟୁ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କେଦାରନାଥ ପଣ୍ଡା ଯଜ୍ଞ କାର୍ଯ୍ୟ ସମାପନ କରିଥିଲେ।

### ବାଇକ୍ ଧକ୍କାରେ ଶ୍ରମିକ ଗୁରୁତର

**ଜଗତ୍‌ସିଂହପୁର ଅଫିସ, ୧୧।୩:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ନୂଆପୋଲ ନିକଟରେ ମଙ୍ଗଳବାର ଏକ ଅଜଣା ବାଇକ୍ ଧକ୍କାରେ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ସେ ହେଲେ ଭଦ୍ରକ ଅଞ୍ଚଳର ସୁଶାନ୍ତ ଦାସ(୩୭) ଓରଫ ବଳିଆ। ବଳିଆଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରେ ଏକ ତାଲା ଅଟୋଯୋଗେ ଜଗତ୍‌ସିଂହପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର କଟକ ରେଫର କରି ଦେଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ବଳିଆ ନୂଆପୋଲି ଛକ ନିକଟରେ ଥିବା ଏକ କୋଇଲା ଫ୍ୟାକ୍ଟ୍ରିରେ ରହି କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ନୂଆପୋଲ ଛକ ନିକଟ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ତିର୍ତ୍ତୋଲ ପୋଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୧୧।୩**

ତିର୍ତ୍ତୋଲ ଥାନା ଅଧୀନ ଦୋନ୍ଧୁଅ ଗ୍ରାମର ଜଣେ ନବ ବିବାହିତାଙ୍କୁ ତାଙ୍କ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଥିବା ସମ୍ପର୍କିତ ମାମଲା ଭିନ୍ନ ମୋଡ ନେଇଛି। ପୀଡ଼ିତା ନବ ବିବାହିତା ତଥା ଏହି ଗାଁର ରୋହିତାଶ୍ୱ ନାୟକଙ୍କ ସ୍ତ୍ରୀ ମଧୁସ୍ମିତା ନାୟକ ତିର୍ତ୍ତୋଲ ପୋଲିସର ନିଷ୍କ୍ରିୟତା ବିରୋଧରେ ବୁଧବାର ଏସ୍‌ପି ପ୍ରକାଶ ଆର୍‌ଙ୍କ ନିକଟରେ ଫେରାଦ ହୋଇଛନ୍ତି। ମଧୁସ୍ମିତାଙ୍କ ଅଭିଯୋଗ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ୭ ଦିନ ଭିତରେ ରିପୋର୍ଟ ଦେବାକୁ ତିର୍ତ୍ତୋଲ ଆଇଆଇସିଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ବାସୁଦେବପୁରର ବଟକୃଷ୍ଣ ନାୟକଙ୍କ ଝିଅ ମଧୁସ୍ମିତା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୧୬।୨।୨୦ରେ ରୋହିତାଶ୍ୱଙ୍କ ସହ ତାଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ଯୌତୁକ ବାବଦରେ ୧ ଲକ୍ଷ ଟଙ୍କା, ସୁନା ଗହଣା ୧୫ ଭରି, ରୁପା ଗହଣା ୧୦ ଭରି ସହ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବାହାଘର ପରେ ସ୍ୱାମୀ, ଶ୍ୱଶୁର, ଶାଶୁ, ଦେଢଶୁର, ଯାଆ, ନଣନ୍ଦ, ଦିଅରଙ୍କ ସମେତ ଜଣେ ପଡୋଶୀ ଅଧିକ ଯୌତୁକ ବାବଦ ଏକ ବାଇକ୍ ପାଇଁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଯେହେତୁ କମ ଦିନ ଭିତରେ ସେମାନଙ୍କ ବାହାଘର ହୋଇଥିଲା ଏବଂ ଯୌତୁକ ଦିଆଯାଇଥିଲା ତେଣୁ ତାଙ୍କ ବାପା ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। ପରେ ଶାଶୁଘର ଲୋକେ ନିର୍ଯାତନା ଆରମ୍ଭ କରି ଦେଇଥିଲେ। କଠୋର ଶାରୀରିକ ଓ ମାନସିକ ନିର୍ଯାତନା ଦେବାରୁ ମଧୁସ୍ମିତା ଅଣନିଃଶ୍ୱାସୀ ହୋଇ ପଡିଥିଲେ। ଏପରି କି ଟଙ୍କା ନ ମିଳିଲେ ହତ୍ୟା କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ସ୍ୱାମୀ ରୋହିତାଶ୍ୱଙ୍କୁ ଅନ୍ୟତ୍ର ବିବାହ କରିଦେବାର ମଧ ଧମକ ଦିଆଯାଇଥିଲା। ପରେ ରୋହିତାଶ୍ୱଙ୍କୁ ଫେରାର କରି ଦିଆଯାଇଥିଲା। ସୌଭାଗ୍ୟ ୨୪।୨।୨୦ରେ ତାଙ୍କ ବାପା ଓ ଭାଇ ଶାଶୁ ଘରକୁ ବୁଲି ଯାଇଥିଲେ। କିନ୍ତୁ ସେମାନଙ୍କ ଉପସ୍ଥିତିରେ ମଧ ଶାଶୁଘର ଲୋକେ ମାଡ ମାରିଥିଲେ ବୋଲି ମଧୁସ୍ମିତା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସେ ଏକଥା ମଧ ଦର୍ଶାଇଛନ୍ତି ଯେ, ଏଭଳି ପରିବେଶ ଦେଖି ବାପା ଓ ଭାଇ ତାଙ୍କୁ ସାଙ୍ଗରେ ନେଇଯିବାକୁ ଚାହିଁଥିଲେ। ଶାଶୁଘର ଲୋକେ ତାହା ମଧ କରିବାକୁ ଦେଲେନି। ତେଣୁ ବାଧ ହୋଇ ପୋଲିସ ସହାୟତାରେ ବାପା, ଭାଇଙ୍କ ସହ ସେ ବାପଘରକୁ ଯାଇଥିଲେ। ସେବେଠାରୁ ବାପଘରେ ରହୁଛନ୍ତି। ଏ ସମ୍ପର୍କରେ ସେ ଗତ ୨ ତାରିଖରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କଲାପରେ ପୋଲିସ ମାମଲା ସଂଖ୍ୟା ୭୫/୨୦ ରୁଜୁ କରିଥିଲା। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନାହିଁ। ନ୍ୟାୟ ପାଇ ଥାନାକୁ ବାରମ୍ବାର ଧାଇଁ ନିରାଶ ହେଲା ପରେ ଶେଷରେ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିବା ମଧୁସ୍ମିତା ସୂଚନା ଦେଇଛନ୍ତି।

**ନବବଧୂଙ୍କୁ ନିର୍ଯାତନା ମାମଲା**


ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଆସିଥିବା ମଧୁସ୍ମିତା।

■ ୭ ଦିନ ମଧ୍ୟରେ ପରବର୍ତ୍ତୀ ପଦକ୍ଷେପ ନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

### କରୋନା ଭୟ: ଫିକା ପଡ଼ିଲା ରଙ୍ଗ ଖେଳ

**ବାଲିଆ, ୧୧।୩**

କରୋନା ଭୂତାଣୁ ଏବେ ବିଶ୍ୱର ପ୍ରାୟ ୧୦୦ ଦେଶକୁ ବ୍ୟାପୀ ଯାଇଥିବା ବେଳେ ପାଖାପାଖି ସାଢ଼େ ୪ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଏବେ ସୁଦ୍ଧା ଭାରତରେ ପ୍ରାୟ ୬୦ ଲୋକ କରୋନାରେ ଆକ୍ରାନ୍ତ ହୋଇଥିବା ବେଳେ ଏହି ରୋଗର ଆଣ୍ଟିଡୋଟ୍ ଏ ପର୍ଯ୍ୟନ୍ତ ବାହାରି ପାରିନାହିଁ। ଫଳରେ ସବୁଆଡ଼େ କରୋନାକୁ ନେଇ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ତେବେ ଏହି ଭୟରେ ବିରିଡ଼ି ବ୍ଲକ ଅଞ୍ଚଳରେ ରଙ୍ଗର ପର୍ବ ହୋଲି ମଧ କାଁ ଭାଁ ସ୍ଥାନରେ ପାଳନ କରାଯାଇଥିବା ଦେଖାଯାଇଥିଲା। ଅଧିକାଂଶ ସ୍ଥାନରେ ରଙ୍ଗ ଖେଳକୁ ଲୋକମାନେ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ବିଗତ ବର୍ଷଗୁଡ଼ିକରେ ଯେଉଁଳି ରଙ୍ଗ ଖେଳ ଖେଳାଯାଉଥିଲା ଚଳିତବର୍ଷ ଲୋକମାନେ ସେଥିରୁ ନିବୃତ୍ତ ରହିଥିଲେ, ଯାହାଫଳରେ ବଜାରରେ ରଙ୍ଗ କିଣାବିକାରେ ସେତେଟା ଉତ୍ସାହ ପରିଲକ୍ଷିତ ହୋଇ ନଥିଲା। କେତେକ ସ୍ଥାନରେ ଭୋଜିଭାତ ଆୟୋଜନ ସହ କ୍ରିକେଟ୍ ଆଦି ଖେଳ ଆୟୋଜନ କରାଯାଇଥିଲା।

## 'ପ୍ରାଚୀନ ସଂସ୍କୃତିକୁ ଉଜ୍ଜୀବିତ ରଖିଛି ପାଲା'

**ବିରିଡି, (ଡି.ଏନ୍.ଏ.)/ବାଲିଆ ୧୧।୩**

ପାଲାରେ ପୌରାଣିକ କଥା ବସ୍ତୁ, ବେଦ, ପୁରାଣ, ସାହିତ୍ୟ ଓ ସଂସ୍କୃତିର ବିସ୍ତୃତ ଆଲୋଚନା କରିବା ସମୟରେ ଗାୟକମାନେ ଲୋକଙ୍କ ମନୋରଞ୍ଜନ କରିବା ସହ ଅନେକ ନୀତି ଶିକ୍ଷା ଦେଇଥାନ୍ତି। ତେଣୁ ପାଲା ଯୋଗୁ ଏବେ ବି ପ୍ରାଚୀନ ସଂସ୍କୃତି ଉଜ୍ଜୀବିତ ହୋଇ ରହିଛି ବୋଲି ସୋମବାର ବିରିଡ଼ି ବ୍ଲକ ପୁରଣ ପାଢ଼ୀ ସାହି ଶ୍ରୀସତ୍ୟନାରାୟଣ ପାଲା ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଉତ୍ସବରେ ମତ ପ୍ରକାଶ ପାଇଛି। ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ ଡ. ଶ୍ରୀଚରଣ ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରବୋଧ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଡ. ରଜତ କର ମୁଖ୍ୟଅତିଥି, ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ପରିଷଦର ନିର୍ଦ୍ଦେଶକ ଅମୀୟ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଗାୟକ ଶେଖର ଜଗନ୍ନାଥ ବେହେରା, ଗାୟକ ସାରସ ସୁଦର୍ଶନ ମହାପାତ୍ର, ଗାୟକ ସିଦ୍ଧାନ୍ତ ମଦନମୋହନ ଜେନା, ଗାୟକ ସମ୍ରାଟ୍ ଲକ୍ଷ୍ମୀଧର ରାଉତ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ରାଜ୍ୟ ପାଲା ମହାମଞ୍ଚ ପରିଷଦ ସମ୍ପାଦକ ପଲ୍ଲବେନ୍ଦୁ ରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହ ସମ୍ପାଦକ ସୁଦର୍ଶନ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗାୟକ ମାର୍ତ୍ତଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ରୌପ୍ୟ ଜୟନ୍ତୀ ସ୍ମରଣିକା 'ଅମୃତାୟନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଭଗବାନ ପାଢ଼ୀ, ଉପସଭାପତି ତପନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଡା. ପ୍ରଦ୍ୟୋତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ମଞ୍ଚ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଗାୟିକା ସମ୍ରାଜ୍ଞୀ ନିରୁପମା ପଣ୍ଡା, କ୍ରୀଡାବିତ୍ ରତ୍ନପର୍ଣ୍ଣା ପଣ୍ଡା, ସାମାଜିକ କର୍ମୀ ନବକିଶୋର ଦଳାଇଙ୍କ ସମେତ ୩୩ ଜଣ ଗାୟକ, ୭ ବାୟକ, ୧୮ ପାଳିଆ ଓ ୪୦ଟି ପାଲା ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୁଦର୍ଶନ ସାହୁ ଧନ୍ୟବାଦ ଦେଇଥିଲେ।


ଜଣେ ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ହଳଦୀରେ ହୋଲି ଖେଳ

**ରଘୁନାଥପୁର, ୧୧।୩ (ଡି.ଏନ.ଏ.)**

ବିଶ୍ୱରେ କରୋନା ଭୂତାଣୁ କାୟା ବିସ୍ତାର କରିଥିବାବେଳେ ହୋଲି ଖେଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଲୋକେ ହଳଦୀ, ଚନ୍ଦନ ତଥା ହର୍ବାଲ ରଙ୍ଗରେ ହୋଲି ଖେଳିଛନ୍ତି। ରାସାୟନିକ ତଥା ଚାଇନା ନିର୍ମିତ ରଙ୍ଗକୁ ଏଥର ଲୋକେ ବାରଣ କରିଛନ୍ତି। ପରସ୍ପର ମଧ୍ୟରେ ଭାଇଚାରାର ସନ୍ଦେଶ ଦେବାକୁ ଯୁବପିଢି ଘରକୁ ଘର ଯାଇ ହଳଦୀ, ଚନ୍ଦନ ମଥାରେ ମାରି ଆନ୍ତରିକତା ଜଣାଇଥିଲେ। ତେବେ ସାଧାରଣଜନତାଙ୍କ ସଚେତନତା ପାଇଁ ରଙ୍ଗ ବଜାରରେ ଅନେକ କ୍ଷତି ପହଞ୍ଚିଛି। କାଁ ଭାଁ ଅବିର ବିକ୍ରି ହେଉଥିବା ବେଳେ ଲୋକେ କେମିକାଲ ଯୁକ୍ତ ରଙ୍ଗରୁ ସମ୍ପୂର୍ଣ୍ଣ ଦୂରେଇ ରହିଥିଲେ। ଅନ୍ୟପକ୍ଷରେ ନିଶାସକ୍ତ ଭାବେ ଘଟୁଥିବା ଦୁର୍ଘଟଣା ଅନେକ ମାତ୍ରାରେ ହ୍ରାସ ପାଇଛି। ରଙ୍ଗ ଖେଳ ଫିକା ପଡିଥିବାରୁ କୌଣସି ସ୍ଥାନରେ ଗଣ୍ଡଗୋଳ ହୋଇ ନ ଥିଲା।

## ରଙ୍ଗ ଲଗାଇବାକୁ ବିରୋଧ କରିବାରୁ ଦେଢ଼ଶୁରଙ୍କୁ ଆକ୍ରମଣ

**କୁଜଙ୍ଗ, ୧୧।୩ (ଡି.ଏନ.ଏ.)**

କୁଜଙ୍ଗ ଥାନା ଅଧୀନ ଗଣ୍ଡକିପୁର ଗ୍ରାମରେ ଭାଇବୋହୂଙ୍କୁ ରଙ୍ଗ ଲଗାଇବାକୁ ବିରୋଧ କରିବାରୁ ଦେଢ଼ଶୁରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଅଭିଯୋଗ ଅନୁସାରେ, ଗଣ୍ଡକିପୁର ଗ୍ରାମର ଝୁନିରାଣୀ ବେହେରା ଓ ତାଙ୍କ ପରିବାର ଘରେଥିବା ସମୟରେ ସେହି ଗ୍ରାମର ସତ୍ୟଜିତ ସାମଲ ପହଞ୍ଚି ଝୁନିରାଣୀଙ୍କ ସାନ ଯା' ସୌଦାମିନିଙ୍କୁ ରଙ୍ଗ ଲଗାଇବାକୁ କହିଥିଲେ। ମାତ୍ର ଏହାକୁ ଝୁନିରାଣୀ ଓ ତାଙ୍କ ସ୍ୱାମୀ ଅମର ବିରୋଧ କରିଥିଲେ। ଏଥିରେ ରାଗିଯାଇ ସତ୍ୟଜିତ ସାମଲ, ପବିତ୍ର ସାମଲ, ପିଣ୍ଟୁ ସାମଲ ଓ ତାଙ୍କର ପିଉସୀ ପୁଅ ସହଦେବ, ମହାଦେବ ଓ ଲିଟୁ ସାମଲ ମିଳିତଭାବେ ଅମରଙ୍କୁ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ ଗ୍ରାମର ଭଦ୍ରଲୋକ ଜାଣିବା ପରେ ସନ୍ଧ୍ୟାରେ ଫଏସଲା କରିବେ ବୋଲି ଧାର୍ଯ୍ୟ କରିଥିଲେ। କିନ୍ତୁ ସନ୍ଧ୍ୟାରେ ଅମର ଗ୍ରାମ ପୋଖରୀ ହୁଡ଼ାରେ ବସିଥିବା ସମୟରେ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ପୁନର୍ବାର ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ବାଧହୋଇ ଅମରଙ୍କ ସ୍ତ୍ରୀ ଝୁନିରାଣୀ ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ନଂ-୭୭/୨୦ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଥାନା ଅଧିକାରୀ ଦିଲୀପ ସାହୁ ପ୍ରକାଶ କରିଛନ୍ତି।

### ବାଲିକୁଦାର ଐତିହାସିକ ବାଲିଯାତ୍ରା ଆରମ୍ଭ

**ବାଲିକୁଦା, ୧୧।୩ (ସ୍ୱ.ପ୍ର.)**

ବାଲିକୁଦାର ଐତିହାସିକ ବାଲିଯାତ୍ରା ବୁଧବାରରୁ ଆରମ୍ଭ ହୋଇଛି। ଏହିଅବସରରେ ୨୭ ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣ ମେଳଣ ପଡିଆରେ ପହଞ୍ଚିଥିଲେ। ପରମ୍ପରାନୁଯାୟୀ ରାଧାମୋହନ ଜୀଉ ରାଜଦୋଳ ନାଳିଓର ଥାନପତି ଦୋଳଙ୍କୁ ଆଜ୍ଞାମାଳ ଦେଇ ନିମନ୍ତ୍ରଣ କରିବା ପରେ ବାଜା, ବାଣ ଓ ରୋଷଣିରେ ଠାକୁରଙ୍କୁ ନିଆ ଯାଇ ମେଳଣ ପଡିଆରେ ଅଧିଷ୍ଠିତ କରାଯାଇଥିଲା। ପୂର୍ବରୁ ଏହା କୌଣସି ନିର୍ଦ୍ଦିଷ୍ଟ ସମୟ ପାଇଁ ପାଳନ କରା ଯିବାର ବିଧି ବ୍ୟବସ୍ଥା ନ ଥିବା ବେଳେ ଚଳିତ ଥର ଏହାକୁ ୧୫ ଦିନ ପାଳନ କରାଯିବା ପାଇଁ ବାଲିଯାତ୍ରା କମିଟି ପକ୍ଷରୁ ଘୋଷଣା କରାଯାଇଛି। ଅଞ୍ଚଳର ଏହା ପ୍ରମୁଖ ପର୍ବ ହୋଇଥିବାରୁ ଉତ୍ସାହ ବୃଦ୍ଧି ପାଇଛି। ପ୍ରଫୁଲ୍ଲ ଦାସ, ଜୀବନ ଦାସ, ଶିବବ୍ରତ ଦାସ, ଭୀଷ୍ମଦେବ ଦାସ, ଅମୀୟ ଦାସଙ୍କ ନେତୃତ୍ୱରେ ଭକ୍ତ ପାରମ୍ପାରିକ ବାଜା, ବାଣ ଓ ରୋଷଣିର ତାଳେତାଳେ ପଭୁଙ୍କୁ ବିବାନରେ କାନ୍ଧେଇ ଆଣିଥିଲେ। ମେଳଣ ପଡିଆରେ ବିମାନଗୁଡିକ ସଜ୍ଜାଯାଇ ପୂଜାର୍ଚ୍ଚନା ପରେ ଠାକୁରଙ୍କୁ ଭୋଗ ଲାଗି କରାଯାଇଥିଲା।

## ତିର୍ତ୍ତୋଲ କଲେଜରେ ବିଦାୟ ସମ୍ବର୍ଦ୍ଧନା


ସଭାରେ ଉପସ୍ଥିତ ଛାତ୍ରୀଛାତ୍ର।

**ତିର୍ତ୍ତୋଲ, ୧୧।୩ (ଡି.ଏନ୍.ଏ.)**

ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଝୁଲବାବା ମଠ ପରିସରରେ ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ପ୍ରାଧାପକ ରଞ୍ଜନ କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ଅଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରାଧାପକ ନଳିନୀକାନ୍ତ ପଟ୍ଟନାୟକ, ଅଧାପକ ଦୀପକ କୁମାର ସିଂ, ବସନ୍ତ କୁମାର ନାଥ, ସନ୍ଧ୍ୟାରାଣୀ ମହାପାତ୍ର, ସ୍ୱର୍ଣ୍ଣଲତା ନାୟକ, ବିଜୟଲକ୍ଷ୍ମୀ ମହାନ୍ତି, ମିହିର କୁମାର ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନାନା ଉପଦେଶ ଦେଇଥିଲେ। ସ୍ମୃତିସନ୍ଧ୍ୟା ଖୁଣ୍ଟିଆ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅନନ୍ୟା ପ୍ରିୟଦର୍ଶିନୀ ସାହୁ, ମଧୁଛନ୍ଦା ସେଠୀ, ଦେବାଶିଷ ସ୍ୱାଇଁ, ରୁଦ୍ରନାରାୟଣ ଦାସ, ରାକେଶ ରୋଶନ ସେଠୀ, ତାପସ ରଞ୍ଜନ କର, ଶତାବ୍ଦୀ ସତ୍ୟପ୍ରଜ୍ଞ ସ୍ୱାଇଁ, କାଦମ୍ବିନୀ ନାୟକ ପ୍ରମୁଖ ଛାତ୍ରୀଛାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଶେଷବର୍ଷର ଛାତ୍ରୀଛାତ୍ରଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇଥିଲେ। ଦୀପ୍ତିମୟୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ

**୭ ଗିରଫ, ଜଣେ ଗୁରୁତର**

**କୁଜଙ୍ଗ, ୧୧।୩ (ଡି.ଏନ.ଏ.)**

କୁଜଙ୍ଗ ଥାନା ଅଧୀନ ଫତେପୁର ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ବୁଧବାର ଗୋଷ୍ଠୀ ସଂଘର୍ଷ ଘଟିଛି। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଉଭୟ ପକ୍ଷରୁ ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ଅଭିଯୋଗ ଅନୁସାରେ, ବୁଧବାର ଭୋର ସମୟରେ ଗ୍ରାମର ବେଙ୍ଗ ମଲିକ ଓ ତାଙ୍କ ସ୍ୱାମୀ ଧନୁଙ୍କ ସହ ସେହି ଗ୍ରାମର ରମେଶ ମଲିକ, ବିକ୍ରମ ମଲିକ, ବିନୋଦ ମଲିକ, ଜ୍ୟୋସ୍ନା ମଲିକ, ନୟନା ମଲିକ, ପମି ମଲିକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ପକ୍ଷ ଆହତ ହୋଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏ ସମ୍ପର୍କରେ ଧନୁଙ୍କ ସ୍ତ୍ରୀ ବେଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ରମେଶ, ବିକ୍ରମ, ବିନୋଦ, ଜ୍ୟୋସ୍ନା ଓ ନୟନାଙ୍କ ନାମରେ ଦଫା ୧୪୭, ୧୪୮, ୨୯୪, ୫୦୬, ୩୦୭, ୩୨୩, ୩୨୫, ୩୫୪(ଖ), ୧୪୯ ଆଇପିସିରେ ମାମଲା ସଂଖ୍ୟା ୭୯/୨୦ ରୁଜୁ କରିଥିଲା। ଅପରପକ୍ଷରେ ହାଡ଼ିବନ୍ଧୁଙ୍କ ସ୍ତ୍ରୀ ପମି ଧନୁ ଓ ଅନ୍ୟ ୧୩ଜଣଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଦଫା ୧୪୭, ୧୪୮, ୪୪୮, ୪୨୭, ୩୦୭, ୩୨୫, ୩୫୪(କ), ୩୭୯, ୨୯୪, ୫୦୬, ୧୪୯ ଆଇପିସିରେ ମାମାଲା ସଂଖ୍ୟା ୮୦/୨୦ ରୁଜୁ କରିଛି। ପମିଙ୍କ ଅଭିଯୋଗ ଆଧାରରେ ଦିଲୀପ, କବିନ୍ଦ୍ର, ରିନା, କାଳିଆ ଓ ବେଙ୍ଗଙ୍କୁ ଗିରଫ କରାଯାଇଛି। ବେଙ୍ଗଙ୍କ ଅଭିଯୋଗ ଆଧାରରେ ପମି ଓ ତାଙ୍କ ସ୍ୱାମୀ ହାଡିବନ୍ଧୁଙ୍କୁ ଗିରଫ କରାଯାଇ କୋର୍ଟଚାଲଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କ ସମାଗଳ ଉପକାରାଗାରକୁ ପଠାଇ ଦିଆଯାଇଛି। ରମେଶଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ପଠାଯାଇଛି।

## ବିଜୟ ଥିଲେ ନିଷ୍କପଟ ରାଜନେତା

**କୁଜଙ୍ଗ, ୧୧।୩ (ଡି.ଏନ.ଏ.)**

ଅବିଭକ୍ତ ଏରସମାର ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ବିୟୋଗରେ ତାଙ୍କ ବାସଭବନ ଗୋବିନ୍ଦପୁରଠାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। କଂଗ୍ରେସ ନେତା ନିତ୍ୟାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ବାଲିକୁଦାର ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ଶ୍ରମିକନେତା ଅରିନ୍ଦମ ସର୍ଖେଲ, ଜିଲା କଂଗ୍ରେସ ସଭାପତି ନଟବର ବାରିକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଜେନା, ଏରସମା-ବାଲିକୁଦା କଂଗ୍ରେସ ନେତା ନଳିନୀକାନ୍ତ ସ୍ୱାଇଁ, ଶିଶିର ମହାପାତ୍ର, ଦେବେନ୍ଦ୍ର ତ୍ରିପାଠୀ, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ରମେଶଚନ୍ଦ୍ର ଦାସ, ନାରୀନେତ୍ରୀ କଳ୍ପନା ଜେନା ଓ ଦୀପ୍ତିରାଣୀ ପ୍ରଧାନ ପ୍ରମୁଖ ଯୋଗଦେଇ ବିଜୟ ଥିଲେ ଜଣେ ଶାନ୍ତ, ସରଳ ଓ ନିଷ୍କପଟ ରାଜନେତା। ତାଙ୍କଭଳି ଜଣେ ଧର୍ଯ୍ୟଶୀଳ ବ୍ୟକ୍ତି ଯଦି ପୁଣିଜନ୍ମ ନିଅନ୍ତି ତେବେ ଡିଙ୍ଗିଆ ଚାରିଦେଶର ମାଟି ଧନ୍ୟ ହୋଇଯିବ ବୋଲି କହିଥିଲେ। ନାୟକଙ୍କ ପୁଅସାର୍ଥକ, ଶାଶ୍ୱତ ଓ ଭଣଜା ସମରେନ୍ଦ୍ର ସ୍ମୃତିସଭାକୁ ପରିଚାଳନା କରିଥିଲେ।


ସ୍ମୃତିସଭାରେ ଯୋଗଦେଇଥିବା ଅତିଥି।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାଲିଆ, ୧୧।୩**

ବିରିଡି ବ୍ଲକର ଆଜାଦ ହିନ୍ଦ କ୍ରିକେଟ କ୍ଲବ ତଳପାଟକ ଆନୁକୁଲ୍ୟରେ ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସଭାପତି ସମସୁଲ ଜମା ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ କାଠଯୋଡି, ଫକୀରପଡ଼ା, ଜିଗନପୁର, ସାଲେପୁର, ହାଜିପୁର, ତୁଳସୀପୁର, କୂଳସରଗୁଁଆ, ଆମ୍ବେଡ଼କର, ତରିକୁନ୍ଦ, ଥୋରିଆପଡ଼ା, କଟକ, ଇଲେଭେନ ଷ୍ଟାର କିଶନନଗର ଓ ଆଜଦ ହିନ୍ଦ ଟିମ ଭାଗ ନେଇଛନ୍ତି। ଗୋବିନ୍ଦପୁର କ୍ରିକେଟ ଟିମ୍ ଓ କିଶୋରନଗର ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୭ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯିବାକୁ ସ୍ଥିର କରାଯାଇଥିବା ଜଣାପଡ଼ିଛି।

## ଦୋଳ ପାଇଁ ପୁରପଲ୍ଲୀ ଉତ୍ସବମୁଖର


ଗୋପାଳଭାଇମାନେ ଗ୍ରାମ ପରିକ୍ରମା କରୁଛନ୍ତି।

**ରଘୁନାଥପୁର, ୧୧।୩ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ଦୋଳ ଉତ୍ସବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ଅବସରରେ ଚାନ୍ଦପୁର ଗାଁରେ ଦୀର୍ଘ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇ ଆସୁଥିବା ଦୋଳ ମେଳଣ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଯାଇଛି। ସୁସଜ୍ଜିତ ବିମାନରେ ଗ୍ରାମବାସୀ ଠାକୁରଙ୍କୁ ଘରକୁ ଘର ନେଇ ଚାଚେରି ଭୋଗ ଲାଗି କରାଇଥିଲେ। ଗୋପାଳଙ୍କ ପକ୍ଷରୁ ଲଉଡି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସେହିପରି ରେଢୁଆରେ ୨୨ ବିମାନରେ ଠାକୁର ଆସି ମେଳଣରେ ଏକତ୍ରିତ ହୋଇଥିଲେ। ରାତିତମାମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦିନରେ ଗୋପାଳମାନେ ଓଗାଳ ଗାଇ ଗାଁକୁ ଗାଁ ଅତିକ୍ରମ କରି ବିଭିନ୍ନ ଦେବଦେବୀଙ୍କୁ କ୍ଷୀର ଲାଗି କରିଥିଲେ। ଏହା ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। ବିଭିନ୍ନ ଗାଁରେ ଲଉଡି ଖେଳ ଲାଗି ରହିଥିବା ବେଳେ କେତେକ ସ୍ଥାନରେ ପ୍ରତିଯୋଗିତା କରାଯାଇଛି।

# ଓଡ଼ିଶାର ସମର ଡେଷ୍ଟିନେଶନ



ଖରା ହେଉ କି ବର୍ଷା, ବୁଲିବାର କୌଣସି ସମୟ ନଥାଏ। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାରେ ରହିଛି ଏକାଧିକ ଆକର୍ଷଣୀୟ ସ୍ଥାନ। ଆଗକୁ ଖରାଦିନ ଆସୁଥିବା ବେଳେ ଓଡ଼ିଶାର କିଛି ଲୋକପ୍ରିୟ ସମର ଡେଷ୍ଟିନେଶନକୁ ନେଇ ଏଥର ଆମ ରିପୋର୍ଟ।

## ଚନ୍ଦ୍ରଭାଗାର ୱାଟର୍‌ସ୍ପୋର୍ଟସ ଓ ନିରୋଳା ବିଚ୍

ଚନ୍ଦ୍ରଭାଗାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଯେତିକି ଆକର୍ଷଣୀୟ ସେତିକି ମନଲୋଭା। ଓଡ଼ିଶାର ଏହି ଲୋକପ୍ରିୟ ବିଚ୍ ସ୍ୱଚ୍ଛ ଓ ପରିଷ୍କାର ସହ ବେଶ୍ ନିରୋଳା ମଧ୍ୟ। ଜନଗହଳିରୁ ଦୂରକୁ ଯାଇ ସମୁଦ୍ରର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଚାହୁଁଥିବା ପର୍ଯ୍ୟଟକ ଏଠାରେ କିଛି ସମୟ ଅତିବାହିତ କରିବା ସହ ନିକଟରେ ଥିବା କୋଣାର୍କ ସୂର୍ଯ୍ୟ ମନ୍ଦିର ମଧ୍ୟ ଦେଖିପାରିବେ। ଏହାବ୍ୟତୀତ ଆଡ୍‌ଭେଞ୍ଚର୍ ତଥା ଦୁଃସାହସକୁ ଭଲପାଉଥିବା ଲୋକେ ଏଠାରେ ବୋଟିଂ, ଜେଟ୍ ସ୍କାଇଂ, ବାନାନା ରାଇଡିଂ ଭଳି ୱାଟର୍ ସ୍ପୋର୍ଟସର ମଜା ନେଇପାରିବେ। ସେହିଭଳି କିଛି ନୂଆ ଅନୁଭୂତି ଲାଗି ଏଠାରେ ଥିବା ନେଚର କ୍ୟାମ୍ପ୍ ଏବଂ ରିସର୍ଟରେ କ୍ୟାମ୍ପିଂ ଏବଂ ଗ୍ଲାମ୍ପିଂର ମଜା ମଧ୍ୟ ନେଇହେବ।

## ସି ଫୁଡ୍, କ୍ୟାମେଲ ରାଇଡିଂ ଓ ଲୋକାଲ ମାର୍କେଟ

ଦେଶର ଅନ୍ୟତମ ସୁରକ୍ଷିତ ବିଚ୍‌ଭାବେ ପରିଗଣିତ ପୁରୀ ଭାରତର ଏକ ପ୍ରମୁଖ ସମର୍ ଡେଷ୍ଟିନେଶନ ମଧ୍ୟରୁ ଅନ୍ୟତମ। ପ୍ରକୃତି ସହ ଆଧ୍ୟାତ୍ମିକତାକୁ ବାନ୍ଧି ରଖିଥିବା ଏହି ସହର ବର୍ଷତମାମ ଗହଳି ରହିଥାଏ। ଏଠାକାର ସମୁଦ୍ରକୂଳରେ ପର୍ଯ୍ୟଟକ ଗାଧୋଇବା ସହ ସନ୍‌ବାଥ୍‌ର ମଜା ନେଇପାରିବେ। ଏଠାରେ ଥିବା ବିଭିନ୍ନ ବର୍ଗର ହୋଟେଲ ସବୁପ୍ରକାର ପର୍ଯ୍ୟଟକଙ୍କ ପକେଟକୁ ସୁହାଇଲା ଭଳି ହୋଇଥିବାରୁ ଜଣେ କମ୍ ବଜେଟରେ ମଧ୍ୟ ଏଠାରେ ଭଲ ସମୟ କାଟିପାରିବ। କେବଳ ଏତିକି ନୁହେଁ, ସକାଳର ବିଚ୍ ମର୍ନିଂ ୱାକ୍ ହେଉ କି କ୍ୟାମେଲ୍ ରାଇଡିଂ, ଲୋକାଲ ମାର୍କେଟ ଓ ଲୋକପ୍ରିୟ ସି ଫୁଡ୍, ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହା ଭିନ୍ନ ଅନୁଭୂତି ଦେଇଥାଏ।

## ବିଚ୍‌ଟାଉନ୍

ଗଞ୍ଜାମ ଜିଲାର ଗୋପାଳପୁରରେ ରହିଛି ଓଡ଼ିଶାର ପ୍ରଥମ ମଡର୍ନ ହୋଟେଲ। ଦେଶର ପ୍ରଥମ ବିଚ୍ ରିସର୍ଟ 'ଦି ପାମ୍ ବିଚ୍ ରସର୍ଟ' ଏଠାରେ ପ୍ରତିଷ୍ଠା ହୋଇଥିବା ବେଳେ ଏହି ସହର ପର୍ଯ୍ୟଟକଙ୍କୁ ଗୋଆ ଏବଂ ପଣ୍ଡିଚେରୀର ମିଶ୍ରିତ ଅନୁଭୂତି ଦେଇଥାଏ। ଗୋପାଳପୁରର ସମୁଦ୍ର କୂଳେ କୂଳେ ଥିବା ବିସ୍ତୃତ କାଜୁ ଜଙ୍ଗଲ ଏହି ବିଚ୍‌କୁ ଅଧିକ ଆକର୍ଷଣୀୟ କରିଥାଏ। ଏହି ବିଚ୍ ଟାଉନ୍‌ରେ ଥିବା ରଙ୍ଗବେରଙ୍ଗର ବିଲ୍ଡିଂ, ପୁରାତନ ଆର୍କିଟେକ୍ଟର୍ ଏବଂ ପରିଚ୍ଛନ୍ନ ସମୁଦ୍ରକୂଳ ଫଟୋଗ୍ରାଫରଙ୍କ ପାଇଁ ଭୂସ୍ୱର୍ଗ କହିଲେ ଅତ୍ୟୁକ୍ତି ହେବନାହିଁ। ପୂର୍ବ ଦିଗରେ ରହିଥିବାରୁ ଏଠାର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଏ।

## ଓସେନ୍ ୱାର୍ଲ୍ଡ



ଭୁବନେଶ୍ୱରରୁ ୨୨କିମି ଦୂରରେ ଗଙ୍ଗେଶ୍ୱରଠାରେ ଅବସ୍ଥିତ ଏହି ୱାଟର ପାର୍କରେ ସବୁ ବର୍ଷ ଖରାଦିନ ଆସିଲେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏହା ଓଡ଼ିଶାର ପ୍ରଥମ ୱାଟର ପାର୍କ। ଏଥିରେ ୪ଟି ୱାଟର ସ୍ଲାଇଡ୍, କିଡ୍ ପୁଲ୍, ୱେଭ୍ ପୁଲ୍, ରେନ୍ ଡ୍ୟାନ୍ସ ଓ ଲ୍ୟାଣ୍ଡିଂ ପୁଲ୍ ରହିଛି। ଏଠାରେ ସୁଇମ୍ ସୁଟ୍ ମଧ୍ୟ ଉପଲବ୍ଧ ରହିଛି। ଏହା ଭିତରେ ଖାଇବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ଏହା ସକାଳ ୧୦ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲାଥାଏ। ଛୋଟ ପିଲାଙ୍କ ପାଇଁ ଏଣ୍ଟ୍ରି ଫି' ୩୦୦ଟଙ୍କା ଥିବା ବେଳେ ବଡ଼ମାନଙ୍କ ପାଇଁ ୩୫୦ଟଙ୍କା ରହିଛି।

## ବ୍ଲୁ ସ୍ପ୍ଲାସ୍

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍‌ରେ ନକ୍ଷୀସାହିଠାରେ ୮ ଏକର ଜମିରେ ହୋଇଥିବା ୱାଟର ପାର୍କ କେବଳ ପିଲାମାନଙ୍କୁ ନୁହଁ ସବୁ ବର୍ଗର ଲୋକଙ୍କୁ ଆକୃଷ୍ଟ କରିପାରିଛି। ଏଠାରେ ଥିବା ୭ଟି ୱାଟର ରାଇଡ୍ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏହାଛଡ଼ା ସ୍ଲାଇଡ୍‌ସ, ପୁଲ୍‌ରେ ଲୋକେ ଭଜା ନେଇଥାନ୍ତି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖୋଲା ରୁହେ।

## ପ୍ରତ୍ୟୁଷ ଓସେନ୍ ୱାର୍ଲ୍ଡ

ପୁରୀ ବାଟମଙ୍ଗଳାରୁ ଯାଇଥିବା ନୂଆ ବାଏପାସ୍ ରୋଡ୍‌ର ମଙ୍ଗରାଜପୁର ଛକଠାରେ ଏହି ପାର୍କଟି ରହିଛି। ଏଠାରେ ସ୍ଲାଇଡ୍‌ସ, ସୁଇମିଂ ପୁଲ୍ ରହିଛି। ଏଠାକୁ ଯିବା ପାଇଁ ୫୯୯ଟଙ୍କା ରହିଛି। ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହା ଖୋଲା ରହିଥାଏ। ଆଗକୁ ଏହା ସନ୍ଧ୍ୟା ସମୟରେ ଖୋଲା କରିବାକୁ ଯୋଜନା କରାଯାଉଛି।



## ୱଣ୍ଡର ୱାର୍ଲ୍ଡ

ପୁରୀ ମାଳତୀପାଟପୁର ରୋଡ୍‌ରରେ ଅବସ୍ଥିତ ଏହି ୱାଟର ପାର୍କଟି ଓଡ଼ିଶାର ବଡ଼ ୱାର୍ଟର ପାର୍କ ବୋଲି କୁହାଯାଏ। ଏଠାରେ ଆକ୍ୱା ଡିସ୍କ, ଗ୍ରୁପ୍ ସଫାରି, ଲିଟଲ ସ୍ପ୍ଲାସ୍, ହାଇ ମାଇ ସ୍କ୍ରିମର, ମ୍ୟାଟ୍ ରେସର, ୱେଭ୍ ପୁଲ୍ ଭଳି ଖେଳ ରହିଛି। ତେବେ ଏଠାରେ ଥିବା କ୍ରେଜି ରିଭର ପର୍ଯ୍ୟଟକଙ୍କ ଅଧିକ ପସନ୍ଦ ଥାଏ। ଖରାଦିନ ଆସିଗଲେ ପିଲାଠାରୁ ଆରମ୍ଭ କରି ବଡ଼ଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଏଠାରେ ଗହଳି ଲାଗିଯାଏ। ଦୀର୍ଘ ସମୟ ପାଣିରେ ଖେଳିବାର ମଜା ନେଇଥାନ୍ତି। ଏଠାରେ ଖାଇବା ପାଇଁ ଏକ ରେଷ୍ଟୁରାଣ୍ଟ ଥିବା ବେଳେ ହସ୍ତଶିଳ୍ପର ଏକ ସପ୍ ମଧ୍ୟ ରହିଛି। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ଥାଏ।

## ଚାନ୍ଦିପୁର ଓ ତାଳସାରୀ

ନିଜର ସ୍ୱତନ୍ତ୍ରତା ଲାଗି ସମଗ୍ର ବିଶ୍ୱରେ ପରିଚିତ ବାଲେଶ୍ୱର ଜିଲାର ଚାନ୍ଦିପୁର ବିଚ୍ ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଲୋ' ଟାଇଡ୍ ସମୟରେ ଏହି ବିଚ୍ ୫ କିଲୋମିଟର ପର୍ଯ୍ୟନ୍ତ କମିଯାଉଥିବାରୁ ଏହା ପର୍ଯ୍ୟଟକଙ୍କୁ ସମୁଦ୍ର ମଧ୍ୟରେ ଚାଲିବାର ଅବସର ଦେଇଥାଏ। ଏହି ସ୍ୱତନ୍ତ୍ରତା ଲାଗି ଏଠାରେ ହର୍ସ ଶୁ କ୍ରାବ୍, ଷ୍ଟାର୍ ଫିଶ୍, ସି ଅର୍ଚ୍ଚିନ୍ ଭଳି ବହୁ ବିରଳ ସାମୁଦ୍ରିକ ଜୀବ ଦେଖାଦିଅନ୍ତି। ଏହାବ୍ୟତୀତ ଏହି ଜିଲାର ତାଳସାରୀ ରାଜ୍ୟର ଏକ ଅନାଲୋଚିତ ବିଚ୍। ଏଠାରେ ବଙ୍ଗୋପସାଗର ଅଧିକ ଶାନ୍ତ ରହୁଥିବାରୁ ଖରାଦିନେ ଏଠାରେ ଗାଧୋଇବାର ମଜା ନିଆରା। ନାଲି କଙ୍କଡା, ବାଲିପାହାଡ଼ ଓ ନିକଟସ୍ଥ ହେନ୍ତାଳ ବନ ଏହି ବିଚ୍‌ର ଅନ୍ୟତମ ଆକର୍ଷଣ।

---

## ଖାଦ୍ୟ ରୁଚି

ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ରୁଚିକୁ ଦୃଷ୍ଟିରେ ରଖି ବିଭିନ୍ନ ହୋଟେଲ ଏବଂ ରେସ୍ତୋରାଁରେ ସୁଆଦିଆ ଖାଦ୍ୟ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟତଃ ଗ୍ରାହକଙ୍କ ଚାହିଦାକୁ ଦେଖି ସି ବିଚ୍ ରୋଡରେ ଥିବା ଗୋଲ୍‌ଡେନ ଟ୍ରି ହୋଟେଲରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଏ। ଆମିଷ ଖାଦ୍ୟ ମଧ୍ୟରେ ଚିକେନ୍ ବେଗମ୍ ବାହାରର ଚାହିଦା ବେଶି। ଏହି ଇଣ୍ଡିଆନ ଡିଶ୍‌ର ଗୋଟିଏ ପ୍ଲେଟ୍ ଦାମ୍ ୩୨୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ଦୋଳଗୋବିନ୍ଦ ବାରିକଙ୍କ ମୁହଁରୁ ...



# ଚିକେନ୍ ବେଗମ୍ ବାହାର

### ଆବଶ୍ୟକ ସାମଗ୍ରୀ

- ଚିକେନ୍: ୪୦୦ ଗ୍ରାମ୍
- ପିଆଜ ଚପ୍: ୩୦୦ ଗ୍ରାମ୍
- ଅଦା ପେଷ୍ଟ: ୫୦ ଗ୍ରାମ୍
- ରସୁଣ ପେଷ୍ଟ: ୫୦ ଗ୍ରାମ୍
- କଟା ଟମାଟୋ: ୧୦୦ ଗ୍ରାମ୍
- ଦହି: ୬୦ ଗ୍ରାମ୍
- କଞ୍ଚାଲଙ୍କା: ୨ଟି
- କାଜୁ ପେଷ୍ଟ: ୧୦୦ ଗ୍ରାମ୍
- ଚାରମଗଜ ପେଷ୍ଟ: ୫୦ ଗ୍ରାମ୍
- ତେଲ: ୨୦୦ ଗ୍ରାମ୍
- ହଳଦୀ ଗୁଣ୍ଡ: ୫ ଗ୍ରାମ୍
- ଧନିଆ ଗୁଣ୍ଡ: ୫ ଗ୍ରାମ୍
- ଲଙ୍କାଗୁଣ୍ଡ: ୩ ଗ୍ରାମ୍
- ଗୁଆଘିଅ: ୫ ଗ୍ରାମ୍
- ଅମୂଲ କ୍ରିମ୍: ୧୦ ଗ୍ରାମ୍
- ଗରମ ମସଲା: ୧୦ ଗ୍ରାମ୍
- ଧନିଆପତ୍ର: ୫ ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନ୍‌କୁ ଭଲ ଭାବେ ଧୋଇ ଦିଅନ୍ତୁ। କଡ଼େଇରେ ତେଲ ଗରମ କରି ଚିକେନ ପକାଇ ଛାଣନ୍ତୁ। ବ୍ରାଉନ ରଙ୍ଗ ହୋଇଯିବା ପରେ ଏକ ପାତ୍ରରେ ଚିକେନ୍‌କୁ ବାହାର କରି ରଖିବେ। ଏହାପରେ କଡ଼େଇରେ ଥିବା ତେଲରେ ପିଆଜ ପକାନ୍ତୁ। ପିଆଜ ସାମାନ୍ୟ ଲାଲ ହୋଇଗଲା ପରେ ସେଥିରେ ଅଦା ଓ ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, କଟା ଟମାଟୋ, କାଜୁ ଚାରମଗଜ ପେଷ୍ଟ, ଦହି, ଏବଂ ଲୁଣ ପକାଇ ଭଲ ଭାବେ କଷନ୍ତୁ। ମସଲା ହୋଇଗଲା ପରେ ସେଥିରେ ପୂର୍ବରୁ ଛଣାଯାଇଥିବା ଚିକେନ୍ ପକାଇ ଭଲ ଭାବେ ଗୋଳାଇ ଘୋଡଣୀ ଦେଇଦିଅନ୍ତୁ। ମଝିରେ ମଝିରେ ଏହାକୁ ଗୋଳାନ୍ତୁ। ଚିକେନ ସିଝିଗଲା ପରେ ସେଥିରେ ଗରମ ମସଲା, କ୍ରିମ୍, ଗୁଆଘିଅ ଏବଂ ଧନିଆପତ୍ର ପକାଇଦେବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ୍ ବେଗମ୍ ବାହାର। ଏହାକୁ ଏକ ପାତ୍ରରେ କାଢ଼ି ଏହା ଉପରେ କଞ୍ଚାଲଙ୍କା ଏବଂ ଧନିଆପତ୍ର ଦେଇ ସଜାଇ ଗରମ ଗରମ ନିଜେ ଖାଇ ଅନ୍ୟଙ୍କୁ ପରଷି ଦିଅନ୍ତୁ।



ମୁଖ୍ୟ ସେଫ୍ ଦୋଳଗୋବିନ୍ଦ ବାରିକ

ରିପୋର୍ଟ: ହେମନ୍ତ ନାୟକ   ଫଟୋ: ଯଜ୍ଞେଶ୍ୱର ମହାନ୍ତି

---

## ମୋ ଅନୁଭୂତି

ଡିଆଇଡି ଲିଟିଲ ମାଷ୍ଟର ରିଅଲିଟି ଶୋ'ରେ ଚମତ୍କାର ଡ୍ୟାନ୍ସ କରି ନିଜ ପ୍ରତିଭା ଦେଖାଇଥିଲେ କଟକର ଶୈଳେନ୍ଦ୍ର ସାମନ୍ତରାୟ। ସଞ୍ଜୟ ଓ ମନୋରମା ସାମନ୍ତରାୟଙ୍କ ସାନପୁଅ ତଥା କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟର ଆଇନ ଛାତ୍ର ଶୈଳେନ୍ଦ୍ର ଓଡ଼ିଆ ମ୍ୟୁଜିକ୍ ଭିଡ଼ିଓ ଜଗତରେ ଏବେ ଜଣେ ଟ୍ରେଣ୍ଡିଂ ଷ୍ଟାର୍। ମୋ ଘର ବାଟ ଦେଇ, ପୁଚୁକି ଗାଲି, ରାଜି ଥରେ ହେଇଯା, ୱାକାଉନ୍ ପରେ ନିକଟ ଅତୀତରେ ମୁକ୍ତିଲାଭ କରିଥିବା ଓ ରଙ୍ଗବତୀ' ଗୀତ ତାଙ୍କର ସୁପରହିଟ୍ ହୋଇଛି। ଏହି ଗୀତ ବନାରସରେ ଶୁଟିଂ ହୋଇଥିବା ବେଳେ ଏହାକୁ ନେଇ ଶୈଳେନ୍ଦ୍ରଙ୍କ ଅନୁଭୂତି...

# ବନାରସରେ ଅଛନ୍ତି ଓଡ଼ିଆ ଫ୍ୟାନ୍



ଶୈଳେନ୍ଦ୍ର ସାମନ୍ତରାୟ

ଟ୍ରେନ୍ ଭିତରଠାରୁ ଆରମ୍ଭ କରି ବନାରସର ବିଭିନ୍ନ ଗଳି ଓ ଗଙ୍ଗାନଦୀର କୂଳରେ ଗୀତର ଅଧିକାଂଶ ସିନ୍ ଶୁଟିଂ ହୋଇଥିଲା। ଶୁଟିଂ ସ୍ଥାନଗୁଡ଼ିକ ବୁଲି ଦେଖିବା ଦାୟିତ୍ୱ ଡିରେକ୍ଟର ରାଜା ଡି ଓ କ୍ୟାମେରାମ୍ୟାନ ଅକ୍ଷୟ କୁମାର ନାୟକଙ୍କ ହାତରେ ଥାଏ। ଏଣୁ ମୋତେ ଅଧିକ ଫାଙ୍କା ସମୟ ମିଳୁଥିଲା। ବନାରସରେ ଓଡ଼ିଆ ଡ୍ୟାନ୍ସ ଗୀତ ଶୁଟିଂ ହେବା ବି କ୍ୱଚିତ୍। ହେଲେ ଗଙ୍ଗାନଦୀ କୂଳରେ ଶୁଟିଂ ହେବା ସମୟର ଏକ ଅଭୁଲା ଅନୁଭୂତି ରହିଛି। ରଙ୍ଗବତୀ ଗୀତ ବଜାଇ ପାହାଚରେ ଶୁଟିଂ ଚାଲିଥାଏ। ଧୀରେଧୀରେ ସେଠାରେ ଭିଡ଼ ବଢ଼ିବାକୁ ଲାଗିଲା। କିଛି ସମୟ ପାଇଁ ଆମେ ସମସ୍ତେ ଡରି ଯାଇଥିଲୁ। ଯେହେତୁ ଓଡ଼ିଶା ନୁହେଁ, ବାହାର ଲୋକଙ୍କୁ ସାମ୍ନା କରିବା ଆମ ପାଇଁ କଷ୍ଟକର ହେବ ବୋଲି ସମସ୍ତେ ଭାବି ସାରିଥାଉ। ହେଲେ ସେମାନେ ଶୁଟିଂ ଦେଖିବାକୁ ଭିଡ଼ ଲଗାଇଥିଲେ। ସେମାନଙ୍କ ଭିତରୁ କେତେଜଣ ଆମ ସହ ସେଲ୍‌ଫି ନେଇଥିଲେ ଆଉ କିଛି ଓଡ଼ିଆ ଗୀତ ଶୁଣିଛନ୍ତି ଓ ଏବେ ସବୁ ନୂଆ ଭିଡ଼ିଓ ଦେଖିଛନ୍ତି ବୋଲି କହିଥିଲେ। ବନାରସ ଲୋକ ଓଡ଼ିଆ କଳାର ଫ୍ୟାନ ବୋଲି ଶୁଣି ବହୁତ ଖୁସି ଲାଗିଥିଲା। ସେମାନେ ଆମକୁ ଅନେକ ସାହାଯ୍ୟ ମଧ୍ୟ କରିଛନ୍ତି।

**ରିପୋର୍ଟ- କୁମାରଶ୍ରୀ ସାହୁ, କଟକ**

---

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

latecityselfie@gmail.com



ଜିତୁ



ମାଧବାନନ୍ଦ



ଗୁଜୁଲି



ମନୋଜ



ନିର୍ମଳ



ଚନ୍ଦନ



ଶୁଭ୍ରା



ବିଜୟଲକ୍ଷ୍ମୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/

## ସଂକ୍ଷେପରେ

### ବିଧାନସଭାରେ ଶୋକ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ବିଧାନସଭାରେ ପୂର୍ବତନ ସଦସ୍ୟଙ୍କ ବିୟୋଗରେ ବୁଧବାର ଶୋକ କରାଯାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀଙ୍କୁ ଶୋକ ପ୍ରସ୍ତାବ ଆଗତ କରିବା ଲାଗି କହିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବତନ ସଦସ୍ୟ ବୀର ସିପ୍‌କା, ବିଜୟ କୁମାର ନାୟକ, ପ୍ରହ୍ଲାଦ ଦୋରାଙ୍କ ବିୟୋଗରେ ଗୃହରେ ପ୍ରସ୍ତାବ ଆଗତ କରିଥିଲେ। ପରଲୋକଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ବିବରଣୀ ଦେବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ବାଚସ୍ପତିଙ୍କ ଜରିଆରେ ଗୃହରେ ସମବେଦନା ଜଣାଇଥିଲେ। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହରେ ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହିତ ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତିଚାରଣ କରିଥିଲେ। ବାଚସ୍ପତିଙ୍କ ଜରିଆରେ ସଦସ୍ୟମାନଙ୍କ ପରିବାରବର୍ଗଙ୍କୁ ନିଜର ତଥା ଦଳର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ଗୃହର ନେତାଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ଗ୍ରହଣକରି ସ୍ୱର୍ଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନିଜର ସମବେଦନା ଜଣାଇଥିଲେ। ପରଲୋକଗତଙ୍କ ବିୟୋଗରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୧୨ ମିନିଟ ଧରି ଗୃହରେ ଶୋକ ପ୍ରସ୍ତାବ ଆଲୋଚନା ହୋଇଥିଲା।

### ମାଲକାନଗିରି ଡାକ୍ତରଖାନାରେ କରୋନା ସନ୍ଦିଗ୍ଧ

**ମାଲକାନଗିରି,୧୧।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବୁଧବାର ଥଣ୍ଡା କାଶ ଓ ଜ୍ୱରରେ ପୀଡିତ ପରିମଳ ବିଶ୍ୱାସ ନାମକ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଘରେ ବିଶ୍ରାମ ନେବାକୁ କହିଛନ୍ତି। କିଛିଦିନ ତଳେ ସେ କୋଲକତା ଯାଇଥିଲେ। ସେଠାରୁ ଫେରିବା ପରେ ସେ ଅସୁସ୍ଥ ହୋଇପଡିଥିବା କହିଛନ୍ତି। ସେ କୋଲକତାର ଇସ୍କନ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ସେଠାରେ ବିଦେଶୀ ନାଗରିକଙ୍କ ସହିତ ଏକ ଅନ୍ତର୍ଜାତିକ ସମ୍ମିଳନୀରେ ଯୋଗ ଦେଇଥିବା ପ୍ରକାଶ କରିଥିଲେ। ଯଦି ସମସ୍ୟା ଗୁରୁତର ହୁଏ ତେବେ ତାଙ୍କୁ ତୁରନ୍ତ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଲେ ତାଙ୍କୁ ସ୍ୱତନ୍ତ୍ର ଚିକିତ୍ସା କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ଏଥିସହ ସେ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପରିମଳଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରିମଳଙ୍କ ଗ୍ରାମ ବଦଲି ପଞ୍ଚାୟତ ଏମ୍‌ଭି-୪୧ଗ୍ରାମରେ ବୋଲି ଜଣାପଡିଛି।

### ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନ ୩୦୦ କୋଟିକୁ ବୃଦ୍ଧି କରାଯାଉ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅନୁଦାନ ରାଶିକୁ ୧୦୦ କୋଟି ଟଙ୍କାରୁ ୩୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଉ। ସ୍ୱତନ୍ତ୍ର ଉନ୍ନୟନ ପରିଷଦଗୁଡିକର ଧାରାବାହିକତା ବଜାୟ ରଖିବା ପାଇଁ ପଦକ୍ଷେପ ନେବାକୁ ଯୋଜନା ଓ ସଂଯୋଜନା ବିଭାଗ ଷ୍ଟାଣ୍ଡିଂ କମିଟି ସୁପାରିସ କରିଛି। ସେହିପରି ସୌରଚାଳିତ ପଦ୍ଧତି ଏବଂ ବର୍ଷା ଜଳ ସଂରକ୍ଷଣ ପାଇଁ ପ୍ରତି ଜିଲା ମୁଖ୍ୟାଳୟରେ ଉଦ୍ୟମ ହେବା ଆବଶ୍ୟକ। ଜଳସେଚନ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା କେନାଲ ପାଇଁ ବ୍ୟୟବରାଦ ରଖିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଯେତେବେଳେ ସ୍ଥାନୀୟ କେନାଲ ଓ ନଦୀ ଉପରେ ସେତୁ ନିର୍ମାଣ କରାଯାଉଛି, ସେ ସମୟରେ ଜଳସେଚନ ପାଇଁ ଆୟକଟ ସୁବିଧାକୁ ଧ୍ୟାନ ଦେବା ପାଇଁ କମିଟି ସୁପାରିସ କରିଛି। ଗତବର୍ଷ ସଚିବାଳୟ ଏବଂ ବିଧାନସଭାରେ ସୌରଚାଳିତ ପ୍ୟାନେଲ ଲଗାଇବା ପାଇଁ ସୁପାରିସ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ସଚିବାଳୟରେ ଏହି ସୁବିଧା ହୋଇ ସାରିଥିବା କୁହାଯାଇଛି। ଭୂତଳ ଜଳକୁ ସଂରକ୍ଷିତ କରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଇନ୍‌ଷ୍ଟ୍ରିମ୍ -ଷ୍ଟୋରେଜ୍ ଷ୍ଟ୍ରକ୍‌ଚର ପାଇଁ ୧୧,୭୧୩ କୋଟି ଟଙ୍କାର ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି। ଏହା ଅର୍ଥ ବିଭାଗ ଅନୁମୋଦନ ଅପେକ୍ଷାରେ ରହିଛି। ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନା ବାଦ୍ ୧୪,୫୮୮ ଚେକ୍‌ଡ୍ୟାମ ଗତବର୍ଷ ମାର୍ଚ୍ଚ ସୁଦ୍ଧା ନିର୍ମିତ ହୋଇଥିଲା। ସେହିଭଳି ୨୭ ପୌରାଞ୍ଚଳ ଏବଂ ଜଳସଙ୍କଟ ଥିବା ୪୯ ବ୍ଲକ ପାଇଁ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଏଥିପାଇଁ ୨୪୭ କୋଟି ଟଙ୍କାର ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। ୨୦୨୦ରୁ ୨୦୨୫ ମଧ୍ୟରେ ଏହି ପ୍ରକଳ୍ପ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଛି।

# ଛୋଟ ରେଳ ଷ୍ଟେଶନରେ ରହିବେ ଟିକେଟ ବୁକିଂ ଏଜେଣ୍ଟ



- ପୂର୍ବତଟ ରେଳପଥର ୧୩୨ ଷ୍ଟେଶନରେ ରହିବେ ଏଜେଣ୍ଟ
- ସ୍ଥାନୀୟ ଯୁବକଙ୍କୁ ଦିଆଯିବ ଅଗ୍ରାଧିକାର, ମିଳିବ କମିଶନ
- କେବଳ ନିରାପତ୍ତା, ସୁରକ୍ଷା ଦାୟିତ୍ୱରେ ରହିବେ ଏଏସ୍‌ଏମ୍

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଛୋଟ ରେଳ ଷ୍ଟେଶନଗୁଡ଼ିକରେ ନିୟୋଜିତ ହେବେ ଟିକେଟ ବୁକିଂ ଏଜେଣ୍ଟ। ପୂର୍ବତଟ ରେଳପଥର ଏନ୍‌ଏସ୍‌ଜି-୫ ଓ ୬ କାଟାଗୋରି ଅର୍ନ୍ତଭୁକ୍ତ ଷ୍ଟେଶନରେ ଏଜେଣ୍ଟମାନେ ଟିକେଟ ବିକ୍ରି କରିବେ। ବିକ୍ରି ଟିକେଟ ଉପରେ କମିଶନ ପାଇବେ। ତେବେ ବର୍ତ୍ତମାନ ଏହି ଷ୍ଟେଶନଗୁଡ଼ିକରେ ଟିକେଟ ବୁକିଂ କାର୍ଯ୍ୟ ତୁଲାଉଥିବା ସହାୟକ ଷ୍ଟେଶନ ମାଷ୍ଟର (ଏଏସ୍‌ଏମ୍)ମାନେ କେବଳ ଟ୍ରେନ ଚଳାଚଳ ସମ୍ବନ୍ଧୀୟ ନିରାପତ୍ତା ଓ ଟ୍ରେନଗୁଡିକର ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସୂଚନା ମୁତାବକ, କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ ପ୍ରଣାଳୀ ଦ୍ୱାରା ଏହି ଏଜେଣ୍ଟମାନେ ଟିକେଟ ବିକ୍ରି କରିବେ। କେଉଁ ଷ୍ଟେଶନରେ କେତେ ଏଜେଣ୍ଟ କାଉଣ୍ଟର ଖୋଲାଯିବ ତାହା ସ୍ଥିର କରିବାକୁ ରେଳପଥ ପକ୍ଷରୁ ଏକ କମିଟି ଗଠନ କରାଯିବ। ଉକ୍ତ କମିଟିରେ ରେଳପଥର ବାଣିଜ୍ୟିକ, ଟ୍ରେନ ପରିଚାଳନା ଓ ଆକାଉଣ୍ଟ୍ସ ବିଭାଗର ଅଧିକାରୀମାନେ ରହିବେ। ସବୁଠାରୁ ବଡ଼କଥା ହେଲା, କୌଣସି ବ୍ଲକ କିମ୍ବା ତହସିଲ ପରିସିମା ମଧ୍ୟରେ ରହିଥିବା ଷ୍ଟେଶନଗୁଡିକରେ ସ୍ଥାନୀୟ ଯୁବକମାନଙ୍କୁ ଟିକେଟ ବୁକିଂ ଏଜେଣ୍ଟଭାବେ ନିୟୋଜିତ କରାଯିବ। ସେମାନଙ୍କ ପାଇଁ କମ୍ପ୍ୟୁଟରୀକୃତ ଅଣସଂରକ୍ଷିତ ଟିକେଟ ବ୍ୟବସ୍ଥା ସହିତ ବିଦ୍ୟୁତ୍ ସଂଯୋଗ, ଦୂରସଂଚାର ଚ୍ୟାନେଲ ଓ ଆବଶ୍ୟକ ସ୍ଥାନ ଯୋଗାଇ ଦିଆଯିବ। ଏମାନେ କେବଳ ରିହାତି ନ ଥିବା ଅଣସଂରକ୍ଷିତ ଟିକେଟ, ସିଜିନ ଟିକେଟ ଓ ପ୍ଲାଟଫର୍ମ ଟିକେଟ ବିକ୍ରି କରିପାରିବେ। ସିଜିନ ଟିକେଟଗୁଡିକର ରିନ୍ୟୁଆଲ ଓ ବରିଷ୍ଠ ନାଗରିକ ପାଇଁ ରହିଥିବା ରିହାତି ଟିକେଟ ମଧ୍ୟ ସେମାନଙ୍କ ନିକଟରେ ଉପଲବ୍ଧ ହେବ। ଏହାବ୍ୟତୀତ ସହାୟକ ଷ୍ଟେଶନମାଷ୍ଟର ଆବଶ୍ୟକ ଦସ୍ତାବିଜ ଯାଞ୍ଚ କରିବା ପରେ ଏହି ଏଜେଣ୍ଟମାନେ ଅନ୍ୟ ରିହାତିଯୁକ୍ତ ଟିକେଟ ବିକ୍ରି କରିପାରିବେ। ପୂର୍ବତଟ ରେଳପଥ ଅଧୀନରେ ବର୍ତ୍ତମାନ ଏନ୍‌ଏସ୍‌ଜି ୫ ଓ ୬ କାଟାଗୋରିର ୨୩୩ ଷ୍ଟେଶନ ରହିଛି। ଏଥିମଧ୍ୟରୁ ୧୩୨ ଷ୍ଟେଶନରେ ଏଜେଣ୍ଟମାନଙ୍କୁ ନିୟୋଜିତ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ଷ୍ଟେଶନରେ ମଧ୍ୟ ଏଜେଣ୍ଟ ନିୟୋଜନ କରାଯିବ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଓ ସର୍ବନିମ୍ନ ୧୦ମ ଶ୍ରେଣୀ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ ଏଥିପାଇଁ ଚୟନ କରାଯିବ। ଅନ୍ୟପକ୍ଷରେ ଷ୍ଟେଶନ ଟିକେଟ ବୁକିଂ ଏଜେଣ୍ଟ ନିୟୋଜିତ ହେବାପରେ ସହାୟକ ଷ୍ଟେଶନ ମାଷ୍ଟରମାନେ ଟିକେଟ ବିକ୍ରୟ କାର୍ଯ୍ୟରୁ ନିବୃତ ରହିବେ ବୋଲି ସୂଚନା ଦିଆଯାଇଛି।

# ୟେସ୍ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କାକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ୟେସ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ରଖାଯିବା ପ୍ରସଙ୍ଗ ଏବେ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ପହଞ୍ଚିଛି। ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏନେଇ ଏକ ପିଟିଶନ କରିଛନ୍ତି। ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, କାହା ସ୍ୱାର୍ଥରେ ପୁଣି ପରିଚାଳନା କମିଟିର ବିନା ଅନୁମୋଦନରେ କାହିଁକି ମହାପ୍ରଭୁଙ୍କ ଏତେ ଟଙ୍କା ୟେସ ବ୍ୟାଙ୍କକୁ ଡାଇଭର୍ଟ ହୋଇଥିଲା। ଏ ନେଇ ପରିଚାଳନା କମିଟି ୨୦୧୯ ଡିସେମ୍ବର ୧୨ ବୈଠକରେ ପ୍ରଶ୍ନ ଉଠାଇଥିଲା। ହେଲେ ଅଧିକାରୀମାନେ ଏହାର ଉତ୍ତର ଦେଇପାରି ନ ଥିଲେ। ପୁଣି ଏହି ପ୍ରସଙ୍ଗ ଗତ ଫେବୃୟାରୀରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉଠିଥିଲା। ଭକ୍ତଙ୍କ ଦ୍ୱାରା ଦାନ କରାଯାଇଥିବା ଏହି ଅର୍ଥକୁ କାହିଁକି ଏକ ଜାତୀୟକରଣ ବ୍ୟାଙ୍କରେ ରଖାଗଲା ନାହିଁ ବୋଲି ବୈଠକରେ କେତେଜଣ ସଦସ୍ୟ ପ୍ରଶ୍ନ ପଚାରିବା ସହ ତୁମ୍ବିତୋଫାନ କରିଥିଲେ। ହେଲେ ଦାୟିତ୍ୱରେ ଥିବା ଅଧିକାରୀମାନେ ବେଫିକର ରହିଥିଲେ। କାରଣ ସେମାନଙ୍କ ଭିତିରି ଉଦ୍ଦେଶ୍ୟ ଜଳଜଳ ହୋଇ ବାରିହୋଇ ପଡିଥିଲା। ତେଣୁ ଏହି ଘଟଣାର ତଦନ୍ତ ଅର୍ଥନୈତିକ ଅପରାଧ ଶାଖା ଓ ଭିଜିଲାନ୍ସ ଦ୍ୱାରା କରାଯାଉ। ସେହିପରି ଲୋକଙ୍କ ଦାନ ଅର୍ଥକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ରଖିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଏନ୍‌ଏଚ୍‌ଆର୍‌ସିଙ୍କୁ ନିବେଦନ କରିଛନ୍ତି। ମହାପ୍ରଭୁଙ୍କ ସହ ଜନସାଧାରଣଙ୍କ ଆବେଗ ଯୋଡି ହୋଇଥିବାରୁ ଏହା ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ନାୟକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ସିବିଆଇ କାର୍ଯ୍ୟାଳୟରେ ଏତଲା ଦେଲା ଜଗନ୍ନାଥ ସେନା




**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ୟେସ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ଘଟଣାକୁ ନେଇ ସିବିଆଇ ତଦନ୍ତ ଦାବି କରିଛି ପୁରୀର ଜଗନ୍ନାଥ ସେନା। ଏଥିସହ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟରେ ବୁଧବାର ଏତଲା ଦେଇଛି ସେନା। ଅଭିଯୋଗରେ ଦର୍ଶାଯାଇଛି ଯେ, ପୁରୀରେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ଥିବାବେଳେ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ କେଉଁ ସ୍ୱାର୍ଥରେ ୟେସ ବ୍ୟାଙ୍କରେ ଟଙ୍କା ରଖିଲେ ? ପୁଣିପୂର୍ବରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଥିବା ଟଙ୍କା ଉଠାଯାଇ ଏକକାଳୀନ କାହିଁକି ୟେସ ବ୍ୟାଙ୍କରେ ଜମା କରାଗଲା ? ଟଙ୍କା ରଖିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟିର କାହିଁକି ଅନୁମୋଦନ ନିଆଯାଇ ନ ଥିଲା ? ୟେସ ବ୍ୟାଙ୍କ ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ ଏମିତି କେତେ ପ୍ରତିଶତ ଅଧିକ ସୁଧ ଦେବାର ସ୍ୱପ୍ନ ଦେଖାଇଥିଲା ଯେ, ସେଠାରେ ଏତେ କୋଟି ଟଙ୍କା ରଖାଗଲା। ଏ ନେଇ ବ୍ୟାଙ୍କ ଓ ମନ୍ଦିର ପ୍ରଶାସନ ଅଧିକାରୀଙ୍କ ମଧ୍ୟରେ କେଉଁ ପ୍ରକାର ଡିଲ୍ ହୋଇଛି ତାହାର ତଦନ୍ତ କରାଯାଉ। କେଉଁ ଅଧିକାରୀମାନେ ବହୁ ଟଙ୍କାର କମିଶନ ଖାଇ ମହାପ୍ରଭୁଙ୍କ ଟଙ୍କାକୁ ଅସୁରକ୍ଷିତ ହେବାକୁ ଠେଲିଦେଲେ ତାହାର ତଦନ୍ତ କରାଯାଉ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଏତଲାରେ ଉଲ୍ଲେଖ କରିଛନ୍ତି।

# ମାନବ ସମ୍ବଳ, ସମ୍ପତ୍ତି ସୁରକ୍ଷା, ସବ୍‌ସିଡିକୁ ଗୁରୁତ୍ୱ

**କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟ**

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ରାଜ୍ୟର ବ୍ଲକସ୍ତରରେ ଥିବା ଫାର୍ମ ଇନ୍‌ଫର୍ମେଶନ ଆଡଭାଇଜରି ସେଣ୍ଟର(ଏଫଆଇଏସି)ଗୁଡିକୁ ଯୋଗାଯୋଗ କରିବା ପାଇଁ ଭଲ ରାସ୍ତା ନାହିଁ। ଅନୁରୂପ ଭାବେ ଆବଶ୍ୟକ ବିଜୁଳି ଓ ଜଳ ସୁବିଧା, ସମଗ୍ର କ୍ଷେତ୍ର ପାଇଁ ପାଚେରି ନାହିଁ। ସେହିଭଳି ଏହା ମଧ୍ୟରେ ଥିବା ସମ୍ପତ୍ତିର ହେପାଜତ ପାଇଁ ଜଗୁଆଳିର ମଧ୍ୟ ଆବଶ୍ୟକତା ରହିଛି। ଉପରୋକ୍ତ ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ସରକାର ପଦକ୍ଷେପ ନେବା ଦରକାର ବୋଲି ବିଧାନସଭା କୃଷି ଏବଂ କୃଷକ ସଶକ୍ତୀକରଣ ସ୍ଥାୟୀ କମିଟି ଦ୍ୱାରା ସୁପାରିସ କରାଯାଇଛି।

ରାଜ୍ୟରେ ଥିବା ବାୟୋଲୋଜିକାଲ୍ କଣ୍ଟ୍ରୋଲ ଲ୍ୟାବ୍ସ(ବିସିଏଲ୍)ରେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ରହିଛି। ମାଇକ୍ରୋ ଜଳସେଚନ ଯନ୍ତ୍ରାଂଶ (ଏଗ୍ରି-ଇନ୍‌ପୁଟ୍) ପାଇଁ ଦିଆଯାଉଥିବା ସବ୍‌ସିଡି ରାଶି ବୃଦ୍ଧି କରାଯିବା ନେଇ କମିଟି ପ୍ରସ୍ତାବ ରଖିଛି। ତୃଣମୂଳରେ କାର୍ଯ୍ୟ କରୁଥିବା ଭିଏଡବ୍ଲ୍ୟୁ, ଏଚ୍‌ଇଓ, ଏସ୍‌ସିଇଡବ୍ଲ୍ୟୁମାନେ ଜଣ ପିଛା ୨ରୁ ୪ ପଞ୍ଚାୟତ ଦାୟିତ୍ୱରେ ରହୁଛନ୍ତି। ଏହା ଦ୍ୱାରା ସେମାନେ ଦେଉଥିବା ସେବାର ଗୁଣାତ୍ମକମାନ ହ୍ରାସ ହେଉଛି। ତେଣୁ ଏହି ପଦବୀରେ ଅଧିକ ସଂଖ୍ୟକ ନିଯୁକ୍ତି ନେଇ ମତପ୍ରକାଶ ପାଇଛି। ଏହି କର୍ମଚାରୀମାନେ ନିର୍ଦ୍ଦିଷ୍ଟ ଦିନରେ ଯେପରି ଉପସ୍ଥିତ ରହିବେ ତାହାର ବ୍ୟବସ୍ଥା କରାଯାଉ ବୋଲି କମିଟିରେ ମତ ପ୍ରକାଶ ପାଇଛି। ଚାରା ସୁରକ୍ଷା, ବୈଷୟିକ ଉପାୟରେ ଶସ୍ୟ ଉତ୍ପାଦନ ଗୁରୁତ୍ୱକୁ ଦେଖି ନୂତନ ଜ୍ଞାନକୌଶଳ ବ୍ୟବହାର କରାଯାଉ। ଗୋଟିଏ ଛତା ତଳେ ସ୍ପିନିଂ ମିଲକୁ ଉଦ୍ଧାର କରାଯିବା ସହ ଅତିରିକ୍ତ ମିଲ୍ ଏବଂ ଫାବ୍ରିକ୍ ଉତ୍ପାଦନ ବୃଦ୍ଧି ନେଇ ଧ୍ୟାନ ଦିଆଯାଉ। କାଜୁ ଏବଂ ଆମ୍ବ ଚାରା ଯୋଗାଣରେ ସବ୍‌ସିଡି ପ୍ରଦାନ କରାଯାଉ ବୋଲି ସ୍ଥାୟୀ କମିଟି ପକ୍ଷରୁ ସୁପାରିସ କରାଯାଇଛି। ପାନ ବରଜ ଏବଂ ଛତୁ ଚାଷୀଙ୍କୁ ବୀମାଭୁକ୍ତ କରିବା ସହ କୃଷି ବିଭାଗୀୟ କୋଠା ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ ନୀତି ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସାଧାରଣ ଚାଷୀ ଯେପରି କାଳିଆ ଯୋଜନାର ହିତାଧିକାରୀ ହୋଇପାରିବେ, ସେଥିପ୍ରତି ଧ୍ୟାନ ଦିଆଯାଉ। ଜୈବ ପ୍ରଣାଳୀରେ ଉତ୍ପାଦିତ ପନିପରିବା ଯେପରି ଉପଯୁକ୍ତ ମୂଲ୍ୟରେ ବିକ୍ରି ହୋଇପାରିବ, ସେଥିନେଇ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ଏତଦ୍ ବ୍ୟତୀତ ଜୈବିକ ପ୍ରଣାଳୀରେ ଚାଷ ପାଇଁ ସଚେତନତା କରିବା, ଚାଷୀଙ୍କୁ ଉନ୍ନତମାନର ବିହନ, ସାର, ରସାୟନ ଯୋଗାଇ ଦେବାକୁ କୁହାଯାଇଛି। ବରିଷ୍ଠ ବିଧାୟକ ନୃସିଂହ ଚରଣ ସାହୁ ଏହି ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରହିଛନ୍ତି।

# ଆଜି ୫ ଜିଲାରେ ବର୍ଷା ସମ୍ଭାବନା

- ଝଡ଼ତୋଫାନ, ବଜ୍ରପାତ ନେଇ ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ
- ଆଉ ୪ଦିନ ଲାଗି ରହିବ ବର୍ଷା

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ମରାଠାୱାଡ଼ାଠାରୁ ଦକ୍ଷିଣ ତାମିଲନାଡୁ ପର୍ଯ୍ୟନ୍ତ ଆକାଶରେ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗୁରୁବାର ଉତ୍ତର ଓଡ଼ିଶା ଓ ଉପକୂଳ ଓଡ଼ିଶା ବିଶେଷ କରି କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ଢେଙ୍କାନାଳ ଓ କଟକ ଆଦି ୫ ଜିଲାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏହି ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଖୋର୍ଦ୍ଧା ଓ କନ୍ଧମାଳ ଆଦି ୧୦ ଜିଲାରେ ବଜ୍ରପାତ ସହିତ ଝଡ଼ତୋଫାନ ହେବ। ୪୫ରୁ ୫୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିବା ସହ ବଜ୍ରପାତ ନେଇ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରିଛି। ବଲାଙ୍ଗୀର, ସୋନପୁର, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର ଆଦି ଜିଲାରେ ବଜ୍ରପାତ ହେବାର ଆଶଙ୍କା ରହିଛି। ଏସବୁ ଜିଲାର କିଛି ସ୍ଥାନରେ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏ ସମସ୍ତ ଜିଲାକୁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି।

ଶୁକ୍ରବାର ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଜିଲାର ଅନେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଜିଲାର କିଛି ସ୍ଥାନରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର ଓ ବରଗଡ଼ରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ। ୪୫ରୁ ୫୫ କିମି ବେଗରେ ପବନ ବହିବ। ଉକ୍ତଦିନ ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ଅନୁଗୋଳ, କେନ୍ଦୁଝର, କଟକ, ନୟାଗଡ଼ରେ ୩୦ରୁ ୪୦କିମି ବେଗରେ ପବନ ବହିବା ସହିତ ବଜ୍ରପାତ ହେବାର ଆକଳନ କରାଯାଇଛି। ଶନିବାର ଉତ୍ତର ଓଡ଼ିଶାର କିଛି ସ୍ଥାନ ଏବଂ ସୋନପୁର, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ସୋନପୁର ଓ ବୌଦ୍ଧ ଜିଲାର କିଛି ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତର ଆଶଙ୍କା ରହିଛି। ରବିବାର ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନ ଏବଂ ସୋନପୁର, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, ବାଲେଶ୍ୱରର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଛୁରି ଭୁସି ଯୁବକଙ୍କୁ ହତ୍ୟା

**ରାଉରକେଲା ଅଫିସ,୧୧। ୩:** ଉଦିତନଗର ଥାନା ଅନ୍ତର୍ଗତ ଶୀତଳପଡା ଅଞ୍ଚଳରେ ସୋମବାର ରାତିରେ ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ସୋନୁ ଲୋହାର (୨୮)। ଏଥିରେ ସୋନୁଙ୍କ ଭଉଣୀ ମଧ୍ୟ ଆହତ ହୋଇଛନ୍ତି। ହତ୍ୟାକାରୀ କୁଅଁର ଲାକ୍ରାଙ୍କୁ ଉଦିତନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁସାରେ ନାଳ ପାଣିକୁ ନେଇ ଏହି ଦୁଇ ଜଣଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ସୋମବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ଏଥିରେ ଉତକ୍ଷିପ୍ତ କୁଅଁର ଘରୁ ଏକ ଛୁରି ଆଣି ସୋନୁଙ୍କ ପେଟରେ ଭୁସି ଦେବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ)କୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।


**GOVERNMENT OF ODISHA, "e"-PROCUREMENT NOTICE**
**For Turn key Project**
**WORKS DEPARTMENT**
**E-mail: ceworldbankprojects@gmail.com**
**5th corrigendum to Bid Identification No. CE-W.B.P. (O)- 07 / 2019-20**
File No- PIM-MISC- 10 /2008 (Pt.)

**No.B-804:-** Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna-Kenduguda-Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O)-07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para-04 | Bids shall be received only "online" on or before | **13.03.2020 upto 17.00 hours** |
| Para-06 | Bids received on line shall be opened at | **11.30 hours on 16.03.2020** |

All other terms and conditions remain unchanged.

**Sd./- Chief Engineer (World Bank Project), Odisha**
**OIPR- 34003/11/0034/1920**

**OFFICE OF THE KORAPUT MUNICIPALITY, KORAPUT**
**No. 1032 / MUN-2020** **Dated: 07.03.2020**
**No.C-571:- "e" PROCUREMENT NOTICE**
**Bid Identification No.: KPTMUN-073/2020**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | | |
|---|---|---|---|
| 1. | Name of the Work | : | Civil Work |
| 2. | No. of works | : | 1 No. |
| 3. | Estimated Cost | : | Rs. 20.00 Lakhs |
| 4. | Period of Completion | : | 60 days |
| 5. | Date & time of Bidding | : | From 11.00 AM of 11.03.2020 to 5.00 PM of 23.03.2020. |
| 6. | Last date & time for receipt of Bids in portal | : | 23.03.2020 at 5.00 PM |
| 7. | Bids received online shall be opened on | : | 03.00 PM of Dt. 26.03.2020 |
| 8. | Name and address of the Officer inviting Bid | : | Executive Officer, Koraput Municipality |
| | Further details can be seen from the procurement portal | : | **www.tenderorissa.gov.in** |

**Sd./- Executive Officer, Koraput, Municipality**
**OIPR- 13074/11/0015/1920**

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 24 of 2019-20**

No.O-1250 :- The Executive Engineer RWS&S Division, Balangir on behalf of Governor of Odisha invites Percentage bid through e – Procurement in single cover system according to norm of e – Procurement system in online mode for the different work in different blocks under Balangir District.

01. Nature of Work :- Construction of percolation well, Intake Well and Laying of 250mm dia MS gallery pipe line, laying of pipe line and construction of OHT in different villages of Balangir District.
02. Total No. of Work :- 06 Nos.
03. Estimated Cost :- Rs. 10.82 to 22.89 Lakh
04. Eligible Class of Contractor :- "D, C & B Class" Contractor.
05. Period of Completion :- Three / Four Months
06. Other Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 24 of 2019-20 | Dt.16.03.2020 At.11.00 hrs. | Dt.26.03.2020 Upto 17.00 hrs. |

Further details can be had in the DTCN available in the website **www.tendersorissa.gov.in**

**Sd./- 06.03.2020**
**Executive Engineer, RWS&S Division, Balangir**
**OIPR-25033/11/0018/1920**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, BOLANGIR**
**e - Procurement Notice** **No.b-87**
**Bid Identification No. /EE NH (BGR) of 2019-20**

1. The Executive Engineer, N.H. Division, Balangir on behalf of the Governor of Odisha invites percentage rate bid in single cover system in ONLINE MODE for construction of road & bridge work detailed in the table below from eligible contractors.
2. Nature of work : Road Work
3. No of tender : 1 No.
4. Cost of Tender Paper (Online) : Rs.6,000/- (Tender paper cost)
5. Class of Contractor : "B" Class & "A" Class of Govt. of Odisha or Equivalent Class
6. Date & Time of sale & Receipt of Bids : From 11.00 A.M. 12.03.2020 to 5.00 P.M. on 26.03.2020.
7. Date of opening bid : 11.00 A.M. on 27.03.2020
8. The bidders have to participate in ONLINE bidding only. Further details can be seen from the website: **http://tendersodisha.gov.in.**

**Executive Engineer**
**NH Division, Bolangir**
**OIPR-34101/11/0002/1920**

**GOVT. OF ODISHA**
**e-PROCUREMENT NOTICE**
**DEPARTMENT OF WATER RESOURCES**
**E-mail: ee.damsafety2010@gmail.com**
**Phone : 0674-2395390** **No.748-A**
**BID IDENTIFICATION NO- DD, DS & SS - 03/2019-20**

1. The Deputy Director, Dam Safety & Support Services, Bhubaneswar on behalf of Governor of Odisha invites bid in Single Cover system in ONLINE MODE from eligible contractor's as detailed below:
2. Name of work : Supplying and Installation of Computer with UPS for official use of newly joined Assistant Section Officers in DoWR, Bhubaneswar for : the year 2019-20.
3. No. of works : 1 No.
4. Estimated cost (Including GST) : Rs.13,86,250.00 (Approximately)
5. Cost of Bid Document : Rs.6,000/-
6. Class of Contractor : Authorized Dealer, Supplier, Manufacturer
7. Date & Time of availability of Bid Documents in the Portal : 13.03.2020 at 11.00 A.M. to 21.03.2020 up to 05.00 P.M.
8. Last Date & Time of Online Bidding : 21.03.2020 up to 05.00 P.M.
9. Date & Time of Opening of Online Bids on : 23.03.2020 at 11.30 A.M.
10. The Bidders have to participate in ONLINE bidding only., Further details can be seen from the website: **https://tenderodisha.gov.in.** Any addendum/ corrigendum/ cancellation of tender can also be seen in the said site.

**Sd./- Deputy Director,**
**Dam Safety & Support Services**
**Bhubaneswar**
**OIPR-32314/11/0004/1920**

## ନୂଆ ସିନେମା

# ମୁଁ ଅଭିନେତ୍ରୀ


ପ୍ରିୟଙ୍କା ପ୍ରିୟଦର୍ଶିନୀ

**ଶା**ରଳା ପ୍ରଡକ୍ସନ ପ୍ରଯୋଜିତ ଏବଂ ଏସ୍ ବିଏସ୍ ଏଣ୍ଟରଟେନମେଣ୍ଟ ନିବେଦିତ ନୂଆ ଓଡ଼ିଆ ସିନେମା 'ମୁଁ ଅଭିନେତ୍ରୀ'ର ଶୁଟିଂ ଆରମ୍ଭ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ନାୟକଙ୍କ କାହାଣୀକୁ ଆଧାରକରି ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ମିଷ୍ଟର ରାଜୁ ଫେମ୍ ଅଶୋକ ମଲ୍ଲିକ। ଚିତ୍ରର ମେଲ୍ ଲିଡ୍‌ରେ ଜ୍ୟୋତି ନାୟକ ଏବଂ ଅଭିଷେକ ରଥ ରହିଥିବା ବେଳେ ନାୟିକା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରିୟଙ୍କା ପ୍ରିୟଦର୍ଶିନୀ। ଏମାନଙ୍କ ବ୍ୟତୀତ ସଙ୍ଗୀତା, ଉତ୍ତମ ମହାନ୍ତି, ଅସିତ ପତି, ବିଜୁ ବଡଜେନା, ବ୍ରଜ ସିଂ, ଦେବୁ ବ୍ରହ୍ମା, ଅରବିନ୍ଦ ଷଡ଼ଙ୍ଗୀ, ବୁଲୁ ପଣ୍ଡା, କୁସୁମ ତ୍ରିପାଠୀ, ପୁଷ୍ପା ପଣ୍ଡା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଅରୁଣ ମନ୍ତ୍ରୀ, ମୋହିତ ଚକ୍ରବର୍ତ୍ତୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତିଭୂଷଣ ଗଡ଼ନାୟକ। ଏହାପୂର୍ବରୁ ଅଶୋକ ଓଡ଼ିଆ ଚଳଚ୍ଚିତ୍ର 'ଏଇ ମିଳନ ଯୁଗ ଯୁଗର', 'ମୁଁ ଗୋଟିଏ ଦୁଷ୍ଟ ପିଲା', 'ମିଷ୍ଟର ଅନାଡି'ର ନିର୍ଦ୍ଦେଶନା ଦେଇସାରିଛନ୍ତି।

# ସ୍ୱାଗତମ୍


ସ୍ୱିଟି-ଦେବ୍

**ଅ**ନନ୍ତ କୁମାର ସାମଲ ଏବଂ ରାକେଶ କୁମାର ରାୟଙ୍କ ମିଳିତ ପ୍ରଯୋଜନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ସ୍ୱାଗତମ୍-ୱେଲକମ୍ ଟୁ ମ୍ୟାରେଜ ପାର୍ଟି'। ଅନନ୍ତ ଭାରତୀ କ୍ରିଏଶନ ବ୍ୟାନରରେ ଚିତ୍ରଟିର ନିର୍ଦ୍ଦେଶନା ଦେବେ ବିଶ୍ୱ ମହାରଣା। ବାପୁ ଗୋସ୍ୱାମୀ ଏବଂ ଡ. ସୁବୋଧ ଦାଶଙ୍କ ଗୀତଗୁଡି ସ୍ୱର ଦେଇଛନ୍ତି ନବାଗତ ସ୍ୱର ସଂଯୋଜକ ହାପି ମିଶ୍ର। 'ଲଭ୍ ଟ୍ୱିଷ୍ଟ'ରୁ ଓଲିଉଡ୍‌ରେ ଏଣ୍ଟ୍ରି କରିଥିବା ଦେବ୍ ଏହି ନୂଆ ସିନେମାର ନାୟକ ସାଜିବେ। ଫିମେଲ ଲିଡ୍‌ରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ନବାଗତା ସ୍ୱିଟି। ଏହି ଫିଲ୍ମର ବିଭିନ୍ନ ଭୂମିକାରେ ଜୀବନ ପଣ୍ଡା, ଜୟପ୍ରକାଶ ଦାସ, ପୁଷ୍ପା ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଜ୍ଞା, ବିଜୁ ବଡଜେନା, ତୃପ୍ତି ମିଶ୍ର, ଚୁଙ୍ଗା, ଗୁଞ୍ଜୁ ପ୍ରମୁଖ କଳାକାର ଅଭିନୟ କରିବେ। ଏକ ମ୍ୟାରେଜ ପାର୍ଟିରେ ଘଟୁଥିବା ଘଟଣାକୁ ଆଧାର କରି କାହାଣୀ ଗତିଶୀଳ। ଏଥିରେ ରୋମାନ୍ସ, କମେଡି, ଫ୍ୟାମିଲି ଡ୍ରାମା ରହିଛି।

# ପ୍ରେମରେ ପଡ଼ିଛନ୍ତି ରୁଦ୍ର

**ଅ**ଭିନେତା ରୁଦ୍ର ପାଣିଗ୍ରାହୀ ଏବେ ପ୍ରେମରେ ପଡ଼ିଯାଇଛନ୍ତି। ପୁଣି କାହା ସହ ରୋମାନ୍ସ ଚାଲିଛି ଜାଣନ୍ତି ? ବଙ୍ଗୀୟ ଅଭିନେତ୍ରୀ ସୋଲାଙ୍କି ଭୌମିକଙ୍କ ସହ। ହେଲେ ଆରମ୍ଭରୁ ଏହା ପଛରେ ଥିବା ସତ କଥା ବିଷୟରେ ସୂଚନା ଦେଇଦେବା ହିଁ ଭଲ। ଏପରି ରୋମାନ୍ସ ଦର୍ଶକ ବଡ଼ ପରଦା ଉପରେ ଦେଖିବାକୁ ପାଇବେ। ଅର୍ଥାତ୍, ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଥିବା ଓଡ଼ିଆ ସିନେମା 'ମତେ ଇସ୍କ ହେଲାରେ'ର ମୁଖ୍ୟ ଭୂମିକାରେ ରୁଦ୍ର ଏବଂ ସୋଲାଙ୍କି ଅଭିନୟ କରିଛନ୍ତି। ବିଟେକ୍‌ରେ ଡିଗ୍ରୀ ହାସଲ କରିଥିବା ସୋଲାଙ୍କି ମଧ୍ୟ ମଡେଲିଂ ସହ ଜଡିତ। ସ୍ନେହା ଫିଲ୍ମସ ବ୍ୟାନରରେ ନିର୍ମିତ ଏହି ଚିତ୍ରର ପ୍ରଯୋଜନା କରିଛନ୍ତି ଅୟସକାନ୍ତ ମହାନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ବାବୁ ଦା'। ସୁନୀଲ ସଂଳାପ ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଏଥିରେ ଅନ୍ୟତମ ନାୟିକା ଭାବରେ ପ୍ରିୟଙ୍କା ଅଭିନୟ କରିଥିବା ବେଳେ ମନୀଷ ପୁରୋହିତ, ଜୀବନ ପଣ୍ଡା, ମନୀଷା ମିଶ୍ର, ରୋନିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ମାସ ଶେଷ ସପ୍ତାହରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାପୂର୍ବରୁ ଏହି ବ୍ୟାନରରେ ନିର୍ମିତ 'ପ୍ରେମ ଦିୱାନା'ରେ ରୁଦ୍ର-ସୋଲାଙ୍କି ଆକ୍ଟିଂ କରିସାରିଛନ୍ତି।


ରୁଦ୍ର-ସୋଲାଙ୍କି


ଦିଶା

# ଖୁସି ଅନ୍ତରାଳେ..

**ବେ**ଳେ ବେଳେ ମଣିଷ ଯାହା ଭାବୁଥାଏ ତାହା ସତରେ ପରିଣତ ହୁଏ। ସେଗୁଡ଼ିକ ମଧ୍ୟରୁ କେତେକରେ ସୁଖ ଅନୁଭୂତି ଥାଏ ତ କେତେକ ମନକୁ ଦୁଃଖରେ ଭାରାକ୍ରାନ୍ତ କରିଦିଏ। ହେଲେ ବେଶ୍ କିଛିଦିନ ଧରି ଦିଶା ପଟାନି ଯାହା ମନେ ମନେ ଭାବୁଥିଲେ ତାହା ସତରେ ପରିଣତ ହୋଇଛି ଆଉ ତା'ପରେ ତାଙ୍କର ଖୁସି କହିଲେ ନ ସରେ। କଥା କ'ଣ କି ଜନ୍ ଆବ୍ରାହମ୍‌ଙ୍କୁ ନେଇ ପ୍ରସ୍ତୁତ ହେବାକୁ ଯାଉଥିବା 'ଏକ ଭିଲେନ୍-୨'ର ଫିମେଲ୍ ଲିଡ୍‌ରେ ଅଭିନୟ କରିବାକୁ ସେ ଚୁକ୍ତିବଦ୍ଧ ହୋଇଛନ୍ତି। ସାଇନ୍ ପରେ ଦିଶା ନିଜ ମନ କଥା କହିବାକୁ ପଛାଇ ନ ଥିଲେ। 'ଏହି ଫିଲ୍ମରେ ଆକ୍ଟିଂ କରିବାକୁ ମୁଁ ଆଶା ରଖିଥିଲି, ଯାହା ଏବେ ପୂରଣ ହୋଇଛି। ଏ ନେଇ ଜନ୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ ବୋଲି କହିଛନ୍ତି ଦିଶା।' ଏହି ଫିଲ୍ମରେ ଆଦିତ୍ୟ ରୟ କପୁର ଏବଂ ତାରା ସୁଟାରିଆ ମଧ୍ୟ ଅଭିନୟ କରୁଛନ୍ତି।

# କଥା ୩୦ ବର୍ଷର

**ଦେଖୁ** ଦେଖୁ ଯା ଭିତରେ ୩୦ ବର୍ଷ ଅତିକ୍ରାନ୍ତ ହୋଇଗଲାଣି। ଜଣେ ଗୀତିକାର ଭାବରେ ସେ ଓଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ନିଜକୁ ଜଣେ ଆଗଧାଡିର ସଂଳାପକାର ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ଡ. ରଜନୀ ରଞ୍ଜନ। ଇତିମଧ୍ୟରେ ସେ ୭୧ଟି (୬୦ଟି ରିଲିଜ ହୋଇସାରିଛି) ଊର୍ଦ୍ଧ୍ୱ ଚଳଚ୍ଚିତ୍ରର ସଂଳାପ ରଚନା କରିସାରିଛନ୍ତି, ଯାହାକି ଏକ ସର୍ବକାଳୀନ ରେକର୍ଡ ବୋଲି ଗଣନା କରାଯାଉଛି । କେବଳ ସେତିକି ନୁହେଁ, ୧୫ଟି ସିନେମାର ଗୀତ ରଚନା କରି ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଏ ସମ୍ପର୍କରେ ରଜନୀ କହନ୍ତି, 'ଓଡ଼ିଆ ସିନେମା ସହ ମୁଁ ୩୦ବର୍ଷ ଧରି ଜଡ଼ିତ। ସୁଖ-ଦୁଃଖ ମିଶ୍ରିତ ଅନୁଭୂତିକୁ ନେଇ ମୋର ଏହି ଯାତ୍ରା ସାରା ଜୀବନ ପାଇଁ ସ୍ମରଣୀୟ ହୋଇ ରହିବ। ଖାସ୍ କଥା ହେଲା, ପ୍ରତିଟି ସିନେମାରେ ମୁଁ ଡାଏଲଗ୍‌କୁ ନେଇ ଏକ୍ସପେରିମେଣ୍ଟ କରିଥାଏ। କାରଣ ମୁଁ ଚାହେଁ, ସିନେପ୍ରେମୀ ଏପରି ସଂଳାପ ଶୁଣନ୍ତୁ, ଯାହା ସେମାନଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିବ। ସେମାନଙ୍କର ଭଲ ପାଇବାକୁ ପାଥେୟ କରି ଆଗେଇ ଚାଲିଛି।' ତାଙ୍କ ରଚିତ ସଂଳାପକୁ ଆଧାର କରି ୬ଟି ସିନେମା (ଶହୀଦ ରଘୁ ସର୍ଦ୍ଦାର, ତୁ ମୋ ଡ୍ରିମ ଗାର୍ଲ, ଟିକେ ଲଭ୍ ଟିକେ ଟ୍ୱିଷ୍ଟ, ପଲ୍ ପଲ୍ ତତେ ଚାହେଁ, ହେ ବନ୍ଧୁ ବିଦାୟ, ଅଙ୍ଗୁର ନ ଖାଇଲେ ଖଟା) ରିଲିଜ ଅପେକ୍ଷାରେ ରହିଛି। ଓଡ଼ିଆ ଚଳଚ୍ଚିତ୍ର 'ଏ ମନ ମାନେନା', 'ସଞ୍ଜୁ ସଞ୍ଜନା', 'ପ୍ରେମ ରୋଗୀ', 'ନନ୍ଦିନୀ ଆଇ ଲଭ୍ ୟୁ', ପ୍ରେମ ଅଢ଼େଇ ଅକ୍ଷର', 'ଲୋଫର', 'ଚାମ୍ପିୟନ', 'ପିଲାଟା ବିଗିଡ଼ି ଗଲା', 'ଝିଅଟା ବିଗିଡ଼ି ଗଲା', 'ଫୋର ଇଡିୟଟସ', 'ଜୟ ଜଗନ୍ନାଥ', 'ଟାଇଗର', 'ଦିଲ୍ କା ରାଜା' 'ତୁ ମୋ ସୁନା ଚଢ଼େଇ' ଏବଂ 'ତୁ ମୋ ହିରୋ' ଆଦି ସିନେମାରେ ରଜନୀଙ୍କ ସଂଳାପ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା ବାହୁଲ୍ୟ। ଅପରପକ୍ଷରେ ସେ ସଂଳାପ ଏବଂ ଗୀତ ପାଇଁ ଦୁଇ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି। ନିକଟରେ ସେ ୬୦ବର୍ଷ ବୟସରେ ପ୍ରଦାର୍ପଣ କରିଛନ୍ତି। ତେବେ ଆଗକୁ ରଜନୀ ନିଜ ସଂଳାପ ଏବଂ ଗୀତରେ କି ମସଲା ରଖିଛନ୍ତି ତାହା ଦେଖିବାକୁ ବାକି ରହିଲା।


ଡ. ରଜନୀ ରଞ୍ଜନ

# ଲଭ୍ ଫିଭର

**'ଲ**ଭ୍ ଫିଭର'-ଏପରି ଶୀର୍ଷକରୁ ସ୍ପଷ୍ଟ ଜଣାପଡୁଛି ଯେ, ଏହାର କାହାଣୀ ନିଶ୍ଚୟ ପ୍ରେମ ଉପରେ ଆଧାରିତ। ହଁ, ସେଭଳି ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ଆଧାର କରି ପ୍ରଯୋଜକ ଯୋଡି ସଚିକାନ୍ତ ଜେନା ଏବଂ ବିନ୍ନି ପଟ୍ଟନାୟକ ପ୍ରସ୍ତୁତ କରିଛନ୍ତି ଏକ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଲଭ୍ ଫିଭର'। କିଛି ବର୍ଷର ଗ୍ୟାପ୍ ପରେ ଆକ୍ସନ ଅଭିନେତା ରାଜବୀର ଶଙ୍କର ଦେଓ ପୁଣି ଥରେ ବଡ ପରଦାକୁ କମ୍ ବ୍ୟାକ୍ କରୁଛନ୍ତି। ତାଙ୍କ ସହ ଫିମେଲ ଲିଡ୍‌ରେ ଅଛନ୍ତି ବନ୍ଦନା ପରମାଣିକ। 'ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ନେଇ ଏହି ସିନେମା ପ୍ରସ୍ତୁତ କରାଯାଇଛି। ଜଣେ ଲଭ୍ ଫିଭର ଦ୍ୱାରା ଆକ୍ରାନ୍ତ ହେଲେ କେଉଁ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହୁଏ ଏବଂ ତାହାକୁ କିପରି ଚତୁରତାର ସହ ସାମନା କରେ ତାହା ଏହି ସିନେମାରେ ଦେଖିବାକୁ ମିଳିବ ବୋଲି କହନ୍ତି ଅନ୍ୟତମ ପ୍ରଯୋଜକ ସଚିକାନ୍ତ ଜେନା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦନା ଜାନା। ସ୍ୱର ସଂଯୋଜନା ଦାୟିତ୍ୱ ତୁଲାଇଛନ୍ତି ପି. କୁମାର। ଏହାର ବିଭିନ୍ନ ଭୂମିକାରେ ଅସିତ ପତି, ପିଣ୍ଟୁ ନନ୍ଦ, ଅଶ୍ରୁମୋଚନ ମହାନ୍ତି, ପୁଷ୍ପା ପଣ୍ଡା, ଥୀନ୍, ଦେବୀ ବାରିକ, ଅକ୍ଷୟ ଦାସ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ସିନେମାଟି ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ଏହାର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ।


ରାଜବୀର

# ଚୁଜି ହେଲେଣି ଅନନ୍ୟା

**'ଷ୍ଟୁ**ଡେଣ୍ଟ ଅଫ ଦ ଇୟର-୨'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ଅନନ୍ୟା ପାଣ୍ଡେ। କରନ୍ ଜୋହରଙ୍କ ପରି ନାମୀ ପ୍ରଯୋଜକ ତାଙ୍କୁ ବ୍ରେକ୍ ଦେଇଥିଲେ। ହେଲେ ଇତି ମଧ୍ୟରେ ଚଙ୍କି ପାଣ୍ଡେଙ୍କ ଏହି କନ୍ୟାଙ୍କ ହାତରେ ମାତ୍ର କେତୋଟି ସିନେମା ରହିଛି। ତାଙ୍କ ଅଭିନୀତ 'ପତି ପତ୍ନୀ ଔର ଓ' ଗତ ବର୍ଷ ରିଲିଜ ହୋଇଥିଲା ଏବଂ ଫିଲ୍ମଟି ଫ୍ଲପ୍ ହୋଇଥିଲା। ତା'ପରେ ସେ ଏବେ 'ଖାଲି ପିଲି'ରେ ଅଭିନୟ କରୁଛନ୍ତି, ଯାହା ଚଳିତବର୍ଷ ଜୁନ୍ ୧୨ରେ ରିଲିଜ ହେବ। ହେଲେ ଏଣିକି ଦେଖିଚାହିଁ ସିନେମା ସାଇନ୍ କରିବାକୁ ମାଇଣ୍ଡ ମେକଅପ କରିଛନ୍ତି ଏହି ଷ୍ଟାରକିଡ୍। 'ଏବେ ମୋ କ୍ୟାରିୟରର ଆରମ୍ଭ ମାତ୍ର। ତେଣୁ ଆଦୌ ତରତର ହେବା ଦରକାର ନାହିଁ। ଦେଖିଚାହିଁ ସିନେମାରେ ସାଇନ୍ କରିବି। ବର୍ଷକୁ ଗୋଟିଏ କିମ୍ବା ଦୁଇଟି ସିନେମାରେ ଅଭିନୟ କଲେ ମଧ୍ୟ ମନଦୁଃଖ ନାହିଁ, ହେଲେ ତାହା ଦର୍ଶକଙ୍କ ମନକୁ ଯେମିତି ଛୁଇଁ ପାରୁଥିବ ବୋଲି କହନ୍ତି ଅନନ୍ୟା।

# ଦୀପକ ଯାହା ଚାହୁଁଥିଲେ..

**ବେ**ଳେ ବେଳେ ଖୋଜିବା ଚିଜ ବି ହାତପାହାନ୍ତାରେ ମିଳିଯାଏ। ୨୦୦୬ରୁ ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା। ହେଲେ ତାଙ୍କ ଅଭିନୀତ 'ହର୍ କିସେ କି ହିସେ-କାମୟାବ'ର ସଫଳତାକୁ ନେଇ ସେ ବେଶ୍ ଖୁସ୍। ସେ ହେଲେ ଦୀପକ ଡୋବ୍ରିୟାଲ। ରେଡ୍ ଚିଲିଜ୍ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନର ତଥା ଶାହରୁଖ୍ ଖାନଙ୍କ ପ୍ରଯୋଜନାରେ ଫିଲ୍ମଟି ବିଭିନ୍ନ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଛି। ଏ ନେଇ ଦୀପକ କହନ୍ତି, 'ଏହି ଫିଲ୍ମରେ ମୋତେ ଯେଉଁ ଭୂମିକା ମିଳିଛି ସେପରି ଏକ ରୋଲ୍ ପାଇଁ ମୁଁ ଅପେକ୍ଷା କରି ରହିଥିଲି। ଏହା ମୋ କ୍ୟାରିୟର ଲାଗି ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଛି।' 'ହର୍ କିସେ କି ହିସେ-କାମୟାବ' ଚଳଚ୍ଚିତ୍ରର ପ୍ରିମିୟର ବୁସାନ୍ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଅନୁଷ୍ଠିତ ହୋଇଥିଲା।

| Dollar | Sensex | Nifty | Gold | Silver |
|---|---|---|---|---|
| 73.61 (56) | 62.45 ▲ 35,697.40 | 6.95 ▲ 10,458.40 | ₹516 ▼ 44,517.00 | ₹146 ▲ 47,234.00 |

କେନ୍ଦ୍ର ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃବାଣିଜ୍ୟ ବିଭାଗ ପକ୍ଷରୁ ସାରା ଦେଶରେ ୨୮,୯୭୯ ଷ୍ଟାର୍ଟ ଅପ୍ ଚିହ୍ନଟ କରାଯାଇଛି।

– ପୀୟୂଷ ଗୋୟଲ, ବାଣିଜ୍ୟ ମନ୍ତ୍ରୀ



ନୂଆ କ୍ରେଟା ଲାଗି ସାରା ଦେଶରେ ୧୦ ହଜାର ବୁକିଂ ଲାଭ କରିଛୁ। ଟଚ୍‌ପଏଣ୍ଟଗୁଡିକରେ ରେସପନ୍ସ ଭଲ ରହିଛି।

– ତରୁଣ ଗର୍ଗ, ମାର୍କେଟିଂ ମୁଖ୍ୟ, ହ୍ୟୁଣ୍ଡାଇ ମୋଟର୍ସ



# ସମବାୟ ବ୍ୟାଙ୍କ ଚେକ୍ କ୍ଲିୟରାନ୍ସରେ ସମସ୍ୟା





**ୟେସ୍ ବ୍ୟାଙ୍କ ସଙ୍କଟ**

- ୫୦ କ୍ଷୁଦ୍ର ବ୍ୟାଙ୍କ ଲାଗି ଅଡୁଆ
- ଚେକ୍ ନ ଦେବାକୁ ଗ୍ରାହକଙ୍କୁ ନିର୍ଦ୍ଦେଶ
- ସବ୍‌ମେମ୍ବର ବ୍ୟାଙ୍କ ହୋଇ ସେବା ଦେଉଥିଲେ
- ୟେସ୍ ବ୍ୟାଙ୍କର ପିଓଏସ୍ ସେବା ପ୍ରଭାବିତ

### ଇନୱାର୍ଡ ଆର୍‌ଟିଜିଏସ୍‌ରେ କରିହେବ ୨ ଲକ୍ଷରୁ ଉର୍ଦ୍ଧ୍ୱ ନେଣଦେଣ

ୟେସ୍ ବ୍ୟାଙ୍କ ଏହାର ଇନୱାର୍ଡ ରିୟଲ ଟାଇମ ଗ୍ରସ ସେଟେଲମେଣ୍ଟ(ଆର୍‌ଟିଜିଏସ୍) କ୍ଷେତ୍ରରେ ରହିଥିବା ସମସ୍ୟାକୁ ସାମାନ୍ୟ ସୁଧାରିଛି। ଅନ୍ୟ ବ୍ୟାଙ୍କ ଆକାଉଣ୍ଟରୁ ସେମାନଙ୍କ କ୍ରେଡିଟ କାର୍ଡ ଏବଂ ଋଣ ସଂକ୍ରାନ୍ତ ନେଣଦେଣ ପାଇଁ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନେଣଦେଣ କରିପାରିବେ। ସେହିଭଳି ବ୍ୟାଙ୍କର ଇନୱାର୍ଡ ଆଇଏମ୍‌ପିଏସ୍ ଏବଂ ଏନ୍‌ଇଏଫ୍‌ଟିସେବାରେ ଉନ୍ନତିପରିଲକ୍ଷିତ ହୋଇଛି। ଏବେ ୟେସ୍‌ବ୍ୟାଙ୍କରେ ୯୨,୦୬୫ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ବା କାର୍ଡ ସ୍ୱାଇପ ମେଶିନ ରହିଛି। ମୋରାଟୋରିୟମ ଯୋଗୁ ଏଗୁଡିକ ମଧ୍ୟ କଟକଣା ପରିସରଭୁକ୍ତ ହୋଇଛି। ଯେଉଁ ମର୍ଚ୍ଚାଣ୍ଟମାନେ କେବଳ ୟେସ୍ ବ୍ୟାଙ୍କ ପିଓଏସ୍ ମେଶିନ ରଖିଛନ୍ତି ସେମାନେ କାର୍ଡ ପେମେଣ୍ଟ ଗ୍ରହଣ କରିବାକୁ ଅସୁବିଧା ସାମ୍ନା କରୁଛନ୍ତି।

### ଅନିଲ ଅମ୍ବାନୀ, ସୁଭାଷ ଚନ୍ଦ୍ରଙ୍କୁ ୨୧ ହଜାର କୋଟିର ଋଣ

ୟେସ୍ ବ୍ୟାଙ୍କ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଗ୍ରୁପ ଏବଂ ସୁଭାଷ ଚନ୍ଦ୍ରାଙ୍କ ଏସେ୍‌ଲ ଗ୍ରୁପକୁ ବୃହତ୍ତ ପରିମାଣର ଋଣ ପ୍ରଦାନ କରିଛି। ଏହି ୨ କମ୍ପାନୀଙ୍କୁ ପ୍ରାୟ ୨୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ବ୍ୟାଙ୍କରୁ ଅନିଲଙ୍କ କମ୍ପାନୀ ୧୨,୮୦୦ କୋଟି ଟଙ୍କା ଋଣ ନେଇଥିବା ବେଳେ ଏସେ୍‌ଲ ଗ୍ରୁପ ୮,୪୦୦ କୋଟି ଟଙ୍କା ଋଣ ନେଇଛି। ୟେସ୍ ବ୍ୟାଙ୍କରୁ ୧୦ ବଡ ବ୍ୟବସାୟ ସହ ଜଡିତ ୪୪ ବାଣିଜ୍ୟିକ ଗ୍ରୁପ ୩୪,୦୦୦ କୋଟି ଟଙ୍କାର ଋଣ ବକେୟା ରଖିଛନ୍ତି। ରିଲାଏନ୍ସ ଗ୍ରୁପକୁ ପ୍ରଦାନ କରାଯାଇଥିବା ଋଣ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ଗ୍ରୁପ ଋଣ ସୁଝିବ ବୋଲି ପ୍ରକାଶ କରିଛି।

### ଆର୍ଥିକ ଦସ୍ତାବିଜ ତର୍ଜମା କରିବ ଆଇସିଏଆଇ

ଚାର୍ଟାର୍ଡ ଆକାଉଣ୍ଟମାନଙ୍କ ପ୍ରମୁଖ ଅନୁଷ୍ଠାନ ଆଇସିଏଆଇ ୟେସ୍ ବ୍ୟାଙ୍କର ଆର୍ଥିକ ଦସ୍ତାବିଜ ତର୍ଜମା କରିବ। ଅଡିଟ୍‌ର ବିଭିନ୍ନ ଦିଗରେ ଏହା ପରିକ୍ଷା କରିବ ବୋଲି ବୁଧବାର ଜଣାପଡିଛି। ଆଇସିଏଆଇର ଫାଇନାନ୍ସିଆଲ ରିପୋର୍ଟିଂ ରିଭ୍ୟୁ ବୋର୍ଡ ୟେସ୍ ବ୍ୟାଙ୍କରେ ହୋଇଥିବା ଆର୍ଥିକ ସମସ୍ୟା ଅନୁଧ୍ୟାନ କରିବ ବୋଲି ସୂଚନା ରହିଛି।

**ନୂଆଦିଲ୍ଲୀ,ଭୁବନେଶ୍ୱର,୧୧–୩**

ୟେସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କର ଉଠାଣ କଟକଣା ଯୋଗୁ ଉକ୍ତ ବ୍ୟାଙ୍କର ବିଭିନ୍ନ ପେମେଣ୍ଟ ଏବଂ ଫଣ୍ଡ ଟ୍ରାନ୍ସଫର ସେବା ପ୍ରଭାବିତ ସ୍ଥିତିରେ ରହିଛି। ଏହା ଦ୍ୱାରା ପ୍ରାୟ ୫୦ କ୍ଷୁଦ୍ର ବ୍ୟାଙ୍କ ସମସ୍ୟା ସାମ୍ନା କରୁଛନ୍ତି। ଏହି ବ୍ୟାଙ୍କଗୁଡିକ ମଧ୍ୟରେ ସମବାୟ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଏବଂ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ସାମିଲ ଅଛନ୍ତି। ଏହି ବ୍ୟାଙ୍କଗୁଡିକର ଚେକ୍ କ୍ଲିୟରାନ୍ସ କ୍ଷେତ୍ରରେ ବିଶେଷ ସମସ୍ୟା ଉପୁଜୁଛି। ୟେସ୍ ବ୍ୟାଙ୍କ ସମବାୟ ବ୍ୟାଙ୍କ, ଘରୋଇ ଏବଂ ବିଦେଶୀ ବ୍ୟାଙ୍କଗୁଡିକୁ ସବ୍‌ମେମ୍ବର ବ୍ୟାଙ୍କ ସେବା ପ୍ରଦାନ କରିଥାଏ। ଏହି ବ୍ୟାଙ୍କଗୁଡିକର ଅପରେଶନ ଏତେ ବଡ ହୋଇ ନ ଥିବା ଯୋଗୁ ସେମାନେ ପ୍ରତ୍ୟକ୍ଷ ମେମ୍ବରଶିପ ନ ନେଇ କୌଣସି ବ୍ୟାଙ୍କ ଦ୍ୱାରା ସବ୍‌ମେମ୍ବର ହୋଇ ସେବା ଯୋଗାଇଥାନ୍ତି। ମାତ୍ର ୟେସ୍ ବ୍ୟାଙ୍କରେ ବର୍ତ୍ତମାନର ସଙ୍କଟ ଯୋଗୁ ବ୍ୟାଙ୍କଗୁଡିକ ଲାଗି ବିଭିନ୍ନ ଅସୁବିଧା ଉପୁଜୁଛି। ସବ୍ ମେମ୍ବର ଥିବା ଏହି ଟାଇପ–୨ ବ୍ୟାଙ୍କଗୁଡିକ ଚେକ୍ ଟ୍ରଙ୍କଶନ ସିଷ୍ଟମ(ସିଟିଏସ୍) କ୍ଲିୟରିଂରେ ମଧ୍ୟ ବ୍ଲକ କରାଯାଇଛି। ଆଉଟୱାର୍ଡ ଅନ୍‌ୱାର୍ଡ ଚେକ୍ କ୍ଲିୟରିଂ କ୍ଷେତ୍ରରେ ଏହି ବ୍ୟାଙ୍କଗୁଡିକର ଚେକ୍ ପ୍ରୋସେସ୍ ହୋଇ ପାରିବ ନାହିଁ। ଏହି ବ୍ୟାଙ୍କଗୁଡିକର ଚେକ୍ ନ ପ୍ରଦାନ କରିବାକୁ ଗ୍ରାହକଙ୍କ ଲାଗି ସୂଚନା ରହିଛି।

ସବ୍ ମେମ୍ବର ବ୍ୟାଙ୍କ ସର୍ଭିସ ଦ୍ୱାରା ଛୋଟଛୋଟ ବ୍ୟାଙ୍କଗୁଡିକ ସାଧାରଣତଃ ଆର୍‌ବିଆଇ କ୍ଲିୟରିଂ ହାଉସ, ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି, ଏଟିଏମ୍ ଲାଗି ନ୍ୟାଶନାଲ ଫାଇନାନ୍ସିଆଲ ସ୍ୱିଚ୍ ଭଳି ସେବା ଯୋଗାଇଥାନ୍ତି। ଦୋହା ବ୍ୟାଙ୍କ ଭଳି ବିଦେଶୀ ବ୍ୟାଙ୍କ ମଧ୍ୟ ଚେକ୍ କ୍ଲିୟରାନ୍ସ ସହ ବିଭିନ୍ନ ସେବାରେ ସମସ୍ୟା ସାମ୍ନା କରୁଛି। ପ୍ରଭାବିତ ହୋଇଥିବା ବ୍ୟାଙ୍କଗୁଡିକ ମଧ୍ୟରେ ୧୩ ସମବାୟ ବ୍ୟାଙ୍କ ରହିଛନ୍ତି। ଏହାବାଦ ଉତ୍ତର ପୂର୍ବାଞ୍ଚଳର ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ମଧ୍ୟ ଏଥିରେ ସାମିଲ ରହିଛନ୍ତି। ସୂଚନା ଯୋଗ୍ୟ, ୟେସ୍ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆପ୍ଲିକେଶନ ପ୍ରୋଗ୍ରାମିଂ ଇଣ୍ଟରଫେସ୍ ଯୋଗୁ ଗତ ସପ୍ତାହରେ କେତେକ ଷ୍ଟାର୍ଟଅପ୍ ଏବଂ ଫିନ୍‌ଟେକ କମ୍ପାନୀ ୟୁପିଆଇ ପ୍ଲାଟଫର୍ମରୁ ବ୍ଲକ କରାଯାଇଥିଲା।

ସେହିଭଳି ଏଥିରେ ଓଡିଶାର ଓଡିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ, ଉତ୍କଳ କୋଅପରେଟିଭ ବ୍ୟାଙ୍କିଙ୍ଗ ସୋସାଇଟି, ଖୋର୍ଦ୍ଧା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ଲିମିଟେଡ, ୟୁନାଇଟେଡ ପୁରୀ ନିମାପଡା ସେଣ୍ଟ୍ରାଲ କୋଅପରେଟିଭ, ପୁରୀ ଅର୍ବନ୍ନା କୋଅପରେଟିଭ, ନୟାଗଡ ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋଅପରେଟିଭ, କଟକ ସେଣ୍ଟ୍ରାଲ କୋଅପରେଟିଭ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିମିଟେଡ, ବାଲେଶ୍ୱର–ଭଦ୍ରକ ସେଣ୍ଟ୍ରାଲ କୋଅପରେଟିଭ, ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭ, କେନ୍ଦୁଝର ସେଣ୍ଟ୍ରାଲ କୋପଅପରେଟିଭ ବ୍ୟାଙ୍କ ରହିଛନ୍ତି। ରାଜ୍ୟରେ ଅନ୍ୟ ବ୍ୟାଙ୍କଗୁଡିକ ମଧ୍ୟରେ ଅନୁଗୋଳ ୟୁନାଇଟେଡ ସେଣ୍ଟ୍ରାଲ କୋଅପରେଟିଭ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ବ୍ରହ୍ମପୁର କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ବ୍ରହ୍ମପୁର କୋଅପରେଟିଭ ଅର୍ବାନ ବ୍ୟାଙ୍କ, ଆସ୍କା କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ବୌଦ୍ଧ କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ବଲାଙ୍ଗୀର ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋଅପରେଟିଭ, ସମ୍ବଲପୁର ଡିଷ୍ଟ୍ରିକ୍ଟ କୋଅପରେଟିଭ ସେଣ୍ଟ୍ରାଲ ବ୍ୟାଙ୍କ, ସୁନ୍ଦରଗଡ ଡିଷ୍ଟ୍ରିକ୍ଟ ସେଣ୍ଟ୍ରାଲ କୋଅପରେଟିଭ, ଅର୍ବାନ କୋଅପରେଟିଭ ବ୍ୟାଙ୍କ ଲିମିଟେଡ, ରାଉରକେଲା ଲିମିଟେଡ ଭଳି ବ୍ୟାଙ୍କ ସାମିଲ ରହିଛି।

ଏହି ପରିପ୍ରେକ୍ଷୀରେ ଓଡିଶା ଷ୍ଟେଟ କୋଅପରେଟିଭ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି କହିଛନ୍ତି ଯେ, ୟେସ୍ ବ୍ୟାଙ୍କରେ ସଙ୍କଟ ଯୋଗୁ ଚେକ୍ କ୍ଲିୟରାନ୍ସ ସମସ୍ୟା ଦେଖାଯିବାରୁ ଅନୁଗୋଳ ସ୍ଥିତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଅନ୍ୟ ଏକ ଘରୋଇ ବ୍ୟାଙ୍କ ସହଯୋଗ ଦ୍ୱାରା ଚେକ୍ କ୍ଲିୟରାନ୍ସ ସେବାକୁ ସାଧାରଣ କରାଯାଇଛି। ଲୋକମାନେ ଏଭଳି ସମସ୍ୟା ସାମ୍ନା ନ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଯୋଜନା ରହିଛି। ଶୀଘ୍ର ରାଜ୍ୟର ଅନ୍ୟ ସମବାୟ ବ୍ୟାଙ୍କଗୁଡିକରେ ଏହା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି। ଅଳ୍ପ କିଛି ଦିନ ମଧ୍ୟରେ ଏଭଳି ସମସ୍ୟା ରହିବ ନାହିଁ।

# ଏଜିଆର୍ ଦେୟ ବାବଦ ମିଳିଲା ୨୫,୯୦୦ କୋଟି

**ନୂଆଦିଲ୍ଲୀ,୧୧–୩:** ଆଡ୍‌ଜଷ୍ଟେଟ ଗ୍ରସ ରେଭିନ୍ୟୁ(ଏଜିଆର୍) ଦେୟ ବାବଦ ସରକାର ଟେଲିକମ୍ କମ୍ପାନୀଙ୍କଠାରୁ ୨୫,୯୦୦ କୋଟି ଟଙ୍କା ଆଦାୟ କରିଛନ୍ତି। ଅନ୍ୟ ବକେୟା ଶୀଘ୍ର ପ୍ରଦାନ କରିବାକୁ କମ୍ପାନୀଗୁଡିକୁ କୁହାଯାଇଥିବା ସରକାର ସଂସଦକୁ ବୁଧବାର ସୂଚନା ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଅକ୍ଟୋବର ୨୪ ମୁତାବକ ଟେଲିକମ୍ କମ୍ପାନୀ ପେମେଣ୍ଟ ଅନୁପାଳନକୁ ପାଳନ କରିବାକୁ ଯାଇ ଏହି ରାଶି ପଇଠ କରିଛନ୍ତି ବୋଲି ଟେଲିକମ୍ ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଲୋକସଭାକୁ ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ମାର୍ଚ୍ଚ ୪ କମ୍ପାନୀଗୁଡିକ ବକେୟା ରାଶି ଶୀଘ୍ର ପଇଠ କରିବାକୁ ଚିଠି ଯୋଗେ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଆର୍ଥିକ ଲକ୍ଷ୍ୟ ଅନୁଯାୟୀ ସଞ୍ଚୟ କରନ୍ତୁ

**ଅର୍ଥର ଅର୍ଥ**



Rupkumar Pradhan
CERTIFIED FINANCIAL PLANNER CM ,CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ମୋ ବୟସ ୩୪ ଓ ଜଣେ ସରକାରୀ କର୍ମଚାରୀ। ବର୍ଷକୁ ୪୦,୦୦୦ ଟଙ୍କା ପିପିଏଫ୍ ନିବେଶ ସହ ୨୦ ହଜାର ଟଙ୍କାର ପ୍ରିମିୟମ ଏଲ୍‌ଆଇସିକୁ ଦେଉଛି। ଏବେ ମାସିକ ୧୦ରୁ ୧୫ ହଜାର ଟଙ୍କା ନିବେଶ କରିବାକୁ ଚାହିଁଛି। କେଉଁ ଥିରେ ନିବେଶ କରିବି। ପରିବାର ଲାଗି ଏକ ସ୍ୱାସ୍ଥ୍ୟବୀମା ପଲିସି କିଣିବା ପାଇଁ ଚାହୁଁଛି?**

▶ ଆପଣ ୧୦ ବର୍ଷ ଭିତରେ ପାଣ୍ଠି ଗଠନ କରିବାକୁ ଚାହୁଁଛନ୍ତି ଓ ମାସିକ ୧୦ରୁ ୧୫ ହଜାର ଟଙ୍କା ନିବେଶ କରିବାକୁ ଚାହୁଁଛନ୍ତି। ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ସଞ୍ଚୟ କରିବା ଉଚିତ୍ ହେବ। ଆପଣଙ୍କର ଯେକୌଣସି ଆର୍ଥିକ ଲକ୍ଷ୍ୟ ସବୁକୁ ଦୃଷ୍ଟି ଦେଇ ମାସିକ ସଞ୍ଚୟ କରିବା ଉଚିତ ହେବ। ଆପଣଙ୍କର ଯେକୌଣସି ଆର୍ଥିକ ଲକ୍ଷ୍ୟ ଯଥା– ଝିଅପୁଅର ପାଠପଢା ଖର୍ଚ୍ଚ,ଏକ ବଡ ପାଣ୍ଠି ଗଠନ କିମ୍ବା ଅବସରକାଳୀନ ପାଣ୍ଠି ଗଠନ ଏସବୁକୁ ଦୃଷ୍ଟି ଦେଇ ଆପଣ ମାସିକ ନିବେଶ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି ମାଧ୍ୟମରେ ନିବେଶ କରିପାରିବେ। ମାସିକ ଏସ୍‌ଆଇପି ଆପଣ ଆକ୍ସିସ୍ ବ୍ଲୁଚିପ୍ ଫଣ୍ଡ, ମିରାଇ ଆସେଟ୍ ଲାର୍ଜ କ୍ୟାପ ଫଣ୍ଡ, ଏଚ୍‌ଏଫ୍‌ଡିସି ଟପ୍ ୧୦୦ ଫଣ୍ଡ ଏସବୁ ଫଣ୍ଡରେ ମାସିକ ୮୦୦୦ ଟଙ୍କା ନିବେଶ କରନ୍ତୁ। ଜରୁରିକାଳୀନ ଖର୍ଚ୍ଚସବୁ ପାଇଁ ଆପଣ ଆଇସିଆଇସିଆଇ ସର୍ଟ ଟର୍ମ ଫଣ୍ଡ ଓ ଫ୍ରାଙ୍କଲିନ ଇଣ୍ଡିଆ ଅଲ୍‌ଟ୍ରା ସର୍ଟ ବଣ୍ଡ ଫଣ୍ଡ ମାସିକ ୨୦୦୦/–ଟଙ୍କା ନିବେଶ କରନ୍ତୁ। ନିଜ ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ୧ କୋଟି ଟଙ୍କାର ଟର୍ମ ପ୍ଲାନ କିଣିବା ଉଚିତ ହେବ। ପରିବାରର ସ୍ୱାସ୍ଥ୍ୟବୀମା ସୁରକ୍ଷା ପାଇଁ ଆପଣ ଫ୍ୟାମିଲି ଫ୍ଲୋଟର ପଲିସି କିଣିନିଅନ୍ତୁ। ଆଦିତ୍ୟ ବିରଳା ସ୍ୱାସ୍ଥ୍ୟ ବୀମା, ରେଲିଗେଆର ସ୍ୱାସ୍ଥ୍ୟ ବୀମା, ଷ୍ଟାର ହେଲଥ୍ ସ୍ୱାସ୍ଥ୍ୟବୀମା କମ୍ପାନୀର ପଲିସି କିଣିପାରନ୍ତି। ଜୀବନ ବୀମା ଓ ସ୍ୱାସ୍ଥ୍ୟବୀମା ପଲିସି କିଣିବା ସମୟରେ କମ୍ପାନୀର ବିଗତ ବର୍ଷର ମୃତ୍ୟୁକାଳୀନ ଦାବି ଅର୍ଥର ପରିଶୋଧ ଅନୁପାତକୁ ଦୃଷ୍ଟି ଦେଇ କିଣନ୍ତୁ। ଏସବୁ ପ୍ଲାନ ଏକ ତୁଳନାତ୍ମକ ହିସାବ କରି ନେବା ଉଚିତ ହେବ।

**ଗତ ବର୍ଷଠାରୁ ରୋଜଗାର ଆରମ୍ଭ କରିଛି। ମାସିକ ରୋଜଗାର ୪୦୦୦୦ ଟଙ୍କା ଓ ବୟସ ୨୮ ବର୍ଷ। ଭବିଷ୍ୟତ ଆବଶ୍ୟକତାକୁ ଲକ୍ଷ୍ୟ ରଖି ସଞ୍ଚୟ କରିବାକୁ ଚାହୁଁଛି କିନ୍ତୁ କିପରି ନିବେଶ ଆରମ୍ଭ କରିବି ଏ ବିଷୟରେ ନିଶ୍ଚିତ ହୋଇପାରୁନି। ବ୍ୟାଙ୍କ ସ୍ଥାୟୀ ଜମା କରିବାକୁ ଇଚ୍ଛା ନାହିଁ। ମୁଁ ଭାବୁଛି ମ୍ୟୁଚୁଆଲ ଫଣ୍ଡ ନିବେଶ କରିବା ଭଲ ହେବ। କିନ୍ତୁ କେଉଁ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଠିକ୍ ହେବ?**

**–ମନଜିତ୍ ମିଶ୍ର, ଭବାନୀପଟଣା**

▶ ଆପଣ ଏବେ ରୋଜଗାର କରିବା ଆରମ୍ଭ କରିଛନ୍ତି। ଅନେକ ବର୍ଷ ରୋଜଗାର କରିବାର ସମ୍ଭାବନା ଅଛି। ଆପଣଙ୍କର ଏହି ଦୀର୍ଘକାଳୀନ ସମୟକୁ ବ୍ୟବହାର କରି ନିବେଶ କ୍ଷେତ୍ରରେ ନିଜ ପାଇଁ ସମ୍ପତ୍ତି ସୃଷ୍ଟି କରିପାରିବେ। ଯେହେତୁ ଆପଣଙ୍କ ଅବସରକାଳୀନ ସମୟ ଲମ୍ବା ରୋଜଗାର କରିବାର ବନ୍ଦ ହେବାର ବର୍ଷ ବହୁତ ଦୂରରେ ଅଛି, ତେଣୁ ଆପଣ ଏକ ଆର୍ଥିକ ଯୋଜନା ଅନୁଯାୟୀ ଦୀର୍ଘକାଳୀନ ସମ୍ପତ୍ତି ଗଠନ ପାଇଁ ପ୍ରସ୍ତୁତ କରନ୍ତୁ। ଏକ ସମ୍ପତ୍ତି ବା ୱେଲ୍‌ଥ ପୋର୍ଟଫୋଲିଓ ପାଇଁ ଆପଣ ୩ଟି ଅଂଶକୁ ଦୃଷ୍ଟି ଦେଇ ନିବେଶ ଆରମ୍ଭ କରିବାକୁ ପଡିବ। ପ୍ରଥମଟି କୋର ପୋର୍ଟଫୋଲିଓ ବା ଅନ୍ତଃସ୍ଥଳ ପୋର୍ଟଫୋଲିଓ ଆପଣଙ୍କ ଆର୍ଥିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରିବ। ଏହା ଆପଣଙ୍କ ନିବେଶର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଥିରେ ଆପଣ ସୁନା, ଜମିବାଡି ଓ ଘର, ପିପିଏଫ୍, ବ୍ୟାଙ୍କ ସ୍ଥାୟୀଜମା କିମ୍ବା ପିଏଫ୍ ଇତ୍ୟାଦିକୁ ନିବେଶ ପାଇଁ ଚୟନ କରିପାରନ୍ତି।

ଦ୍ୱିତୀୟଟି ହେଉଛି ନିବେଶ, ଯାହାକି ଆପଣଙ୍କ ନିବେଶ ରାଶିକୁ ବୃଦ୍ଧି ହେବାରେ ସହାୟକ ହେବ। ଦୀର୍ଘକାଳୀନ ହିସାବରେ ଚକ୍ରବୃଦ୍ଧିର ଶକ୍ତି ନିଜ ସପକ୍ଷରେ ବ୍ୟବହାର କରିପାରିବେ। ମୁଦ୍ରାସ୍ଫୀତିର ପ୍ରଭାବଠାରୁ ଅଧିକ ଲାଭ ବା ସୁଧହାର ପାଇପାରିବେ। ଏଥିରେ ଆପଣ ଇକ୍ୟୁଟି, ମ୍ୟୁଚୁଆଲ ଫଣ୍ଡ, ବଣ୍ଡ୍ ଇତ୍ୟାଦିରେ ନିବେଶ କରିପାରିବେ। ତୃତୀୟଟି ହେଉଛି ସୁବିଧା ସମୟରେ ନିବେଶ। ଏ କ୍ଷେତ୍ରରେ ଅଳ୍ପ କିଛି ଟଙ୍କା ଇକ୍ୟୁଟି ଆଇପିଓ, ଛୋଟ ଛୋଟ କମ୍ପାନୀର ଶେୟାର କିମ୍ବା କମଡିଟିଜ୍ ଇତ୍ୟାଦି। କିନ୍ତୁ ଏହି କ୍ଷେତ୍ରରେ ଆପଣ ଲାଭ ଓ କ୍ଷତିକୁ ସହିବାର କ୍ଷମତା ଥିବା ଦରକାର।

ପୁଞ୍ଜିବଜାର ନିବେଶ କ୍ଷେତ୍ରରେ ଅନେକ କିଛି ରିସ୍କ ଅଛି। ଆର୍ଥିକ ବଜାରରେ ଅନେକ ସ୍କିମ୍ ଅଛି ଓ ଦ୍ରୁତ ପରିବର୍ତ୍ତନ ହୋଇ ନୂଆ ନୂଆ ସ୍କିମ୍ ସବୁ ଆସୁଛି। ଏସବୁକୁ ବୁଝିବା ନିହାତି ଜରୁରୀ। ଆମର ପରାମର୍ଶ ଆପଣ ଜଣେ ସାର୍ଟିଫାଏଡ୍ ଫାଇନାନ୍‌ସିଆଲ୍ ପ୍ଲାନର କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କ ସହ ଆଲୋଚନା କରି ନିବେଶ କରିବା ଉଚିତ ହେବ।

**ମାସିକ ୨୫୦୦/– ମ୍ୟୁଚୁଆଲ ଫଣ୍ଡ୍ ଇକ୍ୟୁଟି ସ୍କିମ୍‌ରେ ୨୫ ବର୍ଷ ପାଇଁ ନିବେଶ କଲେ କେତେ ଟଙ୍କାର ପାଣ୍ଠି ଗଠନ କରିପାରିବି ? ମୋ ଝିଅର ବାହାଘର ଖର୍ଚ୍ଚ ପାଇଁ ଏହା କରିବାକୁ ଚାହୁଁଛି।**

**– ମାନସୀ ଜେନା, ନୟାଗଡ଼**

– ମ୍ୟୁଚୁଆଲ ଫଣ୍ଡରେ ଇକ୍ୟୁଟି ଡାଇଭର୍ସିଫାଏଡ୍ ଫଣ୍ଡ୍‌ରେ ମାସିକ ଏସ୍‌ଆଇପି ମାଧ୍ୟମରେ ୨୫୦୦ ଟଙ୍କା ନିବେଶ ୨୫ ବର୍ଷ ପାଇଁ କରନ୍ତି ଓ ଫଣ୍ଡ୍ ବାର୍ଷିକ ସୁଧହାର ୧୨% ଧରିନେବା ତେବେ ଆପଣ ୪୭.୪୪ ଲକ୍ଷ ଟଙ୍କାର ଏକ ପାଣ୍ଠି କରିପାରିବେ। ମ୍ୟୁଚୁଆଲ ନିବେଶ କରିବା ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବିଷୟରେ ଭଲ ଭାବରେ ବୁଝି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି–୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

# ବ୍ରହ୍ମପୁରରେ ଖଜାନା ଜୁଏଲେରୀର ନୂଆ ଶୋ'ରୁମ

**ବ୍ରହ୍ମପୁର,୧୧–୩**

ପ୍ରମୁଖ ଜୁଏଲେରୀ ରିଟେଲର ଖଜାନା ଜୁଏଲେରୀ ପକ୍ଷରୁ ବ୍ରହ୍ମପୁରରେ ନୂଆ ଶୋ'ରୁମ ଶୁଭାରମ୍ଭ ହୋଇଛି। ଏହା ଖଜାନାର ଓଡିଶାରେ ପ୍ରଥମ ଶୋ'ରୁମ। ନୂଆ ଶୋ'ରୁମକୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ତଥା ବଲିଉଡ ଅଭିନେତ୍ରୀ କାଜଲ ଅଗ୍ରୱାଲ ଉନ୍ମୋଚନ କରିଥିଲେ। ଦୁଇଟି ଫ୍ଲୋରରେ ଏହା ନୂଆ ଶୋ'ରୁମ ଅବସ୍ଥିତ। ଏଠାରେ ଗ୍ରାହକମାନେ ପାରମ୍ପରିକ ଏବଂ ଅତ୍ୟାଧୁନିକ ବର୍ଗରେ ସୁନା, ରୁପା ଏବଂ ହୀରା ଅଳଙ୍କାର ଗ୍ରାହକ ଲାଭ କରିପାରିବେ। ଏହି ଅବସରରେ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଶୁଭାରମ୍ଭ ଅଫର ପ୍ରଦାନ କରାଯାଉଛି। ଚଳିତ ମାସ ୨୮ ତାରିଖ ଯାଏ ଗ୍ରାହକ ଏହି ଅଫରର ଲାଭ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଶୋ'ରୁମରେ ଗ୍ରାହକଙ୍କୁ ଉଚ୍ଚ ଗୁଣବତ୍ତା ଏବଂ ବିଆଇଏସ୍ ହଲମାର୍କ ଯୁକ୍ତ ଗହଣା ପ୍ରଦାନ କରାଯାଉଛି। ନିଜସ୍ୱ ମାନୁଫାକଚରିଂ ହବ୍, ସୁଲଭ ଗଢାମୂଲ୍ୟ ଯୋଗାଣ ଦିଗରେ କାର୍ଯ୍ୟ କରୁଥିବା ବେଳେ ଗ୍ରାହକଙ୍କୁ ଉନ୍ନତ ସେବା ଯୋଗାଣ ଦିଗରେ ଲକ୍ଷ୍ୟ ରଖିଥିବା କମ୍ପାନୀ ସୂଚନା ଦେଇଛି।



# ମିନିମମ୍ ବାଲାନ୍ସ ନିୟମ ବାଦ୍ ଦେଲା ଏସ୍‌ବିଆଇ

**ସୁଧ ହାର ୩%କୁ ହ୍ରାସ**

**ନୂଆଦିଲ୍ଲୀ,୧୧–୩**





ଦେଶର ପ୍ରମୁଖ ବ୍ୟାଙ୍କ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଏହାର ମିନିମମ୍ ବାଲାନ୍ସ ନିୟମକୁ ବୁଧବାର ବାଦ ଦିଆଯାଇଛି। ଏହା ଫଳରେ ଏସ୍‌ବିଆଇରେ ଆକାଉଣ୍ଟ ଥିବା ଗ୍ରାହକଙ୍କ ଖାତାରେ ମିନିମମ୍ ଧାର୍ଯ୍ୟ ବାଲାନ୍ସ ନ ରଖିଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଏହାବାଦ ବ୍ୟାଙ୍କ ସଞ୍ଚୟ ଖାତା ଉପରେ ସୁଧହାରକୁ ୩%କୁ କମାଇ ଦେଇଛି। ଫଳରେ ୪୪.୫୧ କୋଟି ଗ୍ରାହକ ଏହା ଦ୍ୱାରା ପ୍ରଭାବିତ ହେବେ ବୋଲି ଜଣାପଡିଛି। ବ୍ୟାଙ୍କ ପକ୍ଷରୁ ଏସ୍‌ଏମ୍‌ଏସ୍ ଚାର୍ଜ ଛାଡ କରାଯାଇଛି। ଏହା ଦ୍ୱାରା ଗ୍ରାହକ ବେଶି ଆଶ୍ୱସ୍ତ ହେବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଏସ୍‌ବିଆଇ ଏହାର ସେଭିଂ ଆକାଉଣ୍ଟଧାରୀଙ୍କୁ ୩.୨୫% ହାରରେ ସୁଧ ଦେଉଛି। ଏହା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ଉପରେ ଲାଗୁ ହେଉଛି। ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସଞ୍ଚୟ ଉପରେ ୩% ସୁଧହାର ରହିଛି। ସମସ୍ତ ସଞ୍ଚୟ ଖାତା ଉପରେ ହାରାହାରି ମାସିକ ବାଲାନ୍ସ ନିୟମକୁ ଉଠାଇ ଦେବାକୁ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ଏହା ଦ୍ୱାରା ୪୪.୫୧ କୋଟି ଗ୍ରାହକ ଲାଭବାନ ହେବେ। ମାସିକ ହାରାହାରି ବାଲାନ୍ସ ନିୟମ ମୁତାବକ ମେଟ୍ରୋ ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଲାଗି ବାଲାନ୍ସ ରଖିବା ସୀମା ଯଥାକ୍ରମେ ୩,୦୦୦ଟଙ୍କା, ୨୦୦୦ ଟଙ୍କା ଏବଂ ୧୦୦୦ ଟଙ୍କା ରହିଛି। ମିନିମମ୍ ବାଲାନ୍ସ ନ ରଖିବା ଉପରେ ବ୍ୟାଙ୍କ ପକ୍ଷରୁ ୫ରୁ ୧୫ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ଟିକସ ଲାଗୁ ହେଉଛି।


**CLASSIFIED DISPLAY**

**ALL EDITION - B/W (Everyday)**

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

GANPATI FINANCE
GANPATI ଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8396000562
8607796713

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS BUSINESS

BUSINESS
ମୋବାଇଲ ଟାୱାର
ସିୟା ରାମ ଟାୱାର କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ ଉପରେ ୪ଜି ମୋବାଇଲ ଟାୱାର ଲଗାନ୍ତୁ।
ମାସିକ ଭଡା – ୯୦,୦୦୦/–, ଆଡଭାନ୍ସ – ୯୦ଲକ୍ଷ + ଚାକିରୀ + ୨୦ବର୍ଷ ଏଗ୍ରିମେଣ୍ଟ
9667567748
9667567752

ଦୟାକରି ଧ୍ୟାନ ଦିଅନ୍ତୁ
ଖାଲିଥିବା ଜମି, ଛାତ ଓ ପ୍ଲଟ୍‌ରେ Tower Vision କମ୍ପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 30,000/- ଟଙ୍କା ପାଆନ୍ତୁ
ଜମି ଛାତ ପ୍ଲଟ୍
07449881156
08295828950

JOIN RAPIDO BIKE TAXI JOB
CUTTACK AND BHUBANESWAR
Income Upto Rs.24000/-*
DOCUMENT REQUIRED
DL, RC, Android Mobile
Office Address : 40 Pawani Complex, Lane L4, Ground Floor, Jagmohan Near ITER College, Bhubaneswar
M : 9513764947
01140844649

**COLOR DISPLAY CLASSIFIED**

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday

## ସଂକ୍ଷେପରେ

### ଓସିଏର ୭ ଗୁରୁତ୍ୱପୂର୍ଣ୍ଣ କମିଟି ଗଠିତ

କଟକ ଅଫିସ,୧୧।୩- ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ୭ଟି ଗୁରୁତ୍ୱପୂର୍ଣ୍ଣ କମିଟି ବୁଧବାର ଗଠିତ ହୋଇଛି। ଗତ ଡିସେମ୍ବର ୨୯ରେ ଓସିଏର ସାଧାରଣ ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଓ ଓସିଏର ସମ୍ବିଧାନକୁ ଦୃଷ୍ଟିରେ ରଖି ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ଉକ୍ତ କମିଟି ଗଠନ କରିଛନ୍ତି। ଗଠିତ ସମସ୍ତ କମିଟିରେ ସଭାପତି ପଙ୍କଜ ଲୋଚନ ଓ ସମ୍ପାଦକ ସଞ୍ଜୟ ଯଥାକ୍ରମେ ଅଧ୍ୟକ୍ଷ ଓ ଆବାହକ ରହିଛନ୍ତି। ଫାଇନାନ୍ସ କମିଟି, ଟୁର୍ନାମେଣ୍ଟ କମିଟି, ସମ୍ବିଧାନ ଓ ଅନୁବନ୍ଧନ କମିଟି, ଶୃଙ୍ଖଳା କମିଟି, ବର୍ଷସୂଚୀ, ଖେଳସୂଚୀ ଓ ଟେକ୍ନିକାଲ କମିଟି, ମଧ୍ୟସ୍ଥତା କମିଟିରେ ୫ଜଣ ଲେଖାଏ ସଦସ୍ୟ ରହିଥିବା ବେଳେ କ୍ରିକେଟ ପରାମର୍ଶଦାତା କମିଟିରେ ୩ଜଣ ସଦସ୍ୟ ଅଛନ୍ତି। ଏକମାତ୍ର କ୍ୟୁରେଟ ଭାବେ ରହିଛନ୍ତି ପଙ୍କଜ ପଟ୍ଟନାୟକ। ଓସିଏ ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ଫାଇନାନ୍ସ କମିଟିରେ ଏକ୍ସଅଫିସିଓ ଭାବେ ରହିଛନ୍ତି।

### ୱାର୍ଲ୍ଡ ମାଷ୍ଟର୍ସ ହକିରେ ଭାରତ ସାମିଲ

ନୂଆଦିଲ୍ଲୀ, ୧୧।୩: ହକି ଇଣ୍ଡିଆ ନିକଟରେ ୱାର୍ଲ୍ଡ ମାଷ୍ଟର୍ସ ହକି(ଡବ୍ଲ୍ୟୁଏମଏଚ) ସହିତ ସାମିଲ ହୋଇଛି। ପୂର୍ବରୁ ଡବ୍ଲ୍ୟୁଏମଏଚ ସହ ଅନ୍ୟ ୩୮ ଜାତୀୟ ଆସୋସିଏଶନ ସାମିଲ ଅଛନ୍ତି। ବିଦେଶରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ହକି ଇଣ୍ଡିଆ ପକ୍ଷରୁ ପୂର୍ବତନ ଅଧିନାୟକ ଆର.ପି. ସିଂଙ୍କୁ ହକି ଇଣ୍ଡିଆ ମାଷ୍ଟର୍ସ କମିଟିର ଆବାହକ ନିଯୁକ୍ତ କରାଯାଇଛି। ହରବିନ୍ଦର ସିଂ ଏହି କମିଟିର ଅଧ୍ୟକ୍ଷ ହୋଇଛନ୍ତି। ବି.ପି. ଗୋବିନ୍ଦା, ଜଗବୀର ସିଂ, ଏ.ବି. ସୁବାୟା, ସୁରିନ୍ଦର କୌର ଓ ଏମ. ରେଣୁକା ଲକ୍ଷ୍ମୀ କମିଟିର ସଦସ୍ୟ ରହିଛନ୍ତି। ଡବ୍ଲ୍ୟୁଏମଏଚ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍)ର ଏକମାତ୍ର ସ୍ୱିକୃତିପ୍ରାପ୍ତ ଅନୁଷ୍ଠାନଭାବେ ବିଶ୍ୱସ୍ତରରେ ଅନ୍ତର୍ଜାତୀୟ ମାଷ୍ଟର୍ସ ହକି ଆୟୋଜନ କରିବା ଅଧିକାର ପାଇଛି। ବିଭିନ୍ନ ଦେଶର ଖେଳାଳି ଓ ଅଫିସିଆଲମାନେ ଯେପରି ଜୀବନବ୍ୟାପୀ ହକି ସହ ଜଡ଼ିତ ରହିପାରିବେ ସେ ଦିଗରେ ଡବ୍ଲ୍ୟୁଏମଏଚ କାର୍ଯ୍ୟ କରିବ।

### ଆଇସିସି ବୈଠକ ବାତିଲ

ମୁମ୍ବାଇ,୧୧।୩(ଏଏଫ୍‌ପି)- ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମୁଖ୍ୟ କାର୍ଯ୍ୟକାରୀ ଓ ସଦସ୍ୟ ବୋର୍ଡଙ୍କ ଚାରି ଦିନିଆ ବୈଠକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ କରିଦିଆଯାଇଛି। କରୋନା ଭାଇରସ ସଂକ୍ରମିତ ଦେଶ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ନିଷ୍ପତ୍ତି ଦୁଇ ଦିନ ତଳେ ନିଆଯାଇଥିଲା। ଏ ସମ୍ପର୍କରେ ସମସ୍ତ ସଦସ୍ୟ ବୋର୍ଡକୁ ଜଣାଇ ଦିଆଯାଇଛି। ସିଧାସଳଖ ଜୁନରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବ। ଦୁଇ ସପ୍ତାହ ପୂର୍ବେ ଏସିଆନ କ୍ରିକେଟ କାଉନସିଲ (ଏସିସି) ସଦସ୍ୟ ଦଳ ବୈଠକକୁ ବାତିଲକରି ଦେଇଥିଲେ। ଏଥିରେ ଚଳିତବର୍ଷ ହେବାକୁଥିବା ଏସିଆ କପ୍ ପାଇଁ ଭେନ୍ୟୁ ଧାର୍ଯ୍ୟ ହୋଇଥାନ୍ତା।



ବାଉନ୍ସ ବଲ୍‌କୁ ନେଇ ଲୋକମାନେ ବହୁତ ଆଲୋଚନା କରୁଛନ୍ତି। କିନ୍ତୁ ଆମେ ବାଉନ୍ସ ବଲ୍ ଭଲ ଖେଳୁ। ଗୋଟିଏ ମ୍ୟାଚ୍ ପାଇଁ ଖେଳାଳିଙ୍କୁ ଖରାପ କହିପାରିବା ନାହିଁ।

—ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର୍



ଟିମ୍‌ର ସିନିୟର ସଦସ୍ୟ ଫାଫ୍ ଡୁ ପ୍ଲେସି, ଡେଭିଡ୍ ମିଲର ପ୍ରମୁଖ ଭାରତ ବିପକ୍ଷ ସିରିଜରେ ଯୁବ ଖେଳାଳିଙ୍କୁ ଗାଇଡ୍ କରିବା ଆବଶ୍ୟକ।

—କ୍ୱିଣ୍ଟନ ଡି କକ୍, ଦକ୍ଷିଣ ଆଫ୍ରିକା ଅଧିନାୟକ

# ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ ଆଜି

ଧର୍ମଶାଳା,୧୧।୩(ପି.ଟି.)

ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ସ୍ଥାନୀୟ ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଗୁରୁବାର ଏହି ଦୁଇ ଦଳ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ନ୍ୟୁଜିଲାଣ୍ଡ ଗସ୍ତର ବିଫଳତାକୁ ଭୁଲି ଭାରତ ଏକ ନୂଆ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସାରା ବିଶ୍ୱରେ କରୋନା ଭାଇରସ୍‌ର ଆତଙ୍କ ଓ ବର୍ଷା ସମ୍ଭାବନା ମ୍ୟାଚ୍‌କୁ ପ୍ରଭାବିତ କରିବା ଆଶଙ୍କା ରହିଛି। ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରି ଦଳରେ ଯୋଗଦେଇଛନ୍ତି। ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ନ୍ୟୁଜିଲାଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜରେ ଭାରତ ୩-୦ରେ ପରାସ୍ତ ହୋଇଥିଲା। ଏହି ପରାଜୟ ଗ୍ଲାନିକୁ ଭୁଲି ଭାରତୀୟ ଅଧିନାୟକ ବିରାଟ କୋହଲି ନିଶ୍ଚିତ ଭାବେ ପ୍ରୟାସ କରିବେ।

ମାଞ୍ଚେଷ୍ଟରରେ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ସେମିଫାଇନାଲରେ ପାଣ୍ଡ୍ୟା ଶେଷଥର ପାଇଁ ଦିନିକିଆ ଖେଳିଥିଲେ। ସେହିପରି ଗତ ସପ୍ଟେମ୍ବରରେ ସେ ବେଙ୍ଗାଲୁରୁରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶେଷଥର ପାଇଁ ଟି୨୦ ମ୍ୟାଚ୍ ଖେଳିଥିଲେ। କିଛିଦିନ ତଳେ ଅନୁଷ୍ଠିତ ଡିୱାଇ ପାଟିଲ କର୍ପୋରେଟ କପ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ପାଣ୍ଡ୍ୟା ନିଜର ଫର୍ମ ଓ ଫିଟ୍‌ନେସ୍‌ର ପ୍ରମାଣ ଦେବା ସହ ଜାତୀୟ ଦଳକୁ ଫେରିଥିଲେ। ଆଗକୁ ଟି୨୦ ବିଶ୍ୱକପ୍ ଆୟୋଜନ ହେବାକୁ ଥିବାରୁ ଅଧିନାୟକ କୋହଲି ଓ କୋଚ୍ ରବି ଶାସ୍ତ୍ରୀ ଦିନିକିଆ ଫର୍ମାଟ୍‌କୁ ଅଧିକ ପ୍ରାଧାନ୍ୟ ଦେଉ ନ ଥିବା ଖୋଲାଖୋଲି ଭାବେ କହିଛନ୍ତି। ତେବେ ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ଦଳଠାରୁ ଦିନିକିଆ ସିରିଜ ହାରିବାକୁ ଭାରତ ଚାହିଁବ ନାହିଁ। ଗତ ଦିନିକିଆ ସିରିଜରେ ଦକ୍ଷିଣ ଆଫ୍ରିକା ଘରୋଇ ପରିବେଶରେ ଅଷ୍ଟ୍ରେଲିଆକୁ ୩-୦ରେ ପରାସ୍ତ କରି କ୍ଲିନ୍ ସୁଇପ୍ କରିଥିଲା।

କ୍ରମାଗତ ୫ଟି ଅନ୍ତର୍ଜାତୀୟ ମ୍ୟାଚ୍ (୩ ଦିନିକିଆ, ୨ ଟେଷ୍ଟ) ହାରିବା କୋହଲିଙ୍କ ପାଇଁ ଏକ ବଡ଼ ଦୁଃସ୍ୱପ୍ନ ସାବ୍ୟସ୍ତ ହୋଇଛି। ଗତ ୬ ବର୍ଷ ମଧ୍ୟରେ ସେ ପ୍ରଥମଥର ପାଇଁ ଏଭଳି ଏକ ଅଲୋଡ଼ା ଖରାପ ସମୟ ଦେଇ ଗତି କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ କୋହଲି ମାତ୍ର ୭୫ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ପ୍ରତିଭା ଓ ଦକ୍ଷତା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା କୋହଲିଙ୍କ ପାଇଁ ଅତ୍ୟନ୍ତ ନିମ୍ନମାନର ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରି କୋହଲି ନିଜ ସମାଲୋଚକଙ୍କୁ ଚୁପ୍ କରିବାକୁ ଚାହିଁବେ। ଚଳିତ କ୍ୟାଲେଣ୍ଡର ବର୍ଷରେ ଦିନିକିଆକୁ ଆମେ ଅଧିକ ଗୁରୁତ୍ୱ ଦେବୁନାହୁଁ ବୋଲି କହିବା ପରେ ସମାଲୋଚକମାନେ ଆହୁରି ରୁକ୍ଷ ହୋଇଛନ୍ତି। ପାଣ୍ଡ୍ୟାଙ୍କ ସହିତ ଇଞ୍ଜୁରିରୁ ଫେରିଥିବା ଅଭିଜ୍ଞ ଓପ୍‌ନର ଶିଖର ଧାୱନ ଓ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଭାରତୀୟ ଦଳକୁ ଆହୁରି ଶକ୍ତିଶାଳୀ କରିଛନ୍ତି। ଫଳରେ ଭାରତ କାଗଜକଲମରେ ଫେଭରାଇଟ ମନେହେଉଛି। ଗତ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଦିନିକିଆ ସିରିଜ ଅବସରରେ ଧାୱନ କାନ୍ଧରେ ଆଘାତ ପାଇଥିବା ବେଳେ ଭୁବନେଶ୍ୱର ସ୍ପୋର୍ଟ୍ସ ହାର୍ନିଆର ଅସ୍ତ୍ରୋପଚାର କରାଇଥିଲେ। ଏହି ୩ ଖେଳାଳି ନ୍ୟୁଜିଲାଣ୍ଡ ଗସ୍ତରେ ସାମିଲ ହୋଇ ନ ଥିଲେ।

ମନୀଷ ପାଣ୍ଡେଙ୍କୁ ୬ ନମ୍ବରରେ ବ୍ୟାଟିଂ କରିବାର ସୁଯୋଗ ମିଳିପାରେ। କେଦାର ଯାଦବଙ୍କୁ ଶେଷରେ ଦଳରୁ ବାଦ୍ ଦିଆଯାଇଛି। କାଫ୍ ଇଞ୍ଜୁରି କାରଣରୁ ତାରକା ଓପ୍‌ନର ରୋହିତ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ଅନୁପସ୍ଥିତିରେ ଧାୱନଙ୍କୁ ଗୁରୁଦାୟିତ୍ୱ ତୁଲାଇବାକୁ ହେବ। ନ୍ୟୁଜିଲାଣ୍ଡ ସିରିଜ୍‌ରେ ଦୁଇ ଭାରତୀୟ ଓପ୍‌ନର ସାଂଘାତିକ ଭାବେ ବିଫଳ ହୋଇଥିଲେ। ଭୁବନେଶ୍ୱରଙ୍କ ପ୍ରତ୍ୟାବର୍ତ୍ତନ ସ୍ଲଗ୍ ଓଭରରେ ଭାରତୀୟ ବୋଲିଂର ଗଭୀରତା ବଢ଼ାଇବ। ଯୁବ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ସ୍ଲଗ୍ ଓଭରରେ ବିଫଳ ହୋଇଛନ୍ତି। ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ଗତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଅବସରରେ କାନ୍ଧଜନିତ ଆହତ ହେବା ଫଳରେ ଏହି ସିରିଜ୍‌ରୁ ବିଶ୍ରାମ ନେଇଛନ୍ତି। କୁଲ୍‌ଦୀପ ଯାଦବଙ୍କୁ ଦଳରେ ସାମିଲ କରା ନ ଗଲେ ଦ୍ରୁତ ବୋଲରଙ୍କୁ ସୁହାଉଥିବା ଧର୍ମଶାଳା ପିଚ୍‌ରେ ରବୀନ୍ଦ୍ର ଜଡେଜା ଖେଳିବା ନେଇ ଆଶା କରାଯାଉଛି।





ଅଭ୍ୟାସ ସେସନରେ ଭୁବନେଶ୍ୱର କୁମାର ଓ ଯଶପ୍ରୀତ ବୁମରା। ନେଟ୍ସରେ ବ୍ୟାଟିଂ କରୁଛନ୍ତି ଫାଫ ଡୁପ୍ଲେସି।

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ପୃଥ୍ୱୀ ଶ, ଲୋକେଶ ରାହୁଲ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, କୁଲଦୀପ ଯାଦବ ଓ ଶୁବମନ ଗିଲ

**ଦକ୍ଷିଣ ଆଫ୍ରିକା ଦଳ**

କ୍ୱିଣ୍ଟନ ଡିକକ (ଅଧିନାୟକ), ଟେମ୍ବା ବଭୁମା, ରାସି ଭାନ ଡେର ଡୁସେନ, ଫାଫ୍ ଡୁପ୍ଲେସି, କାଏଲ ଭେରେନ, ହେନରିଚ କ୍ଲାସେନ, ଜାନେମନ ମଲାନ, ଡେଭିଡ ମିଲର, ଜନ-ଜନ ସ୍ମୁଟ୍ସ, ଆଣ୍ଡିଲ ଫେଲୁକ୍ୱାୟୋ, ଲୁନ୍‌ଗି ଏନ୍‌ଗିଡି, ଲୁଥୋ ସିପାମ୍ଲା, ବେଉରାନ ହେଣ୍ଡ୍ରିକ୍ସ, ଅନରିଚ ନୋର୍ଜେ, ଜର୍ଜ ଲିଣ୍ଡେ ଓ କେଶବ ମହାରାଜ

**ମ୍ୟାଚ୍ ଆରମ୍ଭ: ୧.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ଫୋକସ୍‌ରେ ପାଣ୍ଡ୍ୟା

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆ ବିପକ୍ଷରେ କ୍ଲିନ୍ ସୁଇପ୍ କରି ନିଜର ଆତ୍ମ ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଦଳରେ କ୍ୱିଣ୍ଟନ ଡିକକ୍, ଫାଫ୍ ଡୁପ୍ଲେସି ଓ ଡେଭିଡ୍ ମିଲରଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ସାମିଲ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ବିଶ୍ରାମ ନେଇଥିବା ଫାଫ୍ ଡୁପ୍ଲେସି ଓ ରାସି ଭାନ୍ ଡେର ଡୁସେନ ଭାରତ ଗସ୍ତରେ ସାମିଲ ହୋଇଛନ୍ତି। ନେତୃତ୍ୱ ଛାଡ଼ିବା ପରେ ଡୁପ୍ଲେସି ଭଲ ଫର୍ମରେ ନ ଥିଲେ। ଫଳରେ ଏହି ସିରିଜ୍‌ରେ ସେ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିବା ହେନେରିଚ୍ କ୍ଲାସେନ ଓ କାଲେ ଭେରିନ୍ ଏହି ସିରିଜରେ ମଧ୍ୟ ଫର୍ମ ବଜାୟ ରଖିବେ ବୋଲି ଆଶା କରାଯାଉଛି। ସେହିପରି ହାର୍ମଷ୍ଟ୍ରିଙ୍ଗ୍ ଷ୍ଟ୍ରେନ୍‌ରୁ ମୁକ୍ତ ହୋଇଥିବା ଟେମ୍ବା ବଭୁମା ଦଳକୁ ଫେରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ୍ ଖେଳିଥିବା ଜାନେମାନ ମଲାନ ମଧ୍ୟ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଛନ୍ତି। ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ଦିନିକିଆ ଖେଳିବାକୁ ଯାଉଛି। ତେବେ ଭାରତ ଏଠାରେ ପୂର୍ବରୁ ୪ଟି ମ୍ୟାଚ୍ ଖେଳିସାରିଛି। ଏଠାରେ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଦ୍ୱିତୀୟରେ ବ୍ୟାଟିଂ କରିଥିବା ଦଳ ୩ଥର ବିଜୟୀ ହୋଇଛି। ଦ୍ୱିତୀୟ ଓ ତୃତୀୟ ଦିନିକିଆ ଆସନ୍ତା ୧୫, ୧୮ ତାରିଖରେ ଯଥାକ୍ରମେ ଲକ୍ଷ୍ନୌ ଓ କୋଲ୍‌କାତାରେ ଖେଳାଯିବ।

## ସୁବ୍ରତ ଓସିଏର ନୂଆ ସିଇଓ

କଟକ ଅଫିସ,୧୧।୩



ରାଜ୍ୟର ପୂର୍ବତନ କ୍ରିକେଟ ଖେଳାଳି ସୁବ୍ରତ କୁମାର ବେହେରା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ନିଯୁକ୍ତି ପାଇଛନ୍ତି। ବୁଧବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦ୍ୟୁତ କୁମାର ନାୟକ ପୂର୍ବରୁ ଏହି ପଦବୀରେ ରହିଥିଲେ।

ଗତ ନଭେମ୍ବର ୨୭ରେ ସିଇଓ ନିଯୁକ୍ତି ନେଇ ଓସିଏ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପ୍ରାଇସ୍ ୱାଟର ହାଉସ୍ ଆଣ୍ଡ କୁପର୍ସ ଦ୍ୱାରା ଆୟୋଜିତ ସିଇଓ ନିଯୁକ୍ତି ପ୍ରକ୍ରିୟାରେ ଅନେକ ଆଶାୟୀ ଆବେଦନ କରିଥିଲେ। ଗତ ଫେବୃୟାରୀ ୮ ଓ ୯ ଦୁଇ ଦିନ ଧରି ହୋଇଥିବା ଚୂଡ଼ାନ୍ତ ପର୍ଯ୍ୟାୟ ସାକ୍ଷାତକାରରେ ସୁବ୍ରତ ଉତ୍ତୀର୍ଣ୍ଣ ହୋଇଥିଲେ। ଶିକ୍ଷାଗତ ଯୋଗ୍ୟତା ଏମବିଏ ରଖିଥିବା ସୁବ୍ରତଙ୍କର କ୍ରିକେଟରେ ମଧ୍ୟ ସଫଳ କ୍ୟାରିୟର ରହିଛି। ୨୦୦୧ରେ ସେ ରାଜ୍ୟ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଫର୍ମାଟରେ ପଦାର୍ପଣ କରିଥିଲେ। ୧୨ଟି ମ୍ୟାଚ୍‌ରୁ ମୋଟ୍ ୪୭୯ରନ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୪ଟି ଅର୍ଦ୍ଧଶତକୀୟ ଇନିଂସ ଥିଲା। ସେ ୪ଟି ଲିଷ୍ଟ-ଏ ମ୍ୟାଚ୍ ଖେଳିଥିବା ବେଳେ ମୋଟ୍ ୯୮ରନ କରିଥିଲେ। ଲିଷ୍ଟ-ଏ ଫର୍ମାଟରେ ତାଙ୍କର ସର୍ବାଧିକ ସ୍କୋର ହେଉଛି ୭୧ରନ। ପୂର୍ବାଞ୍ଚଳ ଦଳ ପକ୍ଷରୁ ମଧ୍ୟ ସୁବ୍ରତ ପ୍ରତିନିଧିତ୍ୱ କରିଛନ୍ତି। ୧୦ବର୍ଷ ଧରି ସୁବ୍ରତ ରାଜ୍ୟ ଜୁନିୟର ଦଳର କୋଚ୍ ଦାୟିତ୍ୱରେ ଥିଲେ। ୨୦୧୦ରୁ ୨୦୧୮ ପର୍ଯ୍ୟନ୍ତ ସେ ପ୍ରଶିକ୍ଷକ ଦାୟିତ୍ୱ ବହନ କରିବା ପରେ ଗତ ୨ବର୍ଷ ହେବ ଜୁନିୟର ଦଳର ଚୟନକର୍ତ୍ତା କମିଟିରେ ରହିଥିଲେ। ଏବେ ରାଜ୍ୟ କ୍ରିକେଟରେ ଥିବା କେତେକ ସମସ୍ୟା ଦୂର କରିବା ଦିଗରେ କାର୍ଯ୍ୟ କରିବି ବୋଲି ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୂର୍ବରୁ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣରେ ଘରୋଇ କ୍ରିକେଟ ମ୍ୟାଚ୍ ହେଉ ନ ଥିଲା। ସମ୍ପାଦକ ସଞ୍ଜୟ ବେହେରାଙ୍କ ଭିଜନ-୨୦୨୪ ଆଧାରରେ ଏବେ ଘରୋଇ ଟୁର୍ନାମେଣ୍ଟ କରାଯାଉଛି। ବହୁଳ ଭାବେ ଘରୋଇ ଟୁର୍ନାମେଣ୍ଟ ହେଲେ ଅନେକ ପ୍ରତିଭା ସାମ୍ନାକୁ ଆସିବେ ବୋଲି କଟକ ଗତିରାଉତ ପାଟଣା ଅଞ୍ଚଳର ସୁବ୍ରତ ପ୍ରକାଶ କରିଛନ୍ତି।

## ଇଣ୍ଡିଆ ଲିଜେଣ୍ଡ୍ସକୁ ଜିତାଇଲେ ଇର୍ଫାନ୍



ଦଳକୁ ଜିତାଇବା ପରେ ଇର୍ଫାନ ପଠାନ ଖୁସି ମନାଉଛନ୍ତି

**ରୋଡ ସେଫଟି ୱାର୍ଲ୍ଡ ସିରିଜ୍**

ମୁମ୍ବାଇ,୧୧।୩

ଇର୍ଫାନ ପଠାନଙ୍କ ଅପରାଜିତ ୫୭ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ଇଣ୍ଡିଆ ଲିଜେଣ୍ଡ୍ସ ୫ ଉଇକେଟରେ ଶ୍ରୀଲଙ୍କା ଲିଜେଣ୍ଡ୍ସକୁ ହରାଇ ଦେଇଛି। ଡିୱାଇ ପାଟିଲ ସ୍ପୋର୍ଟ୍ସ ଷ୍ଟାଡିୟମରେ ଚାଲିଥିବା ରୋଡ ସେଫଟି ୱାର୍ଲ୍ଡ ସିରିଜ୍‌ରେ ସଚିନ ତେନ୍ଦୁଲକରଙ୍କ ନେତୃତ୍ୱାଧୀନ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ୧୩୯ ରନ୍ ଟାର୍ଗେଟ୍‌ର ପିଛା କରୁଥିବା ଇଣ୍ଡିଆ ଲିଜେଣ୍ଡ୍ସ ଆରମ୍ଭରୁ ସଚିନ (୦), ବୀରେନ୍ଦ୍ର ସେହ୍ୱାଗ (୩) ଓ ଯୁବରାଜ ସିଂ (୧)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଦଳ ୫ ଓଭର ସୁଦ୍ଧା ୩ ଉଇକେଟ ହରାଇ ୧୯ ରନ୍ କରିଥିଲା। ଏଭଳି ସ୍ଥିତିରେ ମହମ୍ମଦ କୈଫ ଓ ସଞ୍ଜୟ ବାଙ୍ଗର ଧିମା ଖେଳି ଚତୁର୍ଥ ଉଇକେଟ ପାଇଁ ୪୩ ରନ୍ ଯୋଡ଼ିଥିଲେ। ବାଙ୍ଗର(୧୮)ଙ୍କୁ ୧୧ତମ ଓଭରରେ ରଙ୍ଗାନ ହେରାଥ ଆଉଟ୍ କରିଥିଲେ। ଦଳକୁ ୩୪ ବଲରେ ୫୮ ରନ୍ ଦରକାର ଥିବାବେଳେ କୈଫ (୪୬) ବେପରୁଆ ଶଟ୍ ଖେଳି ଉଇକେଟ ଦାନ କରିଦେଇ ଚାଲି ଯାଇଥିଲେ। ତାଙ୍କ ଉଇକେଟ ସହ ଇଣ୍ଡିଆ ଲିଜେଣ୍ଡ୍ସ ଚାପ ବୃଦ୍ଧି ପାଇଥିଲେ। ମାତ୍ର ୧୮ ତମ ଓଭରରେ ପରଭେଜ ମହାରୁଫଙ୍କଠାରୁ ୨୬ ରନ୍ ଆଦାୟ କରି ମ୍ୟାଚ୍‌ର ମୋଡ଼ ବଦଳାଇଥିଲେ ଇର୍ଫାନ। ତାଙ୍କୁ ଉଚିତ ସହଯୋଗ କରିଥିଲେ ମନପ୍ରୀତ ଗୋନି। ଦୁହେଁ ୫୮ ରନ୍‌ର ଭାଗୀଦାରି କରି ୮ ବଲ ପୂର୍ବରୁ ଦଳକୁ ଜିତାଇ ଦେଇଥିଲେ। ଇର୍ଫାନ ୩୧ ବଲରୁ ୬ ଚୌକା ଓ ୩ ଛକା ସହାୟତାରେ ୫୭ ଓ ଗୋନି ୧୧ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୧୦ ଓଭରରେ ୩ ଉଇକେଟ ହରାଇ ୫୭ ରନ୍ କରିଥିଲା। ଅଧିନାୟକ ତିଲକରତ୍ନେ ଦିଲଶାନ (୨୩) ଷ୍ଟାର୍ଟ ପାଇଥିଲେ, ହେଲେ ବଡ଼ ସ୍କୋର କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିବାରୁ ୧୯ ଓଭର ସୁଦ୍ଧା ଶ୍ରୀଲଙ୍କା ଲିଜେଣ୍ଡ୍ସ ସ୍କୋର ଥିଲା ୧୨୩/୮। ଅନ୍ତିମ ଓଭରରେ ଶେଷ ୩ ବଲରେ ରଙ୍ଗନା ହେରାଥ କ୍ରମାଗତ ୩ ଚୌକା ମାରିଥିଲେ। ଫଳରେ ଦଳ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୩୮ ରନ୍ କରିଥିଲା। ଭାରତୀୟ ଦଳ ପାଇଁ ମୁନାଫ ପଟେଲ ୪ ଉଇକେଟ ନେଇଥିବାବେଳେ ଜାହିର ଖାଁ, ମନପ୍ରୀତ, ବାଙ୍ଗର ଓ ଇର୍ଫାନ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଲିଜେଣ୍ଡ୍ସ୨୦ ଓଭରରେ ୧୩୮/୮ (ତିଲକରତ୍ନେ ଦିଲଶାନ-୨୩, ଚମାରା କାପୁଗେଡରା-୨୩, ରମେଶ କାଲୁୱିଥରଣା-୨୧, ମୁନାଫ ପଟେଲ-୪/୧୯, ମନପ୍ରୀତ ଗୋନି-୧/୧୯)।

ଇଣ୍ଡିଆ ଲିଜେଣ୍ଡ୍ସ ୧୮.୪ ଓଭରରେ ୧୩୯/୫(ଇର୍ଫାନ ପଠାନ-୫୭*, ମହମ୍ମଦ କୈଫ-୪୬, ସଞ୍ଜୟ ବାଙ୍ଗର-୧୮, ଚାମିଣ୍ଡା ଭାସ-୨/୫, ସଚିତ୍ର ସେନାନାୟକେ-୧/୧୯)।

# ଖେପର୍ସ ଏଫ୍‌ସି ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟ ବିଜେତା

ଭୁବନେଶ୍ୱର, ୧୧।୩(ସ୍ପୋର୍ଟ୍ସ ବ୍ୟୁରୋ)

**ରେଡ୍ ବୁଲ୍ ନେମାର୍ ଜୁନିୟର୍ସ ଫାଇଭ୍ ୨୦୨୦**

କିଟ୍ ଫୁଟ୍‌ବଲ୍ ଷ୍ଟାଡିୟମ୍‌ରେ ରେଡ୍ ବୁଲ୍ ନେମାର ଜୁନିୟର୍ସ ଫାଇଭ୍ ୨୦୨୦ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ସହର ଯୋଗ୍ୟତା ପର୍ଯ୍ୟାୟରେ ୬୪ଟି ଦଳ ଅଂଶଗ୍ରହଣ କରିଥିଲେ। ଖେପର୍ସ ଏଫ୍‌ସି ଓ ନଟ୍ ୟେଟ୍ ଦଳ ମଧ୍ୟରେ ଫାଇନାଲ୍ ଅନୁଷ୍ଠିତ ହୋଇଥିଲା। ଖେପର୍ସ ଦଳ ନଟ୍ ୟେଟ୍‌କୁ ୧-୦ରେ ପରାସ୍ତ କରି ବିଜେତା ଘୋଷିତ ହୋଇଥିଲା। ଏଥିସହ ଏହି ଦଳ ଆସନ୍ତା ଏପ୍ରିଲ୍‌ରେ ହେବାକୁ ଥିବା ଜାତୀୟ ଫାଇନାଲ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଏହି ଟୁର୍ନାମେଣ୍ଟର ୱାର୍ଲ୍ଡ ଫାଇନାଲ୍ ଜୁଲାଇରେ ବ୍ରାଜିଲ୍‌ରେ ଅନୁଷ୍ଠିତ ହେବ ଏବଂ ବିଜେତାମାନେ ନେମାର ଜୁନିୟରଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇବେ।

ରେଡ୍ ବୁଲ୍ ନେମାର୍ ଜୁନିୟର୍ସ ଫାଇଭ୍ ୨୦୨୦ର ଯୋଗ୍ୟତା ପର୍ଯ୍ୟାୟ ଗତ ଫେବ୍ରୁୟାରୀ ୧୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଚାଲିଥିଲା। ୧୮ଟି ସହର ଯଥା ମୁମ୍ବାଇ, ପୁଣେ, ଅହମ୍ମଦାବାଦ, ଗୋଆ, ଇନ୍ଦୋର, ଜୟପୁର, ଚଣ୍ଡିଗଡ଼, ଲକ୍ଷ୍ନୌ, ଗୁଆହାଟୀ, କୋଲକାତା, ଆଇଜଲ, ଭୁବନେଶ୍ୱର, ବାଙ୍ଗାଲୋର, ହାଇଦ୍ରାବାଦ, ଚେନ୍ନାଇ ଓ କୋଚିରେ ସହର ଯୋଗ୍ୟତା ପର୍ଯ୍ୟାୟ ଆୟୋଜନ କରାଯାଉଛି। ଭୁବନେଶ୍ୱର ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ସେମିଫାଇନାଲରେ ଇନାକୁମାକୁ ୫-୦ରେ ହରାଇଥିଲା ଖେପର୍ସ। ସେହିପରି ଦ୍ୱିତୀୟ ସେମିରେ ଇଆଇ କ୍ଲାସିକ୍ସକୁ ୩-୦ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା ନଟ୍ ୟେଟ୍। ଫାଇନାଲରେ ବିଜେତା ଖେପର୍ସ ଟିମ୍‌ର ସଦସ୍ୟ ଥିଲେ ମୋବିନୁର ରେହମାନ୍, ଯୋଗାନ୍ କନଫେକ୍ସନର, ୱେହଜାନ ଅନସାର, ନାଥନ୍ ଆଲେକ୍‌ଜାଣ୍ଡର୍, ଡୋନାୱିନ ସାଭେଲି ଓ ଶତାବ୍ଦୁ ଦତ୍ତ।

ବିଶ୍ୱର କୋଣ ଅନୁକୋଣରେ ଥିବା ୧୬ରୁ ୨୫ ବର୍ଷ ବୟସର ଫୁଟବଲ ଖେଳାଳିମାନଙ୍କୁ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟ ନେଇ ବ୍ରାଜିଲ ଫୁଟବଲ ତାରକା ନେମାର ଜୁନିୟର୍ସ ଫାଇଭ ଏ ସାଇଡ ଫୁଟବଲ ଟୁର୍ନାମେଣ୍ଟର ପରିକଳ୍ପନା କରିଥିଲେ। ଏଥିରେ ବିନା ଗୋଲକିପରରେ ୫ ଜଣିଆ ଟିମ୍ ୧୦ ମିନିଟ୍ ଭିତରେ ନେମାରଙ୍କୁ ପ୍ରଭାବିତ କରିବା ଲାଗି ପ୍ରୟାସ କରିଥିଲେ। ଏହି ଖେଳର ସବୁଠୁ ରୋଚକ ବିଷୟ ହେଉଛି ଯେଉଁ ଟିମ ଯେତିକି ଗୋଲ କରିବ ଅପର ପକ୍ଷ ଟିମ୍‌ରୁ ସେତିକି ଖେଳାଳି ବାହାର ହେବେ। ଯେଉଁ ଟିମ୍‌ରେ ସର୍ବାଧିକ ଖେଳାଳି ରହିବେ ସେ ବିଜେତା ହେବ। ନେମାର ଜୁନିୟରଙ୍କ ଫୁଟବଲ ଜୀବନ ଗଳିକନ୍ଦି ରାସ୍ତାରୁ ଆରମ୍ଭ ହୋଇ ବଡ଼ କ୍ଲବ ଓ ବଡ଼ ଷ୍ଟାଡିୟମ ପର୍ଯ୍ୟନ୍ତ ପହଞ୍ଚିଛି। ତେଣୁ ସେ ଭାବନ୍ତି ଯେ ଫୁଟବଲ ଖେଳ ଗଳିକନ୍ଦି ରାସ୍ତାରୁ ହିଁ ବନ୍ଧୁମାନଙ୍କ ସହିତ ଆରମ୍ଭ ହୁଏ। ଅଧିକାଂଶ କିମ୍ବଦନ୍ତୀ ଖେଳାଳିଙ୍କ ଜୀବନ ସେହିଭଳି ଭାବେ ଆରମ୍ଭ ହୋଇଥିଲା ବୋଲି ନେମାର ଅନୁଭବ କରନ୍ତି।

ଗତବର୍ଷ ଜୁଲାଇରେ ରେଡବୁଲ ନେମାର ଜୁନିୟର୍ସ ଫାଇଭ୍ ୨୦୧୯ର ଭାରତୀୟ ଚାମ୍ପିୟନ ମୁମ୍ବାଇର ଜଲିନା ରେଞ୍ଜର୍ସ ବ୍ରାଜିଲରେ ଅନୁଷ୍ଠିତ ୱାର୍ଲ୍ଡ ଫାଇନାଲରେ ଅଂଶଗ୍ରହଣ କରି ମୂଲ୍ୟବାନ ଅଭିଜ୍ଞତା ହାସଲ କରିଛି। ହଙ୍ଗେରି ବିରୋଧରେ ଏହା ସ୍ମରଣୀୟ ବିଜୟ ହାସଲ କରିଥିଲା। ମାତ୍ର ଲକ୍ସେମବର୍ଗ ସହ ମ୍ୟାଚ ଡ୍ର ହେବା ଏବଂ ସ୍ପେନ ଓ ଆଙ୍ଗୋଲାଠାରୁ ହାରିଯିବା ପରେ ସେମାନଙ୍କ ଯାତ୍ରା ଶେଷ ହୋଇଥିଲା। ଗତବର୍ଷ ଏହି ଟୁର୍ନାମେଣ୍ଟରେ ସାରା ବିଶ୍ୱର ୪୦ଟି ଦେଶର ୧ ଲକ୍ଷରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ହଙ୍ଗେରି ବିଶ୍ୱ ବିଜେତା ଘୋଷିତ ହୋଇଥିଲା।



ରେଡ୍ ବୁଲ୍ ନେମାର ଜୁନିୟର୍ସ ଫାଇଭ ଭୁବନେଶ୍ୱର ପର୍ଯ୍ୟାୟ ବିଜେତା ଖେପର୍ସ ଏଫ୍‌ସି ଦଳ।

> ଆଗାମୀ ଟି୨୦ ବିଶ୍ୱକପ୍ ଜିତିବାକୁ ହେଲେ ଏବି ଡି ଭିଲର୍ସଙ୍କ ପରି ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ କରାଯିବା ଆବଶ୍ୟକ ।
> –ଜଣ୍ଟି ରୋଡ୍ସ, ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର୍



> ଯେଉଁମାନେ ଖେଳରେ ରାଜନୀତି ପୂରାଇବାକୁ ଚାହୁଁଛନ୍ତି, ସେମାନେ ମନେ ରଖିବା ଦରକାର ଯେ, ପ୍ରଦର୍ଶନ ହିଁ ବିଶ୍ୱାସ ଆଣିଥାଏ ।
> –ଏମ୍.ସି. ମେରିକମ୍, କିମ୍ବଦନ୍ତୀ ମହିଳା ବକ୍ସର



## ସଂକ୍ଷେପରେ

### ସିନ୍ଧୁଙ୍କ ବିଜୟ ଅଭିଯାନ

ବିର୍ମିଂହାମ, ୧୧।୩ (ପି.ଟି.)- ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଷ୍ଟାର୍ ଭାରତୀୟ ଖେଳାଳି ପି.ଭି. ସିନ୍ଧୁ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ରହିଥିବା ସିନ୍ଧୁ ୨୧-୧୪, ୨୧-୧୭ ସିଧାସଳଖ ଗେମ୍‌ରେ ଆମେରିକାର ବେଓ୍ୱିନ ଝାଙ୍ଗଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସିନ୍ଧୁଙ୍କୁ ୪୨ ମିନିଟ୍ ସମୟ ଲାଗିଥିଲା। ଉଭୟଙ୍କ ମଧ୍ୟରେ ଏହା ୧୦ମ ମୁକାବିଲା ରହିଥିବାବେଳେ ସେଥିରୁ ସିନ୍ଧୁ ୬-୪ରେ ଆଗୁଆ ରହିଛନ୍ତି। ସିନ୍ଧୁ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ କୋରିଆର ସୁଙ୍ଗ୍ ଜି ହ୍ୟୁନ୍‌ଙ୍କୁ ଭେଟିବେ। ତେବେ ମିକ୍ସଡ୍ ଡବଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ପ୍ରଣବ ଜେରୀ ଚୋପ୍ରା ଓ ଏନ୍. ସିକ୍କି ରେଡ୍ଡୀ ଯୋଡ଼ି ୧୩-୨୧, ୨୧-୧୧, ୧୭-୨୧ ଗେମ୍ସରେ ଟପ୍ ସିଡ୍ ଚାଇନାର ସି ଓ୍ୱି ଝେଙ୍ଗ୍ ଓ ୟା କ୍ୱିଅଙ୍ଗ୍‌ଙ୍କ ନିକଟରୁ ହାରି ଯାଇଛନ୍ତି।

### ଫର୍ମୁଲା ଓ୍ୱାନ୍ ଦଳର ୩ ସଦସ୍ୟ କରୋନା ସଂକ୍ରମିତ

ମେଲବୋର୍ନ,୧୧।୩(ଏଏଫ୍‌ପି)- ଅଷ୍ଟ୍ରେଲିଆନ ଗ୍ରାଁ ପ୍ରିରେ ଅଂଶଗ୍ରହଣକାରୀ ୩ ଫର୍ମୁଲା ଓ୍ୱାନ ଦଳର ସଦସ୍ୟ କରୋନା ଭାଇରସରେ ସଂକ୍ରମିତ ଥିବା ଆଶଙ୍କା କରାଯାଉଛି। ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଇଭେଣ୍ଟ ହେବାକୁ ଥିବାବେଳେ ଅଂଶଗ୍ରହଣକାରୀ ଦଳଗୁଡ଼ିକର ଷ୍ଟାଫ କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି କି ନାହିଁ, ଜାଣିବା ପାଇଁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇ ଜଣ ହାସ ଏଫ୍୧ ଦଳର ଓ ଜଣେ ମ୍ୟାକଲରେନ ଟିମ୍‌ର ସଦସ୍ୟ। ଦୁଇ ଜଣଙ୍କ ନିକଟରେ କରୋନା ସଂକ୍ରମଣର ଲକ୍ଷଣ ଦେଖାଦେବାରୁ ପରୀକ୍ଷା କରାଇବା ସହ ଅନ୍ୟଙ୍କଠାରୁ ଦୂରେଇ ରହିଥିଲେ ବୋଲି ହାସ ଅଫିସିଆଲ କହିଛନ୍ତି। ଆମେ ସ୍ପଷ୍ଟ କରୁଛୁ ଯେ, ଜଣେ ସଦସ୍ୟ ହୋଟେଲ ରୁମରେ ନିଜକୁ ବନ୍ଦ ରଖିଛନ୍ତି। ତାଙ୍କ ନିକଟରେ କରୋନା ଭାଇରସର ଲକ୍ଷଣ ଦେଖାଯାଇଥିଲା। ରିପୋର୍ଟର ଫଳାଫଳକୁ ଆମେ ଅପେକ୍ଷା କରିଛୁ। ଦଳର ଅନ୍ୟ ସଦସ୍ୟମାନେ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟ କରୁଛନ୍ତି ବୋଲି ମ୍ୟାକ୍‌ଲରେନ ଦଳ ପକ୍ଷରୁ କୁହାଯାଇଛି। ସେମାନଙ୍କୁ ଆଲବର୍ଟ ପାର୍କଠାରେ ଟେଷ୍ଟ କରାଯାଇଥିଲା। ଚଳିତ ସିଜନରେ ପ୍ରଥମ ରେସରେ ଡ୍ରାଇଭରମାନେ ଅଟୋଗ୍ରାଫ କିମ୍ବା ସେଲ୍‌ଫି ଦେଇପାରିବେ ନାହିଁ ବୋଲି ଆୟୋଜକ କମିଟି ମୁଖ୍ୟ କହିଛନ୍ତି।

### ଦର୍ଶକଙ୍କ ବିନା ଖେଳାଯିବ ଇଣ୍ଡିଆ ଓପନ

ନୂଆଦିଲ୍ଲୀ,୧୧।୩- ଇଣ୍ଡିଆ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। କରୋନା ଭାଇରସ ସଂକ୍ରମଣ ବୃଦ୍ଧି ପାଇଥିବାରୁ ଏହି ଇଭେଣ୍ଟ ବିନା ଦର୍ଶକରେ ଖେଳାଯିବ ବୋଲି ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ପକ୍ଷରୁ ରବିବାର କୁହାଯାଇଛି। କରୋନା ଭାଇରସ ଯୋଗୁ ଅନିଶ୍ଚିତତାରେ ଘେରି ହୋଇଯାଇଥିଲା ୪ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟ। ବାଇ ଓ ବ୍ୟାଡ୍‌ମିଣ୍ଟନ ବିଶ୍ୱ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ବୁଧବାର ଏକ ମିଳିତ ବିବୃତିରେ ଟୁର୍ନାମେଣ୍ଟ ଧାର୍ଯ୍ୟ ତାରିଖ (ଚଳିତମାସ ୨୪ରୁ ୨୯ )ରେ ଅନୁଷ୍ଠିତ ହେବ। କରୋନା ଭାଇରସରୁ ବଞ୍ଚିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ। ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମସ୍ଥିତ କେଡି ଯାଦବ ଷ୍ଟାଡିୟମରେ ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ଖେଳାଯିବ। କିନ୍ତୁ ଖେଳାଳି ଓ ଅଫିସିଆଲଙ୍କ ସୁରକ୍ଷା ଲାଗି କୌଣସି ଦର୍ଶକଙ୍କୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ।

# ମନୀଷଙ୍କୁ ଅଲିମ୍ପିକ ଯୋଗ୍ୟତା


**ଅମ୍ମାନ (ଜୋର୍ଡାନ), ୧୧।୩ (ପି.ଟି.)**



ବିଶ୍ୱ ବ୍ରୋଞ୍ଜ ପଦକ ବିଜେତା ମନୀଷ କୌଶିକ (୬୩ କିଗ୍ରା) ୯ମ ଭାରତୀୟ ବକ୍ସର ଭାବେ ଆଗାମୀ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଛନ୍ତି। ଏଠାରେ ଚାଲିଥିବା ଏସିଆନ୍ ଯୋଗ୍ୟତା ପର୍ଯ୍ୟାୟର ଏକ ରକ୍ତାକ୍ତ ମୁକାବିଲାରେ ମନୀଷ ୪–୧ରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ତଥା ୨ୟ ସିଡ୍ ଅଷ୍ଟ୍ରେଲିଆର ହାରିସନ ଗାର୍ସିଡେଙ୍କୁ ପରାସ୍ତ କରିଛନ୍ତି। ମନୀଷଙ୍କ ପଞ୍ଚ ଏତେ ଶକ୍ତିଶାଳୀ ରହିଥିବା ଯେ ହାରିସନଙ୍କ ମୁହଁ ଫାଟି ରକ୍ତ ବାହାରିଥିଲା। ଏହାସହ ବିଶ୍ୱର ଏହି ମେଗା କ୍ରୀଡ଼ା ଇଭେଣ୍ଟକୁ ସର୍ବକାଳୀନ ସର୍ବାଧିକ ୯ ବକ୍ସର ପଠାଇ ଭାରତ ରେକର୍ଡ ସୃଷ୍ଟି କରିଛି। ଏଥିପୂର୍ବରୁ କିମ୍ବଦନ୍ତୀ ଭାରତୀୟ ବକ୍ସର ଏମ୍.ସି. ମେରିକମ୍ (୫୧ କିଗ୍ରା), ସିମରନଜିତ୍ କୌର (୬୦ କିଗ୍ରା), ଲୋଭଲିନା ବୋର୍‌ଗୋହେନ (୬୯ କିଗ୍ରା), ପୂଜା ରାଣୀ (୭୫ କିଗ୍ରା), ଅମିତ୍ ପଙ୍ଘଲ (୫୨ କିଗ୍ରା), ବିକାଶ କ୍ରିଷ୍ଣନ (୬୯ କିଗ୍ରା), ଆଶିଷ କୁମାର (୭୫ କିଗ୍ରା) ଓ ସତୀଶ କୁମାର (+୯୧ କିଗ୍ରା) ଟୋକିଓ ଅଲିମ୍ପିକ୍ସକୁ ଟିକେଟ୍ ହାସଲ କରିସାରିଛନ୍ତି। ପୂର୍ବରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ସର୍ବାଧିକ ୮ଜଣ ବକ୍ସର ଦେଶ ତରଫରୁ ପ୍ରତିନିଧିତ୍ୱ କରିଥିଲେ।

# ଯୋଗ୍ୟତା ହାସଲ କଲେ ଜାଭେଲିନ ଥ୍ରୋୟର ଶିବପାଲ

**ପୋଚ୍‌ଫ୍‌ଷ୍ଟ୍ରୁମ(ଦକ୍ଷିଣ ଆଫ୍ରିକା), ୧୧।୩(ପି.ଟି.)**



ଭାରତୀୟ ଜାଭେଲିନ ଥ୍ରୋୟର ଶିବପାଲ ସିଂ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ବୁଧବାର ଚଳିତବର୍ଷ ହେବାକୁ ଥିବା ଇଭେଣ୍ଟ ଲାଗି ଧାର୍ଯ୍ୟ କ୍ୱାଲିଫାଇଙ୍ଗ ଦୂରତା (୮୫ ମିଟର) ହାସଲ କରିଛନ୍ତି। ସେ ଦେଶର ଦ୍ୱିତୀୟ ଜାଭେଲିନ ଥ୍ରୋୟର ଭାବେ ଅଲିମ୍ପିକ୍ ଖେଳିବେ। ତାଙ୍କ ପୂର୍ବରୁ ନୀରଜ ଚୋପ୍ରା ଏହି ସଫଳତା ପାଇଥିଲେ। ୨୪ ବର୍ଷୀୟ ଶିବପାଲ ଏସିଏନ୍‌ଡବ୍ଲ୍ୟୁ ପ୍ରତିଯୋଗିତାରେ ୫ମ ଉଦ୍ୟମରେ ୮୫.୪୭ ମି. ଦୂରତା ହାସଲ କରିଛନ୍ତି। ଏ ସମ୍ପର୍କରେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ଜଣେ ଭାରତୀୟ ଆକାଶଦୀପ ସିଂ ୭୫ ମି. ଦୂରତା ଜାଭେଲିନ ଫିଙ୍ଗି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଲ୍ଲେଖଥାଉ କି, ନୀରଜ ଗତ ଜାନୁୟାରୀରେ ଅନ୍ୟ ଏକ ଏସିଏନ୍‌ଡବ୍ଲ୍ୟୁ ଲିଗ୍ ଇଭେଣ୍ଟ ଅଲିମ୍ପିକ୍ ଟିକେଟ୍ ପାଇଥିଲେ। ଶିବପାଲ ଓ ନୀଜରଙ୍କ ବ୍ୟତୀତ ୨୦ କି.ମି. ଚାଲିରେ କେ. ଟି ଇର୍ଫାନ, ଅବିନାଶ ସାବଲେ (ପୁରୁଷ ୩୦୦୦ ମି. ଷ୍ଟିପଲଚେଜ) ଓ ଦେଶର ମିକ୍ସଡ୍ ୪ ଗୁଣା ୪୦୦ ମି. ରିଲେ ଦଳ ଯୋଗ୍ୟତା ହାସଲ କରିସାରିଛନ୍ତି।

# ରଣଜୀ ଫାଇନାଲ ମଝିରେ ଅମ୍ପାୟର ବଦଳିଲେ

**ରାଜକୋଟ,୧୧।୩**

ବେଙ୍ଗଲ ଓ ସୌରାଷ୍ଟ୍ର ମଧ୍ୟରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି କ୍ରିକେଟ ଫାଇନାଲ ଅବସରରେ ଅମ୍ପାୟର ପରିବର୍ତ୍ତନ ହୋଇଛନ୍ତି। ପ୍ରଥମ ଦିବସ ଖେଳ ଅବସରରେ ଫିଲ୍ଡ ଅମ୍ପାୟର ସି. ଶାମସୁଦ୍ଦିନଙ୍କ ତଳିପେଟରେ ବଲ ବାଜିଥିଲା। ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ପଡ଼ିଆ ବାହାରକୁ ନିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ଫିଲ୍ଡ ଅମ୍ପାୟର ଅନନ୍ତ ପଦ୍ମନାଭନ ଏକା ମ୍ୟାଚ୍ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସ ପ୍ରଥମ ସେସନରେ ସ୍ଥାନୀୟ ଅମ୍ପାୟର ପୀୟୁଷ ଖାକର ସ୍କୋୟାର ଲେଗ୍ ଅମ୍ପାୟର କାର୍ଯ୍ୟ ତୁଲାଇଥିଲେ। ଲଞ୍ଚ ବ୍ରେକ୍ ପରେ ପଦ୍ମନାଭନଙ୍କ ସହ ପଡ଼ିଆରେ ଯୋଗଦେଇଥିଲେ ତୃତୀୟ ଅମ୍ପାୟର ଏସ. ରବି। ଶାମସୁଦ୍ଦିନ ଟିଭି ଅମ୍ପାୟର ଦାୟିତ୍ୱ ନିର୍ବାହ କରିଥିଲେ। ତୃତୀୟ ଦିବସରେ ଶ୍ୟାମସୁଦ୍ଦିନଙ୍କ ବଦଳ ଅମ୍ପାୟର ଭାବେ ଯୋଗଦେଇଥିଲେ ଯଶଓ୍ୱନ୍ତ ବାର୍ଡେ। ଶ୍ୟାମସୁଦ୍ଦିନ ତଳିପେଟର ଡାହାଣ ପଟରେ ଅଧିକ ଯନ୍ତ୍ରଣା ଅନୁଭବ କରିବାରୁ ଚେକ୍‌ଅପ୍ ପାଇଁ ଡାକ୍ତରଖାନା ଯାଇଥିଲେ। ତାଙ୍କୁ ଏକ ସପ୍ତାହ ବିଶ୍ରାମ ଲାଗି ପରାମର୍ଶ ଦିଆଯାଇଛି ବୋଲି ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନର ଜଣେ ମୁଖପାତ୍ର ପ୍ରକାଶ କରିଛନ୍ତି।

# ସୌରାଷ୍ଟ୍ର ୪୨୫, ବେଙ୍ଗଲ ୧୩୪/୩

**ରାଜକୋଟ, ୧୧।୩**

ଏଠାରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲର ତୃତୀୟ ଦିବସ ଖେଳ ବୁଧବାର ଶେଷ ହୋଇଛି। ଅର୍ପିତ ବାସବଦାଙ୍କ ଶତକ ସହାୟତାରେ ସୌରାଷ୍ଟ୍ର ୪୨୫ ରନ କରିଥିବାବେଳେ ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ବେଳକୁ ବେଙ୍ଗଲ ୩ ଉଇକେଟ ହରାଇ ୧୩୪ ରନ କରିଛି। ୭ ଉଇକେଟ ସୁରକ୍ଷିତ ଥିବାବେଳେ ବେଙ୍ଗଲ ଆହୁରି ୨୯୧ ରନ ପଛରେ ରହିଛି।

### ଅର୍ପିତଙ୍କ ୮ମ ଶତକ

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ସୌରାଷ୍ଟ୍ର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଧୈର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ବଳରେ ବଡ଼ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ହାର୍ଭିକ ଦେଶାଇ (୩୮) ଓ ଅଭି ବାରୋଟ(୫୪) ଓପନିଂ ଯୋଡ଼ିରେ ୨୨୭ ବଲ୍‌ରୁ ୮୨ ରନ ସଂଗ୍ରହ କରିଥିଲେ। ବାସବରାଜ ଜାଡେଜା ୯୨ ବଲ୍‌ରୁ ୫୪ ରନ କରିଥିବାବେଳେ ଅର୍ପିତ ୨୮୭ ବଲ୍ ଖେଳି କ୍ୟାରିୟରର ୮ମ ପ୍ରଥମଶ୍ରେଣୀ ଶତକ(୧୦୬ ରନ) ହାସଲ କରିଥିଲେ। ମିଡଲ ଅର୍ଡରରେ ଚେତେଶ୍ୱର ପୂଜାରା ୨୩୭ ବଲ୍‌ରୁ ୬୬ ଓ ଶେଷଭାଗରେ ଧର୍ମେନ୍ଦ୍ରସିନ୍ ଜାଡେଜା ୩୩ ରନରେ ଅପରାଜିତ ରହିବାରୁ ପାଖାପାଖି ଅଢ଼େଇ ଦିନ ଖେଳି ସୌରାଷ୍ଟ୍ର ପ୍ରଥମ ଇନିଂସରେ ୪୨୫ ରନ ସ୍କୋର କରିଥିଲା। ବେଙ୍ଗଲର ଆକାଶଦୀପ ୪ଟି, ଶାହାବାଜ ଅହମ୍ମଦ ୩ଟି, ମୁକେଶ କୁମାର ୨ଟି ଓ ଈଶାନ ପୋରେଲ ଗୋଟିଏ ଉଇକେଟ ନେଇଥିଲେ। ରଣଜୀ ଟ୍ରଫି ଟାଇଟଲ ହାସଲ କରିବାକୁ ହେଲେ ବେଙ୍ଗଲକୁ ପ୍ରଥମେ ପ୍ରଥମ ଇନିଂସରେ ସୌରାଷ୍ଟ୍ରଠାରୁ ଅଧିକ ସ୍କୋର କରିବା ଆବଶ୍ୟକ ହେଉଛି। ୩୫ ରନରେ ଦୁଇ ଓପ୍‌ନରଙ୍କୁ ହରାଇ ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଲାଭ କରିଥିବାବେଳେ ସୁଦୀପ ଚାଟାର୍ଜୀ ଓ ମନୋଜ ତିଓ୍ୱାରୀ ୩ୟ ଉଇକେଟ ଯୋଡ଼ିରେ ୮୯ ରନ ଯୋଗକରି କିଛି ସମୟ ସ୍ଥିତି ସମ୍ଭାଳିଥିଲେ। ତେବେ ଦିବସର ଶେଷଭାଗରେ ମନୋଜଙ୍କ ଉଇକେଟ ହରାଇବାରୁ ବେଙ୍ଗଲ ପୁଣି ଆଶଙ୍କା ମଧ୍ୟରେ ରହିଛି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମନୋଜ ୩୫ ରନ କରିଥିବାବେଳେ ପ୍ରତିପକ୍ଷ ଚିରାଗ ଜାନିଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇ ଯାଇଥିଲେ। ତୃତୀୟ ଦିବସ ଷ୍ଟମ୍ପ ବେଳକୁ ସୁଦୀପ ୧୪୫ ବଲ୍‌ରୁ ୪୭ ଓ ଅଭିଜ୍ଞ ଋଦ୍ଧିମାନ ଶାହା ୪୩ ବଲ୍‌ରୁ ୪ ରନ କରି ଅପରାଜିତ ଅଛନ୍ତି। ସୌରାଷ୍ଟ୍ରର ଡି. ଜାଡେଜା, ପ୍ରେରକ ମଙ୍କଡ ଓ ଚିରାଗ ଜାନି ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି।



ଶତକ ହାସଲକାରୀ ଅର୍ପିତ ବାସବଦା।

**ରଣଜୀ ଟ୍ରଫି**

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ: ୪୨୫/ଅଲଆଉଟ(ଅର୍ପିତ–୧୦୬, ପୂଜାରା–୬୬, ବାରୋଟ–୫୪, ବାସବରାଜ–୫୪, ଡି. ଜାଡେଜା–୩୩*, ଆକାଶ–୪/୯୮, ଶାହବାଜ ଅହମ୍ମଦ–୩/୧୦୩, ମୁକେଶ–୨/୧୦୩, ପୋରେଲ–୧/୫୧)।

ବେଙ୍ଗଲ ପ୍ରଥମ ଇନିଂସ: ୧୩୪/୩(ସୁଦୀପ ଚାଟାର୍ଜୀ–୪୭, ମନୋଜ–୩୫, ଡି. ଜାଡେଜା–୧/୪୩, ପ୍ରେରକ–୧/୭, ଚିରାଗ–୧/୧୬)।

# ମହିଳା ଦଳ, ଜାଫରଙ୍କ ପ୍ରଶଂସାର ପାତ୍ର

**ଗୌତମ ଗମ୍ଭୀର**

ଦୀର୍ଘଦିନ ପରେ ପୁଣିଥରେ ପାଠକଙ୍କ ସହ ଏହି ଲେଖା ମାଧ୍ୟମରେ ସମ୍ପର୍କ ସ୍ଥାପନ କରୁଛି। ଭାରତୀୟ ପୁରୁଷ ଦଳ ନ୍ୟୁଜିଲାଣ୍ଡଠାରୁ ଟେଷ୍ଟ ସିରିଜ୍ ହାରିଲା। ଭାରତୀୟ ମହିଳା ଦଳ ବିଶ୍ୱକପ୍ ଟି୨୦ ଫାଇନାଲରେ ପରାସ୍ତ ହୋଇଥିଲେ ମଧ୍ୟ ଐତିହାସିକ ପ୍ରଦର୍ଶନ କରି ଟାଇଟଲ ହାସଲର ନିକଟବର୍ତ୍ତୀ ହୋଇଥିଲା। ଏବେ ଏକ ନୂଆ ଚୟନ କମିଟି ଗଠନ ହୋଇଛି। ମୋର ଘନିଷ୍ଠ ବନ୍ଧୁ ଓ୍ୱାସିମ୍ ଜାଫର କ୍ରିକେଟର ସବୁ ଫର୍ମାଟ୍‌ରୁ ଅବସର ଘୋଷଣା କରିଛନ୍ତି। ସାରା ବିଶ୍ୱ କରୋନା ଭାଇରସ୍ ସହ ସଂଘର୍ଷ କରୁଛି। ଏବେ ଭାରତ ଘରୋଇ ପରିବେଶରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଟିକିଏ ପଛକୁ ହଟି କ୍ରିକେଟର ଏକ ବୃହତ୍ତର ଚିତ୍ର ଦେଖିବାକୁ ପ୍ରୟାସ କରିବି।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାରତ ୦–୨ରେ ପରାସ୍ତ ହେବା ପରେ ବିରାଟ କୋହଲି ଓ ଭାରତ ଦଳକୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହା ମୋତେ ନିରାଶ କରିଛି। ପରାଜୟ ପରେ ଏବେସବୁ କଥାକୁ ନେଇ ପ୍ରଶ୍ନ କରାଯାଉଛି। ଚୟନ ପ୍ରକ୍ରିୟା, ଡ୍ରେସିଂରୁମ୍ ପରିବେଶ, ଯଶପ୍ରୀତ ବୁମ୍‌ରାଙ୍କ ବୋଲିଂ ଓ ଏପରି କି କୋହଲିଙ୍କ ଆଇ– ସାଇଟ୍‌କୁ ନେଇ ସମାଲୋଚକମାନେ ପ୍ରଶ୍ନ ପଚାରିଛନ୍ତି। ପ୍ରଥମଥର ପାଇଁ ପୃଥ୍ୱୀ ଶ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଥିଲେ। ମୟଙ୍କ ଅଗ୍ରଓ୍ୱାଲ ମଧ୍ୟ ସେତେଟା ଅଭିଜ୍ଞ ହୋଇନାହାନ୍ତି। ରୋହିତ୍ ଶର୍ମା ଓ ଶିଖର ଧାଓ୍ୱନଙ୍କ ଅନୁପସ୍ଥିତିରେ ବିରାଟ କୋହଲି, ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେଙ୍କ ଉପରେ ଦଳ ଅଧିକ ନିର୍ଭର କରିଥିଲା। ଶେଷରେ ଏହି ୩ ଖେଳାଳି ମଧ୍ୟ ପରିବେଶ ସହିତ ଖାପ ଖୁଆଇ ପାରି ନ ଥିଲେ ଓ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ।

ବୋଲିଂରେ ଭାରତ ଅବଶ୍ୟ ଭଲ ପ୍ରଦର୍ଶନ କରିଥିଲା। ଈଶାନ୍ତ ଶର୍ମା ସଫଳ ପ୍ରତ୍ୟାବର୍ତ୍ତନ କରିବା ପରେ ପୁଣି ଆହତ ହୋଇଥିଲେ। ଭାରତ ୪ ବୋଲରଙ୍କୁ ନେଇ ଖେଳିବା ମୋତେ ନିରାଶ କରିଥିଲା। ଭାରତ ୫ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବା କଥା ପୂର୍ବରୁ ଅନେକଥର କହିଛି। ଏହାବାଦ୍ ଲୋକେଶ ରାହୁଲଙ୍କୁ ଦଳରେ ସାମିଲ କରିବାର ଆବଶ୍ୟକତା ଥିଲା। ଏହି ଦୁଇଟି ତ୍ରୁଟିକୁ ବାଦ୍ ଦେଲେ ବାକିସବୁ ନିଷ୍ପତ୍ତି ଠିକ୍‌ଠାକ୍ ଥିଲା। ଏବେ ଆମ ଦଳ ଅଧିକ ଅନୁକୂଳ ପରିବେଶରେ ଥିବା ପରି ମନେହେଉଛି। ଗୁରୁବାର ଖେଳାଯିବାକୁ ଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବର୍ଷା ସମ୍ଭାବନା ରହିଛି। ଯଦି ମ୍ୟାଚ୍ ଖେଳାଯାଏ ତା'ହେଲେ ଭାରତ ଫାଇଦାରେ ରହିବ। ଧାଓ୍ୱନଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଡ୍ରେସିଂରୁମ୍‌ରେ ଆତ୍ମବିଶ୍ୱାସ ବଢ଼ାଇବ। ଫର୍ମାଟ୍ ଓ ପରିବେଶ ପୃଥ୍ୱୀ ଶ'ଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ସେ ଏକ ଭିନ୍ନଧରଣର ବ୍ୟାଟ୍ସମ୍ୟାନ ରୂପେ ଦୃଶ୍ୟମାନ ହେବେ। ପୃଥ୍ୱୀ ଶର୍ଟ ବଲ୍‌କୁ ସାମ୍ନା କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଦିନିକିଆରେ ସେ ଏହି ସମସ୍ୟାରେ ପଡିବେ ନାହିଁ ବୋଲି ଭାବୁଛି। ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରୁଛି। ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ଦେଖିବାକୁ ଅନାଇ ବସିଛି। ଜଣେ ଫାଷ୍ଟ ବୋଲିଂ ଅଲ୍‌ରାଉଣ୍ଡର ସବୁବେଳେ ଦଳ ପାଇଁ ସବୁ ଫର୍ମାଟ୍‌ରେ ଅତ୍ୟନ୍ତ ଉପଯୋଗୀ ହୋଇଥାନ୍ତି। ଯଦି ପାଣ୍ଡ୍ୟା ଧୂଆଁଧାର ବ୍ୟାଟିଂ କରନ୍ତି ତା'ହେଲେ କୋହଲି ନିଶ୍ଚିତ ଭାବେ ଖୁସି ହେବେ। ଏକ ନୂଆ ରୂପରେ ଭାରତ ଦିନିକିଆ ସିରିଜରେ ଅବତୀର୍ଣ୍ଣ ହେବ।

ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଉଛି। ସାରା ଦେଶକୁ ଏହି ଦଳ ବେଶ୍ ଖୁସି ଦେବାରେ ସମର୍ଥ ହୋଇଛନ୍ତି। ଟି୨୦ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଥିଲେ ମଧ୍ୟ ମହିଳା ଦଳ ହୃଦୟ ଜିତିବାରେ ସମର୍ଥ ହୋଇଛି। ଟିଭିରେ ବହୁସଂଖ୍ୟାରେ ଦର୍ଶକ ମହିଳା ଦଳ ମ୍ୟାଚ୍ ଦେଖି ବେଶ୍ ଆନନ୍ଦିତ ହୋଇଛନ୍ତି। ବ୍ୟବସାୟୀ ଓ ବ୍ରଡ୍‌କାଷ୍ଟରଙ୍କ ପାଇଁ ମହିଳା ଦଳ ବେଶ୍ ଲାଭଦାୟୀ ସାବ୍ୟସ୍ତ ହୋଇଛି। ଏଥିସହିତ ଜାଫରଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇବାକୁ ଚାହିଁବି। କ୍ରିକେଟ୍‌ର ସେ ଜଣେ ବଡ଼ ଆମ୍ବାସାଡର। ତାଙ୍କ ଅଭିଜ୍ଞତା ଓ ପ୍ରତିଭା ପ୍ରକୃତରେ ପ୍ରଶଂସନୀୟ। ମହିଳା ଦଳ ଓ ଜାଫର ବାସ୍ତବରେ ପ୍ରଶଂସାର ପାତ୍ର।

(ଗେମ୍ ପ୍ଲାନ୍/ ଦୀନେଶ ଚୋପ୍ରା ମିଡିଆ)

#WhatDrivesYou
EXIDE

# ୨୦୨୧ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ରହିବ ୩ ରିଜର୍ଭ ଡେ

**ଅକ୍‌ଲାଣ୍ଡ,୧୧।୩**

ନ୍ୟୁଜିଲାଣ୍ଡରେ ହେବାକୁ ଥିବା ୨୦୨୧ ଆଇସିସି ମହିଳା ଦିନିକିଆ ବିଶ୍ୱକପର କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଏହି ଇଭେଣ୍ଟର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ୩ ରିଜର୍ଭ ଡେ' ରଖାଯାଇଛି। ନିକଟରେ ଶେଷ ହୋଇଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ରିଜର୍ଭ ଡେ ନ ଥିବାରୁ ଭାରତ ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା। ଏଥିଯୋଗୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ନ୍ୟୁଜିଲାଣ୍ଡର ୬ଟି ଭେନ୍ୟୁରେ ମୋଟ ୩୧ ମ୍ୟାଚ୍ ଖେଳାଯିବ। ଭେନ୍ୟୁଗୁଡ଼ିକ ହେଲା ଅକ୍‌ଲାଣ୍ଡ, ହାମିଲଟନ, ଟୌରାଙ୍ଗ, ଓ୍ୱେଲିଂଟନ, ଖ୍ରିଷ୍ଟଚର୍ଚ୍ଚ ଓ ଡୁନେଡିନ। ଦୁଇଟି ସେମିଫାଇନାଲ ମ୍ୟାଚ୍ ଟୌରାଙ୍ଗ ଓ ହାମିଲଟନଠାରେ ମାର୍ଚ୍ଚ ୩ ଓ ୪ ତାରିଖରେ ଖେଳାଯିବ। ଫାଇନାଲ ମ୍ୟାଚ୍ ହେଗ୍‌ଲେ ଓଭାଲରେ ୭ ତାରିଖରେ ଅନୁଷ୍ଠିତ ହେବ। ଆୟୋଜକ ନ୍ୟୁଜିଲାଣ୍ଡ ଫେବୃୟାରୀ ୬ରେ ଏକ କ୍ୱାଲିଫାୟର୍ସ ଦଳ ସହ ଖେଳି ଅଭିଯାନ ଆରମ୍ଭ କରିବ। ୨୦୨୧ ବିଶ୍ୱକପ୍ ଲାଗି କେବଳ ୪ ଦଳ ଅଷ୍ଟ୍ରେଲିଆ, ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ଆୟୋଜକ ନ୍ୟୁଜିଲାଣ୍ଡର ସ୍ଥାନ ସ୍ପଷ୍ଟ ହୋଇଛି। ଅନ୍ୟ ଦଳଗୁଡ଼ିକ ମହିଳା ଚାମ୍ପିୟନଶିପ୍ ଓ ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହେବେ।

## ମନେ ପଡ଼ନ୍ତି

**୫ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ(ରୋଜି)
ପିତା: ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ–୨୯୦୧, ଶୁଭମ୍, (ନାଗେଶ୍ୱର ଟାଙ୍ଗି), ଭୁବନେଶ୍ୱର
ତିରୋଧାନ: ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ (ତା.୧୦।୦୩।୨୦୧୫)
ମାଟିଦେହ ସିନା ଶ୍ମଶାନ ଗ୍ରାସିଛି ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ-ଭଉଣୀ ଜ୍ୱାଇଁ, ଭାଇ-ଭାଉଜ, ଝିଆରୀ-ପୁତୁରା ଓ ବନ୍ଧୁବର୍ଗ।
ଧ–୬୭୨୯୬

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




ସ୍ୱ.ରବୀନ୍ଦ୍ର ପ୍ରସାଦ ପଣ୍ଡା
ସତ୍ୟଭାମାପୁର, କଟକ
ଶ୍ରଦ୍ଧାଞ୍ଜଳି ସହ ପତ୍ନୀ-ଗୌରୀବାଳା
ଆବିର୍ଭାବ : ୦୨-୦୬-୧୯୪୦
ତିରୋଧାନ : ୨୪-୦୩-୨୦୧୯
ବାପା, ତୁମେ ଆମମାନଙ୍କୁ ଏତେ ଶୀଘ୍ର ଛାଡି ଚାଲିଯିବ ବୋଲି ଆମେ କେବେ କଳ୍ପନା କରିନଥିଲୁ। ତୁମ ଅବର୍ତ୍ତମାନରେ ଆମେ ସଂପୂର୍ଣ୍ଣ ଅସହାୟ ହୋଇଯାଇଛୁ । ଆମେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଛୁ, ସେ ତୁମ ଅମର ଆତ୍ମାକୁ ଶାନ୍ତି ଓ ମୁକ୍ତି ଦିଅନ୍ତୁ।
ଶୋକସନ୍ତପ୍ତ
ପୁଅ-ବୋହୂ: ଦୀପୁ ଓ ଦୀପା, ଝିଅ-ଜ୍ୱାଇଁ: ସଂଜୁ-ସଂଜିତ୍, ବିଜି-ଜଗନ୍ନାଥ, ନିନା-ସନ୍ତୋଷ, ଇତିନା-ଜିତୁ ଏବଂ ନାତିମାନେ: ବବ୍‌ଲୁ, ତୁତୁଲ, ସିପୁଲ, ଅତୁଲ, ଅର୍କ, ଋଷି ଓ ଈଶାନ
ଧ–୧୭୨୧୦୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ.ମୁକ୍ତି ପରିଡ଼ା
ଭୁବନେଶ୍ୱର
ଆବିର୍ଭାବ : ୧୪.୦୮.୧୯୪୮
ତିରୋଧାନ : ୦୨.୦୩.୨୦୨୦
ତୁମର ଅମର ଆତ୍ମର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:
ପୁତ୍ର : ସମ୍ବିତ୍-ଶକ୍ତି,
ପୁତ୍ରବଧୂ: ରଶ୍ମି-ରେଶ୍ମୀ
ଝିଅ: ସମିତା, ଜ୍ୱାଇଁ: ମନୋରଞ୍ଜନ,
ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ–୬୮୬୭୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱ ପ୍ରଫୁଲ୍ଲ କୁମାର ପାତ୍ର
ଚଢିଆପଲ୍ଲୀ (ଆସିକା) ଗଞ୍ଜାମ
ଆବିର୍ଭାବ : ୯.୩.୧୯୬୦
ତିରୋଧାନ : ୨୩.୩.୨୦୧୯
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ ।
– ହତଭାଗା
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ–୧୭୨୧୦୫

**ଶ୍ରଦ୍ଧାଞ୍ଜଳି**



ମୋର ପୂଜ୍ୟା ମାତା ଶ୍ରୀମତୀ ତିଳୋତ୍ତମା ନନ୍ଦ ଗତ. ୦୯।୦୩।୨୦୨୦ରେ ଆମ ସମସ୍ତ ପରିବାରବର୍ଗଙ୍କୁ ଦୁଃଖ ସାଗରରେ ଭସାଇ ଇହଲୀଳା ସମ୍ବରଣ କରିଛନ୍ତି। ପରିବାରବର୍ଗ ମାତାଙ୍କର ସଦ୍‌ଗତି ଓ ଆତ୍ମାଶାନ୍ତି ପାଇଁ ଭଗବାନଙ୍କୁ ଆମେ ପ୍ରାର୍ଥନା କରୁଛୁ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ଓଁ ଶାନ୍ତି------
ପୁଅ- ଶ୍ରୀ ସୁଦୀପ ନନ୍ଦ, ବୋହୂ- ସଂଯୁକ୍ତା ନନ୍ଦ ଓ ପରିବାରବର୍ଗ।
ଧ–୧୭୨୧୦୬

# ନାଳରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବରୀ,୧୧।୩(ସ୍ୱପ୍ର)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ସାହୁପଡା ପଞ୍ଚାୟତ ମାଟିଆପଡା ଗ୍ରାମ ନିକଟସ୍ଥ ଏକ ନାଳରୁ ବୁଧବାର ଜଣେ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ଉକ୍ତ ଗ୍ରାମର ମାଧବ ମଲ୍ଲିକଙ୍କ ସ୍ତ୍ରୀ ତପସ୍ୱିନୀ (୩୫) ବୋଲି ଜଣାଯାଇଛି। ସେ ଗତ ୭ ତାରିଖରୁ ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପରିବାର ଲୋକେ ଓ ଗ୍ରାମବାସୀ ଖୋଜାଖୋଜି ପରେ ନାଳରେ ମୃତଦେହ ଭାସୁଥିବା ବୁଧବାର ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରି ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪/୨୦) ରୁଜୁ କରି ତଦନ୍ତ ଜାରି ରଖିଛି ।

# ପ୍ରଧାନମନ୍ତ୍ରୀ ଆବାସରେ ଚାଲୁଛି ବିଦ୍ୟାଳୟ

**ବିଞ୍ଝାରପୁର,୧୧।୩(ଡି.ଏନ୍.ଏ.)**

ରାଜ୍ୟ ସରକାର ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ ବରାଦ କରୁଛନ୍ତି। ହେଲେ ଏହାର ସୁଫଳ ମିଳୁ ନାହିଁ। ଯାହାର ଫଳସ୍ୱରୂପ ବିଞ୍ଝାରପୁର ବ୍ଲକରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଏକ ପ୍ରକାର ଭୁଷୁଡି ଯାଇଛି। ଏଠାରେ ସରକାରୀ ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାବେଳେ ଏକ ଅର୍ଦ୍ଧନିର୍ମିତ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଚାଲୁଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ ଅଧୀନ ମାଁସଡା ପଞ୍ଚାୟତର ଭଣ୍ଡିଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବିପର୍ଯ୍ୟସ୍ତ ଅବସ୍ଥାକୁ ଦେଖିଲେ ବିଞ୍ଝାରପୁର ଶିକ୍ଷା ମଣ୍ଡଳରେ କେମିତି ଶିକ୍ଷା ବ୍ୟବସ୍ଥା ଚାଲିଛି ତାହା ସହଜରେ ଅନୁମେୟ ହୋଇଯାଉଛି। ଭଣ୍ଡିଆସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ୨୦୦୧-୨୦୦୨ରେ ସ୍ଥାପିତ ହୋଇଥିବାବେଳେ



ପ୍ରଧାନମନ୍ତ୍ରୀ ଆବାସ ଗୃହରେ ପିଲାମାନଙ୍କୁ ପାଠ ପଢାଯାଉଛି ।

ବର୍ତ୍ତମାନସୁଦ୍ଧା ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ଏହି ବିଦ୍ୟାଳୟରେ ବିଭିନ୍ନ ଶ୍ରେଣୀରେ ୫୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ଗ୍ରାମର ଜୈନିକ ବ୍ୟକ୍ତିଙ୍କ ଅର୍ଦ୍ଧ ନିର୍ମିତ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ପାଠପଢ଼ା ଯାଉଛି। ଏହି ଘଟଣାକୁ ନେଇ ଏହି ବିଦ୍ୟାଳୟର ପ୍ରଧାନ

## ବିଚିତ୍ର ଶିକ୍ଷା ନୀତି

ଶିକ୍ଷକ ଦେବେନ୍ଦ୍ର କୁମାର ମହାନ୍ତିଙ୍କୁ ପଚାରିବାରେର ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ଗ୍ରାମବାସୀଙ୍କ ଅସହଯୋଗରୁ ଏହିଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବ୍ଲକ ଶିକ୍ଷାଧିକାରିଣୀ ରେଣୁବାଳା ଦେଇଙ୍କ କହିବା ହେଲା ବିଦ୍ୟାଳୟ ପାଇଁ ସରକାର ଅର୍ଥ ମଞ୍ଜୁର କରୁଥିବାବେଳେ ବିଦ୍ୟାଳୟ ପାଇଁ କୌଣସି ସରକାରୀ ଜମି ନ ଥିବାରୁ ବିଦ୍ୟାଳୟର ଗୃହ ନିର୍ମାଣ ହୋଇ ପାରୁନି। ତେବେ ଖୁବ୍ ଶୀଘ୍ର ଏହି ବିଦ୍ୟାଳୟଳର ନିଜସ୍ୱ ଗୃହ ନିର୍ମାଣ ହେବ ବୋଲି ବ୍ଲକ ଶିକ୍ଷାଧିକାରିଣୀ ରେଣୁବାଳା ସୂଚନା ଦଇେଛନ୍ତି।

# ଅଙ୍ଗାଳୋକୁ ହରାଇ ମଇଁଦା ଚାମ୍ପିୟନ

**ବିଞ୍ଝାରପୁର,୧୧।୩(ଡି.ଏନ୍.ଏ.)**

## ଉଦୟଭାନୁ କ୍ରିକେଟ ଟୁର୍ନାମେଣ୍ଟ

ବିଞ୍ଝାରପୁର ବ୍ଲକର ଖେଳପଡିଆ ମଇଁଦାଠାରେ ଉଦୟଭାନୁ କ୍ଲବ ଆନୁକୁଲ୍ୟରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହେଇଛି। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ମଇଁଦା କ୍ଲବ ସହିତ କ୍ରିକେଟ ଏକାଡେମୀ ଅଙ୍ଗାଳୋ ମଧ୍ୟରେ ହୋଇଥିଲା। ଏଥିରେ ମଇଁଦା କ୍ରିକେଟ କ୍ଲବ ଅଙ୍ଗାଳୋକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ରବୀନ୍ଦ୍ର କୁମାର ପରିଡ଼ା ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ମନୋରଞ୍ଜନ ଧଳ, ଯୁବନେତା ରୋମିଓ ରୂପନ ରାଉତ ଓ ଗୋବିନ୍ଦ ଜେନା ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ଜ୍ୟୋତି ରଞ୍ଜନ ସାମଲ ଓ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ରୋହନ ସାମଲଙ୍କୁ ମୁଖ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଚନ୍ଦ୍ରଶେଖର ପରିଡା ଓ ଶ୍ରୀଧର ମଲ୍ଲିକ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଟ୍ରଫି ପ୍ରଦାନ କରୁଛନ୍ତି ।

# ରାଜ୍ୟସ୍ତରୀୟ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ

## ୟୁନାଇଟେଡ କ୍ଲବ କଟକ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳି।

**ଧର୍ମଶାଳା,୧୧।୩(ଡି.ଏନ୍.ଏ.)**

ଧର୍ମଶାଳା ସ୍ପୋର୍ଟ୍ସ ଏକାଡେମି ଆନୁକୁଲ୍ୟରେ ବାଣୀପୀଠ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଷଷ୍ଠ ବାର୍ଷିକ ଧର୍ମଶାଳା କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚରେ ୟୁନାଇଟେଡ କ୍ଲବ କଟକ ୧/୦ ଗୋଲରେ ଜୟଦୁର୍ଗା କ୍ଲବ ଖୋର୍ଦ୍ଧାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମ୍ୟାଚକୁ ଇଲିୟାସ କାଦିର ପରିଚାଳନା କରିଥିବା ବେଳେ ଅଭୟ ଦାସ ଓ ସୁମନ ଦାସ ଲାଇନମ୍ୟାନ ଭାବେ ସହାୟତା କରିଥିଲେ। ବିଜୟୀ ଖୋର୍ଦ୍ଧା ଟିମର କ୍ରିଷ୍ଟା ସୋରେନଙ୍କୁ ମ୍ୟାନ ଅଫଦି ମ୍ୟାଚ ଘୋଷଣ କରାଯାଇ ପୁରସ୍କୃତ କରାଯାଇଥିଲା। ଖେଳର ପ୍ରାରମ୍ଭରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। କମିଟିର ସଭାପତି ଆଲୋକ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ଖାର୍ଦ୍ଧା ଟିମ୍‌କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।

# ୧୮ରେ ଖୋଲିବ ଜଉମୁଦ ଲଫାପା

## ରାଉତରାପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ମାମଲା

**ରସୁଲପୁର,୧୧।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ସରପଞ୍ଚଙ୍କ ରେଣୁ ସେଠୀଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବର ଫଳ ଆସନ୍ତା୧୮ରେ ପ୍ରକାଶ ପାଇବ ବୋଲି ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଆସିଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏହି ଫଳ ପ୍ରକାଶ ପାଇବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ. ୩୨୬/ତା-୬।୩।୨୦ରୁ ସୂଚନା ମିଳିଛି।

ପ୍ରକାଶଥାଉ କି, ୨୦୧୯ ଅକ୍ଟୋବର ୩୦ରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟଗ୍ରହଣ ହୋଇଥିଲା। ଉକ୍ତ ଭୋଟର ଫଳାଫଳ ଘୋଷଣା ଉପରେ ମାନ୍ୟବର ଉଚ୍ଚନ୍ୟାୟାଳୟ ପକ୍ଷରୁ ରହିତାଦେଶ ଲାଗୁ କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ଭୋଟଗ୍ରହଣରେ ବ୍ୟବହୃତ ବାଲାଟକୁ ଏକ ଜଉମୁଦ ଲଫାଫାରେ ବନ୍ଦକରି ରଖି ଦେଇଥିଲେ। ତେଣୁ ଫଳାଫଳ ଘୋଷଣା ହୋଇପାରି ନଥିଲା। ଏହାକୁ ନେଇ ପ୍ରତିପକ୍ଷଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଥିଲା। ସେମାନଙ୍କ ପକ୍ଷରୁ ହାଇକୋର୍ଟରେ ରୁଜୁ ହୋଇଥିବା କେସ୍ ନଂ-୨୦୧୫୧/୨୦୧୯ରେ ପକ୍ଷ ରଖାଯାଇଥିଲା। ଏହି ମାମାଲରେ ମାନ୍ୟବର ବିଚାରପତି ପ୍ରତିପକ୍ଷଙ୍କ ଯୁକ୍ତିକୁ ଶୁଣିବା ସହ ଫେବୃୟାରୀ ୨୫ତାରିଖରେ ମାନ୍ୟବର ନ୍ୟାୟାଳୟ ରହିତାଦେଶ ଉଠାଇଦେଇ ଥିଲେ। କୋର୍ଟଙ୍କ ଉକ୍ତ ନିର୍ଦ୍ଦେଶନାମା ଆଧାରରେ ପ୍ରତିପକ୍ଷ ନାଏବ ସରପଞ୍ଚ କୈଳାସ ଚନ୍ଦ୍ର ସାହୁ ଓ ତାଙ୍କ ସମର୍ଥକ ଏ ନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏଭଳି ଏକ ନିର୍ଦ୍ଦେଶ ଆସିଛି। ଏ ସମ୍ପର୍କରେ ଜଣାପଡ଼ିବାପରେ ବିରୋଧୀ ଓ ସରପଞ୍ଚ ଗୋଷ୍ଠୀ ମଧ୍ୟରେ ବ୍ୟଗ୍ରତା ବଢ଼ିଯାଇଛି। ତେବେ ଫଳାଫଳ ବିରୋଧୀଙ୍କ ସପକ୍ଷରେ ଯିବ ବୋଲି ବିରୋଧୀମାନେ ଆଶାବାଦୀ ରହିଛନ୍ତି।

# ବିଧବା, ବୃଦ୍ଧା, ବୃଦ୍ଧଙ୍କୁ ଭତ୍ତା ମିଳିବାକୁ ପ୍ରତିଶ୍ରୁତି ମିଳିଲା

**ରସୁଲପୁର,୧୧।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତରେ ବୁଧବାର ଜିଲା ପ୍ରଶାସନ ପହଞ୍ଚିଛି। ଏହି ପଞ୍ଚାୟତର କିଆବାରୀ ସାହି ୱାର୍ଡ ନଂ-୯ରେ ୫୦ରୁ ଯୋଗ୍ୟ

## କିଆବାରିସାହିରେ ପହଞ୍ଚିଲା ଜିଲା ପ୍ରଶାସନ

ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏସମ୍ପର୍କରେ ଅବଗତ ହେବାପରେ ଯାଜପୁର ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ଉକ୍ତ ୱାର୍ଡରେ ପହଞ୍ଚି ଅଭିଯୋଗର ସତ୍ୟାସତ୍ୟ ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ। ଏହି ୱାର୍ଡରୁ ବହୁ ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ତେବେ ଏହି ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମରେ ଭତ୍ତା ମିଳିବ। ଭତ୍ତା ପାଇଁ କୌଣସି ଟାର୍ଗେଟ ନ ଥିବାରୁ ମୃତ୍ୟୁକାଳୀନ ଭତ୍ତା ସ୍ଥାନ ଖାଲି ହେଲେ ଏହି ପଞ୍ଚାୟତର ହିତାଧିକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ମିଳିବ ବୋଲି ରଥ ସୂଚନା ଦେଇଛନ୍ତି।



ହିତାଧିକାରୀଙ୍କ ଗହଣରେ ତଦନ୍ତ କରିବାକୁ ଯାଇଥିବା ଜିଲାସାମାଜିକ ସୁରକ୍ଷା ଅଧିକାରୀ ।

ଏହି ୱାର୍ଡର ଲୋକେ ପ୍ରଥମଥର ପାଇଁ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନିକଟରେ ପାଇ ଖୁସି ହୋଇଯାଇଥିଲେ। ଅଧିକାରୀଙ୍କୁ ମନଖୋଲି ସେମାନଙ୍କ ଦୁଃଖ ଜଣାଇଥିଲେ। ଅନେକଥର ଭତ୍ତା ପାଇଁ ଆବେଦନ କରି କିଭଳି ସେଥିରୁ ବଞ୍ଚିତ ହୋଇଛନ୍ତି । ଏପରି କି ଗାଁର କୁଜିନେତାମାନେ ସେମାନଙ୍କୁ ଭତ୍ତା କରାଇଦେବାକୁ କହି ଟଙ୍କା ଲାଞ୍ଚ ନେଇଥିବା ସତ୍ତ୍ୱେ ସେମାନଙ୍କୁ ନ୍ୟାୟ ମିଳିନାହିଁ ବୋଲି କହିଥିଲେ। ଲୋକଙ୍କ ସମସ୍ୟା ଶୁଣି ଅଧିକାରୀ ରଥ ଆଶ୍ଚର୍ଯ୍ୟପ୍ରକଟ କରିବା ସହ ଏନେଇ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ଯୋଗାଯୋଗ କରି ହିତାଧିକାରୀଙ୍କ ଅଭିଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ଏହି ପଞ୍ଚାୟତରୁ ଆସିଥିବା ଭତ୍ତା ଫର୍ମକୁ ଯାଞ୍ଚ କରିବା ସହ ବିଭିନ୍ନ ସ୍କିମ୍‌ରେ ଖାଲି ହେଉଥିବା ଭତ୍ତା ସ୍ଥାନରେ ଏହି ପଞ୍ଚାୟତର ବୟସାନୁଯାୟୀ ହିତାଧିକାରୀଙ୍କୁ ସୁଯୋଗ ଦେବାକୁ ପରାମର୍ଶ ଦେଇଥିଲେ। ସାମାଜିକ କର୍ମୀ ମଣ୍ଟୁ ଦାସ ଘଟଣା ସ୍ଥଳରେ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳର ଗରୀବ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ହିତାଧିକାରୀ ଗଗନ ମଲିକ, ମୁକୁନ୍ଦ ମଲିକ, କୈଳାସ ମଲିକ, ଜୀରା ମଲ୍ଲିକ, ରାହାସ ମଲ୍ଲିକ, ପାକେଇ ମଲ୍ଲିକ, ରଙ୍ଗ ମଲିକ, ଶିବ ମଲିକ ପ୍ରମୁଖ ଜିଲା ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଦୋଳ ଉପଲକ୍ଷେ କପିଳେଶ୍ୱର ଦେବଙ୍କ ଗ୍ରାମ ପରିକ୍ରମା

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ କୁଆହରା ଗ୍ରାମର କପିଳେଶ୍ୱର ଦେବଙ୍କ ପାରମ୍ପରିକ ଦୋଳ ପର୍ବ ୨ଦିନ ବ୍ୟାପୀ ପାଳିତ ହୋଇଯାଇଛି। ସୋମବାର ପୂର୍ଣ୍ଣିମୀରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ଛତ୍ରୀ, ମହୁରୀ, ଘଣ୍ଟ, ଖୋଳତାଳ ସହ କୁଆହରା, ମହୁଲପଡା, ଗୋପାଳପୁର, କଞ୍ଚନଡ଼ିପି ଓ ଦରଦା ଗ୍ରାମ ପରିକ୍ରମା କରାଯାଇଥିଲା । ବିଜେ ସମୟରେ ଗ୍ରାମବାସୀ ଦାଣ୍ଡ ଦୁଆରେ ଠାକୁରଙ୍କୁ ଚଣା, ଖଜା, ଆମ୍ବ, ମୁଆଁ, ଫଳ ଆଦି ଭୋଗ ଲଗାଇ ଚାଚେରୀ ଖୁଆଇଥିଲେ । ପରେ ଠାକୁରଙ୍କ ତରଫରୁ ଫଗୁ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରାମସ୍ଥ ନମୋଃ ଭଗବତେ ବାସୁଦେବ ଜୀଉଙ୍କୁ ଗ୍ରାମରେ ବିଜେ କରାଯାଇ ନଦୀଆ ସଂକୀର୍ତ୍ତନ କରାଯାଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳର ମହିଳାପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଚରିତ ବର୍ଣ୍ଣନା କରିଥିଲେ।

### ଶ୍ରୀ ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.):** ଖଣ୍ଡପଡା ସହରର ୧ନଂ ୱାର୍ଡସ୍ଥିତ ପଶ୍ଚିମ ମୁଖୀ ମହାବୀର ପୀଠରେ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ସୋମବାର ଉଦ୍‌ଯାପିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଧିବାସ, ଘଟସ୍ଥାପନ ସହ ସୂର୍ଯ୍ୟପୂଜା, ଗୋ ପୂଜା ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବ୍ୟାସ ଭାବେ ଢେଙ୍କାନାଳ କପିଳାସ ପୀଠର ସନ୍ଥ ସୂର୍ଯ୍ୟ ନାରାୟଣ ଦାସଜୀ ମହାରାଜ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ କିଶୋର ଚନ୍ଦ୍ର ଦାସ ଓ ସତ୍ୟଭାମା ଦାସ ଦାୟିତ୍ୱ ତୁଲାଇଥିଲେ। ବିଭିନ୍ନ ସନ୍ଧ୍ୟାରେ ଢେଙ୍କାନାଳ ଅଞ୍ଚଳରୁ ଆସିଥିବା ପଣ୍ଡିତ ସାରଙ୍ଗଧର ଦାସ, ନରସିଂହପୁର ଅଞ୍ଚଳର ପଣ୍ଡିତ ନିରଞ୍ଜନ ଶାସନୀ, ଖଣ୍ଡପଡାର ପଣ୍ଡିତ ମନୋଜ କୁମାର ଦାଶ ପ୍ରମୁଖ ପ୍ରବକ୍ତା ଭାବେ ଯୋଗଦେଇ ପ୍ରବଚନ ଦେଇଥିଲେ। ସୋମବାର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟହ ପ୍ରବଚନ ଶୁଣିବା ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଦୋଳମଣ୍ଡପରେ ରଙ୍ଗ ଖେଳିଲେ ହରିହର

**ଗଣିଆ,୧୧।୩ (ଡି.ଏନ.ଏ.):** ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ମଙ୍ଗଳବାର ଦୋଳ ଉତ୍ସବ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଭୁ ଗୁପ୍ତେଶ୍ୱର ମହାଦେବ, ମାତା ପାର୍ବତୀଙ୍କ ବିଗ୍ରହଙ୍କୁ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ବେଣ୍ଟପଡା ଗ୍ରାମକୁ ନିଆଯାଇଥିଲା। ସେହିପରି ଛାମୁଣ୍ଡିଆ ଓ ହରିପୁର ଗ୍ରାମରେ ଥିବା ମନ୍ଦିରରୁ ପ୍ରଭୁ ରାଧାମାଧବ ଜୀଉ ଓ ରଘୁନାଥ ଜୀଉଙ୍କ ବିଗ୍ରହକୁ ବିମାନ ଯୋଗେ ଅଣାଯାଇ ହରିହର ଭେଟ କରାଯାଇଥିଲା। ବାଣ, ବାଜା, ରୋଷଣୀ ସହ ଏକ ପଟୁଆରରେ ବେଣ୍ଟପଡା ଗ୍ରାମ ପରିକ୍ରମା କରାଯାଇଥିଲା। ଦୋଳ ମେଳଣ ପଡିଆକୁ ନିଆଯାଇ ହରିହରଙ୍କୁ ଦୋଳ ଝୁଲଣ କରାଯିବା ସହ ରଙ୍ଗ ଖେଳ କରାଯାଇ ଦୋଳମଣ୍ଡପରେ ବିଜେ କରାଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ତେବେ କରୋନା ଭୂତାଣୁ ସଂକ୍ରମଣ ଭୟରେ ଗାଁ ଗହଳି ସବୁଠାରେ ହୋଲି ଖେଳ ଫିକା ପଡ଼ିଥିଲା।

# ଉଦ୍‌ଯାପିତ ହେଲା ଦୋଳପର୍ବ

**ନୟାଗଡ଼ ଅଫିସ,୧୧।୩**

ନୟାଗଡ଼ ଜିଲା ସଦର ମହକୁମାରେ ଦୋଳପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ମହୁଲ, ଫୁଟାଚଣା ଓ କଷି ଆମ୍ବ ଠାକୁରଙ୍କ ନିକଟରେ ଲାଗି ହୋଇଛି। ଦୋଳପୂର୍ଣ୍ଣିମା ଅବସରରେ ନୟାଗଡ ଜଗନ୍ନାଥ ମନ୍ଦିର ସମ୍ମୁଖରେ ୭ ତାରିଖରେ ୧୨ ଶମ୍ଭୁ ମେଳଣ ହୋଇଥିଲା । ଏଥିରେ ୧୩ ଠାକୁର ବିଜେ ହୋଇଥିଲେ। ୮ତାରିଖରେ ୧୨ ଶମ୍ଭୁ ସହର ପରିକ୍ରମା କରି ରାଜବାଟୀ ମଣ୍ଡପରେ ଭୋଗ ଖାଇଥିଲେ । ସନ୍ଧ୍ୟାରେ ଶମ୍ଭୁମାନେ ନିଜ ନିଜ ମନ୍ଦିରକୁ ଫେରିଯାଇଥିଲେ। ଦୋଳପୂର୍ଣ୍ଣିମାରେ ନିଜ ନିଜ ମନ୍ଦିରରେ ଠାକୁର ଫଗୁ ଖେଳିଲେ। ସନ୍ଧ୍ୟା ୫ଟାରେ ପାଞ୍ଜି ଅନୁକୂଳ ହେଲା । ରାତିରେ ମନ୍ଦିରକୁ ଯାଇଥିଲେ ଠାକୁର । ସେହିଭଳି ଶରଣକୁଳ ଲଡୁବାବାଙ୍କ ପୀଠରେ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ଗୋପୀନାଥ ଠାକୁର ଓ ହରିହରପୁର ଗ୍ରାମର ଦଧିବାମନ ଜୀଉ ଦୋଳପୂର୍ଣ୍ଣିମାରେ ଦୋଳମଣ୍ଡପକୁ ବିଜେ କରିଥିଲେ। ଭରତ ନାୟକ ଓ ଅଲେଖ ନାୟକ ନୂତନ ପାଞ୍ଜି ପାଠକରି ୨୦୨୦-୨୧ ମସିହାର ପର୍ବପର୍ବାଣି, ପାଣିପାଗ, ଫସଲ ଅମଳ ଓ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସମସ୍ତ ଠାକୁରଙ୍କୁ ବଡ଼ପଣ୍ଡାମାନେ ସୁସଜ୍ଜିତ ବିମାନରେ ଉପବେଶନ କରି ଭୋଗ ଲାଗି ପାଇଁ ସୁଆର ସାହି, ଭିକାରୀପଡ଼ା ବ୍ରାହ୍ମଣ ଶାସନ ଯାଇ ମନ୍ଦିରକୁ ଫେରିଥିଲେ । ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼, ଲକ୍ଷ୍ମୀଧର ଦାସ, ଗଜେନ୍ଦ୍ର କୁମାର ସ୍ୱାଇଁ, ପରିଚ୍ଛା ତୋଷବନ୍ତ କର, ସୁନୀଲ କୁମାର ବଡ଼ପଣ୍ଡା, ଗୋଲଖ କୁମାର ବଡ଼ପଣ୍ଡା, ସଞ୍ଜୟ କୁମାର ମହାପାତ୍ର ଏବଂ ସମସ୍ତ ସେବାୟତ ଏହି ଉତ୍ସବରେ ସହଯୋଗ କରିଥିଲେ।



ଗୋଡ଼ିପଡ଼ାଠାରେ ଠାକୁରଙ୍କୁ ବିମାନରେ ନିଆଯାଉଛି।

### ଦୋଳଯାତ୍ରାର ନବକଳେବର

ଗୋଡ଼ିପଡ଼ା ଲଡୁକେଶ ମହେଶଙ୍କ ପୀଠରେ ଚଳିତବର୍ଷ ଦୋଳପର୍ବ ଯାତ୍ରାର ନବକଳେବର ହୋଇଛି । ଏଠାରେ ଦୋଳପର୍ବ ବଡ଼ ଧୁମ୍‌ଧାମ୍‌ରେ ପାଳନ ହେଉଥିଲା । ଅସ୍ଥାୟୀ ଦୋକାନ ବଜାର ଖୋଲିବା ସହ ସାଂସ୍କୃତିକ ଆସର ଲାଗି ରହୁଥିଲା। ପ୍ରାୟ ୩୦ ବର୍ଷ ହେଲା ଯାତ୍ରା ଆଉ ଆଗପରି ହେଉ ନ ଥିଲା। ଧୀରେ ଧୀରେ ବିମାନ ସଂଖ୍ୟା କମି ୨ରେ ପହଞ୍ଚିଥିଲା। ଚଳିତ ବର୍ଷ ୫ଟି ବିମାନ ଯୋଗେ ଠାକୁରମାନେ ଆସି ମେଳଣ ପଡିଆରେ ସମାଗମ ହୋଇଥିଲେ। ହୋଲି ପର୍ବରେ ଏକ ଆଟୋପ ପଟୁଆର ଗାଁ ପରିକ୍ରମା କରିଥିଲା । ଏଥିରେ ଗୋଡିପଡା, ଡମସାହି, ଡିମିଶର, କେଶପାନିଆ, ସାନଗୋରଡା ଗାଁର ଠାକୁର ଅଂଶଗ୍ରହଣ କରିଥିଲେ। ଠାକୁର ଗୋଡିପଡା ଗାଁକୁ ଯାଇ ଭୋଗ ଖାଇଥିଲେ। ଅନ୍ୟପକ୍ଷେ ଯାତ୍ରା ଅବସରରେ ଏବେ ସାଂସ୍କୃତିକ ଆସର ଲାଗି ରହିଛି।

# ମହିଳାଙ୍କୁ କଟୁରିରେ ହାଣି ବାପପୁଅ ଜେଲ ଗଲେ

**ନୟାଗଡ ଅଫିସ,୧୧।୩**

ମହିଳାଙ୍କୁ କଟୁରୀରେ ହାଣିବା ଅଭିଯୋଗରେ ନୟାଗଡ ସଦର ଥାନା ପୋଲିସ ଯଦୁପୁରର ସଞ୍ଜିବ ନାୟକ(୩୨) ଓ ତାଙ୍କ ବାପା ତ୍ରିନାଥ (୫୫)ନାୟକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ବାପା ପୁଅଙ୍କୁ ନୟାଗଡ ସବଜେଲକୁ ପଠାଇ ଦିଆଯାଇଛି । ପୋଲିସ ସୂଚନା ଅନୁସାରେ ମଦ ପିଇ ସଞ୍ଜିବ ଗାଳିଗୁଲଜ କରିଥିଲେ । ଏପରିକି ଜଣେ ମହିଳାଙ୍କୁ କଟୁରୀରେ ଆକ୍ରମଣ କରିଥିଲେ । ଏନେଇ ତାଙ୍କ ବୋହୂ ସସ୍ମିତା ନାୟକଙ୍କ ଅଭିଯୋଗ ପରେ ପୋଲିସ ୩୫/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରଥିଲା ।

# ଦୁର୍ନୀତି:ଠାକୁରାଣୀଙ୍କ ଜମି କିଣିବା ଦର୍ଶାଇ ଧାନ ବିକ୍ରି

**ନୟାଗଡ ଅଫିସ,୧୧।୩**

କାଗଜାତ ପ୍ରସ୍ତୁତ କରି ଠାକୁରାଣୀଙ୍କ ଜମି କିଣିବା ଦର୍ଶାଇ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିକ୍ରି କରାଯାଇଛି । ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ପାଣ୍ଡେରୀପଡା ସେବା ସମବାୟ ସମିତିରେ ଏପରି ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି । ନୂଆଗାଁ ବ୍ଲକ ବାହାଡାଝୋଲା ଆରଆଇ ସର୍କଲର କଇଥପଲ୍ଲୀ ଗାଁର ଶ୍ରୀ ଦୁର୍ଗାଦେବୀ ଠାକୁରାଣୀଙ୍କ ଜମି କିଣିବା ଦର୍ଶା ଯାଇଛି । ପୁଣି ଉକ୍ତ ଜମି କେନାଲ ନିକଟସ୍ଥ ଜମି ଦର୍ଶାଇ ସରକାରୀ ଅର୍ଥକୁ ଆତ୍ମସାତ କରାଯାଇଛି । ୧୪୧ ନଂ ଟୋକନରେ ୬୬ କୁଇଣ୍ଟାଲ ୮ କେଜି ଓ ୧୪୨ ନଂ ଟୋକନରେ ୫୦ କୁଇଣ୍ଟାଲ ଧାନ ବିକ୍ରି ହୋଇଛି । ତେବେ ଠାକୁରାଣୀଙ୍କ ଜମି ବିକ୍ରି ହୋଇନଥିବାବେଳେ ଏଭଳି ଜାଲିଆତି କରିଥିବା ଚାଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

# ବନ୍ଧୁକ ଦେଖାଇ ୩ ସ୍ଥାନରୁ ଲୁଟ୍

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.)**

- ଥାନାରେ ପୃଥକ୍ ମାମଲା
- ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଜଣେ ଆହତ



କଟକ ଜିଲା କାନପୁର ଥାନା ଅନ୍ତର୍ଗତ ରଶିପଡା ଅଞ୍ଚଳର ଏକ ମଦ ଦୋକାନ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୪ଲକ୍ଷ ୬୦ ହଜାର ଟଙ୍କା ଲୁଟିନେଇଛନ୍ତି। ଦୁର୍ବୃତ୍ତମାନଙ୍କୁ ଅଟକାଇବାକୁ ଚେଷ୍ଟା କରି ଖଣ୍ଡପଡା ଅଞ୍ଚଳର ଜଣେ ଯୁବକ ଗୁଳିମାଡର ଶିକାର ହୋଇଥିଲେ। ପରେ ସମ୍ପୃକ୍ତ ଲୁଟେରା ଖଣ୍ଡପଡା ଥାନା ଅଞ୍ଚଳରେ ଆଉ ୩ଟି ଅଘଟଣ ଘଟାଇ ଫେରାର ହୋଇଯାଇଛନ୍ତି। ଖଣ୍ଡପଡା ପୋଲିସ ୩ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଗତ ରବିବାର ରାତିରେ କଟକ ଜିଲା କାନପୁର ଥାନା ଅଧୀନ ରଶିପଡା ଗ୍ରାମର ଏକ ବିଦେଶୀ ମଦ ଦୋକାନ କର୍ମଚାରୀ ଦୋକାନ ବନ୍ଦ କରି ବିକ୍ରି ଟଙ୍କା ପ୍ରାୟ ୪ଲକ୍ଷ ୬୦ ହଜାର ଧରି ଫେରୁଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କୁ ବନ୍ଧୁକ ଦେଖାଇ ସମସ୍ତ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସମ୍ପୃକ୍ତ ଲୁଟେରାମାନେ ରାଜକିଆରୀ ଛକ ଦେଇ କଣ୍ଟିଲୋ ଅଭିମୁଖେ ଆସୁଥିବାବେଳେ ହଟିଆପଲ୍ଲୀ ଗ୍ରାମ ନିକଟ ରାଜପଥ ଉପରେ ନରସିଂହପୁର ଅଞ୍ଚଳର ମହିଳା ମମତା ନାୟକଙ୍କଠାରୁ ମୋବାଇଲ ଓ ଭ୍ୟାନିଟି ବ୍ୟାଗ ଛଡାଇ ନେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ରାତି ପ୍ରାୟ ସାଢେ ୧୦ଟାରେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ବଡବାଣପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଦୁର୍ବୃତ୍ତଙ୍କ ବାଇକ୍ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ସେମାନେ ଦୁଇ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ଗୁଳିମାଡ଼ରେ ବାଣପୁର ଗ୍ରାମର ଯୁବକ ସୁବୋଧ ପ୍ରଧାନ (ଚେମା) ଗୁରୁତର ହୋଇଥିଲେ । ଖବର ପାଇ କାନପୁର ଓ ଖଣ୍ଡପଡା ପୋଲିସ କଣ୍ଟିଲୋ-ବାଣପୁର ରାସ୍ତାରେ ପାଟ୍ରୋଲିଂ କଡାକଡି କରିଥିଲେ। ହେଲେ ଦୁର୍ବୃତ୍ତମାନେ ଏହା ଜାଣିପାରି ବାଇକ୍‌ଟିକୁ ପକାଇ ଦେଇ ରାସ୍ତାପାର୍ଶ୍ୱ ଗହୀର ବିଲଆଡେ ପଳାଇ ଯାଇଥିଲେ। ପରେ ପୋଲିସ ସେମାନେ ଛାଡିଯାଇଥିବା ୨ ହଳ ଚପଲ ଓ ଓଡି୦୨ଇ୫୨୧୧ନଂ. ବିଶିଷ୍ଟ ବାଇକ୍ ଜବତ କରି ଫେରିଥିଲା। ତେବେ ବାଇକ୍‌ର ନମ୍ବର ଠିକ୍ ନ ଥିବା ପୋଲିସ ସୂଚନା ଦେଇଛି । ପୁନଶ୍ଚ ସୋମବାର ସକାଳେ କୁଞ୍ଜବିହାରୀପୁର ପାଟଣାର ଯୁବକ ଗୁରୁଲ ବାଇକ୍‌ରେ ଯାଇ ଶୁଳିଆ-କଣ୍ଟିଲୋ ରାସ୍ତା ସେତୁ ଷ୍ଟ୍ରକ୍‌ଚର ନିକଟରୁ ଫୁଲ ତୋଳୁଥିବାବେଳେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତାଙ୍କଠାରୁ ବାଇକ୍ ନେଇ ଫେରାର ହୋଇଯାଇଥିବା କଣ୍ଟିଲୋ ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡା ସୂଚନା ଦେଇଛନ୍ତି। ଏ ନେଇ କାନପୁର ଥାନାରେ ଗୋଟିଏ ଓ ଖଣ୍ଡପଡା ଥାନାରେ ୭୧, ୭୨ ଓ ୭୩/୨୦ରେ ଆଉ ୩ଟି ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି । ୨ ଥାନାର ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ଲୁଟେରାଙ୍କୁ ଠାବ କରିପାରି ନାହିଁ।

### ଲୁଟିନେଲେ ହାର, ମୋବାଇଲ

**ନୟାଗଡ ଅଫିସ,୧୧।୩**

ନୟାଗଡ ସହରରେ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି । ବୁଧବାର ରାତିରେ ଖଣ୍ଡପଡା ରୋଡରେ ଜଣେ ମହିଳାଙ୍କଠାରୁ ୨ଟି ହାର ଲୁଟି ନେଇଛନ୍ତି। ବାଇକ ଯୋଗେ ଦମ୍ପତି ଏକ ବିବାହ ଭୋଜିକୁ ଯାଉଥିଲେ । ଲୁଟେରାମାନେ ପିଛା କରି ମହିଳାଙ୍କ ବେକରୁ ୨ଟି ହାର ଲୁଟିନେଲେ। ସେହିଭଳି ନୟାଗଡ କଲେଜ ନିକଟରେ ଜଣେ ଅଧ୍ୟାପକଙ୍କ ଠାରୁ ଏକ ବୋବାଇଲ ଲୁଟ୍ ହୋଇଛି । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଆକଳନ ପାଇଁ ଖୋଲିବ ଚିନିକଳ

**ନୟାଗଡ ଅଫିସ,୧୧।୩**

ଚିନିକଳରେ ଯନ୍ତ୍ରପାତିର ତଦାରଖ ପାଇଁ ଗୁରୁବାର ତାଲା ଖୋଲାଯିବ। ଆସ୍କା ଚିନିକଳର ୨ଜଣିଆ ବୈଷୟିକ ଟିମ୍ ଏହି ଯାଞ୍ଚ କରିବେ । ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସବୁ କିଛି କରାଯିବ। ୧୯୯୮ରେ ପାଣିପୋଇଲାଠାରେ ସ୍ଥାପିତ ଚିନିକଳରେ ୨୦୧୫ରୁ ତାଲା ଝୁଲୁଛି।

### ଉପର ମଣିନାଗ ପୀଠରେ ଯଜ୍ଞ ଆରମ୍ଭ

**ରଣପୁର,୧୧।୩(ସ୍ୱ.ପ୍ର.)**

ରଣପୁରର ଅଧିଷ୍ଠାତ୍ରୀ ଦେବୀ ପାହାଡ ଶିଖରରେ ପୂଜା ପାଉଥିବା ମଣିନାଗ ପୀଠରେ ବୁଧବାରଠାରୁ ଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ ବଧିପୋଖରୀରୁ ମହିଳାପୁରୁଷ କଳସ ଯାତ୍ରାରେ ଯାଇ ପାହାଡ ଶିଖରରେ ପହଞ୍ଚିଥିଲେ। ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଯଜ୍ଞ ହେବା ପରେ ଶନିବାର ଗୋଧୂଳି ସମୟରେ ପୂର୍ଣ୍ଣାହୁତି ସମ୍ପନ୍ନ ହେବ ବୋଲି ଅଧ୍ୟାପକ ଗୋଦାବରୀ ଶତପଥୀଙ୍କଠାରୁ ଜଣାଯାଇଛି।

# କେନ୍ଦୁପତ୍ର କର୍ମଚାରୀ ସଂଘର ରାସ୍ତାରୋକୋ ଆନ୍ଦୋଳନ



ରାସ୍ତାରେ ବସିଛନ୍ତି ସଂଘ କର୍ମକର୍ତ୍ତା।

**ଦଶପଲ୍ଲା,୧୧।୩(ଡି.ଏନ.ଏ.)**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଫୁଲବାଣୀ ଡିଭିଜନ ଦଶପଲ୍ଲା ଶାଖାର କର୍ମଚାରୀମାନେ ବିଭିନ୍ନ ଦାବି ନେଇ ବୁଧବାର ଦଶପଲ୍ଲା ବ୍ଲକର ବାଣିଗୋଛା ନିକଟସ୍ଥ ଫାଲପାଜୁଠାରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଫଳରେ ଖୋର୍ଦ୍ଧା-ବାଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ୩ ଘଣ୍ଟା ଧରି ଯାନବାହାନ ଅଟକି ରହିଥିଲା । ଏଥିନେଇ ଯାତ୍ରୀମାନେ ବହୁ ହଇରାଣର ସମ୍ମୁଖୀନ ହୋଇଥିଲେ।

ଦଶପଲ୍ଲା କେନ୍ଦୁପତ୍ର କାର୍ଯ୍ୟାଳୟ ଉଠାଇ ନେବାକୁ ବନ୍ଦ କରିବା, ସିଜିନାଲ କର୍ମଚାରୀଙ୍କ ଦରମା ହ୍ରାସ କରାଯାଇ ଦିନ ମଜୁରିଆ ଭାବେ ପରିଗଣିତ କରିବା ଆଦେଶ ପ୍ରତ୍ୟାହାର କରିବା ପ୍ରଭୃତି ୫ ଦଫା ଦାବି ନେଇ କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ଦଶପଲ୍ଲା କେନ୍ଦୁପତ୍ର ଅଫିସ ସମ୍ମୁଖରେ ଚଳିତ ମାସ ୩ ଏବଂ ୪ ତାରିଖ ଦୁଇଦିନ ଧରି ଧାରଣା ଦିଆଯାଇଥିଲା। ତେବେ କୌଣସି ପ୍ରତିକାର ନ ହେବାରୁ ବୁଧବାର ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା।

ପ୍ରକାଶଥାଉ କି, ଦଶପଲ୍ଲା କେନ୍ଦୁପତ୍ର କାର୍ଯ୍ୟାଳୟକୁ ଉଠାଇ ନିଆଯାଇ ଭଞ୍ଜନଗର କାର୍ଯ୍ୟାଳୟରେ ମିଶାଇ ଦିଆଗଲେ ଦଶପଲ୍ଲା ଅଞ୍ଚଳ କେନ୍ଦୁପତ୍ର କର୍ମଚାରୀମାନେ ବହୁ ହଇରାଣ ହେବେ ବୋଲି ସେମାନେ ସୂଚନା ଦେଇଥିଲେ। ତେବେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ୫୭ ନମ୍ବର ଜାତୀୟ ରାଜପଥର ବାଣିଗୋଛା ନିକଟସ୍ଥ ଫାଲପାଜୁଠାରେ ପୂର୍ବାହ୍ନ ୭ଟାରୁ ଶତାଧିକ କେନ୍ଦୁପତ୍ର କର୍ମଚାରୀ ରାସ୍ତାରୋକୋରେ ସାମିଲ ହୋଇଥିଲେ। ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଘଟଣାସ୍ଥଳେ ବିଭାଗୀୟ କର୍ମକର୍ତ୍ତା ଏବଂ ନୟାଗଡ଼ ସବ୍‌କଲେକ୍ଟର ଓ ଦଶପଲ୍ଲା, ବାଣିଗୋଛା ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବାରୁ ଦିନ ୧୦ଟା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍: ବିଇଓ ଏକାଦଶ ବିଜୟୀ

**ନୟାଗଡ଼ ଅଫିସ,୧୧।୩**

ହୋଲି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଟୋଣ୍ଟି ଟୋଣ୍ଟି କ୍ରିକେଟ ମ୍ୟାଚ୍ ନୟାଗଡ଼ର ନବଘନପୁର ହାଇସ୍କୁଲ ଖେଳପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଇଓ ଏକାଦଶ ୫ ଉଇକେଟରେ ଡିଇଓ ଏକାଦଶକୁ ହରାଇ ବିଜୟୀ ହୋଇଛି। ଆୟୋଜିତ ମ୍ୟାଚ୍‌ରେ ପ୍ରଥମେ ଟସ୍ ଜିତି ଡିଇଓ ଏକାଦଶ ବ୍ୟାଟିଂ ଆରମ୍ଭ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୭୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା । ଦଳ ପକ୍ଷରୁ ସୁରେଶ ଆଚାର୍ଯ୍ୟ ସର୍ବାଧିକ ୧୫ ରନ୍ କରିଥିଲେ। ଜବାବରେ ବିଇଓ ଏକାଦଶ ପକ୍ଷରୁ ସଲିମ ଇବ୍ରାହିମ ଏବଂ କାଲୁ ଜେନା ଇନିଂସ ଓପନ୍ କରିବା ସହ ବ୍ୟାଟିଂ କରିଥିଲେ । ସଲିମ ମାତ୍ର ୫ଟି ବଲରେ ୪ ଚୌକା ସହ ୧୬ ରନ୍ କରି ଆଉଟ ହୋଇଥିଲେ । ବିଇଓ ଏକାଦଶ ମଧ୍ୟ ଲଗାତର ଉଇକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଦଳ ପକ୍ଷରୁ ଜୀବନ ହୋତା ଅପରାଜିତ ୩୧ ଏବଂ ଅଧିନାୟକ ଲକ୍ଷ୍ମୀଧର ସାହୁଙ୍କ ଅପରାଜିତ ୧୫ ରନ୍ ବଳରେ ୫ ଉଇକେଟ ଥାଇ ମାତ୍ର ୯ ଓଭରରେ ଆବଶ୍ୟକ ରନ୍ ହାସଲ କରି ମ୍ୟାଚ୍ ଜିତିନେଇଥିଲା । ଡିଇଓ ଏକାଦଶ ପକ୍ଷରୁ ମନୋରଞ୍ଜନ ସର୍ବାଧିକ ୪ଉଇକେଟ ହାସଲ କରିଥିଲେ । ବିଇଓ ଏକାଦଶ ପକ୍ଷରୁ ସର୍ବାଧିକ ରନ୍ କରିଥିବା ଜୀବନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିବା ବେଳେ ସର୍ବାଧିକ ୪ଟି ଉଇକେଟ ନେଇଥିବା ସାଗର ବେଷ୍ଟ ବୋଲର ବିବେଚିତ ହୋଇଥିଲେ । ଡିଇଓ ଏକାଦଶ ପକ୍ଷରୁ ଶ୍ରୀଧର ସାହୁ ଅଧିନାୟକତ୍ୱ କରିଥିବା ବେଳେ ଶେଖ୍ ଅବ୍‌ଦୁଲ ଖାଲିକ ଏବଂ ଅଶୋକ ମଲ୍ଲ ଅମ୍ପାୟରିଂ ଦାୟିତ୍ୱ ସମ୍ଭାଳିଥିଲେ । ଉଭୟ ଦଳରେ ନୟାଗଡ଼ ବ୍ଲକ ଏବଂ ଜିଲା ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ ଏବଂ କର୍ମଚାରୀ ସାମିଲ ହୋଇଥିବା ବେଳେ ମୁଖ୍ୟ କିରାଣି ହାଡ଼ିବନ୍ଧୁ ନାୟକ, ଶିକ୍ଷକ ନେତା ସୁରେଶ ସେଠୀ, ଉମେଶ ସ୍ୱାଇଁ, ରବି ସାହୁ ତଥା ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଖବରକାଗଜ ବିକ୍ରେତାଙ୍କ ପରଲୋକ

**ଦଶପଲ୍ଲା,୧୧।୩(ଡି.ଏନ.ଏ.)**

ଦଶପଲ୍ଲା ଅଞ୍ଚଳର ପୁସ୍ତକ ଏବଂ ଖବରକାଗଜ ବିକ୍ରେତା ପ୍ରଶନ୍ନ କୁମାର ପାଣିଙ୍କର ଗତ ରବିବାର ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘଦିନ ଧରି ଦଶପଲ୍ଲା ଅଞ୍ଚଳରେ ପୁସ୍ତକ ଓ ଖବରକାଗଜ ବିକ୍ରୟ କରି ଲୋକପ୍ରିୟ ହୋଇଥିଲେ। କିଛିଦିନ ହୋମିଓପ୍ୟାଥି ଡାକ୍ତରଖାନାରେ କାର୍ଯ୍ୟ କରିଥିଲେ। ସେ ଦଶପଲ୍ଲା ଅଞ୍ଚଳର ବୟୋଜ୍ୟେଷ୍ଠ ଖବରଦାତା ମୁରଲୀଧର ପାଣିଙ୍କ ବଡ଼ପୁତ୍ର। ତାଙ୍କ ମୃତ୍ୟୁରେ ଉକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ଓଡ଼ଗାଁ,୧୧।୩(ସ୍ୱ.ପ୍ର.)**

## ଗାଡି ଧକ୍କାରେ ଯୁବକ ମୃତ, ନାବାଳିକା ଗୁରୁତର

ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରବଗାଡିଆ ଓ ନନ୍ଦିଘୋରଠାରେ ଦୁଇ ପୃଥକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ନାବାଳିକା ଗୁରୁତର ହୋଇଛନ୍ତି ।

ସୋମବାର ଅପରାହ୍ନ ୪ଟାରେ ଏହି ଥାନା ଅନ୍ତର୍ଗତ ଆନନ୍ଦପୁର-ରବିଗାଡିଆ ରାସ୍ତାରେ କୌଣସି ଅଜଣା ଗାଡି ଧକ୍କାରେ ରବିଗାଡିଆ ଗ୍ରାମର ନଣ୍ଡା ଓରଫ ପ୍ରକାଶ ପରିଡା(୨୮)ଙ୍କ ମୃତ୍ୟୁ ହୋଇଛି । ପ୍ରକାଶ ଚାଲିଚାଲି ଏକାକୀ ଗାଁକୁ ଯାଉଥିବା ବେଳେ ଗାଡି ଧକ୍କାରେ ସେ ତଳେ ପଡିଯାଇଥିଲେ। ପୋଲିସ ମୃତଦେହ ଜବତ କରିଥିବା ବେଳେ ଏନେଇ ଏକ ମାମଲା ରୁଜୁ କରିବା ସହିତ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବାକୁ ଉଦ୍ୟମ କରୁଥିବା ତଦନ୍ତ ଅଧିକାରୀ ସଞ୍ଜୟ କୁମାର ପରିଡା ସୂଚନା ଦେଇଛନ୍ତି । ଅନ୍ୟଏକ ଘଟଣାକ୍ରମେ ନନ୍ଦିଘୋର ନୂଆସାହିଠାରେ ସୋମବାର ରାତି ପ୍ରାୟ ୯ଟାରେ ଓଡ଼ଗାଁ ଆହାର କେନ୍ଦ୍ରରୁ ଫେରୁଥିବା ଆହାର ଭ୍ୟାନ ଧକ୍କାରେ ଜଣେ ୮ ବର୍ଷିୟା ନାବାଳିକା ଗୁରୁତର ହୋଇଛନ୍ତି । ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିଲା। ସେ ସୁସ୍ଥ ହୋଇ ମଙ୍ଗଳବାର ଘରକୁ ଫେରିଥିବା ଜଣାଯାଇଛି । ୨୧ ନମ୍ବର ରାଜ୍ୟ ରାଜପଥ ଅନ୍ତର୍ଗତ ନୂଆଁ ସାହି ରାସ୍ତା ପାର୍ଶ୍ୱ ନାବାଳିକାଙ୍କ ଘର ସମ୍ମୁଖରେ ଦୋଳ ନିମନ୍ତେ ଠାକୁରଙ୍କୁ ଭୋଗ ଲାଗି ହେଉଥିବା ବେଳେ ସାମାନ୍ୟ ଗହଳି ରହିଥିଲା । ସେହି ସମୟରେ ନାବାଳିକା ଜଣକ ରାସ୍ତା ପାର୍ଶ୍ୱକୁ ଚାଲିଆସିଥିବା ବେଳେ ରାସ୍ତା ଅତିକ୍ରମ କରୁଥିବା ଆହାର କେନ୍ଦ୍ର ଭ୍ୟାନ ଚାଳକ ଭାରସାମ୍ୟ ହରାଇ ନାବାଳିକାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଘଟାଇବା ପରେ ଗାଡି ଦ୍ରୁତଗତିରେ ଚାଲିଯାଇଥିଲା । ହେଲେ ଗ୍ରାମବାସୀ ପଛରୁ ଗୋଡାଇ ଗାଡିକୁ ଧରିଥିଲେ । ଏହାର ପ୍ରତିବାଦରେ କେତେକ ଗ୍ରାମବାସୀ ରାସ୍ତା ଉପରେ ଟାୟାର ଜାଳି ଅବରୋଧ କରିଥିଲେ। ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାର, ଶରଣକୁଳ ଏସଡିପିଓ ଏସ ଟପ୍ପୋ ଓ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ସହିତ ଶରଣକୁଳ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଗୁରୁତର ନାବାଳିକାଙ୍କ ସମସ୍ତ ଚିକିତ୍ସା ଦାୟିତ୍ୱ ସରକାର ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ମଙ୍ଗଳବାର ଭୋର ୪ଟା ପର୍ଯ୍ୟନ୍ତ ସେମାନେ ରାସ୍ତା ଅବରୋଧରୁ ହଟି ନଥିଲେ। ପୋଲିସ ଆହାର ଗାଡି(ନଂ.ଓଡି୨୫ଏଚ୍ ୫୭୦୭)କୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଜାମିନରେ ଛାଡିଥିବା ବେଳେ ଏନେଇ ଦୁଇଟି ମାମଲା ରୁଜୁ କରିଥିବା ପୋଲିସ ସୂଚନା ଦେଇଛି।

# ଶିଶୁମୃତ୍ୟୁକୁ ନେଇ ଉତ୍ତେଜନା

**ନୟାଗଡ ଅଫିସ,୧୧।୩**

## ଚିକିତ୍ସାରେ ଅବହେଳା ଦର୍ଶାଇ ରାଜପଥ ଅବରୋଧ

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ହସ୍ପିଟାଲରେ ଶିଶୁମୃତ୍ୟୁ ନେଇ ବୁଧବାର ସନ୍ଧ୍ୟାରେ ଉତ୍ତେଜନା ପ୍ରକାଶ ପାଇଛି । ଚିକିତ୍ସାରେ ଅବହେଳା ଦର୍ଶାଇ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥକୁ ଅବରୋଧ କରାଯାଇଥିଲା । ନୟାଗଡ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତ୍ୟୁର କାରଣ ଜଣାପଡିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୁହାଯିବା ସହ ଘଟଣାସ୍ଥଳରେ ତହସିଲଦାର ଭିକାରୀ ସାହୁ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସରୁ ୧୦ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ନୂଆଗାଁ ବ୍ଲକ ମହିପୁର ପଞ୍ଚାୟତ ମାଳିସର ଗାଁର ଚନ୍ଦ୍ରମଣି ପ୍ରଧାନଙ୍କ ସ୍ତ୍ରୀ ରୀତା ସୋମବାର ମାତୃ ଓ ଶିଶୁ ହସ୍ପିଟାଲରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଟିକା ଦିଆ ଯାଇଥିଲା । ଏହାପରେ ଶିଶୁ ଦେହରେ ତାତି ରହିଥିଲା । ସେମାନେ ଡାକ୍ତରଙ୍କୁ ଦେଖାଇଥିଲେ । ସବୁ କିଛି ଠିକଠାକ ଅଛି ବୋଲି କହିଥିଲେ । ବୁଧବାର ପୁଣି ବିଭିନ୍ନ ପ୍ରକାରର ପରୀକ୍ଷା କରାଯାଇଥିଲା। ୪ଜଣ ଡାକ୍ତର ଯାଞ୍ଚ କରିଥିଲେ । ତେବେ ଅପରାହ୍ନରେ ଶିଶୁଟି ଅସୁସ୍ଥ ହୋଇ ପଡିଲା । ଡାକ୍ତରଖାନାରେ ଶିଶୁ ବିଶେଷଜ୍ଞଙ୍କୁ ଦେଖିବାକୁ ମିଳିଲା ନାହିଁ। ପରେ ଅଟୋଯୋଗେ ପିଲାକୁ ନେଇ ବାପା ମା ଏକ ଘରୋଇ ଡାକ୍ତରଖାନାରେ ଜଣେ ଶିଶୁ ବିଭାଗ ଡାକ୍ତରଙ୍କୁ ଦେଖାଇବା ପରେ ସେ ମୃତ ଘୋଷଣା କରିଥିଲେ । ଶିଶୁପୁତ୍ରର ମୃତ୍ୟୁ ବୁଧବାର ସନ୍ଧ୍ୟାରେ ହେବା ପରେ ଉତ୍ତେଜନା ଦେଖା ଦେଇଥିଲା । ଏନେଇ ମୃତ ଶିଶୁପୁତ୍ରଙ୍କ ବାପା ଚନ୍ଦ୍ରମଣି କୁହନ୍ତି ଶିଶୁୱାର୍ଡକୁ ଡାକ୍ତର ରାଉଣ୍ଡ କରୁ ନାହାନ୍ତି । ଯାହାର ସମସ୍ୟା ହେବ ସେ ଡାକ୍ତରଙ୍କୁ ନେଇ ଦେଖା କରିବ। ପୁଣି ଦେହ ଅସୁସ୍ଥ ହେଲେ ଶିଶୁ ଡାକ୍ତରଙ୍କୁ ଖୋଜିଲେ ମିଳୁ ନାହାନ୍ତି । ପୁଅକୁ ଠିକ୍ ଚିକିତ୍ସା ମିଳିଥିଲେ ସେ ବଞ୍ଚିଥାନ୍ତା । କିଛି ରୋଗ ନଥାଇ ଜଣେ ମରିଯିବା କିପରି ସମ୍ଭବ ହେବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ୱେତ ମହାପାତ୍ର କୁହନ୍ତି ନର୍ମାଲ ଡେଲିଭରି ହୋଇଥିଲା। ଛୁଆଟି ମା କ୍ଷୀର ଖାଉଥିଲା। ଓଜନ ଠିକ୍ ଥିଲା । ତେବେ ହଠାତ୍ ମରିଯିବାର କାରଣ ବୁଝାପଡୁନି । ମା କ୍ଷୀର ଖାଇବା ସମୟରେ ଯଦି ଶ୍ୱାସନଳୀକୁ ଚାଲି ଯାଇଥିବ ତାହା ଏକକାରଣ ହୋଇପାରେ । ତେବେ ବ୍ୟବଚ୍ଛେଦ ରିପୋର୍ଟ ପରେ କାରଣ ଜଣାପଡିବ।



ଉତ୍ତେଜନା ପ୍ରକାଶ ପାଇବା ପରେ ହସ୍ପିଟାଲ ପରିସରରେ ପୋଲିସ ମୁତୟନ ଅଛନ୍ତି।

## ସଂକ୍ଷେପରେ

### ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର



**ନୂଆଗାଁ,୧୧।୩ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ମହୀପୁର କଇଁଆସାହିରେ ମଙ୍ଗଳବାର ସ୍ୱାମୀଙ୍କ ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ଅଭିଯୋଗ ଅନୁସାରେ ମହୀପୁର ଗ୍ରାମର ବସନ୍ତ ନାୟକ ଅଧିକାଂଶ ସମୟରେ ମଦ୍ୟପାନ କରି ସ୍ତ୍ରୀ ଲକ୍ଷ୍ମୀ ନାୟକଙ୍କୁ ଗାଳିଗୁଲଜ ସହ ମାରପିଟ କରନ୍ତି। ନିର୍ଯାତନ ଅସହ୍ୟ ହେବାରୁ ଲକ୍ଷ୍ମୀ କିଛିଦିନ ହେଲା ତାଙ୍କ ବାପଘରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଲକ୍ଷ୍ମୀଙ୍କୁ ଆଣିବା ବାହାନା କରି ବସନ୍ତ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ସେ ଲକ୍ଷ୍ମୀଙ୍କୁ ବାହାରକୁ ଡାକି ଛୁରି ସାହାଯ୍ୟରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏଥିରେ ଲକ୍ଷ୍ମୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଲକ୍ଷ୍ମୀଙ୍କ ଚିତ୍କାର ଶୁଣି ବାପଘର ଲୋକେ ତାଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅଭିଯୋଗ ପାଇ ମହୀପୁର ଫାଣ୍ଡି ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବସନ୍ତଙ୍କୁ ଗିରଫ କରିଛି।

### ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.):** ସଡକ ଦୁର୍ଘଟଣାରେ ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ କାଦୁଆପଡା ଗ୍ରାମର ବିରଞ୍ଚି ନାରାୟଣ ମୁଖୀ (୧୯) ଓ ସିଂଘାପଡା ପଞ୍ଚାୟତ ରୂପାପଲ୍ଲୀ ଗ୍ରାମର ଅକ୍ରୂର ଖୁଣ୍ଟିଆ(୬୫)ଙ୍କ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ବାହାଡା-ଭୀମପଡା ରାସ୍ତାରେ ବିରଞ୍ଚି ବାଇକ୍‌ରେ ଯାଉଥିବା ବେଳେ ଚିଙ୍ଗୁଡିଗାଡିଆ ଗ୍ରାମ ନିକଟରେ ଏକ ଗଛରେ ଧକ୍କାହେବାରୁ ସେ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଖଣ୍ଡପଡା ଥାନା ଗୋଲାବୋଦସା ଗାଁ ମୁଣ୍ଡରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍କୁଟି ଧକ୍କାରେ ଅକ୍ରୂର ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ବୁଧବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଖଣ୍ଡପଡା ପୋଲିସ ଦୁର୍ଘଟଣା ଘଟାଇଥିବା ସ୍କୁଟି ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ନାବାଳିକା ବିବାହ ରୋକିଲା ଚାଇଲ୍ଡଲାଇନ ଟିମ୍

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.):** ନୟାଗଡ଼ ଚାଇଲ୍ଡଲାଇନ ଟିମ୍ ବୁଧବାର ଖଣ୍ଡପଡା ଅଞ୍ଚଳରେ ଏକ ନାବାଳିକା ବିବାହ ବନ୍ଦ କରାଇଛି। ଖଣ୍ଡପଡା ସହରରସ୍ଥିତ ମା' ଉମାଦେବୀଙ୍କ ମନ୍ଦିର ପରିସରରେ ୧୭ ବର୍ଷର ନାବାଳିକାଙ୍କୁ ବିବାହ ଦେବା ନିମନ୍ତେ ପ୍ରସ୍ତୁତି ଚାଲିଥିଲା। ବିଶେଷ ସୂତ୍ରରୁ ଖବର ପାଇ ନୟାଗଡ଼ ଚାଇଲ୍ଡଲାଇନ ଟିମ୍ ସଦସ୍ୟ ସଞ୍ଜୟ କୁମାର ସାହୁ ଓ ସ୍ୱର୍ଣ୍ଣଲତା ଜେନା ମନ୍ଦିର ପରିସରରେ ପହଞ୍ଚି ଏହାକୁ ବନ୍ଦ କରାଇଥିଲେ। ଚାଇଲ୍ଡ ଲାଇନ ଟିମ୍ ଏ ସମ୍ପର୍କରେ ଖଣ୍ଡପଡା ଥାନା ପୋଲିସକୁ ସୂଚନା ଦେବା ସହ ନାବାଳିକାଙ୍କୁ ନୟାଗଡ ଶିଶୁ ସୁରକ୍ଷା ୟୁନିଟକୁ ହସ୍ତାନ୍ତର କରିଛି। ଉକ୍ତ ନାବାଳିକାଙ୍କ ଘର ଇଟାମାଟି ଥାନା ଅଞ୍ଚଳରେ ହାଇଥିବା ବେଳେ ବରଘର ଖଣ୍ଡପଡା ଥାନା ଅଞ୍ଚଳରେ।

### ଚୋରା ମଦ ଜବତ, ଜଣେ ଗିରଫ

**ଭାପୁର,୧୧।୩ (ଡି.ଏନ୍.ଏ.):** ଚୋରାରେ ମଦ ବିକ୍ରି କରିବା ଅଭିଯୋଗରେ ଫତେଗଡ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଯୁବକ ହେଲେ ଫତେଗଡ଼ ଥାନା ପଦ୍ମାବତୀ ଗ୍ରାମର ଟୁନୁ ଦଳେଇ। ଟୁନୁ ଚୋରାରେ ମଦ ବିକ୍ରି କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏପରିସ୍ଥଳେ ଫତେଗଡ଼ ଥାନା ସେକେଣ୍ଡ ଅଫିସର ନିରଞ୍ଜନ କିଶୋର ବଡ଼ଜେନା ଅଚାନକ ଟୁନୁଙ୍କ ଦୋକାନରେ ଚଢ଼ାଉ କରି ୧୦ଲିଟର ୪୦୦ମିଲି ଲିଟର ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ।

# ଟିମ୍ ଗଠନର ସ୍ୱଚ୍ଛତା ନେଇ ପ୍ରଶ୍ନ

## ରୋକାଯାଇ ପାରିବନି ଧାନକିଣା ଅନିୟମିତତା

**ନୟାଗଡ଼ ଅଫିସ,୧୧।୩**

ଧାନକିଣାରେ ଅନିୟମିତତା ରୋକିବା ନେଇ ପ୍ରତି ବ୍ଲକରେ ଏକ ୩ଜଣିଆ କମିଟି ଗଠିତ ହୋଇଛି । କମିଟିରେ ବ୍ଲକ ଯୋଗାଣ ଅଧିକାରୀ, ସମବାୟ ବ୍ୟାଙ୍କ ପରିଚାଳକ ଓ ସ୍ଥାନୀୟ ଆର୍‌ଆଇ ଅଛନ୍ତି। ଚାଷୀ ଧାନବିକା ଟଙ୍କା ଠିକ୍‌ରେ ପାଉଛି ନା ନାହିଁ, ଦଲାଲଙ୍କ ପ୍ରାଦୁର୍ଭାବ ଉପରେ ଲଗାମ ଲଗାଇବା, ଚାଷୀଙ୍କ ପାଖରେ ଥିବା ଧାନର ଆକଳନ କରି ରିପୋର୍ଟ ଦେବା ଓ ମଣ୍ଡିରେ ଚାଷୀ ସୁବିଧାରେ କିପରି ଧାନ ବିକ୍ରି କରିପାରିବ ସେ ନେଇ କମିଟି ତଦନ୍ତ କରିବ। ଜିଲାର ୮ ବ୍ଲକରେ ୮ଟି କମିଟି ଗଠିତ ହୋଇଥିବାବେଳେ କମିଟିର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଯେଉଁ କମିଟି ଗଠିତ ହୋଇଛି ସେଥିରୁ ଅଧିକାଂଶ ଅଧିକାରୀ/କର୍ମଚାରୀଙ୍କ ନାଁରେ ଧାନକିଣା ଦୁର୍ନୀତିକୁ ଘଣ୍ଟ ଘୋଡ଼ାଉ ଥିବାର ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥଳେ ସଂପୃକ୍ତ ଅଧିକାରୀ/କର୍ମଚାରୀ ତଦନ୍ତ ଦାୟିତ୍ୱ ପାଇବା ପରେ ୫-ଟିର ସ୍ୱଚ୍ଛତାରେ କର୍ମଚାରୀ ନିଲମ୍ବିତ/ବହିଷ୍କୃତ ହେବା କାଠିକର ପାଠ ହେବ ବୋଲି କୁହାଯାଉଛି । ତଦନ୍ତ ନାଁରେ ଦୁର୍ନୀତିର ଫାଇଲ ଚପିଯିବ ବୋଲି କିଛି ଚାଷୀ ମତବ୍ୟକ୍ତ କରିଛନ୍ତି ।

### ଖସିଯାଉଛନ୍ତି ସିଏସ୍‌ଓ ଅଫିସ କର୍ମଚାରୀ


ଜାଲ୍ କାଗଜାତ କରି ପାହାଡ଼, ଆମ୍ବ ବଗିଚା, ପଡ଼ିଆ, ଜଙ୍ଗଲରେ ଧାନ ଫଳାଯାଇଛି । ଏପରି ଅନିୟମିତତା ଘଟଣାରେ ଖମାରସାହି ଓ ଇଟାମାଟି ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନିଲମ୍ବିତ ହୋଇଛନ୍ତି। ଏପରି ଏକ ଅନିୟମିତତା ପାଣ୍ଡେରୀପଡା ପ୍ରାଥମିକ ସମବାୟ ସମିତିରେ ହୋଇଛି, ଯାହାକି ଦୁଇ ସମିତିର ଦୁର୍ନୀତିଠାରୁ ବଳେଇ ଯାଇଛି। ତେବେ ଏହା ପଛରେ ଅନେକ କର୍ମଚାରୀ ଥିଲେ ହେଁ ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନ୍ୟପକ୍ଷେ ଏହି ଜାଲିଆତି ଜିଲା ଯୋଗାଣ ଅଧିକାରୀ କାର୍ଯ୍ୟାଳୟ (ସିଏସ୍‌ଓ ଅଫିସ)କର୍ମଚାରୀଙ୍କ ବିନା ସହଯୋଗରେ ହୋଇପାରିବନାହିଁ। କାରଣ ଚାଷୀଙ୍କ ନାମ ପଞ୍ଜୀକୃତ ସମୟରେ ସିଏସ୍‌ଓ ଅଫିସରେ ଯାଞ୍ଚ ହୁଏ। ହେଲେ ନକଲି ପ୍ରମାଣପତ୍ରରେ କିପରି ନାଁ ପଞ୍ଜୀକୃତ ହେଉଛି । ଏପରି ଅନିୟମିତତା ଜାଣିବାରେ ଅସୁବିଧା ନ ଥିଲେ ମଧ୍ୟ ସିଏସ୍‌ଓ ଅଫିସର କର୍ମଚାରୀ ନୀରବ ରହିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସିଏସ୍‌ଓ ଅଫିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

### ଧାନ ବିକ୍ରି ଟଙ୍କା ପାଇବା ନେଇ ସନ୍ଦେହ

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ବିଭିନ୍ନ ସେବା ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ ଚାଷୀମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନକୁ ବିକ୍ରି କରିଥାନ୍ତି। ହେଲେ ରିଜର୍ଭ ବ୍ୟାଙ୍କ ୟେସ୍ ବ୍ୟାଙ୍କକୁ ଅର୍ଦ୍ଧମୃତ ଘୋଷଣା କରିବା ପରେ ଚାଷୀ ଧାନ ଟଙ୍କା ପାଇବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ୟେସ୍ ବ୍ୟାଙ୍କ ତା'ର ସହବନ୍ଧିତ ବି କ୍ଲାସ୍ ମେମ୍ବରମାନଙ୍କୁ ଆର୍‌ବିଆଇର ନିର୍ଦ୍ଦେଶ ମୁତାବକ ଆଉ ଦେଣନେଣ କରିବ ନାହିଁ ବୋଲି ଜଣାଇ ଦେଇଛି। ସେହିଭଳି କ୍ଲିଅରିଙ୍ଗ୍ ପାଇଁ ୟେସ୍ ବ୍ୟାଙ୍କକୁ ନ ପଠାଇବା ଲାଗି ମଧ୍ୟ ଦର୍ଶାଇଛି। ୟେସ୍ ବ୍ୟାଙ୍କର ବି କ୍ଲାସ୍ ତାଲିକାରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଆସୁଛି । ଏଣୁ ଚାଷୀମାନେ ଧାନ ବିକ୍ରି ଟଙ୍କା ପାଇବା ନେଇ ସନ୍ଦେହ ରହିଛି। ଜାତୀୟକରଣ ବ୍ୟାଙ୍କ ଥିବାବେଳେ ଘରୋଇ ୟେସ୍ ବ୍ୟାଙ୍କ ମାଧ୍ୟମରେ ସମବାୟ ବ୍ୟାଙ୍କମାନଙ୍କରେ ଚେକ୍ ପଠାଇବାର ନିଷ୍ପତ୍ତି ପାଇଁ ଚାଷୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ । ଚାଷୀ ଧାନ ବିକ୍ରି ଟଙ୍କା ପାଇବାରେ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଦାବି ହେଉଛି। ଏ ନେଇ ଚାଷୀମାନେ କହିଛନ୍ତି, ୟେସ୍ ବ୍ୟାଙ୍କରେ ଥିବା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କର ଟଙ୍କା ଫେରସ୍ତ ହେଉ। ତା'ସହିତ ଚାଷୀମାନେ ଯେପରି ଧାନ ବିକ୍ରି ଟଙ୍କା ପାଇବେ ତା'ର ବ୍ୟବସ୍ଥା କରାଯାଉ।

## ନୀଳମାଧବ ଜୀଉଙ୍କ ଚନ୍ଦନ ଲାଗି ଆରମ୍ଭ

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.)**



ଚନ୍ଦନଲାଗି ବେଶରେ ଶ୍ରୀଜୀଉ।

ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ସୋମବାର ଦୋଳ ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇଛି। ମାନବ ସମାଜରେ ଋତୁ ଚକ୍ରର ଯେପରି ପ୍ରଭାବ ପଡ଼ିଥାଏ ସେହିପରି ଦେବଦେବୀଙ୍କ ପାଇଁ ଋତୁ ଅନୁସାରେ ବିଭିନ୍ନ ନୀତିର ବ୍ୟବସ୍ଥା ହୋଇଥାଏ। ଶୀତରୁ ରକ୍ଷା ପାଇବା ପାଇଁ ଜଣେ ଯେପରି ଶୀତ ବସ୍ତ୍ର ପରିଧାନ କରିଥାଏ, ଠିକ୍ ସେହିପରି ଦେବତାମାନଙ୍କ ପାଇଁ ଏ ବ୍ୟବସ୍ଥାର ମଧ୍ୟ ପ୍ରଚଳନ ହୋଇଥାଏ। ଶ୍ରୀନୀଳମାଧବ ଜୀଉ ମାର୍ଗଶିର ୬ଷ୍ଠୀଠାରୁ ଶୀତରୁ ରକ୍ଷା ପାଇବା ପାଇଁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶ ଓ ଶ୍ରୀପଞ୍ଚମୀଠାରୁ ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଜାମାଲାଗି ବେଶ ହୋଇଥାନ୍ତି। ତେବେ ଦୋଳ ପୂର୍ଣ୍ଣମୀଠାରୁ ଗ୍ରୀଷ୍ମ ଋତୁ ଅନୁଭୂତ ହେଉଥିବାରୁ ଶ୍ରୀଜୀଉମାନଙ୍କୁ ଗରମରୁ ରକ୍ଷା ପାଇବା ପାଇଁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ। ସୋମବାର ସନ୍ଧ୍ୟାରେ ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କୁ ଚନ୍ଦନଲାଗି ତଥା ସର୍ବାଙ୍ଗ ବେଶ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ।

# ନବ ବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

■ ବାପଘର ଆଣିଲେ ହତ୍ୟା ଅଭିଯୋଗ
■ ଶାଶୁ, ଶ୍ୱଶୁର ଓ ଦିଅର ଫେରାର

**ଓଡ଼ଗାଁ,୧୧।୩(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ବାଉଁଶଗାଡିଆ ଲେଙ୍କା ସାହିରେ ମଙ୍ଗଳବାର ରାତିରେ ଜଣେ ନବବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି । ସେ ହେଲେ ସୁନୀତା ଲେଙ୍କା (୧୯) । ଶରଣକୁଳ ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମର ସୁନୀତା ୯ ମାସ ପୂର୍ବେ ଲେଙ୍କା ସାହିର କାର୍ତ୍ତିକ ଲେଙ୍କାଙ୍କୁ ବିବାହ କରିଥିଲେ । କାର୍ତ୍ତିକ କେରଳରେ ରଙ୍ଗ ମିସ୍ତ୍ରୀ ଭାବେ କାମ କରିବାକୁ ଯାଇଥିବା ବେଳେ ସୁନୀତା ଶାଶୁ, ଶ୍ୱଶୁରଙ୍କ ସହିତ ରହୁଥିଲେ । ତେବେ କିଛି ଦିନ ତଳେ ସେ ବାପଘରକୁ ଯାଇ ୫ ଦିନ ପୂର୍ବରୁ ଶାଶୁ ଘରକୁ ଫେରି ଆସିଥିଲେ। କୌଣସି କାରଣରୁ ଶାଶୁ ଶ୍ୱଶୁରଙ୍କ ସହିତ ତାଙ୍କର କୁଆଡେ ପାଟିତୁଣ୍ଡ ହୋଇଥିଲା । ଏପରିସ୍ଥଳେ ସେ ମାନସିକ ଭାରସାମ୍ୟ ହରାଇ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଛି। ପୋଲିସ ମଙ୍ଗଳବାର ରାତିରେ ଶବ ଜବତ କରି ଏନେଇ ନଂ.୬୦।୨୦୨୦ମାମଲା ରୁଜୁକରି ତଦନ୍ତ କରୁଛି । ଅନ୍ୟପକ୍ଷେ ବୋହୂ ଆତ୍ମହତ୍ୟା କରିଥିବା ନେଇ ସୁନୀତାଙ୍କ ପରିବାର କେରଳରେ ଥିବା ତାଙ୍କ ପୁଅଙ୍କୁ ଜଣାଇବା ପରେ କାର୍ତ୍ତିକ ଏନେଇ ସୁନୀତାଙ୍କ ବାପଘରକୁ ସୂଚନା ଦେଇଥିଲେ । ଝିଅର ମୃତ୍ୟୁ ଖବର ପାଇ ଶିଖରପୁର ଗ୍ରାମରୁ ଶତାଧିକ ଲୋକ ଲେଙ୍କା ସାହିରେ ପହଞ୍ଚି ହୋହାଲ୍ଲା କରିଥିଲେ । ଏପରିସ୍ଥଳେ ସୁନୀତାଙ୍କ ଶାଶୁ,ଶ୍ୱଶୁର ଓ ଦିଅର ଉତ୍ତ୍ୟକ୍ତ ଲୋକଙ୍କ ମାଡ ଭୟରେ କୁଆଡେ ଫେରାର ହୋଇଯାଇଥିବା ଜଣାଯାଇଛି । ହେଲେ ବୁଧବାର ସ୍ଥାନୀୟ ହସପିଟାଲରେ କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡାଇବାକୁ ଯାଇ ପୋଲିସ ସ୍ଥାନୀୟ ତହସିଲଦାର ବିଜୟିତା ସାମନ୍ତସିଂହାରଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରିଥିବା ବେଳେ ଦୁଇ ଜଣ ଡାକ୍ତରଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଥିଲା। ଶାଶୁଘର ଲୋକେ ଫେରାର ଥିବାରୁ ଅନ୍ୟ ସମ୍ପର୍କୀୟଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରିଣୀ ସ୍ନେହଲତା ପ୍ରଧାନ ସୂଚନା ଦେଇଛନ୍ତି ।

## ଦୁର୍ନୀତି ପ୍ରତିବାଦରେ ପଞ୍ଚାୟତରେ ତାଲା

### ରଣପୁର ବ୍ଲକ ନରସିଂହପୁର ପଞ୍ଚାୟତ

**ରଣପୁର,୧୧।୩(ସ୍ୱ.ପ୍ର.)**

ରଣପୁର ବ୍ଲକର ନରସିଂହପୁର ପଞ୍ଚାୟତରେ ଚାଲିଥିବା ଦୁର୍ନୀତି ପ୍ରତିବାଦରେ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଧାରଣା ଆରମ୍ଭ ହୋଇଥିବାବେଳେ ୧୨ଟା ପର୍ଯ୍ୟନ୍ତ କେହି ଆସି ନ ଥିଲେ। ଏଣୁ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଥାନାରେ ତାଲା ପକାଇ ପଳାଇ ଯାଇଛନ୍ତି। ତେବେ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି। ସେମାନଙ୍କ ଅଭିଯୋଗ ଅନୁସାରେ ଏହି ପଞ୍ଚାୟତରେ ସ୍ୱଚ୍ଛଳ ବର୍ଗର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଉଥିବାବେଳେ ଗରିବ ଲୋକ ଭଙ୍ଗା କୁଡିଆରେ ରହୁଛନ୍ତି। ଛାତ ଘର ଥିବା ଲୋକଙ୍କୁ ଆବାସ ଯୋଜନାରେ ଘର ଦିଆଯିବାକୁ ସେମାନେ ତୀବ୍ର ବିରୋଧ କରିଥିଲେ। ପାଇଖାନା ଓ ପିଡିଏସରେ ମଧ୍ୟ ଦୁର୍ନୀତି ହୋଇଛି। ହିତାଧିକାରୀଙ୍କ ଚାଉଳକୁ ହଡ଼ପ କରାଯାଉଛି। ଦୁର୍ନୀତି ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କୁ ପଚାରିଲେ ସନ୍ତୋଷଜନକ ଉତ୍ତର ମିଳୁନି। ଏଣୁ ସ୍ଥାନୀୟ ବାସିନ୍ଦା ପ୍ରତିବାଦ କରି ଆନ୍ଦୋଳନ କରିଥିଲେ। ଏହି ମର୍ମରେ ସେମାନେ ପିଡି ଡିଆରଡିଏ ଓ ବିଡିଓଙ୍କୁ ସ୍ମାରକପତ୍ର ଦେଇଛନ୍ତି।

## ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ



ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଠନ।

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.)**

ସୋମବାର ଦୋଳ ପୂର୍ଣ୍ଣମୀ ଅବସରରେ ଶ୍ରୀ ନୀଳମାଧବ ଜୀଉଙ୍କ ସିଂହଦ୍ୱାରସ୍ଥିତ ଦୋଳ ମଣ୍ଡପକୁ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ହାନ୍ଦୋଳାରେ ବିଜେ କରାଯାଇଥିଲା। ପୂଜକ ସମାଜ ପକ୍ଷରୁ ପୂର୍ଣ୍ଣମୀ ଅବସରରେ ଆରମ୍ଭ ହୋଇଥିବା ଅନନ୍ତମୁଖୀ ଯଜ୍ଞ ପରେ ଗ୍ରାମବାସୀ ଆଣିଥିବା ଚଣା, ଖଜା, ଆମ୍ବ ସହ ଫଳ ପୁଷ୍ପକୁ ଠାକୁରଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କୁ ଅବିର ପ୍ରଲେପ ଦେବା ସହ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପୂଜକମାନେ ଅବିର ବୋଳିଥିଲେ। ଏହାପରେ ଠାକୁରଙ୍କ ପାଖରେ ଚଳିତବର୍ଷର ନୂତନ ପାଞ୍ଜି ପୂଜା କରାଯାଇ ଶ୍ରୀ ଜୀଉଙ୍କ ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣୀ ପାଞ୍ଜି ପଠନ କରି ୩୬୫ ଦିନର ଶୁଭାଶୁଭ ଫଳ ଏବଂ ପର୍ବପର୍ବାଣି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଚଳିତ ମହାମହୋପାଧ୍ୟାୟ ପଠାଣି ସାମନ୍ତଙ୍କ ପଞ୍ଜିକାନୁସାରେ ଚଳିତବର୍ଷ ଶହେ ଦିନ ପାଳକ ରହିବ। ଆଶ୍ୱିନ ମାସରେ ଗର୍ଭଣା ସଂକ୍ରାନ୍ତି ଓ କନ୍ୟା ସଂକ୍ରାନ୍ତି ପଡୁଥିବାରୁ ୨ ଦିନ ଦଶହରା ପର୍ବ ପଡୁଛି। କାର୍ତ୍ତିକ ମାସର ପଞ୍ଚକ ୬ଦିନ ପାଳନ ହେଉଥିବାରୁ ପୁରୀ ଶ୍ରୀ ଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହେବ। ମାର୍ଗଶିର ଶେଷ ଗୁରୁବାର ସୁଦଶା ବ୍ରତ ପଡୁଥିବା ବେଳେ ଆସନ୍ତା ଜୁନ ୨୧ ତାରିଖରେ ସୂର୍ଯ୍ୟପରାଗ ହେବ ବୋଲି ଶିରୋମଣି ସୂଚନା ଦେଇଥିଲେ । ସୂଚନା ଯୋଗ୍ୟ ଯେ,ଓଡିଶାର ସିଦ୍ଧାନ୍ତ ଦର୍ପଣ ଗଣନାରେ ନୟାଗଡ଼ ଜିଲା ଖଣ୍ଡପଡା ନିବାସୀ ବିଶ୍ୱ ପ୍ରସିଦ୍ଧ ପଠାଣି ସାମନ୍ତଙ୍କ ଲିଖିତ ପାଞ୍ଜି ୧୮୬୫ ମସିହା ଅର୍ଥାତ୍ ୧୫୦ ବର୍ଷ ପୂର୍ବେ ପ୍ରକାଶିତ ହୋଇଥିଲା । ସେହିବର୍ଷ ଉକ୍ତ ପାଞ୍ଜି ମଧ୍ୟ ଶ୍ରୀ ମନ୍ଦିରରେ ପ୍ରଚଳିତ ହୋଇଥିଲା ।

### ଚଳିତବର୍ଷ ଶହେ ଦିନ ପାଳକ ରହିବ

# ରାଜପଥରେ ଓଲଟିଲା ତୀର୍ଥଯାତ୍ରୀ ବସ୍

### ୧୯ ଆହତଙ୍କ ମଧ୍ୟରେ ୩ ଗୁରୁତର



ବସ୍ ଭିତରୁ ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି ।

**ନୂଆଗାଁ,୧୧।୩(ଡି.ଏନ.ଏ.)–** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଡିମିରିଝରୀ ଗ୍ରାମ ଖୋର୍ଦ୍ଧା- ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥରେ ମଙ୍ଗଳବାର ରାତି ୧୧ଟା ସମୟରେ ଏକ ତୀର୍ଥଯାତ୍ରୀ ବସ୍ ଓଲଟି ପଡିଛି। ଫଳରେ ସେଥିରେ ଥିବା ୪୧ ଯାତ୍ରୀଙ୍କ ମଧ୍ୟରୁ ୧୯ ଜଣ ଆହତ ହୋଇଥିବା ବେଳେ ସେଥିରୁ ୩ ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ସିଜି୧୧ଡିବି-୨୬୭୬ନଂ. ବିଶିଷ୍ଟ ଚନ୍ଦନ ନାମକ ଘରୋଇ ବସ୍ ଛତିଶଗଡ ଜଞ୍ଜଗିରିଚାମ୍ପା ଜିଲାର ନୋୟାଗଡ ଗ୍ରାମରୁ ୪୧ ଯାତ୍ରୀଙ୍କୁ ନେଇ ଗୁରୁବାର ପୁରୀ ଅଭିମୁଖେ ବାହାରିଥିଲା। ସେମାନେ ପୁରୀ, କୋଣାର୍କ ଆଦି ତୀର୍ଥସ୍ଥାନ ଦର୍ଶନ ସାରି ଗ୍ରାମକୁ ଫେରୁଥିବା ବେଳେ ଡିମିରିଝରୀଠାରେ ବସ୍‌ଟି ଓଲଟି ପଡିଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ ବସ୍ ଏକ ହମ୍ପସରେ ପିଟି ହୋଇଯିବାରୁ ଗାଡିର ପତା ଭାଙ୍ଗିଯାଇଥିଲା। ଫଳରେ ଭାରସାମ୍ୟ ହରାଇ ବସ୍ ଓଲଟି ପଡିଥିଲା। ଖବର ପାଇ ନୟାଗଡ଼ ଓ ନୂଆଗାଁ ଦମକଳ ବାହିନୀ ପହଞ୍ଚି ଗାଡ଼ି ଭିତରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରି ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମଙ୍ଗଳ ମୋତି, ପୀତାମ୍ବର, ଧରମେନ୍ଦର, କୁମତି ପଟେଲ, ଗଙ୍ଗା ବାଇ, ଫୁଲ ବାଇ, ପିଲି ବାଇ ପ୍ରମୁଖ ୧୯ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଫଗୁନ ବାଇ (୩୨), ରାମ କୁମାରୀ (୩୫) ଓ ବୁଝିନ ବାଇ (୩୩) ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ଥାନା ସମ୍ମୁଖରେ ମହିଳାଙ୍କ ଧାରଣା

### ଯୌତୁକ ପାଇଁ ନିର୍ଯାତନା

**ରଣପୁର,୧୧।୩(ସ୍ୱ.ପ୍ର.)**

ଯୌତୁକ ପାଇଁ ନିର୍ଯାତନା ଅସହ୍ୟ ହେବାରୁ ଜଣେ ମହିଳା ନ୍ୟାୟ ପାଇଁ ରଣପୁର ଥାନା ସମ୍ମୁଖରେ ସୋମବାର ଧାରଣା ଦେଇଥିଲେ। ପ୍ରତିଶ୍ରୁତି ମିଳିବା ପରେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଧାରଣା ଅପରାହ୍ନ ୨ଟାରେ ପ୍ରତ୍ୟାହୃତ ହୋଇଥିଲା। ଅଭିଯୋଗ ଅନୁସାରେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ସାମନ୍ତରାପୁର ଗାଁର ଟିଙ୍କିନା ବିଶ୍ୱାଳ ୪ ବର୍ଷ ତଳେ ରଣପୁର ଥାନା ରଘୁନାଥପୁର ଗାଁର ଅଜୟ ବିଶ୍ୱାଳଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ ଓ ଘର ଉପକରଣ ଦିଆଯାଇଥିଲା। ହେଲେ ବିବାହର କିଛିମାସ ପରେ ଟିଙ୍କିନାଙ୍କୁ ଅଧିକ ଯୌତୁକ ଆଣିବାକୁ କୁହାଯାଇଥିଲା। ଟିଙ୍କିନା ବାପାଙ୍କର ଆର୍ଥିକ ଅସାମର୍ଥ୍ୟତା ପ୍ରକାଶ କରିବା ପରେ ଶାଶୁଘର ଲୋକଙ୍କ ନିର୍ଯାତନା ଆରମ୍ଭ ହୋଇଥିଲା। ବିଭିନ୍ନ ସମୟରେ ଛୋଟ ଛୋଟ କଥାକୁ ନେଇ ଶାଶୁ ବୋହୂଙ୍କୁ ନିର୍ଯାତନା ଦେଇଆସୁଥିଲେ। ହେଲେ ବୋହୂ ନୀରବ ରହୁଥିଲେ। ଏଭଳି ସମୟରେ ଗତ ସୋମବାର ବୋହୂଙ୍କୁ ଶାଶୁ ମାରପିଟ କରୁଥିବାବେଳେ ଗାଁଲୋକେ ଉଦ୍ଧାର କରି ଥାନାକୁ ଆଣିଥିଲେ। ହେଲେ ପୋଲିସ ପକ୍ଷରୁ ପଦକ୍ଷେପ ନିଆ ନ ଯିବାରୁ ମହିଳାମାନେ ଥାନା ଘେରାଉ କରିଥିଲେ। ଶେଷରେ ପୋଲିସ ଅଭିଯୁକ୍ତ ଶାଶୁଙ୍କ ବିରୋଧରେ ମାମଲା ରୁଜୁ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।



ରଣପୁର ଥାନା ଆଗରେ ଉତ୍ତ୍ୟକ୍ତ ମହିଳା ଓ ପୁରୁଷ।

# ଗୋପାଳ ସମାଜ ପକ୍ଷରୁ ବନ୍ଦାଣ ଉତ୍ସବ

**ଖଣ୍ଡପଡ଼ା,୧୧।୩(ସ୍ୱ.ପ୍ର.)**



ଗୋପାଳ ସମାଜର ଲଉଡ଼ି ଖେଳ ସହ ଗ୍ରାମ ପରିକ୍ରମା।

### ନନ୍ଦ, ଯଶୋଦା, କୃଷ୍ଣ, ବଳରାମ ବେଶରେ ଗ୍ରାମ ପରିକ୍ରମା

ଖଣ୍ଡପଡା ବ୍ଲକ କଣ୍ଟିଲୋ ନିକଟ ପଥରଚକଡା ତଳସାହି ଓ ବଡସାହି ଗୋପାଳ ସମାଜ ପକ୍ଷରୁ ବନ୍ଦାଣ ଉତ୍ସବ ପାଳନ କରାଯାଇଛି। ସମାଜର ବେହେରା କସ୍ତୁରି ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜନ କରାଯାଇଥିଲା। ଅଧିବାସ ଉପଲକ୍ଷେ ଗ୍ରାମର ସମସ୍ତ ଗୋପାଳ ନିଜ ଗୋରୁଙ୍କୁ ଅଁଳା, ବାହାଡା, ହଳଦୀ ଓ ଘିଅ ଲଗାଇ ନଦୀରେ ସ୍ନାନ କରାଇଥିଲେ। ଅପରାହ୍ନ ପ୍ରାୟ ସାଢେ ୫ଟାରେ ଗୋପାଳମାନେ ନିକଟସ୍ଥ ମହାନଦୀ ଘାଟରେ କୁମ୍ଭ ପୂଜାର୍ଚ୍ଚନା କରି ସମାଜର ନିଷ୍ପତ୍ତିକ୍ରମେ ୧୦ଜଣ କମିଟି ସଦସ୍ୟ ନାରାୟଣୀ ପୀଠରେ ରାତ୍ର ପ୍ରାୟ ସାଢେ ୧୨ଟାରେ କୋଠ ଭୋଗ ପ୍ରସ୍ତୁତ କରିଥିଲେ । ସୋମବାର ଦୋଳ ପୂର୍ଣ୍ଣମୀ ଅବସରରେ ଗୋରୁଙ୍କ ମଳ ଓ ଲାଞ୍ଜରୁ କିଛି ଚୁଟିକାଟି ନଦୀରେ ବିସର୍ଜନ କରିଥିଲେ। ପରେ ସ୍ନାନ କରି ଆସି ଗୋରୁଙ୍କୁ କଜ୍ଜଳ ଲଗାଇ ମୁଣ୍ଡରେ ଫଗୁ ବୋଳିଥିଲେ । ନାରାୟଣୀ ପୀଠରେ ପ୍ରସ୍ତୁତ ହୋଇଥିବା କୋଠ ଭୋଗକୁ ଗ୍ରାମବାସୀ ସେବନ କରିଥିଲେ। ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଗ୍ରାମର ଗୋପାଳମାନେ କଳସରେ ରଖିଥିବା ଜଳ ମିଶ୍ରିତ କ୍ଷୀରକୁ ନୂତନ ବସ୍ତ୍ର ଦ୍ୱାରା ଆଚ୍ଛାଦନ କରି ବାହୁଙ୍ଗିରେ ଧରି ନୀଳମାଧବ ଜୀଉଙ୍କ ପାଖକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ସେମାନେ ପାଟପଟୁଆରରେ ନନ୍ଦ, ଯଶୋଦା, କୃଷ୍ଣ, ବଳରାମ ବେଶରେ ସଜ୍ଜିତ ହୋଇଥିବା ଲଉଡି ଖେଳ ସହ ଗ୍ରାମ ପରିକ୍ରମା କରିଥିଲେ।

ପରମ୍ପରା ଅନୁଯାୟୀ ଗ୍ରାମ ମଧ୍ୟରେ ଆୟୋଜିତ ମଣ୍ଡପରେ ସମସ୍ତ ଗୋପାଳୁଣୀ ନୂତନ ବସ୍ତ୍ର ପରିଧାନ କରି ନିଜ ନିଜର ନୂତନ ପସରା(ବୋଝ), କୁଲା, ଚାଙ୍ଗୁଡି, ବାହୁଙ୍ଗି, ପାଞ୍ଚଣ, ଦହି ଘୋରଣା ଆଦି ପାଖରେ ଦୀପ ଜାଳି ବସିଥିଲେ। ଗୋପାଳମାନେ ବନ୍ଦାଣ ମଣ୍ଡପକୁ ୭ ଘେରା ପରିକ୍ରମା କରିବା ପରେ ଗୋପାଳୁଣୀମାନେ ବନ୍ଦାପନା କରିଥିଲେ। ପରେ ଗୋପାଳମାନେ ବାହୁଙ୍ଗିରେ ଆଣିଥିବା ଜଳ ମିଶ୍ରିତ କ୍ଷୀରକୁ ସେମାନଙ୍କର ଇଷ୍ଟ ଦେବତା ଶ୍ରୀକୃଷ୍ଣଙ୍କୁ ସମର୍ପଣ କରିଥିଲେ। ବନ୍ଦାପନା ପରେ ଗୋପାଳୁଣୀମାନେ ପସରାରେ ରଖିଥିବା ଖିରି ଓ ଫଳକୁ ଗୃହ କର୍ତ୍ତାଙ୍କୁ ଅର୍ପଣ କରିଥିଲେ । ଆନୁଷ୍ଠାନିକ କାର୍ଯ୍ୟ ଶେଷହେବା ପରେ ଇଷ୍ଟଦେବ ଗୋପୀନାଥ ଜୀଉ ଗ୍ରାମ ପରିକ୍ରମା କରି ଚାଚେରୀ ଭୋଗ ଖାଇଥିଲେ।